# ବିଷୟସୂଚୀ


| | | |
|---|---|---|
| **ମଡ୍ୟୁଲ ୬କ** | **ଭାରତରେ ରାଜ୍ୟର ବିକାଶ** | |
| ପାଠ ୨୯ | ରାଷ୍ଟ୍ରଗଠନ ଦିଗରେ | 01 |
| ପାଠ ୩୦ | ପ୍ରାରମ୍ଭିକ ରାଷ୍ଟ୍ର | 13 |
| ପାଠ ୩୧ | ମଧ୍ୟଯୁଗୀୟ ରାଷ୍ଟ୍ର | 32 |
| ପାଠ ୩୨ | ଔପନିବେଶିକ ରାଷ୍ଟ୍ର | 52 |

| | | |
|---|---|---|
| **ମଡ୍ୟୁଲ ୬ଖ** | **ଭାରତରେ ସାଂସ୍କୃତିକ ବିକାଶ** | |
| ପାଠ ୨୯ | ସମସାମୟିକ ସାଂସ୍କୃତିକ ସ୍ଥିତି | 68 |
| ପାଠ ୩୦ | ସାଂସ୍କୃତିକ ଉତ୍ପାଦନ | 86 |
| ପାଠ ୩୧ | ସାଂସ୍କୃତିକ ସଂପ୍ରେଷଣ | 98 |

ଟିପ୍ପଣୀ

# ୨୯

# ରାଷ୍ଟ୍ର ଗଠନ ଦିଗରେ

ରାଷ୍ଟ୍ର ଏକ ଶବ୍ଦ ଯାହାକୁ ଆମ୍ଭେ ଅଧିକ ମହତ୍ୱ ଦେଇ ନଥାଉ । ଏହା ଦ୍ୱାରା ଆମ୍ଭେ କ'ଣ ବୁଝୁ ? ସାଧାରଣତଃ ଆମ୍ଭେ ରାଷ୍ଟ୍ରକୁ କୌଣସି ପ୍ରକାରର ସରକାର ସହିତ ଯୋଡି ଥାଉଁ । ଏଗୁଡିକ ରାଜତନ୍ତ୍ର ବା ଗଣତନ୍ତ୍ର ଅଥବା କେତେକ କ୍ଷେତ୍ରରେ ଗୋଷ୍ଠୀ ତନ୍ତ୍ର ଅର୍ଥାତ୍ ମୁଷ୍ଟିମେୟ ଲୋକଙ୍କ ଦ୍ୱାରା ଶାସନ ହୋଇପାରେ । ଏହି ପ୍ରଭେଦ ଲୋକଙ୍କ ପ୍ରବୃତିକୁ ପ୍ରଭାବିତ ବା ନିୟନ୍ତ୍ରିତ କରିବାର କ୍ଷମତାର ଢ଼ଙ୍ଗ ଉପରେ ଆଧାରିତ ହୁଏ । ସମୟ ସମୟରେ ଅଳ୍ପ ଲୋକଙ୍କ ହାତରେ କେନ୍ଦ୍ରୀଭୂତ ହୁଏ ଅଥବା ବହୁଲୋକଙ୍କ ଭାଗିଦାରୀରେ ନ୍ୟସ୍ତ ଥାଏ ।

ଯେଉଁମାନେ ରାଷ୍ଟ୍ରକୁ ନିୟନ୍ତ୍ରିତ କରୁଛନ୍ତି ସେମାନଙ୍କୁ ଆମ୍ଭେ ଶାସକ ରୂପରେ ଜାଣୁ, ସେମାନେ ରାଜନୀତିକ ସମ୍ପର୍କର ନିର୍ଦ୍ଧାରଣ କରନ୍ତି ଏବଂ ବିଭିନ୍ନ ସଂସ୍ଥା ମାଧ୍ୟମରେ କାର୍ଯ୍ୟ କରନ୍ତି । ଏଗୁଡିକରେ ପ୍ରଶାସନିକ ସେବା ଅନ୍ତର୍ଭୁକ୍ତ ଯାହାର ଉପଯୋଗ ଅନେକ କାର୍ଯ୍ୟ ଯଥା:- ରାଜସ୍ୱ ସଂଗ୍ରହ, ସେନା ତଥା ନ୍ୟାୟପାଳିକା ପାଇଁ କରାଯାଏ । ଶାସକମାନେ ଜନସାଧାରଣଙ୍କର ହୃଦବୋଧ କରନ୍ତି ଯେ ସେମାନେ ଯେଉଁ ସରକାରର ପ୍ରତିନିଧି ତାହାହିଁ ଏକ ଆଦର୍ଶ ସରକାର । ଅନ୍ୟ ଶବ୍ଦରେ କହିବାକୁ ଗଲେ ସେମାନେ ରାଷ୍ଟ୍ରର ଅସ୍ତିତ୍ୱକୁ ବିଧିସଂଗତ ବୋଲି ଆଖ୍ୟା ଦେବା ପାଇଁ ଚେଷ୍ଟା କରନ୍ତି । ରାଷ୍ଟ୍ରର ବିକାଶ ପାଇଁ ଏକ ଲମ୍ବା ସମୟ ତଥା ବିଭିନ୍ନ ବାଟ ମଧ୍ୟଦେଇ ହୋଇଥିଲା । ଉକ୍ତ ପାଠ୍ୟକ୍ରମରେ ଆମ୍ଭେ ଏହି ମହାଦେଶର କିଛି ପୁରାତନ ପ୍ରବୃତିର ଅନୁସନ୍ଧାନ କରିବା ।

## ଉଦ୍ଦେଶ୍ୟ

ଉକ୍ତ ପାଠ ଅଧ୍ୟୟନ କଲାପରେ ତୁମେ:-

ସରଦାରୀ ଏବଂ ରାଜ୍ୟ ମଧ୍ୟରେ ଅନ୍ତର ଜାଣିପାରିବ ।

ପ୍ରାରମ୍ଭିକ ରାଜ୍ୟର ବିଶେଷତ୍ୱକୁ ଉଲ୍ଲେଖ କରିପାରିବ

କିଛି ପ୍ରାରମ୍ଭିକ ରାଜ୍ୟ କିପରି ଶକ୍ତିଶାଳୀ ରାଜ୍ୟରେ ପରିଣତ ହେଲା, ଏହାର ଉଲ୍ଲେଖ କରିପାରିବ ।

## ୨୯.୧ ପୃଷ୍ଠଭୂମି

ପୂର୍ବ ପାଠ୍ୟକ୍ରମରେ ତୁମ୍ଭେ ହରପ୍ପା ସଭ୍ୟତା ବିଷୟରେ ପଢ଼ିଛ । ଏହା ଅତ୍ୟଧିକ ବିକଶିତ ଥିଲା ଯେଉଁଠାରେ ବଡ ବଡ ସହର ଥିଲା, ଲୋକମାନେ ବିଭିନ୍ନ ପ୍ରକାର ବସ୍ତୁର ଉତ୍ପାଦନ କରୁଥିଲେ । ହରପ୍ପା ସଭ୍ୟତାରେ ଏକ ରାଷ୍ଟ୍ର ସଂଗଠନ ଥିବାର ଅନେକ ବୁଦ୍ଧିଜିବୀ ମତ ପ୍ରକାଶ କରନ୍ତି । ଏହି ମତବାଦରେ ଅତ୍ୟଧିକ ସତ୍ୟ ଥିବାର ଆଶା କରାଗଲେ ମଧ୍ୟ ଆମ୍ଭ ପାଖରେ ଏହାର କୌଣସି ପ୍ରମାଣ ନାହିଁ । ଯାହାଦ୍ୱାରା କି ପ୍ରକାର ରାଷ୍ଟ୍ର ଥିଲା ସେ ବିଷୟରେ ଆମ୍ଭେ କହି ପାରୁନୁ ଏବଂ ଶାସନ ସଂସ୍ଥା ବିଷୟରେ ମଧ୍ୟ ଆମ୍ଭ ପାଖରେ ନିର୍ଦ୍ଦିଷ୍ଟ ତଥ୍ୟ ନାହିଁ ।



ଟିପ୍ପଣୀ



### (୧) ପ୍ରାରମ୍ଭିକ ବୈଦିକ ସାହିତ୍ୟରେ ସରଦାରୀ (Chiefdoms)

ତୁମ୍ଭେମାନେ ପୂର୍ବ ପାଠ୍ୟକ୍ରମରେ ଋକ୍‌ବେଦ ବିଷୟରେ ପଢ଼ିଛ (ପାଠ-୪) ଋକ୍‌ବେଦ ସମ୍ଭବତଃ ଖ୍ରୀଷ୍ଟପୂର୍ବ ୧୮୦୦ ଏବଂ ଖ୍ରୀଷ୍ଟପୂର୍ବ ୧୦୦୦ ମଧ୍ୟରେ ରଚନା କରାଯାଇଥିଲା । ଏହା ଏକ ସ୍ତୋତ୍ରମାନଙ୍କର ସଂଗ୍ରହ ଯାହାକି ବିଭିନ୍ନ ଦେବମାନଙ୍କୁ ବିଶେଷକରି ଅଗ୍ନି, ଇନ୍ଦ୍ର ଏବଂ ସୋମଙ୍କୁ ସମ୍ବୋଧନ କରାଯାଏ । ସାଧାରଣତଃ ସ୍ତୋତ୍ରଗୁଡିକର ରଚନା ପୁରୋହିତଙ୍କ ପରିବାର ସଦସ୍ୟମାନଙ୍କ ଦ୍ୱାରା ହୋଇଥିଲା । ଯଜ୍ଞ ସମୟରେ ତଥା ପୂଜା ଅର୍ଚ୍ଚନା ପାଇଁ ଦେବତାଙ୍କୁ ଆବାହନ କରିବା ସମୟରେ ଏଗୁଡିକୁ ଉଚ୍ଚାରଣ କରାଯାଇଥାଏ । ଅଧିକାଂଶ ସ୍ତୋତ୍ରଗୁଡିକ ସିନ୍ଧୁ ତଥା ଏହାର ଶାଖା ନଦୀଗୁଡିକ ପ୍ରବାହିତ ହେଉଥିବା ଉତ୍ତର-ପଶ୍ଚିମ ଭାରତରେ ରଚନା କରାଯାଇଥିଲା ।

ଏହି ସ୍ତୋତ୍ରଠାରୁ ଅନ୍ୟ ବାର୍ତ୍ତା ମଧ୍ୟ ମିଳେ । ସେଗୁଡିକରୁ ଅନ୍ୟ ବସ୍ତୁର ସୂଚନା ମଧ୍ୟ ମିଳେ । ଯାହାପାଇଁ ଲୋକମାନେ ପ୍ରାର୍ଥନା କରନ୍ତି । ଏଥିସହିତ କେବେକେବେ ସେହି ସମୟର ମୁଖିଆ ଅଥବା ମୁଖ୍ୟ ଲୋକମାନଙ୍କର ନାମ ଜାଣିବାକୁ ମିଳେ ।

ଏହି ସ୍ତୋତ୍ରଗୁଡିକରୁ ଆମ୍ଭେ ରାଜନୈତିକ ପ୍ରକ୍ରୀୟା ବିଷୟରେ କିଛି ବାର୍ତ୍ତା ପାଉ କି ? ଉତ୍ତର ହେଲା ହଁ ନିଶ୍ଚୟ । ରାଜନୈତିକ ଘଟଣା ବିଷୟରେ କିଛି ସିଧାସଳଖ ବାର୍ତ୍ତା ଉକ୍ତ ସ୍ତୋତ୍ରରୁ ମିଳେ ନାହିଁ (କେତେକ ଖୁବ୍ କ୍ୱଚିତ୍ ଘଟଣା ଛାଡି) । ଠିକ୍ ସେହି ସମୟରେ ଏହା ବୁଝିବା ପାଇଁ ସ୍ତୋତ୍ରଗୁଡିକୁ ବ୍ୟାଖ୍ୟା କଲେ କିପରି ଭାବରେ ରାଜନୈତିକ ସମ୍ପର୍କ ସ୍ଥାପନ କରାଯାଇଥିଲା ସେ ବିଷୟରେ ସବୁକଥା ଜଣାପଡେ ।

### (୨) ଭିନ୍ନ ପ୍ରକାର ରାଜାମାନେ

ସାଧାରଣତଃ ରାଜା ଶବ୍ଦ ବ୍ୟବହାର କଲେ ଆମ୍ଭ ମନରେ ଏକ ଧାରଣା ସୃଷ୍ଟି ହୁଏ ଯେ ସେ ଜଣେ ମାନବ ଯେ ଏକ ରାଜପ୍ରାସାଦରେ ବାସ କରନ୍ତି । ତାଙ୍କର ବହୁସଂଖ୍ୟାରେ ଚାକରବାକର ତାଙ୍କର ବାଣୀକୁ ଅପେକ୍ଷା କରି ଥାଆନ୍ତି । ସେ ଜଣେ ଧନଶାଳୀ ବ୍ୟକ୍ତି ଏବଂ ସେ ଏକ ବିଶାଳ ସୈନ୍ୟବାହିନୀର ମୁଖ୍ୟ ଏବଂ ତାଙ୍କର ଏକ ଦରବାର ଥାଏ । ସାଧାରଣତଃ ଆମେ ଚିନ୍ତା କରୁ ଯେ ରାଜାମାନେ ତାଙ୍କର କ୍ଷମତାକୁ ଅଗ୍ରାଧିକାର ଭିତ୍ତିରେ ନିଜ ଜ୍ୟେଷ୍ଠ ପୁତ୍ରକୁ ହସ୍ତାନ୍ତର କରିଥାଆନ୍ତି । ତଥାପି ରାଜା ଶବ୍ଦର ଅର୍ଥ ସବୁବେଳେ ଏହା ହୋଇ ନଥାଏ ।

ଋକ୍ ବେଦର ଏହି ରାଜା ଶବ୍ଦକୁ କେତେକ ଦେବମାନଙ୍କର ବିଶେଷତା ରୂପେ ବ୍ୟବହୃତ ହୋଇଥାଏ । ଏହା ମଧ୍ୟ କୌଣସି ଶକ୍ତିଶାଳୀ ଲୋକଙ୍କୁ ବର୍ଣ୍ଣନା କରିବା ପାଇଁ କ୍ୱଚିତ୍ ବ୍ୟବହୃତ ହୋଇଥାଏ । ଏ ପ୍ରକାର ଲୋକମାନେ ଏକ ବିଶାଳ ସୈନ୍ୟବାହିନୀ ଅଥବା ଏକ ବୃହତ୍ତ ଶାସନ ବ୍ୟବସ୍ଥାକୁ ନିୟନ୍ତ୍ରଣ କରୁନଥିଲେ । ସେମାନଙ୍କ କ୍ଷମତାର ମୁଖ୍ୟ ସ୍ରୋତ ଥିଲା ଯୁଦ୍ଧ ସମୟରେ ନେତୃତ୍ୱ ପ୍ରଦାନ । ଚାଲ ଦେଖିବା ଯୁଦ୍ଧ କାହିଁକି ହୁଏ ଏବଂ ଏହା ପରେ ପରେ କ'ଣ ଘଟିଥାଏ ।

### ୨୯.୧.୪-ଯୁଦ୍ଧ

ତୁମର ହୁଏତ ମନେପଡୁଥିବ ଯେ ଋକ୍‌ବେଦ ସୂଚନା ଦିଏ ଯେ ସେ ସମୟରେ ଲୋକମାନେ ମୁଖ୍ୟତଃ ଚାଷୀ ଥିଲେ । ଏଣୁ ଆମେ ଜାଣୁଅଛୁ ଯେ ଗୋଚର ଭୂମି ଦଖଲ କରିବା ପାଇଁ କେତେକ ଯୁଦ୍ଧ ହୋଇଥିଲା । ସାଧାରଣତଃ ଉତ୍ତମ ଗୋ-ଚର ଭୂମି ନଦୀର ପାର୍ଶ୍ୱରେ ଥାଏ ।



ଟିପ୍ପଣୀ

ଲୋକ ଏବଂ ପଶୁମାନଙ୍କ ପାଇଁ ପାଣି, ଜମି ଓ ଗୋ ସମ୍ପଦର ଅଧିକାର ପାଇଁ, ଚାରଣ ଭୂମି ଏବଂ ଶୀଘ୍ର ଅମଳ ହେବା ଫସଲ ଯଥା ବାଜରା ଉତ୍ପାଦନ ପାଇଁ ସାଧାରଣତଃ ଯୁଦ୍ଧ ହୋଇଥାଏ । ଏହା ବ୍ୟତୀତ ବଳପୂର୍ବକ ସ୍ତ୍ରୀମାନଙ୍କୁ କରଗତ କରିବା ପାଇଁ ଯୁଦ୍ଧ ହୋଇଥାଏ ।

ଅଧିକାଂଶ ପୁରୁଷମାନେ ଏହି ଯୁଦ୍ଧରେ ଭାଗ ନେଇ ଥାଆନ୍ତି । ସେତେବେଳେ କୌଣସି ନିୟମିତ ସୈନ୍ୟବାହିନୀ ନଥିଲା କିନ୍ତୁ ସଭାଗୁଡ଼ିକ ଥିଲା ଯେଉଁଠାରେ ଲୋକମାନେ ସମ୍ମିଳିତ ହୋଇ ଯୁଦ୍ଧ ଓ ଶାନ୍ତି ବିଷୟରେ ଆଲୋଚନା କରୁଥିଲେ । ସେମାନେ ନେତା ପାଇଁ ସାହସୀ ଓ କୁଶଳୀ ଯୋଦ୍ଧାକୁ ଚୟନ କରୁଥିଲେ । ବେଳେବେଳେ ସେମାନେ ଯୁଦ୍ଧରେ ଜୟ ଲାଭ ପାଇଁ ବିଶେଷ ଯଜ୍ଞର ଆୟୋଜନ କରିବା ସହିତ ଦେବତାମାନଙ୍କୁ ପ୍ରାର୍ଥନା କରୁଥିଲେ ।

ରାଜା ନିଜ ଲୋକଙ୍କୁ ଯୁଦ୍ଧରେ ଜୟଯୁକ୍ତ କଲେ କ'ଣ ଘଟୁଥିଲା ? ଅଧିକୃତ ଜମି ତଥା ପ୍ରବେଶ ପାଇଥିବା ଜଳସ୍ରୋତ ଇତ୍ୟାଦି ସାମୁହିକ ଉପଯୋଗ ପାଇଁ ବ୍ୟବହୃତ ହେଉଥିଲା । ଅନ୍ୟ ଜିନିଷ ଯଥା:-ଗାଈ ଏବଂ ସ୍ତ୍ରୀମାନଙ୍କୁ ସମ୍ଭବତ ରାଜାଙ୍କର ସମର୍ଥକଙ୍କ ମଧ୍ୟରେ ବଣ୍ଟା ଯାଉଥିଲା ।

ଏଥି ମଧ୍ୟରୁ କିଛି ଅଂଶ ସେହି ପୁରୋହିତମାନଙ୍କୁ ଦିଆଯାଉଥିଲା ଯେଉଁମାନେ ରାଜାଙ୍କର ବିଜୟ ପାଇଁ ଯାଗଯଜ୍ଞ କରୁଥିଲେ ତଥା ନିଜ ରାଜାଙ୍କୁ ସାହାଯ୍ୟ ପ୍ରଦାନ କରି ବିଜୟୀ କରିଥିବା ହେତୁ ଦେବତାଙ୍କୁ ସନ୍ତୁଷ୍ଟ କରିବା ପାଇଁ ପୂଜାର୍ଚ୍ଚନା କରୁଥିଲେ ।

ସେମାନେ କାହା ସହିତ ଯୁଦ୍ଧ କରୁଥିଲେ ? ଋକ୍‌ବେଦରେ ଅନେକ ଗୋଷ୍ଠୀର ନାମ ଉଲ୍ଲେଖ ଅଛି । ଏମାନଙ୍କ ମଧ୍ୟରେ ପୌରୁଷ, ଯାଦବ, ଭରତ, ଅନୁ ତଥା ଦୃହସ୍ ଅନ୍ତର୍ଗତ । ସମୟ ସମୟରେ ଏହି ଗୋଷ୍ଠୀମାନେ ପରସ୍ପର ସହିତ ଏକତ୍ରୀତ ହୁଅନ୍ତି ଅଥବା ପରସ୍ପର ମଧ୍ୟରେ ଯୁଦ୍ଧ କରନ୍ତି । ବେଳେବେଳେ ନିଜକୁ ଆର୍ଯ୍ୟ ବୋଲି ଅଭିହିତ କରି ଅନ୍ୟ ସହିତ ଲଢୁଥିଲେ ଯାହାକୁ ସେମାନେ ଦାସ ବା ଦସ୍ୟୁ ବୋଲି କହୁଥିଲେ ।

ଆମ୍ଭେ ଦେଖିବାକୁ ପାଉଁ ଯେ ସେମାନେ ସାଧାରଣ ଲୋକଙ୍କ ପାଇଁ ଦୁଇଟି ଶବ୍ଦର ବ୍ୟବହାର କରୁଥିଲେ । ଗୋଟାଏ ହେଲା "ଜନ" ଯାହାକି ଏବେ ହିନ୍ଦି ଓ ଅନ୍ୟାନ୍ୟ ଭାଷାରେ ବ୍ୟବହୃତ ହେଉଛି । ଅନ୍ୟଟି ହେଲା "ଭିସ୍" (VIS) । ସାଧାରଣତଃ ରାଜାଙ୍କ ଉଲ୍ଲେଖ ଜନ ଅଥବା ଭିସ୍‌ର ରାଜା ହିସାବରେ କରାଯାଇଥିଲା । ଅନ୍ୟ ଶବ୍ଦରେ କହିବାକୁ ଗଲେ ରାଜାଙ୍କୁ କୌଣସି ରାଜ୍ୟ ବା କୌଣସି ନିର୍ଦ୍ଧାରିତ କ୍ଷେତ୍ରରେ ରାଜା ହିସାବରେ ବିବେଚନା କରାଯାଉ ନଥିଲା । ବରଂ ସେ ଏକ ଗୋଷ୍ଠୀର ରାଜା ଥିଲେ ।

ଆମ୍ଭେ ଦେଖିଲୁ ଯେ ଉକ୍ତ ରାଜାମାନେ ଆମ୍ଭେ ପରିଚିତ ଥିବା ରାଜାମାନଙ୍କ ଭଳି ନଥିଲେ । ସେମାନଙ୍କୁ ରାଜା ବଦଳରେ ମୁଖିଆ ଅଥବା ସର୍ଦ୍ଦାର କୁହାଯାଉଥିଲା ଏବଂ ସେମାନେ କ୍ଷମତା ବିସ୍ତାର କରିଥିବା ଅଞ୍ଚଳକୁ ରାଷ୍ଟ୍ର ବଦଳରେ ମୁଖିଆଙ୍କ ଅଞ୍ଚଳ (Chiefdom) କୁହାଗଲା ।

ସାଧାରଣତଃ ମୁଖିଆମାନେ ପ୍ରତ୍ୟକ୍ଷ ବା ପରୋକ୍ଷଭାବରେ ଲୋକମାନଙ୍କ ଦ୍ୱାରା ନିର୍ବାଚିତ ହେଉଥିଲେ କିନ୍ତୁ ରାଜାମାନେ ବଂଶାନୁଗତିକ ଥିଲେ ।

ମୁଖିଆମାନଙ୍କର ସାଧାରଣତଃ ତାଙ୍କୁ ସାହାଯ୍ୟ କରିବା ପାଇଁ କୌଣସି ପ୍ରଶାସନିକ ବ୍ୟବସ୍ଥା ନଥିଲା । ସେମାନେ ନିଜ କୁଟୁମ୍ବ ଏବଂ ଅନ୍ୟ ଅନୁଗାମୀମାନଙ୍କ ଉପରେ ନିର୍ଭର କରୁଥିଲେ ।



ଟିପ୍ପଣୀ



ଯେତେବେଳେ ରାଜାମାନେ ସହାୟତା ପାଇଁ ନିଜର ବନ୍ଧୁବର୍ଗଙ୍କ ଉପରେ ନିର୍ଭର କରିବା ସହିତ ତାଙ୍କଠାରେ ଥିବା ପ୍ରଶାସନିକ ବ୍ୟବସ୍ଥା ଉପରେ ନିର୍ଭର କରୁଥିଲେ ।

ମୁଖିଆମାନେ ନିୟମିତ କର ଆଦାୟ କରିପାରୁନଥିଲେ । ସେ ପ୍ରାୟ ତାଙ୍କ ଅନୁଗାମୀମାନଙ୍କର ଉପହାର ସ୍ୱରୂପ ଦେୟ ଉପରେ ନିର୍ଭର କରୁଥିଲେ । ସେହି ସମୟରେ ରାଜାମାନେ ଉପହାର ସହିତ ତାଙ୍କର ଆୟର ମୁଖ୍ୟ ଧାରା ସାଧାରଣତଃ ଟିକସ ଆଦାୟ ଉପରେ ନିର୍ଭର କରୁଥିଲା ।

ମୁଖିଆମାନେ ସ୍ଥାୟୀ ସୈନ୍ୟବାହିନୀ ରଖି ନଥିଲେ । ସେମାନେ ନାଗରିକ ସେନା ଉପରେ ନିର୍ଭର କରୁଥିଲେ । ଏଥିରେ ଲୋକମାନଙ୍କୁ ଦରକାର ସମୟରେ ଯୁଦ୍ଧ କରିବାକୁ ଡକା ଯାଇଥାଏ । ତେଣୁ ସେମାନଙ୍କର ନିୟମିତ ଭାବେ ବେତନ ଦିଆ ଯାଉ ନଥିଲା । ରାଜାମାନେ ନାଗରିକ ସେନା ପାଇଁ ଲୋକଙ୍କୁ ନିଯୁକ୍ତି ଦେବା ସହିତ ସେମାନଙ୍କର ଏକ ସ୍ଥାୟୀ ସେନାବାହିନୀ ରଖୁଥିଲେ ।

ମୁଖିଆମାନେ ଲୋକମାନଙ୍କ ସହିତ ସଭାରେ ଆଲୋଚନା କରୁଥିଲେ । ଯେଉଁଠାରେ ଲୋକମାନେ ମହତ୍ୱପୂର୍ଣ୍ଣ ବିଷୟ ଉପରେ ନିଜ ନିଜର ମତ ବ୍ୟକ୍ତ କରୁଥିଲେ ରାଜାମାନେ ମଧ୍ୟ ଏହି ସଭାରେ ଭାଗ ନେଉଥିଲେ କିନ୍ତୁ ଏହା ପୁରାପୁରି ଆନୁଷ୍ଠାନିକ ଥିଲା ।

### ୨୯.୧ ପାଠଗତ ପ୍ରଶ୍ନ

୧) ରକ୍‌ବେଦର ରଚନା ସମ୍ଭବତଃ..........ରୁ............ଖ୍ରୀ:ପୂ: ମଧ୍ୟରେ ହୋଇଥିଲା ।

୨) ସ୍ରୋତ୍ରୋରେ............ଘଟଣା ବିଷୟରେ ପ୍ରତ୍ୟକ୍ଷ ବିବରଣୀ ମିଳୁନାହିଁ ।

୩) ସାଧାରଣତଃ ଉତ୍କୃଷ୍ଟ ଚାରଣ ଭୂମି............କୂଳରେ ଅବସ୍ଥିତ ।

୪) ନିଜକୁ ଆର୍ଯ୍ୟ କହୁଥିବା ଲୋକ ଅନ୍ୟମାନଙ୍କ ସହିତ ଯୁଦ୍ଧ କରୁଥିଲେ ଯାହାକୁ ଏମାନେ........ ଅଥବା...........କହୁଥିଲେ ।

## ୨୯.୨ ପ୍ରାରମ୍ଭିକ ରାଷ୍ଟ୍ର: ଜନପଦ

ଖ୍ରୀ:ପୂ: ୧୦୦୦ ଏବଂ ୫୦୦ ମଧ୍ୟରେ ଉତ୍ତର ଭାରତରେ କେତେକ ମହତ୍ୱପୂର୍ଣ୍ଣ ଘଟଣା ଘଟିଥିଲା । ଏବେ ଆମ୍ଭେ ପାଉଛୁ ଯେ ଅନେକ ବସ୍ତିର ବିକାଶ ହୋଇଥିଲା ଯାହାଙ୍କ ଚିତ୍ରୀତ ମାଟିପାତ୍ର (Pointed Grey ware) ସଂସ୍କୃତି ସହିତ ଜଡିତ ଥିଲା । ଯାହା ବିଷୟରେ ତୁମ୍ଭେମାନେ ପାଠ୍ୟକ୍ରମ ୫ରେ ପଢ଼ିଅଛ । ଅନ୍ୟ ପକ୍ଷରେ ସ୍ଥାୟୀ କୃଷି ଅଧିକ ମହତ୍ୱପୂର୍ଣ୍ଣ ହୋଇଥିଲା । ଜନସମୁଦାୟର ବିକାଶ ହେବା ସହିତ ହତିଆର ସରଞ୍ଜାମ ସହିତ ଅସ୍ତ୍ର ଶସ୍ତ୍ର ତିଆରିରେ ଲୁହାର ବହୁଳ ବ୍ୟବହାର ହେଉଥିଲା ।

ଆମ୍ଭପାଖରେ ଏକ ବିସ୍ତୃତ ବିଷୟବସ୍ତୁ ଗଚ୍ଛିତ ଅଛି ଯାହାକୁ ପରବର୍ତ୍ତୀ ବୈଦିକଯୁଗର ସାହିତ୍ୟ କୁହାଯାଏ । ଏହି ଗ୍ରନ୍ଥରେ ଧାର୍ମିକ ଅନୁଷ୍ଠାନ, ଏହାର ବ୍ୟାଖ୍ୟା ଏବଂ ବିଶ୍ଳେଷଣ କରିବା ସଙ୍ଗେ ସଙ୍ଗେ ସେଗୁଡିକୁ କିପରି ଆନୁଷ୍ଠାନିକ ଭାବେ ସମ୍ପନ୍ନ କରାଯିବ ତାହା ମଧ୍ୟ ଉଲ୍ଲେଖ ଅଛି । ସେଗୁଡିକରେ ଏହା ମଧ୍ୟ ଉଲ୍ଲେଖ ଅଛି ଯେ ରାଜନୈତିକ ସଙ୍ଗଠନର ଏକ ନୂତନ ରୂପ ଏକ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । ଉକ୍ତ ସଂଗଠନକୁ ଜନପଦ କୁହାଯାଏ ।





ଏହା ଭାବିବା ସ୍ୱାଭାବିକ ଯେ ଜନପଦ ଶବ୍ଦଟି ଜନ ଶବ୍ଦରୁ ଉଦ୍ଭୃତ । ଯାହାକି ବ୍ୟକ୍ତି ସହିତ ଜଡିତ । ବାସ୍ତବରେ ଜନପଦର ଅର୍ଥ ହେଲା ସେହି ସ୍ଥାନ ଯେଉଁଠାରେ ଲୋକ ସମାଜ ସ୍ଥାୟୀ ରୂପେ ବସବାସ କଲେ । କ୍ରମେ ସେଇ ଭୂମିର ନାମ ସେମାନଙ୍କ ନାମ ସହିତ ଜଡିତ ହେଲା । ଉଦହରଣ ସ୍ୱରୂପ ଯେଉଁ ସ୍ଥାନରେ କୁରୁମାନେ ବସବାସ କଲେ ସେହି ଭୂମିକୁ କୁରୁ ଜନପଦ କୁହାଗଲା ।

ଜନପଦର ଅନ୍ୟ ଏକ ବିଶେଷଣ ଥିଲା । ଏହି ସ୍ଥାନରେ ରହୁଥିବା ଲୋକମାନଙ୍କର ବର୍ଣ୍ଣ ଅନୁସାରେ ଶ୍ରେଣୀ ବିଭାଗ ହୋଇଥିଲା । ଏହି ଚତୁର୍ବର୍ଗୀୟ ସାମାଜିକ ବର୍ଗୀକରଣ ବିଷୟରେ ତୁମ୍ଭେମାନେ ପାଠ୍ୟକ୍ରମ ୪ରେ ପଢ଼ିଅଛ ।

## ୨୯.୩ ରାଜା ହେବାର ନୂତନ ଉପାୟ

ଜନପଦର ନେତା ବା ମୁଖିଆକୁ ରାଜା କୁହାଯାଉଥିଲା । କିନ୍ତୁ କେତେକ ମହତ୍ୱପୂର୍ଣ୍ଣ ଉପାୟ ଥିଲା ଯାହାପାଇଁ ରାଜା ଜନଠାରୁ ଭିନ୍ନ ଥିଲେ । ପ୍ରାରମ୍ଭରୁ ଆମ୍ଭକୁ ସଙ୍କେତ ଦିଆଯାଇଅଛି ଯେ କମ୍ ସେ କମ୍ କିଛି କ୍ଷେତ୍ରରେ ରାଜାଙ୍କ ପଦ ବଂଶାନୁକ୍ରମିକ ହୋଇଥିଲା । ଅନ୍ୟ ଶବ୍ଦରେ କହିବାକୁ ଗଲେ ପୁତ୍ର ବଂଶାନୁଗତ ଅଥବା ଆଇନ ଅନୁଯାୟୀ ପିତାଙ୍କ ରାଜ୍ୟ ଉପରେ ଦାବି କରୁଥିଲା ।

ଦ୍ୱିତୀୟତଃ ବର୍ତ୍ତମାନ ଆମ୍ଭେ ବିସ୍ତୃତ ଧାର୍ମିକ ଅନୁଷ୍ଠାନର ଉଲ୍ଲେଖ ପାଉଅଛୁଁ ଯାହା ମଧ୍ୟରେ ରାଜସୂୟ ଏବଂ ଅଶ୍ୱମେଧ ହେଉଛି ସର୍ବାଧିକ ପ୍ରସିଦ୍ଧି । ଏଗୁଡିକ ବହୁ ଲମ୍ବା ସମୟ ଧରି ଚାଲିଥାଏ ବେଳେବେଳେ ଏହା ଏକ ବର୍ଷଠାରୁ ଅଧିକ ସମୟ ଧରି ଚାଲିଥାଏ । କେବଳ ବିଶେଷଭାବେ ପ୍ରଶିକ୍ଷିତ ପୁରୋହିତ ଏହାକୁ ସମ୍ପନ୍ନ କରୁଥିଲେ । ବୈଦିକ ସାହିତ୍ୟର ରଚନା ତଥା ସଂକଳନ କରିଥିବା ପୁରୋହିତଙ୍କ କହିବା ଅନୁସାରେ ଉକ୍ତ ବ୍ୟାପକ ଧାର୍ମିକ ଅନୁଷ୍ଠାନକୁ ସମ୍ପନ୍ନ କରିବା ପାଇଁ ସକ୍ଷମ ବ୍ୟକ୍ତିଙ୍କୁ ହିଁ ରାଜା ହିସାବରେ ମାନ୍ୟତା ପ୍ରଦାନ କରାଯାଏ ।

ଉକ୍ତ ଯଜ୍ଞରେ ଅନେକ ଲୋକ ଭାଗ ନେଉଥିଲେ । ଏଥିରେ ରାଜା ମଧ୍ୟ ସମ୍ମିଳିତ ହେଉଥିଲେ । ନିଜର ଶକ୍ତିକୁ ଘୋଷଣା କରିବା ପାଇଁ ଏହାହିଁ ଥିଲା ମହତ୍ୱପୂର୍ଣ୍ଣ ସୁଯୋଗ । ଉକ୍ତ ଯଜ୍ଞରେ ରାଜାଙ୍କ ପରିବାର ବିଶେଷ କରି ତାଙ୍କର ପତ୍ନୀମାନେ ଏବଂ ପୁତ୍ରମାନେ ସହାୟତା କରୁଥିଲେ । ରଥର ସାରଥି ପରିବାରର ପୁରୋହିତ, ସେନାପତି ଏବଂ ଦୁତ ସହିତ ଅନେକ ଅନ୍ୟ ସହାୟକମାନେ ଏଥିରେ ଯୋଗଦାନ କରୁଥିଲେ । ସର୍ବସାଧାରଣ, ଭିସ୍ ଓ ଭିଷୟମାନେ ରାଜାଙ୍କ ପାଇଁ ଉପହାର ନେଇ ଆସିବେ ବୋଲି ଆଶା କରାଯାଉଥିଲା କାରଣ ଏମାନେ ଯଜ୍ଞ ପାଇଁ ଆବଶ୍ୟକ ଥିବା ବିଶାଳ ଧନରାଶିର ଅଧିକାଂଶ ପ୍ରଦାନ କରୁଥିଲେ । ପଡୋଶୀ ରାଜାମାନଙ୍କୁ ମଧ୍ୟ ଉକ୍ତ ଉତ୍ସବରେ ଯୋଗଦେବା ପାଇଁ ଆମନ୍ତ୍ରିତ କରାଯାଉଥିଲା । ବାସ୍ତବରେ ପୁରୋହିତମାନେ ସମଗ୍ର ଅନୁଷ୍ଠାନକୁ ସମ୍ପନ୍ନ କରୁଥିଲେ ।

ଶୁଦ୍ରମାନେ ଏହି ଧାର୍ମିକ ଅନୁଷ୍ଠାନରେ ଭାଗ ନେଉଥିଲେ କି ? ବେଳେବେଳେ ସେମାନଙ୍କୁ ଉକ୍ତ ଧାର୍ମିକ ଅନୁଷ୍ଠାନରେ ଛୋଟ ଭୂମିକା ପ୍ରଦାନ କରାଯାଉଥିଲେ ମଧ୍ୟ ଅନେକ ସମୟରେ ସେମାନଙ୍କୁ ଏଥିରୁ ବାଦ ଦିଆଯାଉଥିଲା । ଯଦିଓ କିଛି ଲୋକ ଏଥିରେ ଅଂଶ ଗ୍ରହଣ କରୁଥିଲେ ସେମାନଙ୍କ କାର୍ଯ୍ୟ କଳାପ ନିଜ ନିଜର ଦାୟୀତ୍ୱ ସହିତ ସୀମିତ ଥିଲା । ଉଦାହରଣ ସ୍ୱରୂପ

ଟିପ୍ପଣୀ

ବୈଶ୍ୟମାନେ ପୁରୋହିତର କାମ କରି ପାରୁ ନଥିବା ବେଳେ ରାଜାଙ୍କ ସ୍ତ୍ରୀ ତାଙ୍କ ସ୍ଥାନ ନେଇ ପାରୁନଥିଲେ ।

ଉକ୍ତ ଧାର୍ମିକ ଅନୁଷ୍ଠାନର ଆବଶ୍ୟକତା କ'ଣ ଥିଲା? ଅଶ୍ୱମେଧ ବା ଘୋଟକ ବଳୀଦାନ ସମୟରେ ଯଜ୍ଞୀୟ ଘୋଡାକୁ ଅସ୍ତ୍ରଶସ୍ତ୍ରଧାରୀ ଲୋକଙ୍କ ସହିତ ଏକ ବର୍ଷ ପାଇଁ ବିଚରଣ କରିବାକୁ ଛାଡି ଦିଆଯାଏ । ଯେଉଁମାନେ ଘୋଡାକୁ ଯିବା ପାଇଁ ଛାଡି ଦିଅନ୍ତି ସେମାନେ ନିଜର ପ୍ରଭୂ ଭାବରେ ମୌନ ସମ୍ମତି ପ୍ରଦାନ କରିଥାଆନ୍ତି । ଘୋଡାକୁ ଫେରେଇ ଅଣାଗଲା ପରେ ତାକୁ ଏକ ବିସ୍ତୃତ ଧର୍ମାନୁଷ୍ଠାନରେ ବଳି ଦିଆଯାଏ । ଅନ୍ୟାନ୍ୟ ରାଜା ମହାରାଜା ଓ ପୁରୋହିତ ଏବଂ ସାଧାରଣ ଲୋକଙ୍କ ସହିତ ବହୁ ସଂଖ୍ୟକ ଲୋକଙ୍କୁ ଏଥିରେ ଭାଗ ନେବା ଅଥବା ଦେଖିବା ପାଇଁ ଆମନ୍ତ୍ରଣ କରାଯାଇଥାଏ । ସେଠାରେ ଭୋଜନୋତ୍ସବ ପର୍ବ ଏବଂ ଗପ ଶୁଣା ହେଉଥିଲା । ଅନ୍ୟ ଅର୍ଥରେ କହିଲେ ଏହା ଏକ ଅତ୍ୟନ୍ତ ବ୍ୟୟବହୁଳ ଅନୁଷ୍ଠାନ ଥିଲା ।

ଏହିପରି ଧାର୍ମିକ ଅନୁଷ୍ଠାନ କରିବା ପାଇଁ ଇଚ୍ଛୁକ ଉଚ୍ଚାକାଙ୍କ୍ଷୀ ରାଜାମାନେ ଶକ୍ତିଶାଳୀ ସହିତ ଧନବାନ ମଧ୍ୟ ହେବା ଆବଶ୍ୟକ । ପୁରୋହିତମାନଙ୍କୁ ଅତ୍ୟଧିକ ଯଜ୍ଞ ପାଉଣା ଅଥବା ଦକ୍ଷିଣା ଦେଇ ପୁରସ୍କୃତ କରୁଥିଲେ । ପୁରସ୍କାର ମଧ୍ୟରେ ଅନ୍ୟାନ୍ୟ ଜିନିଷ ବ୍ୟତୀତ ଘୋଡା, ଗାଈ, ସ୍ୱର୍ଣ୍ଣ ଓ ରୂପା ଜିନିଷ, ରଥ, ଲୁଗାପଟା ଏବଂ ଦାସ ଓ ଦାସୀ ଆଦି ଅନ୍ତର୍ଭୁକ୍ତ ଥିଲା । ଏହିପରି ଭାବରେ ଉକ୍ତ ଧାର୍ମିକ ଅନୁଷ୍ଠାନକୁ ସଫଳତାପୂର୍ଣ୍ଣ ସମ୍ପୂର୍ଣ୍ଣ କରି ରାଜା ସାର୍ବଜନିକ ଘୋଷଣା କରିବାକୁ ସକ୍ଷମ ହେବା ସଙ୍ଗେ ସଙ୍ଗେ ନିଜର ଶକ୍ତିର ମଧ୍ୟ ପ୍ରଦର୍ଶନ କରିଥାଆନ୍ତି ।

ଏଭଳି ଅନେକ ଧାର୍ମିକ ଅନୁଷ୍ଠାନମାନଙ୍କ ମଧ୍ୟରେ ଅଭିଷେକ ଅନ୍ତର୍ଭୁକ୍ତ ଥିଲା । ଏହାର ଅର୍ଥ ହେଲା ରାଜାଙ୍କ ଉପରକୁ ଶୁଦ୍ଧ ପବିତ୍ର ଜଳ ସିଞ୍ଚନ କରିବା । ପୁରୋହିତ ପ୍ରଥମେ ସିଞ୍ଚନ କଲାପରେ ବୈଶ୍ୟ ଓ ରାଜାଙ୍କର ସର୍ମ୍ପକୀୟମାନେ ଉକ୍ତ ପ୍ରକ୍ରିୟାରେ ଭାଗ ନେଇ ପାରୁଥିଲେ ।

ତୁମେ ଦେଖିପାରିବ ବର୍ତ୍ତମାନ ଜନସଭାଦ୍ୱାରା ରାଜାଙ୍କୁ ଚୟନ କରିବାର ପ୍ରଶ୍ନ ଉଠୁନାହିଁ । କୌଣସି ରାଜ ପରିବାରରେ ଜନ୍ମିତ ବ୍ୟକ୍ତି ହିଁ ରାଜା ହୋଇପାରିବ କିମ୍ବା ଯେଉଁ ବ୍ୟକ୍ତି ପାଖରେ ପର୍ଯ୍ୟାପ୍ତ ସେନା ଏବଂ ଭୌତିକ ସମ୍ପଦର ଭଣ୍ଡାର ଥିବ ।

## ୨୯.୪ ଶାସନ ବ୍ୟବସ୍ଥାର ଅୟମାରମ୍ଭ

ପରବର୍ତ୍ତୀ ବୈଦିକ ଗ୍ରନ୍ଥରେ ବାରମ୍ବାର ବର୍ଣ୍ଣନା କରାଯାଇଥିବା ଧାର୍ମିକ ଅନୁଷ୍ଠାନଟି ହେଲା ରାଜସୂୟ । ଯଦି ତୁମ୍ଭେ ମହାଭାରତ କାହାଣୀ ଜାଣିଥିବ ତୁମ୍ଭର ମନେପଡିପାରେ ଯେ ଏହି ରାଜସୂୟ ଏକ ମହାତ୍ୱପୂର୍ଣ୍ଣ ଯଜ୍ଞ ଅଟେ ଯାହାକୁ ଯୁଧିଷ୍ଠିର ସିଂହାସନ ଉପରେ ନିଜର ନ୍ୟାର୍ଯ୍ୟ ଦାବି ହାସଲ କରିବା ପାଇଁ କରିଥିଲେ ।

ରାଜସୂୟର ଏକ ଅଂଶ ହିସାବରେ ରତ୍ନୀନାମ୍ ହଭିମ୍ସି (Ratinam Havimsi) ନାମକ ଏକ ବିଧିବିଧାନର ବର୍ଣ୍ଣନା କରାଯାଇଛି । ଏହା ଅନୁସାରେ ରାଜାଙ୍କୁ ରତ୍ନୀନ (ଏହାର ଆକ୍ଷରିକ ଅର୍ଥ ହେଲା ଯେଉଁମାନେ ରତ୍ନର ଅଧିକାରୀ)ଙ୍କ ପରି ମହତ୍ୱପୂର୍ଣ୍ଣ ଲୋକଙ୍କ ଘରକୁ ଯାଇ ଦାନ ଦେବାକୁ ପଡେ । ଏହି ମହତ୍ୱପୂର୍ଣ୍ଣ ଲୋକମାନଙ୍କ ମଧ୍ୟରେ ରାଜାଙ୍କର ସ୍ତ୍ରୀମାନେ, ସେନାପତି, ମୁଖ୍ୟ ପୁରୋହିତ, ସାରଥୀ ତଥା ଦୂତ ଏବଂ ରାଜାଙ୍କ ତରଫରୁ ଦାନ ଆଦାୟ ଓ ଗ୍ରହଣ କରିବା ପାଇଁ ଲୋକମାନେ ସାମିଲ ହୋଇଥିଲେ ।



ଟିପ୍ପଣୀ

ଉକ୍ତ ପଦାଧିକାରୀଙ୍କ ପାଇଁ କୌଣସି ନିୟମିତ ବେତନ ବ୍ୟବସ୍ଥାର ବର୍ଣ୍ଣନା ନାହିଁ। ତଥାପି ଏମାନଙ୍କ କାର୍ଯ୍ୟରୁ ଆମେ ଅନୁମାନ କରିପାରୁଛୁ ଯେ ଏମାନଙ୍କ ମଧ୍ୟରୁ କେତେକ ଏକ କେନ୍ଦ୍ର ସ୍ଥାପନ କରିଥିଲେ ଯେଉଁଠାରୁ ପରବର୍ତ୍ତୀ ପ୍ରଶାସନିକ ବ୍ୟବସ୍ଥା ବିକଶିତ ହେଲା। ଉପମହାଦେଶର ଇତିହାସରେ ବର୍ଣ୍ଣିତ ପ୍ରଥମ ସାମ୍ରାଜ୍ୟ ଯାହାକୁ ମୌର୍ଯ୍ୟ ସାମ୍ରାଜ୍ୟ କୁହାଯାଏ ତା'ର କେନ୍ଦ୍ର ମଗଧରେ ହିଁ ଥିଲା। ମହାଜନପଦ ଜନପଦଠାରୁ କେତେ ପ୍ରକାରରେ ଭିନ୍ନ ଥିଲା। ଚାଲ ଏହି କେତେକ ଭିନ୍ନତା ଉପରେ ନଜର ପକାଇବା।

## ୨୯.୭ ସୁରକ୍ଷିତ ମହାନଗରୀ

ପ୍ରାୟ ସମସ୍ତ ମହାଜନପଦର ରାଜଧାନୀ ଥିଲା। ଜନପଦର ବସ୍ତିଗୁଡିକ ପରିବର୍ତ୍ତେ ଏଗୁଡିକରୁ ଅଧିକାଂଶ ନଗରୀଗୁଡିକ ସୁରକ୍ଷିତ ଥିଲା। ଏହାର ଅର୍ଥ ହେଲା ଯେ ନଗରଗୁଡିକର ଚାରିପାଖରେ କାଠ, ଇଟା ବା ପଥରର ବିଶାଳ ପାଚେରୀମାନ ତିଆରି କରାଯାଇଥିଲା।

ସହରରେ ବସବାସ କରୁଥିବା ଲୋକମାନଙ୍କ ବିଷୟରେ ଆମ୍ଭପାଖରେ କିଛି ଧାରଣା ଅଛି। ଏହି ଲୋକମାନଙ୍କ ମଧ୍ୟରେ ରାଜା ଓ ତାଙ୍କର ସମର୍ଥକ ତଥା କାରିଗର, ସୌଦାଗର,ବଣିକ ଏବଂ ଛୋଟ ଦୋକାନୀମାନେ ଥିଲେ। ଉକ୍ତ ସହରରେ ରହୁଥିବା କିଛି ପୁରୁଷ ଓ ସ୍ତ୍ରୀ ଲୋକମାନେ ଧନୀ ବ୍ୟକ୍ତି ଥିଲେ। ଆମ୍ଭେ ଜାଣିଥିବା ଆଜିକାଲିର ଅଧିକାଂଶ ସହରଗୁଡିକ ସେହି ସମୟରୁ ହିଁ ବିକଶିତ ହୋଇଥିଲା। ଏମାନଙ୍କ ମଧ୍ୟରେ ମଥୁରା, ବାରଣାସୀ, ବୈଶାଳୀ, ପାଟଳୀପୁତ୍ର ଅନ୍ତର୍ଗତ। ଉକ୍ତ ସହରଗୁଡିକ କୃଷିର ଉନ୍ନତି ଉପରେ ନିର୍ଭରଶୀଳ ଥିଲା ଏବଂ ଲୌହର କୃଷି ଯନ୍ତ୍ରପାତିର ବ୍ୟବହାର ଫଳରେ ଅଧିକ ଖାଦ୍ୟଶସ୍ୟର ଉତ୍ପାଦନ ସମ୍ଭବ ହୋଇଥିଲା।

ସହରର କେତେକ ଲୋକ ଶତ୍ରୁ ଆକ୍ରମଣକୁ ଭୟ ଏବଂ ସୁରକ୍ଷା ଆବଶ୍ୟକ କରୁଥିବାରୁ ସାଧାରଣତଃ ଦୁର୍ଗଗୁଡିକ ତିଆରି ହୋଇଥିଲା। କେତେକ ରାଜା ସମ୍ଭବତଃ ନିଜର ଧନ ତଥା ପରାକ୍ରମର ପରିପ୍ରକାଶ ପାଇଁ ଚାରିପାଖରେ ପ୍ରକୃତରେ ବିଶାଳ, ଉଚ୍ଚ ତଥା ହୃଦୟ ସ୍ପର୍ଶୀ ପାଚେରୀ ନିର୍ମାଣ କରୁଥିଲେ।

ଏ ଭଳି ବିଶାଳ ପାଚେରୀ ନିର୍ମାଣ ପାଇଁ ଏକ ବୃହତ ଯୋଜନା ବନାଇବା ଆବଶ୍ୟକ ପଡିଥିଲା। ଲକ୍ଷେ ପରବର୍ତ୍ତେ ହଜାର ସଂଖ୍ୟାରେ ପଥରର ଇଟା ତିଆରି କରିବାକୁ ପଡିଥିଲା। ଏହି କାର୍ଯ୍ୟ ପାଇଁ ହଜାର ହଜାର ସଂଖ୍ୟାରେ ପୁରୁଷ, ସ୍ତ୍ରୀ ଓ ବାଳକ ରୂପରେ ଏକ ବିଶାଳ ଶ୍ରମିକ ଗୋଷ୍ଠୀର ଉପଲବ୍ଧ ହୋଇଥିଲା। ଏ ସବୁର ଖର୍ଚ୍ଚ ପାଇଁ ଧନ ଯୋଗାଡ କରିବାକୁ ପଡିଥିଲା।

## ୨୯.୮ ନୂତନ ସେନାବାହିନୀ

ପ୍ରାମାଣିକ ତଥ୍ୟରୁ ଜଣାପଡେ ଯେ ପ୍ରାୟ ୩୩୦ ଖ୍ରୀ:ପୂ: ବେଳକୁ କେତେକ ଜନପଦରେ ବିଭିନ୍ନ ଭାବରେ ସେନାବାହିନୀକୁ ସଂଗଠିତ କରାଯାଇଥିଲା। ଏହା ସେହି ସମୟ ଥିଲା ଯେତେବେଳେ ଆଲେକଜାଣ୍ଡର, ଗ୍ରୀସର ଉତ୍ତରରେ ଥିବା ମାସିଡୋନ୍‌ର ରାଜା ବିଶ୍ୱବିଜୟ ପାଇଁ ଯାତ୍ରା ପ୍ରାରମ୍ଭ କରିବାକୁ ନିର୍ଣ୍ଣୟ ନେଇଥିଲେ। ଯେପରି ଆଶା କରାଯାଉଥିଲା ସେ ସାରା ବିଶ୍ୱକୁ ଜୟ କରି ପାରି ନଥିଲେ। ତଥାପି ସେ ମିଶର ଏବଂ ପଶ୍ଚିମ ଏସିଆର କିଛି ଅଂଶ ଜୟ କରି ଭାରତ ଉପମହାଦେଶରେ ପ୍ରବେଶ କରି ବିସ୍ (Beas) ନଦୀକୂଳରେ ପହଞ୍ଚିଥିଲେ।

ଯେତେବେଳେ ସେ ଅଧିକ ପୂର୍ବକୁ ଯିବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ ତାଙ୍କ ସେନାବାହିନୀ ଏଥିରେ ସମ୍ମତି ହୋଇ ନଥିଲେ । ସେମାନେ ଏକଥା ଶୁଣି ଭୟଭୀତ ହୋଇଯାଇଥିଲେ ଯେ ଭାରତୀୟ ରାଜାମାନଙ୍କର ପଦାତିକ ସେନା ରଥ ଏବଂ ହସ୍ତୀମାନଙ୍କୁ ନେଇ ଏକ ବିଶାଳ ସୈନ୍ୟବାହିନୀ ରଖିଥିଲେ ।

ଏହି ସେନାବାହିନୀ ପୂର୍ବ ବର୍ଣ୍ଣିତ ସେନାମାନଙ୍କ ଠାରୁ ଭିନ୍ନ ଥିଲା । ରାଜା ଉକ୍ତ ସୈନ୍ୟ ବାହିନୀର ସାରାବର୍ଷର ଭରଣପୋଷଣ ଦାୟିତ୍ୱ ନେବା ସହିତ ସୈନିକମାନଙ୍କୁ ନିୟମିତ ଦରମା ପ୍ରଦାନ କରୁଥିଲେ । ଆମ୍ଭେ ଦେଖିବାକୁ ପାଉଁ ଯେ ବହୁସଂଖ୍ୟକ ହସ୍ତୀମାନଙ୍କର ଉପଯୋଗ କରାଯାଇଥିଲା । ହାତୀକୁ ଧରିବା, ପୋଷାମନାଇବ ତଥା ପ୍ରଶିକ୍ଷିତ କରିବା ବହୁ କଷ୍ଟଦାୟକ ଥିଲା । ସ୍ୱଷ୍ଟ ହେଲା ଯେ ବର୍ତ୍ତମାନର ସେନାବାହିନୀ ପୂର୍ବାପେକ୍ଷା ଅଧିକ ସୁସଜ୍ଜିତ ଏବଂ ସଂଗଠିତ ହୋଇଥିଲେ । ଏତେ ବିଶାଳ ସୈନ୍ୟବାହିନୀ ରଖିବା ପାଇଁ ଜନପଦକୁ ସାଧାରଣ ସେନାପାଇଁ ଉପେକ୍ଷିତ ସଂସାଧନ (resources) ଅପେକ୍ଷା ବହୁ ଅଧିକ ସଂସାଧନ (resources))ର ଆବଶ୍ୟକତା ପଡିଲା ।

ବୌଦ୍ଧ ଗ୍ରନ୍ଥରୁ ଜଣାଯାଏ ଯେ ମଗଧର ଶାସନକର୍ତ୍ତାମାନେ ସର୍ବୋତ୍ତମ ସେନାର ଗଠନ କରିଥିଲେ । ଏମାନେ ଜଙ୍ଗଲରେ ରହୁଥିବା ହସ୍ତୀମାନଙ୍କର ଉପଯୋଗ କରୁଥିଲେ । ଏମାନେ ନିଜ ରାଜ୍ୟର ଖଣିରୁ ପ୍ରାପ୍ତ ଲୌହର ମଧ ଉପଯୋଗ କରୁଥିଲେ । ଏହାଦ୍ୱାରା ସୈନ୍ୟମାନେ ଶକ୍ତିଶାଳୀ ଅସ୍ତ୍ରଶସ୍ତ୍ର ପାଇଲେ । ଜଣେ ଉଚ୍ଚାଭିଳାଷି ରାଜାଙ୍କ ଦ୍ୱାରା ପରିଚାଳିତ ଏକ ସୁସଜ୍ଜିତ ସେନାର ଅର୍ଥ ହେଲା ଯେ ମଗଧର ରାଜା ଅନ୍ୟ ରାଜାଙ୍କ ଉପରେ ବିଜୟ ହାସଲ କରି ପଡୋଶି ରାଜ୍ୟ ଉପରେ ନିଜର କର୍ତ୍ତୃତ୍ୱ ବିସ୍ତାର କରିପାରିଲେ । ଅନ୍ୟ କେତେକ କ୍ଷେତ୍ରରେ ରାଜାମାନେ ସ୍ଥଳପଥ ତଥା ଜଳପଥଗୁଡିକୁ ଅଧିକାର କରି ନିଜ ନିୟନ୍ତ୍ରଣରେ ରଖିବା ପାଇଁ ଚେଷ୍ଟା କରିଥିଲେ । ଅନ୍ୟ କେତେକ କ୍ଷେତ୍ରରେ ସେମାନେ ଉର୍ବର ଚାଷ ଜମି ଉପରେ ନିଜର ନିୟନ୍ତ୍ରଣ ସାବ୍ୟସ୍ତ କରିବାକୁ ଚେଷ୍ଟା କରିଥିଲେ କାରଣ ଏହା ଅଧିକ ସଂସାଧନ ପାଇବା ପାଇଁ ଏକ ମହତ୍ୱପୂର୍ଣ୍ଣ ଉପାୟ ।

### ୨୯.୨ ପାଠଗତ ପ୍ରଶ୍ନ

୧) ପ୍ରାୟ ସମସ୍ତ ମହାଜନଗୁଡିକର ଏକ ................. ସହର ଥିଲା ।

୨) ଏତେ ବିଶାଳ ପାଚେରୀ ନିର୍ମାଣ କରିବା ପାଇଁ .......ର ଆବଶ୍ୟକତା ଥିଲା ।

୩) ଏହି ସହରମାନଙ୍କରେ ଲୌହର କୃଷି ଯନ୍ତ୍ରପାତି ବ୍ୟବହାର ଦ୍ୱାରା କୃଷିର ବିକାଶ ଜାରି ରହିଲା । ଏଠାରେ ଏବେ .........ଏବଂ ଅଧିକ ...... କରିବା ସମ୍ଭବ ହେଲା ।

୪) ଆଲେକ୍‌ଜାଣ୍ଡର ମିଶରର କିଛି ଅଂଶ, ପଶ୍ଚିମ ଏସିଆ ଅଧିକାର କରି ଭାରତ ଉପମହାଦ୍ୱୀପର.............କୂଳ ପର୍ଯ୍ୟନ୍ତ ପହଞ୍ଚିଥିଲେ ।

### ୨୯.୯ ନିୟମିତ କର

ମହାଜନପଦର ଶାସକମାନେ ବିଶାଳ ଦୁର୍ଗ ନିର୍ମାଣ କରୁଥିଲେ ଏବଂ ବିରାଟ ସେନାବାହିନୀ ରଖୁଥିଲେ । ଏଥିପାଇଁ ସେମାନେ ନିୟମିତ ଧନ ଆଗମନର ଆବଶ୍ୟକତା ଅନୁଭବ କରୁଥିଲେ । ସେଥିପାଇଁ ଟିକସ ଆଦାୟ କରିବା ମହତ୍ୱପୂର୍ଣ୍ଣ ହୋଇପଡିଥିଲା ।

ଟିପ୍ପଣୀ

- ଫସଲ ଉପରେ ଟିକସ ସର୍ବାଧିକ ମହତ୍ୱପୂର୍ଣ୍ଣ । ଏହାର କାରଣ ହେଲା ଅଧିକାଂଶ ଲୋକମାନେ ଚାଷୀ ଥିଲେ । ସେମାନେ ପ୍ରାୟ ସବୁବେଳେ ନିଜ ଜମି ତଥା ଫସଲର ସୁରକ୍ଷା ପାଇଁ ରାଜାଙ୍କ ଉପରେ ନିର୍ଭର କରୁଥିଲେ । ସାଧାରଣତଃ ଭୂମିଜାତ ଦ୍ରବ୍ୟ ଉପରେ ଏକ ଷଷ୍ଠାଂଶ (୧/୬ ଭାଗ) କର ଧାର୍ଯ୍ୟ ହୋଇଥିଲା । ଏହାକୁ "ଭାଗ" କୁହାଯାଏ ।
- ଶିଳ୍ପ ଉପରେ ମଧ୍ୟ କର ଲଗାଯାଇଥିଲା । ଏହି ଟିକସ ସାଧାରଣତଃ ଶ୍ରମ ରୂପରେ ଦେବାକୁ ପଡୁଥିଲା । ଉଦାହରଣ ସ୍ୱରୂପ ଜଣେ ତନ୍ତୀ ବା ଜଣେ କମାରକୁ ପ୍ରତି ମାସରେ ଏକ ଦିନ ସରକାରଙ୍କ ପାଇଁ କାମକରିବାକୁ ପଡୁଥିଲା । ଗୋପାଳକ ଠାରୁ ମଧ୍ୟ ଟିକସ ଅସୁଲ ଆଶାକରାଯାଉଥିଲା ।
- ବେପାର ପାଇଁ କିଣାବିକା ଯାଉଥିବା ଦ୍ରବ୍ୟ ଉପରେ ଟିକସ ଦେବାକୁ ପଡୁଥିଲା ।

ପ୍ରକୃତପକ୍ଷେ ରାଜା ଟିକସ ଆଦାୟ ପାଇଁ ଅନେକ କର୍ମଚାରୀଙ୍କୁ ଏବଂ ସେମାନଙ୍କ ଦରମା ଦେବାପାଇଁ ଅଧିକ ଧନର ଆବଶ୍ୟକତା ଉପଲବ୍ଧି କରୁଥିଲେ ।

କେତେକ ଟିକସ ଦ୍ରବ୍ୟ ଆକାରରେ ଆଦାୟ କରାଯାଉଥିଲା ଯଥା:-ଖାଦ୍ୟଶସ୍ୟ, ଗୋରୁଗାଈ କିମ୍ବା ଶିଳ୍ପୀଙ୍କ ଦ୍ୱାରା ପ୍ରସ୍ତୁତ ଦ୍ରବ୍ୟ ଭାବରେ । ବେଳେବେଳେ ଟିକସ ନଗଦ ପଇସା ଆକାରରେ ଆଦାୟ ହେଉଥିଲା । ବାସ୍ତବରେ କେତେକ ପ୍ରାଗ୍ ମୁଦ୍ରା ଏହି ଯୁଗର ଅଟେ ।

## ୨୯.୧୦ ମଗଧ ଏବଂ ଏହାର ଶାସକ

ପ୍ରାୟ ଦୁଇ ଶହ ବର୍ଷ ମଧ୍ୟରେ ମଗଧ ଏକ ଅତ୍ୟଧିକ ମହତ୍ୱପୂର୍ଣ୍ଣ ମହାଜନପଦରେ ପରିଣତ ହୋଇଥିଲା । ଏଥିପାଇଁ ମଗଧର ସେନା ଆଂଶିକ ରୂପରେ ଦାୟୀ । ଏହା ବ୍ୟତୀତ ମଗଧ ଗଙ୍ଗା ଏବଂ ସୋନ ନଦୀମାନଙ୍କ ଦ୍ୱାରା ପରିବେଷ୍ଟିତ । ଗମନାଗମନ ଜଳଯୋଗାଣ ତଥା ଉର୍ବର ଜମି ପାଇଁ ଏହାର ଅନେକ ମହତ୍ୱ ଥିଲା । ମଗଧର ଦୁଇଜଣ ଅତ୍ୟନ୍ତ ଶକ୍ତିଶାଳୀ ରାଜା ବିମ୍ବିସାର ଓ ତାଙ୍କ ପୁତ୍ର ଅଜାତଶତ୍ରୁ ଯେଉଁମାନେ କି ନିଜର ପ୍ରତିଦ୍ୱନ୍ଦୀ ତଥା ଅନ୍ୟାନ୍ୟ ଜନପଦ ଉପରେ ବିଜୟ ହାସଲ କରିବା ପାଇଁ ସମସ୍ତ ସମ୍ଭାବିତ ସାଧନାର ଉପଯୋଗ କରିଥିଲେ । ବେଳେବେଳେ ସେମାନେ ନିଜ ପଡୋଶି ରାଜାମାନଙ୍କ ସହିତ ବୈବାହିକ ସମ୍ପର୍କ ସ୍ଥାପନ କରିଥିଲେ । ଅନ୍ୟ ପକ୍ଷରେ ସେମାନେ ସୈନ୍ୟ ଚାଳନା କରି ବଳପୂର୍ବକ ପଡୋଶି ରାଜ୍ୟଗୁଡିକୁ ଜୟ କରିଥିଲେ । ମହାପଦ୍ମନନ୍ଦ ମଗଧର ଅନ୍ୟ ଜଣେ ମହତ୍ୱପୂର୍ଣ୍ଣ ରାଜା ଅଟନ୍ତି । ସେ ଉପମହାଦ୍ୱୀପର ଉତ୍ତର-ପଶ୍ଚିମ ପର୍ଯ୍ୟନ୍ତ ନିଜ ସାମ୍ରାଜ୍ୟକୁ ବିସ୍ତାର କରିଥିଲେ । ଏହା ବିଶ୍ୱାସ ଯୋଗ୍ୟ ଯେ ଆଲେକଜାଣ୍ଡରଙ୍କ ସୈନ୍ୟମାନେ ତାଙ୍କର ବିଶାଳ ସୈନ୍ୟବାହିନୀ ବିଷୟରେ ଶୁଣିବାକୁ ପାଇଥିଲେ ।

ମଗଧର ରାଜାମାନେ ବଡ ଧରଣର ଯଜ୍ଞର ଆୟୋଜନ କରିବା କଥା ଆମ୍ଭେ ଶୁଣିବାକୁ ପାଇନାହୁଁ । କ'ଣ ପାଇଁ ସେମାନେ ଏହି ବିସ୍ତୃତ, ଧାର୍ମିକ ଅନୁଷ୍ଠାନ କରୁନଥିଲେ ଏହାର କାରଣ ବିଷୟରେ ତୁମ୍ଭେ ଚିନ୍ତା କରିପାରିବ କି ?

ଅଧିକାଂଶ ମହାଜନପଦଗୁଡିକ ବ୍ୟକ୍ତିଗତ ରାଜାମାନଙ୍କ ଦ୍ୱାରା ଶାସିତ ହେଉଥିଲା ବେଳେ ଅନ୍ୟ

କେତେକ ଏକ ଭିନ୍ନ ପ୍ରକାର ସରକାରଙ୍କ ଅଧିନରେ ରହିଥିଲେ । ଏଗୁଡିକୁ ଗଣସଂଘ କୁହାଯାଏ । ସେଗୁଡିକରେ ଏକ ବଦଳରେ ଅନେକ ଶାସନକର୍ତ୍ତା ଥିଲେ । ମଜାକଥା ଏହା ଯେ ସମୟ ସମୟରେ ଏପରିକି ଏକ ହଜାର ପର୍ଯ୍ୟନ୍ତ ଲୋକମାନେ ଏକତ୍ର ଶାସନ କରୁଥିଲେ ଏବଂ ପ୍ରତ୍ୟେକ ବ୍ୟକ୍ତିଙ୍କୁ ରାଜା କୁହାଯାଉଥିଲା ।

ଏହି ରାଜାମାନେ ଧାର୍ମିକ ଅନୁଷ୍ଠାନଗୁଡିକୁ ଏକତ୍ର ସମ୍ପନ୍ନ କରୁଥିଲେ । ଉକ୍ତ ଧାର୍ମିକ ଅନୁଷ୍ଠାନଗୁଡିକ ବୈଦିକ ଯଜ୍ଞ ଭଳି ନଥିଲା । ସେମାନେ ସଭାରେ ମିଳିତ ହେଉଥିଲେ ଏବଂ ଆଲୋଚନା ଏବଂ ଯୁକ୍ତିତର୍କ ମାଧ୍ୟମରେ କ'ଣ ଏବଂ କିପରି କରାଯିବା ଉଚିତ୍ ତାହା ଫଇସଲା କରୁଥିଲେ । ଉଦାହରଣ ସ୍ୱରୂପ ତାଙ୍କୁ ଶତ୍ରୁ ଆକ୍ରମଣ କଲେ ଉକ୍ତ ବିପଦର ସମ୍ମୁଖୀନ ହେବା ପାଇଁ କ'ଣ କରାଯିବ ସେ ବିଷୟରେ ଆଲୋଚନା କରିବା ପାଇଁ ନିଜ ନିଜର ସଭାରେ ମିଳିତ ହୁଅନ୍ତି । ସ୍ଥାୟୀ ସେନାବାହିନୀ ପ୍ରତିବଦଳରେ ଆମ୍ଭେ ଦେଖୁଁ ଯେ ଏହି ରାଜାମାନେ ଦରକାର ଅନୁସାରେ ନିଜ ନିଜର ଅନୁଗାମିମାନଙ୍କୁ ନେଇ ଏକ ସୈନ୍ୟବାହିନୀ ଗଠନ କରୁଥିଲେ ।

ଜନସଂଘ ଗୁଡିକର ସମସ୍ତ ଜମି ସମସ୍ତ ରାଜାମାନଙ୍କର ଯୌଥ ମାଲିକାନାରେ ଥାଏ । ଜମିକୁ ଚାଷ କରିବା ପାଇଁ ସେମାନେ କ୍ରୀତଦାସ ଓ ମଜୁରିଆମାନଙ୍କୁ ନିୟୋଜିତ କରୁଥିଲେ । ସେମାନଙ୍କୁ ଦାସ କର୍ମକାର କୁହାଯାଏ । ଉକ୍ତ ପୁରୁଷ ଓ ମହିଳାମାନଙ୍କୁ ଖାଦ୍ୟ, ବସ୍ତ୍ର ଓ ବାସସ୍ଥାନ ଦିଆଯାଉଥିଲା । କିନ୍ତୁ ସେମାନଙ୍କ ଦ୍ୱାରା ଉତ୍ପାଦିତ ସମସ୍ତ ଜିନିଷକୁ ରାଜାମାନେ ଏବଂ ତାଙ୍କର ବନ୍ଧୁବାନ୍ଧବମାନେ ନେଇ ଯାଉଥିଲେ ।

ସବୁଠାରୁ ଅଧିକ ଜନପ୍ରିୟ ଜନସଂଘ ମଧ୍ୟରେ ମଲ୍ଲ ଓ ଭଜ୍ଜି ଅନ୍ୟତମ ଭଜ୍ଜି ଜନସଂଘକୁ ଏକ ମହାଜନପଦ ହିସାବରେ ବିବେଚନା କରାଯାଏ । ପ୍ରସିଦ୍ଧ ନଗରୀ ବୈଶାଳୀ ଏହାର ରାଜଧାନୀ ଥିଲା । ବୁଦ୍ଧ ଏବଂ ମହାବୀର ଉଭୟ ଜନସଂଘ ସହିତ ଜଡିତ ଥିଲେ । ଜନସଂଘରେ ଜୀବନର ଏକ ସୁସ୍ପଷ୍ଟ ବର୍ଣ୍ଣନା ବୌଦ୍ଧ ଧର୍ମଗ୍ରନ୍ଥମାନଙ୍କରୁ ମିଳିଥାଏ ।

ଏଣୁ ତୁମ୍ଭେମାନେ ଦେଖିଲ ଯେ ସବୁ ମହାଜନପଦଗୁଡିକରେ ଏକ ପ୍ରକାର ସରକାର ନଥିଲା ।

**ପାଠଗତ ପ୍ରଶ୍ନ ୨୯.୩**

୧) ସବୁଠାରୁ ଅଧିକ ଶକ୍ତିଶାଳୀ ଜନପଦଟି କିଏ ?

..............................................................................................

୨) ବିଭିନ୍ନ ପଥମାନଙ୍କୁ ନିଜ ଅକ୍ତିଆରକୁ ଆଣିବା ପାଇଁ ମଗଧ ସେନା ଦ୍ୱାରା କି ପ୍ରକାର ପରିବହନ ଓ ଗମନାଗମନ ବ୍ୟବସ୍ଥା ବ୍ୟବହୃତ ହେଉଥିଲା ?

..............................................................................................

୩) କୃଷି ଉତ୍ପାଦନ ଉପରେ ଶାସକ କେଉଁ ପରିମାଣର ଟିକସ ନେଉଥିଲେ ?

..............................................................................................

୪) ମଗଧର ଦୁଇଜଣ ଶକ୍ତିଶାଳୀ ରାଜାଙ୍କ ନାମ ଉଲ୍ଲେଖ କର ।

..............................................................................................



ଟିପ୍ପଣୀ

## ତୁମେ କ'ଣ ଶିଖିଲ

ରାଷ୍ଟ୍ର ଗଠନ ପ୍ରାରମ୍ଭିକ ବୈଦିକ କାଳ ସହିତ ଜଡିତ । ସରଦାରୀମାନେ ଆସ୍ତେ ଆସ୍ତେ ରାଷ୍ଟ୍ର ଗଠନର ରାସ୍ତା ବାହାର କଲେ ଯେତେବେଳେ ଚାରଣ ଭୂମି ପାଇଁ ଯୁଦ୍ଧର ଆବଶ୍ୟକତା ପଡିଲା ।

ଉକ୍ତ ଯୁଦ୍ଧ ଏକ ଏକ ଗୋଷ୍ଠୀ ମଧ୍ୟରେ ଅଥବା ଏକାଧିକ ଗୋଷ୍ଠୀମାନଙ୍କ ମଧ୍ୟରେ ହୋଇଥିଲା । ପ୍ରାରମ୍ଭିକ ରାଷ୍ଟ୍ରକୁ ଜନପଦ କୁହାଯାଉଥିଲା । କାଳକ୍ରମେ ଏହା ମହାଜନପଦରେ ପରିଣତ ହେଲା । ସେଠାରେ ଚାରିଆଡେ ପଥରର ପାଚେରୀ, ବହୁସଂଖ୍ୟକ ଚାକର ବାକର ଏବଂ ବିଶାଳ ସୈନ୍ୟବାହିନୀ ଥିଲା । ରାଜା ବା ପ୍ରମୁଖ ମାନେ ଜନ କୁହାଯାଉଥିବା ସାଧାରଣ ମନୁଷ୍ୟଙ୍କଠାରୁ ଅନେକ ପ୍ରକାରରେ ଭିନ୍ନ ଥିଲେ ।

ଆସ୍ତେ ଆସ୍ତେ ରାଜାଙ୍କ ପଦ ବଂଶାନୁଗତ ହେଲା । ତାଙ୍କ ପାଖରେ ଏକ ବିଶାଳ ସୈନ ରହିଲା ଯାହାର ରକ୍ଷଣାବେକ୍ଷଣା ପାଇଁ ମାତ୍ରାଧିକ ବ୍ୟୟର ଆବଶ୍ୟକତା ପଡିଲା । ଏହି ବ୍ୟୟ ଫସଲ, ଶିଳ୍ପ ଏବଂ ବସ୍ତୁ ଉପରେ ଆଦାୟ କରାଯାଉଥିବା ଟିକସ ଉପରେ ନିର୍ଭର କରିବାକୁ ପଡୁଥିଲା ।

ଏକ ଚିତ୍ତାକର୍ଷକ ବିଷୟ ହେଲା ଜନସଂଘ ଯାହାର ଅର୍ଥ ହେଲା ବହୁ ଶାସକମାନଙ୍କ ଦ୍ୱାରା ଶାସିତ ଏବଂ ପ୍ରତିଶାସକଙ୍କୁ ରାଜା କୁହାଯାଏ । ଉକ୍ତ ରାଜାମାନେ ବିଭିନ୍ନ ଧାର୍ମିକ ଅନୁଷ୍ଠାନ ଏକତ୍ର ସମ୍ପନ୍ନ କରୁଥିଲେ । ସେମାନେ ସଭାରେ ମିଳିତ ହେଉଥିଲେ ଏବଂ କ'ଣ କରାଯିବ ତାହା ମଧ୍ୟ ନିର୍ଣ୍ଣୟ କରୁଥିଲେ । ଗଣସଂଘର ଭୂମିର ମାଲିକାନା ସମସ୍ତ ରାଜାମାନେ ସଂଘବଦ୍ଧ ଭାବରେ ପ୍ରାପ୍ତ ହୋଇଥିଲେ ।

## ପାଠାନ୍ତ ପ୍ରଶ୍ନ

୧) ରକ୍ ବେଦ କ'ଣ ?

୨) କାହିଁକି ଯୁଦ୍ଧ ହେଉଥିଲା ?

୩) ସରଦାରୀ ଏବଂ ରାଷ୍ଟ୍ର ମଧ୍ୟରେ ପାର୍ଥକ୍ୟ ଉଲ୍ଲେଖ କର ।

୪) ରକ୍‌ବେଦରେ ବର୍ଣ୍ଣନା କରାଯାଇଥିବା ଚାରୋଟି ଗୋଷ୍ଠୀ ଉଲ୍ଲେଖ କର ।

୫) ରାଜା ହେବା ପାଇଁ ନୂତନ ବ୍ୟବସ୍ଥାର ଉଲ୍ଲେଖ କର ।

୬) ଟିକସ ଆଦାୟ କ'ଣ ପାଇଁ ମହତ୍ୱପୂର୍ଣ୍ଣ ? ଉଲ୍ଲେଖ କର ।

## ପାଠଗତ ପ୍ରଶ୍ନର ଉତ୍ତର

**୨୯.୧** ୧) ୧୮୦୦-୧୦୦୦ ଖ୍ରୀ:ପୂ

୨) ରାଜନୀତିକ

୩) ନଦୀଗୁଡିକ

୪) ଦାସ, ଦସ୍ୟୁ



ଟିପ୍ପଣୀ



**୨୯.୨** ୧) ରାଜଧାନୀ

୨) ଯୋଜନା

୩) ଖାଦ୍ୟ ଉତ୍ପାଦନ

୪) ବିଜ୍

**୨୯.୩** ୧) ମଗଧ

୨) ଭୂମି ଉପରେ ଏବଂ ନଦୀ ସହିତ

୩) ୧/୬

୪) ବିମ୍ବିସାର, ଅଜାତଶତ୍ରୁ, ମହାପଦ୍ମନନ୍ଦ

**ପାଠାନ୍ତ ପ୍ରଶ୍ନ ପାଇଁ ସଙ୍କେତ**

୧) ଅନୁଚ୍ଛେଦ ୨୯.୧.୨ ଦେଖ

୨) ଅନୁଚ୍ଛେଦ ୨୯.୧.୪ ଦେଖ

୩) ଅନୁଚ୍ଛେଦ ୨୯.୧.୪ ଶେଷ ପାଞ୍ଚ ପଏଣ୍ଟ

୪) ଅନୁଚ୍ଛେଦ ୨୯.୧.୪ ପାରା ୪ ଦେଖ

୫) ଅନୁଚ୍ଛେଦ ୨୯.୩ ଦେଖ

୬) ଅନୁଚ୍ଛେଦ ୨୯.୫ ଦେଖ





# ୩୦

# ପ୍ରାରମ୍ଭିକ ରାଷ୍ଟ୍ର

ପ୍ରାଚୀନ ଭାରତ ଇତିହାସରେ ଆମ୍ଭେ ହରପ୍ପାର ସହରୀ ସଭ୍ୟତାଠାରୁ ଆରମ୍ଭ କରି ଗୁପ୍ତ ବଂଶର ଶାସ୍ତ୍ରୀୟ ପୁରାତନ ଯୁଗ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାରର ସମାଜ ବିଷୟରେ ଜ୍ଞାନ ପ୍ରାପ୍ତି କରିଅଛୁଁ। ଏହି ସମୟରେ ଆମ୍ଭେ ଏକ ଶ୍ରେଣୀବଦ୍ଧ କେନ୍ଦ୍ରୀଭୂତ ଏବଂ ବିକେନ୍ଦ୍ରୀକୃତ ସରକାର ଦେଖିବାକୁ ପାଉ। ସେମାନଙ୍କ ମଧ୍ୟରୁ କେତେକ ନିଜ ନିଜର ରାଜନୈତିକ ଗଠନ ପ୍ରଣାଳୀ ଏବଂ ଶାସନ କ୍ଷେତ୍ରରେ ଅତ୍ୟଧିକ ସଂଗଠିତ ଥିବା ସ୍ଥଳେ ଅନ୍ୟମାନେ ଆଭ୍ୟନ୍ତରୀଣ ସମସ୍ୟା ଏବଂ ଶାସନ କ୍ଷମତାର ବିଭାଜନ ପାଇଁ ଦୁର୍ବଳ ହୋଇପଡିଥିଲେ।

## ଉଦ୍ଦେଶ୍ୟ

ଏହା ଅଧ୍ୟୟନ କଲାପରେ ତୁମେ:-

- ପ୍ରାଚୀନ ଭାରତର ରାଜ୍ୟ ବ୍ୟବସ୍ଥାର ବିକାଶର ବ୍ୟାଖ୍ୟା କରିପାରିବ
- ବିଭିନ୍ନ ପ୍ରକାର ରାଷ୍ଟ୍ର ମଧ୍ୟରେ ପ୍ରଭେଦ ଦେଖିପାରିବେ।
- ବୁଝିପାରିବ ଯେ କିପରି ଶକ୍ତିଶାଳୀ ରାଷ୍ଟ୍ରର ସୃଷ୍ଟି ହେଲା।

## ୩୦.୧-ପୃଷ୍ଠଭୂମି

ମାନବ ସମାଜର ପ୍ରାରମ୍ଭରେ ଏହା ମୁଖ୍ୟତଃ ଏକ ଜନଜାତୀୟ ସମାଜ ଥିଲା। ସେମାନଙ୍କ ମଧ୍ୟରେ ବିଶ୍ୱାସ ଥିଲା ଯେ ସମସ୍ତ ମନୁଷ୍ୟ ସମାନ ଏବଂ ସମସ୍ତଙ୍କର ସମାନ ଅଧିକାର ରହିଅଛି। ରାଷ୍ଟ୍ର ଗଠନର ଚିନ୍ତାଧାରା ସାଧାରଣତଃ ସମ୍ପଦ ଉପରେ ନିୟନ୍ତ୍ରଣ ପାଇଁ ହୋଇଥିବା ସଂଘର୍ଷର ପରିଣାମ ଅଥବା ଏକ ଶ୍ରେଣୀଭୁକ୍ତ ଅର୍ଥ ବ୍ୟବସ୍ଥା ଅଥବା ବିଭିନ୍ନ ସ୍ତରରେ ସମାଜ ନିଜର ବିନ୍ୟାସ କରିବା ସମୟରେ ସୃଷ୍ଟି ହୋଇଥିଲା। ଶ୍ରେଣୀଭୁକ୍ତ ସମାଜର ବିକାଶ ରାଷ୍ଟ୍ର ବ୍ୟବସ୍ଥା ପ୍ରଣାଳୀର ପରିବର୍ତ୍ତନ ପାଇଁ ଅପରିହାର୍ଯ୍ୟ ଥିଲା। ଜନସଂଖ୍ୟାରେ ବୃଦ୍ଧି ତଥା ଉପବିଷ୍ଟ(Sedentary) ଜୀବନଯାପନ ଶୈଳୀ ମଧ୍ୟ ଏହାର ଅନ୍ୟ କାରଣ ଥିଲା।

## ୩୦.୨ ରାଜତନ୍ତ୍ର ଚିନ୍ତାଧାରାର ବିକାଶ

ପ୍ରତ୍ନତାତ୍ତ୍ୱିକ ପ୍ରମାଣ ଅନୁସାରେ ହରପ୍ପାରେ ଏକ ସୁଦୃଢ଼, କେନ୍ଦ୍ରିୟ କ୍ଷମତା ଥିବାର ଜଣାଯାଏ। ବୈଦିକ ରାଜତନ୍ତ୍ରରେ କୁଳର ମୁଖ୍ୟ ରାଜା ହୋଇ କାଳକ୍ରମେ ଈଶ୍ୱରଙ୍କ ସମତୁଲ୍ୟ ମର୍ଯ୍ୟାଦାର ଅଧିକାରୀ ହେଉଥିଲେ। ବୌଦ୍ଧ ଏବଂ ଜୈନ ଚିନ୍ତାଧାରା ଈଶ୍ୱରତ୍ୱକୁ ଉପେକ୍ଷା କରୁଥିଲେ। ତାଙ୍କ ମତରେ ପ୍ରକୃତି କୋଳରେ ମନୁଷ୍ୟର ସମସ୍ତ ଆବଶ୍ୟକତାଗୁଡିକ ଅତି ସହଜରେ ପୂରଣ

ଟିପ୍ପଣୀ

ହେଉଥିଲା । କ୍ରମେ ଏଥିରେ ଅବକ୍ଷୟ ଘଟି ମନୁଷ୍ୟକୁ କଳୁଷିତ କରିବା ସହିତ ତା'ର କାମନାର ଜାଗରଣ ହୋଇଥିଲା ।

ଏହାଦ୍ୱାରା ବ୍ୟକ୍ତିଗତ ସମ୍ପତ୍ତି ଏବଂ ପରିବାରର ଧାରଣା ସୃଷ୍ଟି ହେବା ସହିତ ଶେଷରେ ତା'ଠାରେ ଅନୈତିକ ବ୍ୟବହାର ଦେଖାଗଲା । ଉକ୍ତ ଅରାଜକତା ପରିପ୍ରେକ୍ଷୀରେ ମନୁଷ୍ୟମାନେ ଏକତ୍ରୀତ ହୋଇ ସେମାନଙ୍କ ମଧ୍ୟରୁ ଜଣକୁ ବାଛିବା ପାଇଁ ଚିନ୍ତା କଲେ (ତାଙ୍କୁ ମହା ସାମନ୍ତ କୁହାଯାଏ) ଏବଂ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଆୟତରେ ରଖିବା ପାଇଁ ତାଙ୍କୁ କିଛି କିଛି କ୍ଷମତା ପ୍ରଦାନ କଲେ । ଏହିପରି ଭାବେ କ୍ରମେ କ୍ରମେ ରାଷ୍ଟ୍ର ଅନୁଷ୍ଠାନର ସୃଷ୍ଟି ହେଲା । ପରବର୍ତ୍ତୀ ମତବାଦ ଅନୁସାରେ ଶାସକ ଏବଂ ପ୍ରଜାଙ୍କ ମଧ୍ୟରେ ହୋଇଥିବା ଚୁକ୍ତିକୁ ରାଷ୍ଟ୍ର ଗଠନର ମୂଳତତ୍ତ୍ୱ ବୋଲି ଧାରଣ କରାଯାଉଅଛି । ବ୍ରାହ୍ମଣୀୟଉତ୍ସ (Sources) ବିଶ୍ୱାସ କରେ ଯେ ଦେବତାମାନେ ରାଜାଙ୍କୁ ନିଯୁକ୍ତି ପ୍ରଦାନ କରୁଥିଲେ । ଏବଂ ରାଜା ଓ ପ୍ରଜାଙ୍କ ମଧ୍ୟରେ ଶୁଲ୍କ ଦବାନବା ପାଇଁ ଏକ ଚୁକ୍ତି ହୋଇଥିଲା । ସେ ସମୟରେ ମଧ୍ୟ ମତ୍ସ୍ୟନ୍ୟାୟ (Matsyanyaya) ପ୍ରଚଳିତ ଥିଲା । ଏହା ଅନୁସାରେ ଅବ୍ୟବସ୍ଥା ସମୟରେ ଯେତେବେଳେ କୌଣସି ରାଜା ନଥାନ୍ତି ସେତେବେଳେ ଶକ୍ତିଶାଳୀମାନେ ଦୁର୍ବଳକୁ ଗିଳି ପକାଉଥିଲେ, ଯେପରିକି ଦୁର୍ଭିକ୍ଷ ସମୟରେ ବଡ଼ମାଛମାନେ ଛୋଟମାଛକୁ ଖାଇ ଯାଉଥିଲେ । ଏଣୁ ଜଣେ ରାଜାଙ୍କର ଆବଶ୍ୟକତା ଲୋକଙ୍କର ଦୃଷ୍ଟିଗୋଚର ହେଲା । ଯେ ଥିଲେ ଅଖଣ୍ଡ (absolute) । ରାଷ୍ଟ୍ରର ସ୍ଥିତି ମୁଖ୍ୟତଃ ଦୁଇଟି ଘଟଣା ଉପରେ ନିର୍ଭର କରୁଥିଲା: ଦଣ୍ଡ (ପ୍ରାଧିକାରୀ) ଏବଂ ଧର୍ମ (ସାମାଜିକ ବ୍ୟବସ୍ଥା ଅର୍ଥାତ୍ ଜାତି ପ୍ରଥାକୁ ସଂରକ୍ଷଣ କରିବ) । ଅର୍ଥଶାସ୍ତ୍ର ରାଷ୍ଟ୍ରର ସପ୍ତାଙ୍ଗକୁ ବର୍ଣ୍ଣନା କରିଅଛି, ସେଗୁଡିକ ହେଲା ରାଜା, ଶାସନ, ରାଜ୍ୟ ରାଜଧାନୀ, ରାଜକୋଷ, ଶକ୍ତି ସମ୍ପନ୍ନ ଉଚ୍ଚ କର୍ତ୍ତୃପକ୍ଷ (Forceful Authority) ଏବଂ ସହଯୋଗି । ଏଥି ସହିତ ଆସ୍ତେ ଆସ୍ତେ ରାଜନୈତିକ ଧାରଣା ବିଲୀନ ହେବା ଆରମ୍ଭ ହୋଇଥିଲା । ଏହାର ମୁଖ୍ୟ କାରଣ ହେଲା ସାଧାରଣତନ୍ତ୍ରରେ ରାଜନୈତିକ ପରମ୍ପରାର ପତନ ତଥା ରାଜତନ୍ତ୍ରର ସମାନୁପାତିକ ଆଧିପତ୍ୟ ବିସ୍ତାର ଯେଉଁଠାରେ ଆନୁଗତ୍ୟ ରାଜାଙ୍କ ଆଡ଼କୁ ନିର୍ଦ୍ଦେଶିତ ହୋଇଥାଏ । ମୌର୍ଯ୍ୟ ସାମ୍ରାଜ୍ୟର ଆବିର୍ଭାବ ରାଜତନ୍ତ୍ରର ଧାରଣାକୁ ସୁଦୃଢ଼ କରିଥିଲା । ଦ୍ୱିତୀୟଟି ହେଲା ସାମାଜିକ ବ୍ୟବସ୍ଥା ଦୃଷ୍ଟିରୁ ଧର୍ମ, ଯାହା ରାଷ୍ଟ୍ରପ୍ରତି ଦୃଷ୍ଟିକୁ ଅସ୍ପଷ୍ଟତା ପରିବର୍ତ୍ତେ ମାତ୍ରାଧିକ ଆନୁଗତ୍ୟ ଦାବି କରିଥାଏ । ରାଜାଙ୍କ କର୍ତ୍ତବ୍ୟ ଥିଲା ଧର୍ମକୁ ରକ୍ଷା କରିବା । ଯେ ପର୍ଯ୍ୟନ୍ତ ସାମାଜିକ ବ୍ୟବସ୍ଥା ଅକ୍ଷୁର୍ଣ୍ଣ ଥିବ ସେ ପର୍ଯ୍ୟନ୍ତ ଅରାଜକତାର ପ୍ରଶ୍ନ ଉଠିବ ନାହିଁ । ଭାରତୀୟ ସଂସ୍କୃତିର ମୌଳିକ ଦୃଷ୍ଟିକୋଣ ହେଲା ସାମାଜିକ ବ୍ୟବସ୍ଥା ପ୍ରତି ଆନୁଗତ୍ୟ । ଏଥିପାଇଁ ବିଗତ ଅନେକ ଶତାବ୍ଦୀ ଧରି ପ୍ରମୁଖ ସାମାଜିକ ଅନୁଷ୍ଠାନଗୁଡିକ ହୃଦୟସ୍ପର୍ଶୀ ହୋଇ ନିଜ ନିଜର ସ୍ଥିତି ବଜାୟ ରଖିଛନ୍ତି । ଯାହାହେଉ ଏହା ମଧ୍ୟ ରାଷ୍ଟ୍ରର ରାଜନୈତିକ ବିଚାର ପ୍ରତି ଥିବା ଆନୁଗତ୍ୟ ବା ନିଷ୍ଠାକୁ ପରିବର୍ତ୍ତନ କରିଥିଲା ଯାହାଦ୍ୱାରା ଅନ୍ୟପକ୍ଷରେ ବାରମ୍ବାର ସାମ୍ରାଜ୍ୟର ସୃଷ୍ଟି ଓ ଅତ୍ୟଧିକ ରାଜନୈତିକ ଚେତନା ଦୃଷ୍ଟିଗୋଚର ହୋଇଥିଲା । ମୌର୍ଯ୍ୟ ସାମ୍ରାଜ୍ୟର ପତନ ପରେ ଅନ୍ୟ ଏକ ସାମ୍ରାଜ୍ୟର ଉତ୍ପତ୍ତି ପାଇଁ ଅନେକ ଶତାବ୍ଦୀ ଲାଗିଗଲା ।

ଟିପ୍ପଣୀ

## ୩୦.୩ ସିନ୍ଧୁ ଓ ବୈଦିକ ରାଜନୈତିକ ବା ସରକାରୀ ସଂଗଠନ: ରାଷ୍ଟ୍ର ପୂର୍ବରୁ ରାଷ୍ଟ୍ର ପର୍ଯ୍ୟନ୍ତ

ସିନ୍ଧୁ ଉପତ୍ୟକାର ନଗରୀ ସଭ୍ୟତା ସେହି କ୍ଷେତ୍ରରୁ ସୃଷ୍ଟି ହୋଇଥିବା ଜଟିଳ ଯୋଜନା ତଥା ସେହି ସମୟର ଆଦର୍ଶ ଅନୁସାରେ ବସବାସ କରୁଥିବା ଲୋକଙ୍କ ବିଷୟରେ ସୂଚନା ଦେଇଥାଏ । ପ୍ରତ୍ନତାତ୍ତ୍ୱିକ ଉପାଦାନର ବହୁଳ ପ୍ରମାଣ ସତ୍ତ୍ୱେ ସିନ୍ଧୁ ରାଷ୍ଟ୍ରର ସାମାଜିକ ଓ ରାଜନୈତିକ ଗଠନ ପ୍ରଣାଳୀ କଳ୍ପନାର ଏକ ବସ୍ତୁ ହୋଇ ରହିଛି । ସମ୍ପୂର୍ଣ୍ଣ ସିନ୍ଧୁ ଅଞ୍ଚଳରେ ପ୍ରଚଳିତ ଏକପ୍ରକାର ଓଜନ ଓ ମାପ ବ୍ୟବସ୍ଥା ଏବଂ ବିଶାଳ ଅନ୍ନ ଭଣ୍ଡାର ଭଳି ବୃହତ ପୂର୍ତ୍ତକାର୍ଯ୍ୟ (Civil work) କ୍ଷେତ୍ରରେ ବିକାଶ, ବିଶାଳ କ୍ଷେତ୍ର ଉପରେ ରାଜନୈତିକ ତଥା ପ୍ରଶାସନିକ ନିୟନ୍ତ୍ରଣର ସୁଦୃଢ଼ ବ୍ୟବସ୍ଥାର ଆଭାସ ପ୍ରଦାନ କରେ ।

ଆର୍ଯ୍ୟମାନେ ପ୍ରାୟ ଖ୍ରୀ:ପୂ:୧୫୦୦ ବେଳକୁ ଖାଇବର ଗିରିପଥ ଦେଇ ଭାରତରେ ପ୍ରବେଶ କରିଥିଲେ ଏବଂ ଭାରତ ଇତିହାସର ଅନ୍ୟ ଏକ ସଭ୍ୟତାକୁ ଜନ୍ମ ଦେଇଥିଲେ ଯାହାକୁ ବୈଦିକ ସଭ୍ୟତା କୁହାଯାଏ । ଆର୍ଯ୍ୟମାନେ ବିଭିନ୍ନ ଗୋଷ୍ଠୀରେ ବିଭକ୍ତ ହୋଇ ଭାରତର ଉତ୍ତର-ପଶ୍ଚିମାଞ୍ଚଳର ବିଭିନ୍ନ ସ୍ଥାନରେ ବସବାସ କରିବାକୁ ଲାଗିଲେ । ଗୋଷ୍ଠୀର ମୁଖିଆଙ୍କ ପଦ ଧିରେ ଧିରେ ବଂଶାନୁଗତ ହୋଇଥିଲା କିନ୍ତୁ ମୁଖିଆ ସାଧାରଣତଃ ଏକ ସମିତି ଅଥବା ସମ୍ପୂର୍ଣ୍ଣ ଗୋଷ୍ଠୀର ଉପଦେଶ ମାଧ୍ୟମରେ କାର୍ଯ୍ୟ କରୁଥିଲେ । ଗୋଷ୍ଠୀ ମୁଖିଆ ରାଜା ଉପାଧି ଧାରଣ କରୁଥିଲେ ଏବଂ ପ୍ରଥମେ ଯୁଦ୍ଧ-ନେତା (war-lords)ଙ୍କ ଠାରୁ ଅଳ୍ପ ଅଧିକ ସ୍ତରରେ ଥିଲେ ଏବଂ ନିଜ ଗୋଷ୍ଠୀକୁ ସୁରକ୍ଷା ପ୍ରଦାନ କରିବା ସେମାନଙ୍କର ମୁଖ୍ୟ କର୍ତ୍ତବ୍ୟ ଥିଲା । ରାଜାଙ୍କ କ୍ଷମତା ପୁରୋହିତମାନଙ୍କର ଉଚ୍ଚ-କର୍ତ୍ତୃପକ୍ଷଙ୍କ ସମତୁଲ ହୋଇଥିଲା । ବୈଦିକ ରାଜତନ୍ତ୍ର (kingship) ଆର୍ଯ୍ୟମାନଙ୍କର ପାରିପାର୍ଶ୍ୱିକ ଅବସ୍ଥାର ସ୍ୱାଭାବିକ ପରିଣାମ ଥିଲା । ରାଜା ଯୁଦ୍ଧର ମୁକାବିଲା ତଥା ସୁରକ୍ଷା ପ୍ରଦାନ କରିବା ପାଇଁ ଲୋକମାନଙ୍କର ନେତୃତ୍ୱ ଗ୍ରହଣ କରୁଥିଲେ । ତାଙ୍କୁ "ଲୋକଙ୍କ ରକ୍ଷାକର୍ତ୍ତା" ବୋଲି କୁହାଯାଏ । ଋକ୍‌ବେଦର ଏକ ଅଧ୍ୟୟନରୁ ଜଣାପଡ଼େ ଯେ ରାଜା କେବଳ ଏକ ଆଦିମ ଗୋଷ୍ଠୀର ଜଣେ ନେତା ନଥିଲେ ବରଂ ନିଜପାଇଁ ଏକ ଖ୍ୟାତି ସମ୍ପନ୍ନ ସ୍ଥାନ ଅଧିକାର କରିଥିଲେ । ଲୋକଙ୍କୁ ସୁରକ୍ଷା ପ୍ରଦାନ କରିବା ରାଜାଙ୍କର ପବିତ୍ର କର୍ତ୍ତବ୍ୟ ଥିଲା । ଏହାର ପ୍ରତିବଦଳରେ ସେ ରାଜଦେୟ ହିସାବରେ ନିଜ ପ୍ରଜାଙ୍କର ଆଜ୍ଞାନୁବର୍ତ୍ତିତା ତଥା ଆନୁଗତ୍ୟ ଆଶାକରୁଥିଲେ ତଥା ଗ୍ରହଣ କରୁଥିଲେ ।

ଦୃଢ଼ ରାଜନୈତିକ ଭିତ୍ତିଭୂମିର ଅଭାବ ତଥା ସେମାନଙ୍କ ଆଭ୍ୟନ୍ତରିଣ ଜାତିପ୍ରଥାର ଅସ୍ଥିରତା ପାଇଁ ଆର୍ଯ୍ୟମାନେ ଅଣ-ଆର୍ଯ୍ୟ (ଅନାର୍ଯ୍ୟ/ଦ୍ରାବିଡ଼)ମାନଙ୍କ ବିରୁଦ୍ଧରେ ଏକତ୍ରୀତ ହୋଇ ପାରିନଥିଲେ । ସାମ୍ରାଜ୍ୟର ଦୁର୍ବଳତାର ଲକ୍ଷଣ ପାଇଁ, କଠୋର ଜାତି ପ୍ରଥା ଯାହାକି ଲୋକମାନଙ୍କୁ ବିଭାଜିତ କରିବା ସଙ୍ଗେ ସଙ୍ଗେ ସେମାନଙ୍କ ମଧ୍ୟରେ ଅସ୍ଥିରତାର ଚିନ୍ତାଧାରା ସୃଷ୍ଟି, ମୁଖ୍ୟତ ଦାୟୀ । ଏହିସବୁ କାରଣ ହେତୁ ବୈଦିକ ସମାଜ ସିନ୍ଧୁ ସଭ୍ୟତା ତୁଳନାରେ ଅନେକ ମାତ୍ରାରେ କମ୍ ସଂଗଠିତ ଥିଲା ।

ବୈଦିକ ଯୁଗର ପ୍ରାରମ୍ଭରୁ ଜନ ନାମକ ରାଜନୈତିକ ଅଞ୍ଚଳ ଥିଲା ଯାହାକି ପରବର୍ତ୍ତୀ ସମୟରେ ଜନପଦ ଓ ମହାଜନପଦରେ ପରିଣତ ହୋଇଥିଲା । ଜନ ହେଉଛି ଗୋଟାଏ ଅଞ୍ଚଳ ଯେଉଁଠାରେ ଗୋଟଏ ଗୋଷ୍ଠୀର ଲୋକ ବସବାସ କରୁଥିଲେ । ଉକ୍ତ ଗୋଷ୍ଠୀଗୁଡିକର



ଟିପ୍ପଣୀ



ନାମକରଣ ଜଣେ ଜଣେ ନିର୍ଦ୍ଦିଷ୍ଟ ସର୍ଦ୍ଦାରଙ୍କ ନାମ ଅନୁସାରେ ହେଉଥିଲା । ପରେ ପରେ ଭୂଖଣ୍ଡର ବିସ୍ତାର ହେବାରୁ ରାଜନୈତିକ ସଙ୍ଗଠନର ସ୍ୱରୂପରେ ପରିବର୍ତ୍ତନ ଆସିଲା ।

ବୈଦିକ ଯୁଗ ପରେ ସରକାରର ଏକ ନୂତନ ବ୍ୟବସ୍ଥା ରୂପେ ସରକାରଙ୍କ ଶାସନ କଳାର ବିକାଶ ହେଲା । ଗୋଷ୍ଠୀ ରାଷ୍ଟ୍ରର (Tribal State) ଏକତା ତଥା ଶ୍ରେଷ୍ଠ ଯୋଦ୍ଧାମାନଙ୍କର ରାଜନୈତିକ ଶକ୍ତି ରାଜତ୍ୱର (Kingship) ଏକ ନୂତନ ଶୈଳୀକୁ ବିକଶିତ କଲା । ଏକ ପେଷାଦାର ସୈନ୍ୟବାହିନୀର ସ୍ଥାପନ ତଥା ରାଜାଙ୍କ ଉପରେ ଅଧିକ ନିର୍ଭରଶୀଳ ବଢ଼ାଇବା ଉକ୍ତ ନୂତନ ଶାସନ ବ୍ୟବସ୍ଥାର ମୂଳ ଲକ୍ଷ୍ୟ ଥିଲା । ଏହି ଶାସନ କଳାର ଉଦ୍ଦେଶ୍ୟ ହେଲା କ୍ଷତିପୂରଣର ଆଦାୟ ଏବଂ ସାମ୍ରାଜ୍ୟ ବିସ୍ତାର ବଦଳରେ ପ୍ରାକୃତିକ ସମ୍ପଦ ଥିବା କ୍ଷେତ୍ରକୁ ତଥା କର ଦେଉଥିବା ଚାଷୀମାନଙ୍କୁ ଅଧିକାର କରିବା ।

## ୩୦.୪ ମହାଜନପଦ

ମୌର୍ଯ୍ୟ ସାମ୍ରାଜ୍ୟ ସ୍ଥାପନର ଏକ ଶହ ବର୍ଷ ପୂର୍ବ ସମୟଟିଥିଲା ଦୃଢ଼ ସାମାଜିକ ଓ ଆର୍ଥିକ ପ୍ରଗତିର ସମୟ । ସେହି ସମୟରେ କୋଶଳ ଏବଂ ମଗଧ ରାଜ୍ୟର ବିକାଶ ଘଟିଥିଲା । ଏହି ସମୟରେ ଗୋଷ୍ଠୀ ରାଜନୀତି ଛୋଟ ଛୋଟ ଖଣ୍ଡରେ ବିଭକ୍ତ ହେବା ତଥା ଜାତିପ୍ରଥାର ବିକାଶ ଏବଂ ଚାଉଳ ଉତ୍ପାଦନକାରୀ ଗାଙ୍ଗେୟ ସମତଳ ଭୂମିକୁ ବାସସ୍ଥାନ ପରିବର୍ତ୍ତନ ଆଦି ଘଟଣାମାନ ଦୃଷ୍ଟିଗୋଚର ହୋଇଥିଲା । ପୁରାତନ ସାମାଜିକ ସମ୍ପର୍କର ବିଘଟନ ହବା ସମୟରେ ସାମାଜିକ ଓ ରାଜନୈତିକ ସମ୍ବନ୍ଧରେ ନୂତନ ମାର୍ଗର ସ୍ଥାପନା ସମୟରେ ମହାପରିବର୍ତ୍ତନ ଉପରେ ଆଧାରିତ ଚିନ୍ତାଧାରାର ବିକାଶ ଆମ୍ଭେ ଦେଖୁଁ । ବୌଦ୍ଧ ଧର୍ମ ଓ ଜୈନ ଧର୍ମର ଆର୍ବିଭାବ ଏହି ପରିବର୍ତ୍ତନର ପରିଣାମ ଥିଲା । ଖ୍ରୀ:ପୂ:୧୫୦୦ରୁ ଖ୍ରୀ:ପୂ:୮୦୦ ମଧ୍ୟରେ ଗଙ୍ଗା ଏବଂ ଯମୁନା ନଦୀର ମଧ୍ୟବର୍ତ୍ତୀ ସମତଳ ଅଞ୍ଚଳରେ ଘନ ଜଙ୍ଗଲ ସଫା କରି ସେଠାରେ ବିଭିନ୍ନ ଗୋଷ୍ଠୀର ବସତି ସ୍ଥାପନ କରିବା ସହିତ ଆର୍ଯ୍ୟମାନେ ନିଜର ମୂଳ ଅବସ୍ଥାନ ପଞ୍ଜାବରୁ ଆସ୍ତେ ଆସ୍ତେ ପୂର୍ବ ଆଡ଼କୁ ଅଗ୍ରସର ହେବା ଆରମ୍ଭ କଲେ । ଖ୍ରୀ:ପୂ: ୫୦୦ ବେଳକୁ ଉତ୍ତର ଭାରତର ଅଧିକାଂଶ ଅଞ୍ଚଳରେ ଚାଷବାସ ତଥା ବସତି ସ୍ଥାପିତ ହୋଇ ଯାଇଥିଲା । ଲୌହଜାତ କୃଷି ଉପକରଣର ବ୍ୟବହାରିକ ଜ୍ଞାନର ବୃଦ୍ଧି, ବଳଦ ଦ୍ୱାରା ଚାଳିତ ଲଙ୍ଗଳ ତଥା ସ୍ୱେଚ୍ଛାକୃତ ଓ ଅନିଚ୍ଛାକୃତ ଶ୍ରମିକ ସୃଷ୍ଟି କରୁଥିବା ବର୍ଦ୍ଧିତ ଜନସଂଖ୍ୟା ଏହାର ମୁଖ୍ୟ କାରଣ ଥିଲା । କ୍ରମେ ନୌ ବାଣିଜ୍ୟ ତଥା ଅନ୍ତଃଦେଶୀୟ ବାଣିଜ୍ୟ ବ୍ୟବସାୟର ବୃଦ୍ଧି ଦ୍ୱାରା ଗଙ୍ଗାନଦୀ କୂଳରେ ଥିବା ଅନେକ ସହରଗୁଡ଼ିକ ବାଣିଜ୍ୟ, ସଂସ୍କୃତି ତଥା ଭୋଗ ବିଳାସର କେନ୍ଦ୍ର ହୋଇଥିଲା । ଜନସଂଖ୍ୟା ବୃଦ୍ଧି ତଥା ଅତ୍ୟଧିକ ଉତ୍ପାଦନ ନୂଆ ନୂଆ ସ୍ୱାଧୀନ ରାଷ୍ଟ୍ରର ସୃଷ୍ଟି ପାଇଁ ଅନୁକୂଳ ବାତାବରଣ ଯୋଗାଇଥିଲା । ଉକ୍ତ ରାଷ୍ଟ୍ରମାନଙ୍କର ସୀମା ଅନିଶ୍ଚିତ ଥିବାରୁ ଏମାନଙ୍କୁ ନେଇ ବାରମ୍ବାର କଳହ ସୃଷ୍ଟି ହେଉଥିଲା ।

ଗୋଷ୍ଠୀ ମୁଖିଆଙ୍କ ନେତୃତ୍ୱରେ ଥିବା ମୁଖ୍ୟ ପ୍ରଶାସନିକ ବ୍ୟବସ୍ଥା କାଳକ୍ରମେ କେତେକ ପ୍ରାଦେଶିକ ଗଣରାଜ୍ୟ ତଥା ବଂଶାନୁକ୍ରମିକ ରାଜତନ୍ତ୍ରରେ ରୂପାନ୍ତରିତ ହୋଇଥିଲା । ଏହା ଖଜଣା ଆଦାୟ କରିବା ତଥା ଯମୁନା ନଦୀର ପୂର୍ବ ଓ ଦକ୍ଷିଣ ପଟେ ବସତି ତଥା କୃଷିର ବିସ୍ତାର ପାଇଁ ଶ୍ରମିକମାନଙ୍କୁ ବାଧ୍ୟତାମୂଳକ ଭାବେ ଶ୍ରେଣୀଭୁକ୍ତ କରିଥିଲା । ନୂତନଭାବେ ଗଢ଼ି ଉଠିଥିବା ଉକ୍ତ ରାଷ୍ଟ୍ରଗୁଡିକ କର୍ମଚାରୀମାନଙ୍କ ଦ୍ୱାରା ରାଜସ୍ୱ ଆଦାୟ କରୁଥିଲେ, ସେନାବାହିନୀ ସ୍ଥାପନ





କରିଥିଲେ ତଥା ନୂତନ ସହର ସ୍ଥାପନ ଓ ରାଜପଥ ନିର୍ମାଣ କରିଥିଲେ । ଖ୍ରୀ:ପୂ: ୬୦୦ ବେଳକୁ ଆଧୁନିକ ଆଫଗାନିସ୍ଥାନଠାରୁ ଆରମ୍ଭ କରି ବାଂଲାଦେଶ ପର୍ଯ୍ୟନ୍ତ ବିସ୍ତିର୍ଣ୍ଣ ଅଞ୍ଚଳରେ ଷୋହଳଟି ଆଞ୍ଚଳିକ ରାଷ୍ଟ୍ର ବିସ୍ତାର ଲାଭ କରିଥିଲା । ସିଂହାସନ ଉପରେ ରାଜାଙ୍କ ଅଧିକାର ସାବ୍ୟସ୍ତ କରିବାର ଉପାୟ ଜଣା ନଥିଲେ ମଧ୍ୟ ଏହାକୁ ବ୍ୟାପକ ଯାଗ ଯଜ୍ଞ, ବିଧିବିଧାନ ତଥା ବଂଶ ବୃତ୍ତାନ୍ତ ଯାହାକି ପୁରୋହିତଙ୍କ ମନରୁ ନିସୃତ ଏବଂ ଯେଉଁଥିରେ ରାଜାଙ୍କୁ ଏକ ଅସାଧାରଣ ବ୍ୟକ୍ତି ତଥା ସ୍ୱର୍ଗୀୟ ବୋଲି ବର୍ଣ୍ଣନା ଇତ୍ୟାଦିର ମାଧ୍ୟମରେ ସିଂହାସନ ଉପରେ ରାଜାଙ୍କର ଅଧିକାରକୁ ଆଇନ ସଙ୍ଗତ କରିଥିଲେ । ଗ୍ରନ୍ଥରୁ ଆମ୍ଭେ ଷୋଡ଼ଷ ମହାଜନପଦର ଉତ୍ପତ୍ତି ବିଷୟରେ ସଙ୍କେତ ପାଇଥାଉଁ । ମଗଧ, କୋଶଳ, ଅଭନ୍ତି, ବୈଶାଳୀ, ଲିଚ୍ଛାଭି ଆଦି ମହତ୍ୱପୂର୍ଣ୍ଣ ଥିଲା । ନିମ୍ନ ବର୍ଣ୍ଣନା ଅନୁସାରେ ମହାଜନପଦଗୁଡିକ ଦୁଇ ଭାଗରେ ବିଭକ୍ତ ହୋଇଥିଲା:-

**(୧) ରାଜତନ୍ତ୍ରୀୟ ମହାଜନପଦ**

ପ୍ରଥମେ ଏହାର ସୃଷ୍ଟି ହୋଇଥିଲା ଯେଉଁଠାରେ ରାଜା ଅଥବା ମୁଖିଆ ନିଜ କ୍ଷେତ୍ର ବା ଅଞ୍ଚଳର ମୁଖ୍ୟ ହୋଇଥିଲେ । ଏସବୁ ଗୁଡିକରେ ବୈଦିକ ଅନୁଷ୍ଠାନ ଏବଂ ବ୍ରାହ୍ମଣକୁ ଅଧିକ ମହତ୍ତ୍ୱ ଦିଆଯାଉଥିଲା । ଉକ୍ତ ଅଞ୍ଚଳରେ ରାଜା ନିଜେ ବୈଦିକ ଯଜ୍ଞ ଆଦି କରୁଥିଲେ । ଉଦାହରଣ ସ୍ୱରୂପ କୋଶଳ ରାଜତନ୍ତ୍ରୀୟ ମହାଜନପଦର ଶ୍ରେଣୀଭୁକ୍ତ ଥିଲା । ଏହାର ରାଜା ପ୍ରଶନ୍ନଜିତ୍ ଅନେକ ଯାଗଯଜ୍ଞ କରିଥିବାର ଜଣାଯାଏ ।

**(୨) ଗଣରାଜ୍ୟ ମହାଜନପଦ**

ଅନ୍ୟ ପ୍ରକାର ମହାଜନପଦଗୁଡିକ ହେଲା ଗଣରାଜ୍ୟ ଅଥବା ଗୋଷ୍ଠୀ ତନ୍ତ୍ରୀୟ ଥିଲା ଯାହାକି ରାଜତନ୍ତ୍ରଠାରୁ ଭିନ୍ନ ଥିଲା । ଏଗୁଡିକରେ ରାଜା କୁହାଯାଉଥିବା ଏକ ଦଳ ଦ୍ୱାରା ରାଜାଙ୍କୁ ବଛା ଯାଉଥିଲା । ଏଗୁଡ଼ିକରେ ଜନସଂଘ (Assembly) ଥିବାର ଉଲ୍ଲେଖ ଅଛି ଯାହାକୁ ସଭା କୁହାଯାଏ । ସେଠାରେ ସଦସ୍ୟମାନେ ନିର୍ଦ୍ଦିଷ୍ଟ ବିଷୟରେ ଆଲୋଚନା କରୁଥିଲେ ଏବଂ ପରେ ସେ ବିଷୟରେ ଭୋଟ ଗ୍ରହଣ ହେଉଥିଲା । ଏଭଳି ଏକ ଜନସଂଘର ଉଲ୍ଲେଖ ଅଛି ଯାହାର ସଭାରେ ୭୭୦୭ ଜଣ ରାଜା ସଦସ୍ୟ ଥିଲେ ଏବଂ ସେମାନେ ରଜନ୍ୟ ନାମକ ଏକ ଗୋଷ୍ଠୀର ପ୍ରତିନିଧିତ୍ୱ କରୁଥିଲେ । ସେମାନେ ଜମିର ମାଲିକ ଥିଲେ ଯାହାକୁ ଦାସ, କର୍ମକାର ତଥା ମୁଲିଆମାନେ ଚାଷ କରୁଥିଲେ । ଏହି ରାଜାମାନେ ନିଜର ଯୁଦ୍ଧ କରିବାର କ୍ଷମତା ପାଇଁ ପରିଚିତ ଥିଲେ । ଏହି ଶ୍ରେଣୀର ରାଷ୍ଟ୍ରରେ ବୈଦିକ ଯାଗଯଜ୍ଞକୁ ପ୍ରାଧାନ୍ୟ ଦିଆଯାଉ ନଥିଲା ଏବଂ ବ୍ରାହ୍ମଣମାନଙ୍କର ସାମାଜିକ ପ୍ରତିଷ୍ଠା କ୍ଷତ୍ରୀୟଙ୍କ ପରେ ଦୁଇ ନମ୍ବର ଥିଲା । ଉକ୍ତ ମହାଜନପଦଗୁଡ଼ିକର ଅଧ୍ୟୟନ ପାଇଁ ମୁଖ୍ୟ ଉପାଦାନ ହେଲା ବୌଦ୍ଧଗ୍ରନ୍ଥ ।

**(୩) ରାଜତନ୍ତ୍ର ତଥା ଗଣରାଜ୍ୟ ମହାଜନ ପଦ ମଧ୍ୟରେ ସଂଘର୍ଷ:**

ହିମାଳୟ ପାଦଦେଶରେ ଅବସ୍ଥିତ ଭ୍ରିଜି (Vriji) ରାଷ୍ଟ୍ରସଂଘ ଏକ ଶକ୍ତିଶାଳୀ ଗୋଷ୍ଠୀତନ୍ତ୍ର ଥିଲା । ଯାହାକି କେତେକ ରାଜତନ୍ତ୍ରୀୟ ରାଷ୍ଟ୍ରକୁ ଦୋଷାରୋପ କରୁଥିଲା । ମଗଧ ଏବଂ ଲିଚ୍ଛାଭି ଭଳି ରାଜତାନ୍ତ୍ରିକ ରାଷ୍ଟ୍ର ଏପରି ଦୂରାବସ୍ଥାରେ ଥିଲେ ଯେ ସେମାନେ ନିଜର ସାମ୍ରାଜ୍ୟ ବିସ୍ତାର କରିବା ପାଇଁ ସମର୍ଥ ନଥିଲେ । ମହାଜନପଦଗୁଡିକ ମଧ୍ୟରେ କ୍ଷମତା ତଥା ଆଧିପତ୍ୟ ପାଇଁ ସଂଘର୍ଷ



ଟିପ୍ପଣୀ

ଦେଖା ଦେଇଥିଲା । ଅଜାତଶତ୍ରୁ ନାମକ ଜଣେ ଉଚ୍ଚାଭିଳାଷୀ ରାଜା ମଗଧରେ ଥିଲେ । ସେ ପଡ଼ୋଶୀ ରାଜ୍ୟମାନଙ୍କୁ ଜୟ କରିବା ପାଇଁ ସ୍ଥିର କରିଥିଲେ । ଯୁଦ୍ଧ ଏବଂ ବୈବାହିକ ସମ୍ପର୍କ ବଳରେ ସେ କୋଶଳ ଏବଂ କାଶୀକୁ ପରାସ୍ତ କରିଥିଲେ ।

### ୩୦.୧ ପାଠଗତ ପ୍ରଶ୍ନ-ନିମ୍ନଲିଖିତ ବାକ୍ୟଗୁଡିକୁ ଠିକ୍ କରି ଆଉଥରେ ଲେଖ ।

୧) ପ୍ରାରମ୍ଭରେ ମାନବ ସମାଜ ମୁଖ୍ୟତଃ ଗୋଷ୍ଠୀଗତ ସମାଜ ନଥିଲା ।

.................................................................................

୨) ଅଶୋକ ମହାନଙ୍କ ଆର୍ବିଭାବ ଦ୍ୱାରା ରାଜତନ୍ତ୍ରର ରାଜନୈତିକ ଧାରଣାକୁ ଦୃଢ଼ୀଭୂତ କରିଥିଲା ।

.................................................................................

୩) ଆର୍ଯ୍ୟ ଗୋଷ୍ଠୀଗୁଡ଼ିକ ଏକ ମଜଭୁତ ରାଜନୈତିକ ଆଧାରର ଅଭାବ ହେତୁ ଅନାର୍ଯ୍ୟ ଲୋକଙ୍କ ବିରୁଦ୍ଧରେ ଏକତ୍ରୀତ ହୋଇଥିଲେ ।

.................................................................................

୪) ଏକ ସଭାରେ ୭୭୦୭/୭୦୭୭ ରାଜାମାନେ ଥିଲେ ଯେଉଁମାନେ ରାଜନ୍ୟ ଶ୍ରେଣୀକୁ ପ୍ରତିନିଧିତ୍ୱ କରୁଥିଲେ ।

.................................................................................

## ୩୦.୫ ମଗଧ ଏବଂ ମୌର୍ଯ୍ୟଙ୍କ ଉତ୍ଥାନ

ଏହି ପ୍ରକାର ରାଜତନ୍ତ୍ରିୟ ରାଜ୍ୟରେ ମଗଧ ଏକ ମହତ୍ୱପୂର୍ଣ୍ଣ ଶକ୍ତି ରୂପେ ପ୍ରତିଷ୍ଠିତ ହେଲା । ତା ସତ୍ତ୍ୱେ ତାକୁ ଲିଚ୍ଛାଭି ସହିତ ବହୁ ବର୍ଷ ଯୁଦ୍ଧ କରିବାକୁ ପଡ଼ିଥିଲା । ଅଜାତଶତ୍ରୁ ଭ୍ରିଜି ରାଷ୍ଟ୍ର ସଂଘର ବିଭିନ୍ନ ଗୋଷ୍ଠୀମାନଙ୍କ ମଧ୍ୟରେ ମତଭେଦ ସୃଷ୍ଟି କରିବା ପାଇଁ ନିଜ ମନ୍ତ୍ରୀଙ୍କୁ ପଠାଇଥିଲେ । ଏହି ଉଦ୍ୟମ ଫଳରେ ପରିଶେଷରେ ଅଜାତଶତ୍ରୁ ଲିଚ୍ଛାଭି ବିରୁଦ୍ଧରେ ସଫଳତା ହାସଲ କଲେ ଏବଂ ତାହା ମଗଧ ସାମ୍ରାଜ୍ୟର ଏକ ଅଂଶ ବିଶେଷ ହୋଇଥିଲା ।

ଏହି ଅଞ୍ଚଳ ଉତ୍ତର ବ୍ୟାପାର ମାର୍ଗକୁ ନିୟନ୍ତ୍ରିତ କରୁଥିଲା ତାହାକୁ "ଉତ୍ତରାପଥ" ବୋଲି କୁହାଯାଏ । ଅନ୍ୟପକ୍ଷରେ ଦକ୍ଷିଣ ବାଣିଜ୍ୟପଥ ମଗଧ ଅଧିନରେ ରହିଥିଲା ତାକୁ "ଦକ୍ଷିଣାପଥ" କୁହାଯାଏ । ଏହି ଅଞ୍ଚଳକୁ ଅଧିକାର କରିଥିବାରୁ ମଗଧ ଆର୍ଥିକ ସମ୍ପଦ ଯେପରିକି ଉର୍ବର ନଦୀ ଉପତ୍ୟକା ଏବଂ ଲୁହାପଥର ଖଣି, ଯାହାକି ବିଭିନ୍ନ ପ୍ରକାରର ବସ୍ତୁ ତିଆରି ପାଇଁ ବ୍ୟବହୃତ ହୋଇଥାଏ, ଆଦିକୁ ପରିଚାଳନା କରିପାରିଲା । ଏହି କାରଣ ପାଇଁ ଆମ୍ଭେ ଦେଖିବାକୁ ପାଉଁ ଯେ ରାଷ୍ଟ୍ରଗଠନର ପ୍ରାରମ୍ଭିକ ସଙ୍କେତ ମଗଧରୁ ହିଁ ଆରମ୍ଭ ହୋଇଥିଲା ।

ମୌର୍ଯ୍ୟବଂଶ ଦ୍ୱାରା ଶାସିତ ହେଉଥିବା ମୌର୍ଯ୍ୟ ସାମ୍ରାଜ୍ୟ ପ୍ରାଚୀନ ଭାରତର ସର୍ବ ବୃହତ ତଥା ସବୁଠାରୁ ଶକ୍ତିଶାଳୀ ରାଜନୈତିକ ଏବଂ ସାମରିକ ସାମ୍ରାଜ୍ୟ ଥିଲା । ଆଧୁନିକ ବିହାର ଏବଂ ବଙ୍ଗଳାର ସିନ୍ଧୁ-ଗାଙ୍ଗେୟ ସମତଳ ଅଞ୍ଚଳରେ ମଗଧ ରାଜ୍ୟ ସ୍ଥାପିତ ହୋଇଥିଲା । ଏହାର



ଟିପ୍ପଣୀ

ରାଜଧାନୀ ପାଟଳୀପୁତ୍ର (ଆଧୁନିକ ପାଟଣା ନିକଟରେ) ଥିଲା । ଏହି ସାମ୍ରାଜ୍ୟକୁ ଚନ୍ଦ୍ରଗୁପ୍ତ ମୌର୍ଯ୍ୟ ଖ୍ରୀ:ପୂ:୩୨୨ ମସିହାରେ ସ୍ଥାପନ କରିଥିଲେ । ସେ ନନ୍ଦରାଜାଙ୍କୁ ପରାଜିତ କରି ନିଜର ଶକ୍ତିକୁ ମଧ୍ୟଭାରତ ଓ ପଶ୍ଚିମ ଭାରତରେ ବିସ୍ତାର କରିଥିଲେ । ବିନ୍ଦୁସାରଙ୍କ ଦ୍ୱାରା ଭାରତର ମଧ୍ୟ ତଥା ଦକ୍ଷିଣ ପ୍ରଦେଶରେ ଉକ୍ତ ସାମ୍ରାଜ୍ୟର ବିସ୍ତାର କରାଯାଇଥିଲେ ମଧ୍ୟ କଳିଙ୍ଗ ନିକଟରେ ଥିବା ଏକ ଛୋଟ ଅନାବିଷ୍କୃତ, ଜନଜାତି ଅଧ୍ୟୁଷିତ ଜଙ୍ଗଲି ଅଞ୍ଚଳ ଉକ୍ତ ସାମ୍ରାଜ୍ୟଭୁକ୍ତ ହୋଇ ନଥିଲା ।

ଏକ ମହାସଂଗ୍ରାମରେ କଳିଙ୍ଗକୁ ଅଧିକାର କରିବା ପରେ ମହାନ ସମ୍ରାଟ୍ ଅଶୋକ ସୈନ୍ୟବାହିନୀ ଦ୍ୱାରା ରାଜ୍ୟ ବିସ୍ତାର ନୀତିକୁ ସମାପ୍ତ କରିଥିଲେ । ଏହା ଫଳରେ ଦକ୍ଷିଣ ଭାରତର ପାଣ୍ଡ୍ୟ ଓ ଚେର ରାଜ୍ୟ ଦ୍ୱୟ ମୌର୍ଯ୍ୟ ସମ୍ରାଟଙ୍କ ବସତି ସ୍ୱୀକାର କରି ନିଜ ନିଜର ସ୍ୱାଧୀନତାକୁ ରକ୍ଷା କରିପାରିଥିଲେ । ଇଂରେଜମାନଙ୍କ ଭାରତ ଆଗମନ ପର୍ଯ୍ୟନ୍ତ ଭାରତ ଉପମହାଦେଶକୁ ଶାସନ କରୁଥିବା ମୌର୍ଯ୍ୟ ସାମ୍ରାଜ୍ୟ ସମ୍ଭବତଃ ସର୍ବ ବୃହତ ସାମ୍ରାଜ୍ୟ ଥିଲା । ଅଶୋକଙ୍କ ଶାସନ ସମାପ୍ତିର ପଚାଶ ବର୍ଷ ପରେ ଉକ୍ତ ସାମ୍ରାଜ୍ୟର ପତନ ଆରମ୍ଭ ହୋଇଥିଲା ଏବଂ ଖ୍ରୀ:ପୂ:୧୮୫ ମସିହାରେ ସୁଙ୍ଗ ବଂଶର ମଗଧରେ ପ୍ରତିଷ୍ଠା ସହିତ ମୌର୍ଯ୍ୟ ସାମ୍ରାଜ୍ୟର ପରିସମାପ୍ତି ଘଟିଥିଲା ।

## ୩୦.୬ ମୌର୍ଯ୍ୟକାଳୀନ ରାଷ୍ଟ୍ର

ଚନ୍ଦ୍ରଗୁପ୍ତଙ୍କର ମନ୍ତ୍ରୀ କୌଟିଲ୍ୟ (ଚାଣକ୍ୟ) "ଅର୍ଥଶାସ୍ତ୍ର" ରଚନା କରିଥିଲେ । ଏହା ଅର୍ଥନୀତି, ରାଜନୀତି, ବୈଦେଶିକ ବ୍ୟାପାର, ପ୍ରଶାସନ, ସାମରିକ କଳା, ଯୁଦ୍ଧ ତଥା ଧର୍ମ ଉପରେ ଆଧାରିତ ପ୍ରାଚ୍ୟ ମହାଭୂଖଣ୍ଡର ଗ୍ରନ୍ଥମାନଙ୍କ ମଧ୍ୟରୁ ଏହା ସର୍ବଶ୍ରେଷ୍ଠ । ପ୍ରତ୍ନତତ୍ତ୍ୱବିତଙ୍କ ଅନୁସାରେ ଦକ୍ଷିଣ ଏସିଆରେ ମୌର୍ଯ୍ୟ ଶାସନ ସମୟ ଉତ୍ତର କୃଷ୍ଣ ମୃଣ୍ମୟ ପାତ୍ର (Northern Black Polished Ware) ଯୁଗର ସମସାମୟିକ । ଅର୍ଥଶାସ୍ତ୍ର ଏବଂ ଅଶୋକଙ୍କ ଶାସନାଦେଶ (ଅନୁଶାସନ)ଗୁଡିକ ମୌର୍ଯ୍ୟ କାଳର ଲିଖିତ ଅଭିଲେଖର ମୌଳିକ ଉପାଦାନ । ସାରନାଥରେ ଥିବା ଅଶୋକଙ୍କର ସିଂହ ସ୍ତମ୍ଭ ଭାରତ ସରକାରଙ୍କ ପ୍ରତୀକ ।

ମୌର୍ଯ୍ୟ ସାମ୍ରାଜ୍ୟ ବିଭିନ୍ନ ପ୍ରକାରର ରାଜନୈତିକ ସଂଗଠନ ତଥା ପରିବେଶିକ ଭୂମଣ୍ଡଳକୁ ନେଇ ଗଠିତ ହୋଇଥିଲା । ଏଥିରେ ବନବାସୀ, ଯାଯାବର, ମୁଖିଆ ତନ୍ତ୍ର ଏବଂ ଗଣସଂଘ ଅଥବା ରାଷ୍ଟ୍ରସଂଘ ପରି ଗୋଷ୍ଠୀତନ୍ତ୍ର ଇତ୍ୟାଦି ସାମିଲ ହୋଇଥିଲେ । ଉକ୍ତ ସାମ୍ରାଜ୍ୟରେ ଅନେକ ଛୋଟ ଛୋଟ ରାଷ୍ଟ୍ର ଅନ୍ତଃର୍ଭୁକ୍ତ ହୋଇଥିଲେ ଯାହାର ଶାସନ ବ୍ୟବସ୍ଥା ମଗଧଠାରୁ ଭିନ୍ନ ଥିଲା । ସାମ୍ରାଜ୍ୟର ବିଭିନ୍ନ ଅଞ୍ଚଳ ଯଥା:-କେନ୍ଦ୍ରାଞ୍ଚଳ, ମହାନଗରୀଗୁଡିକ ଏବଂ ସୀମାନ୍ତ ଅଞ୍ଚଳଗୁଡିକ ଅଲଗା ଅଲଗା ଢଙ୍ଗରେ ଶାସିତ ହେଉଥିଲା । ଏହି କାରଣରୁ ସମଗ୍ର ମୌର୍ଯ୍ୟ ସାମ୍ରାଜ୍ୟରେ ଏକ ପ୍ରକାର ଶାସନ ବ୍ୟବସ୍ଥା ନଥିଲା । କେନ୍ଦ୍ରାଞ୍ଚଳ ତଥା ମହାନଗରୀଗୁଡ଼ିକ ସିଧାସଳଖ ଭାବେ ରାଷ୍ଟ୍ରଦ୍ୱାରା ଶାସିତ ହେଉଥିବା ସମୟରେ ସୀମାନ୍ତ ଅଞ୍ଚଳଗୁଡ଼ିକୁ ସ୍ୱାୟତ୍ତତା ବା ଅତ୍ୟଧିକ ସ୍ୱାଧୀନତା ପ୍ରଦାନ କରାଯାଇଥିଲା କାରଣ ଏହି ଅଞ୍ଚଳରୁ କର ଏବଂ ରାଜଦେୟ ଆଦାୟକୁ ଅତ୍ୟଧିକ ଗୁରୁତ୍ୱ ଦିଆଯାଉଥିଲା । ପ୍ରଶାସନିକ ବ୍ୟବସ୍ଥା କହିଲେ ଏକ ଉଚ୍ଚତର ଅମଲାତନ୍ତ୍ରକୁ ବୁଝାଏ ଯାହାର ସଦସ୍ୟମାନଙ୍କୁ ସମାଜର ଉଚ୍ଚବର୍ଗରୁ ବଛାଯାଉଥିଲା ଏବଂ ସେମାନେ ମୋଟା ଅଙ୍କ ବିଶିଷ୍ଟ ଦରମା ପାଉଥିଲେ । ନିଯୁକ୍ତି ପାଇଁ କୌଣସି କେନ୍ଦ୍ରୀୟ ନିୟମ ନଥିବା ସ୍ଥଳେ ସ୍ଥାନୀୟ ଲୋକମାନଙ୍କୁ ମହାନଗରୀଠାରୁ ଦୂର ଅଞ୍ଚଳମାନଙ୍କରେ ନିଯୁକ୍ତି ପ୍ରଦାନ କରାଯାଉଥିଲା ।

ଅଶୋକଙ୍କ ଶାସନ କାଳରେ ମୌର୍ଯ୍ୟ ସାମ୍ରାଜ୍ୟକୁ ପାଞ୍ଚ ଭାଗରେ ସଂଗଠିତ କରାଯାଇଥିଲା । ମଗଧ ସହିତ ଅନ୍ୟ କିଛି ସଂଲଗ୍ନ ମହାଜନପଦଗୁଡ଼ିକ ପ୍ରତ୍ୟକ୍ଷ ଭାବରେ ପ୍ରଶାସନର ଅଧୀନରେ ଅବସ୍ଥାପିତ ହୋଇଥିଲେ । ମେଘାସ୍ଥିନିସ୍‌ଙ୍କ ବୃତ୍ତାନ୍ତ ଏବଂ ଅର୍ଥଶାସ୍ତ୍ରରୁ ଜଣାଯାଏ ଯେ ସାମ୍ରାଜ୍ୟର କେନ୍ଦ୍ରାଞ୍ଚଳରେ ଅପେକ୍ଷାକୃତ କେନ୍ଦ୍ରୀଭୂତ ଶାସନ ଚାଲୁଥିଲା ।

## ୩୦.୭ ମୌର୍ଯ୍ୟ ଅମଲାତନ୍ତ୍ର

ମୌର୍ଯ୍ୟ ସାମ୍ରାଜ୍ୟକୁ ଚାରୋଟି ପ୍ରଦେଶରେ ବିଭକ୍ତ କରାଯାଇଥିଲା ଏବଂ ରାଜଧାନୀ ପାଟଳୀପୁତ୍ରରେ ଥିଲା । ଅଶୋକଙ୍କ ଅନୁଶାସନ ଅନୁସାରେ ଚାରୋଟି ପ୍ରଦେଶର ରାଜଧାନୀଗୁଡ଼ିକ ନାମଗୁଡ଼ିକ ହେଲା ତୋଷାଳୀ (ପୂର୍ବରେ), ଉଜ୍ଜୟୀନି (ପଶ୍ଚିମରେ), ସୁବର୍ଣ୍ଣଗିରି(ଦକ୍ଷିଣରେ) ଏବଂ ତକ୍ଷଶୀଳା (ଉତ୍ତରରେ) । ପ୍ରାଦେଶିକ ଶାସନର ମୁଖ୍ୟଙ୍କୁ କୁମାର (Kumara) କୁହାଯାଏ । ସେ ରାଜାଙ୍କ ପ୍ରତିନିଧି ହିସାବରେ ପ୍ରଦେଶକୁ ଶାସନ କରୁଥିଲେ । ମହାମାତ୍ୟ ଏବଂ ମନ୍ତ୍ରୀପରିଷଦ କୁମାରଙ୍କୁ ଶାସନରେ ସାହାଯ୍ୟ କରୁଥିଲେ । ଉକ୍ତ ସାଂଗଠନିକ ଗଠନ ପ୍ରଣାଳୀର ସର୍ବୋଚ୍ଚ ସ୍ଥାନରେ (Imperial Level) ସମ୍ରାଟ ଏବଂ ତାଙ୍କର ମନ୍ତ୍ରୀ ପରିଷଦ ପ୍ରତିଫଳିତ ହେଉଥିଲା । ଅମଲାତନ୍ତ୍ର (Bureaucracy)ର ଆବଶ୍ୟକତା ଜିତିଥିବା ଅଞ୍ଚଳ ସମାନ ରୂପରେ ପୁନଃଗଠନ କରିବା ପାଇଁ ନୁହେଁ ବରଂ ରାଜସ୍ୱର ପ୍ରବାହକୁ ସୁନିଶ୍ଚିତ କରବା ପାଇଁ ପଡ଼ିଥିଲା । ସାମ୍ରାଜ୍ୟ ଉନ୍ନତିର ଚରମ ସୀମାରେ ପହଞ୍ଚିଥିବାବେଳେ ରାଜସ୍ୱ ସହିତ ଜଡ଼ିତ ଥିବା ଏକ ଗୋଷ୍ଠୀର ଅଫିସରମାନଙ୍କ ବିଷୟରେ ଉଲ୍ଲେଖ ଅଛି ଯେ ସେମାନଙ୍କୁ କୈନ୍ଦ୍ରିକ ଭାବରେ ନିଯୁକ୍ତି କରାଯାଉଥିଲା ଏବଂ ସେମାନଙ୍କୁ ନିଜ ନିଜ ଅଞ୍ଚଳରେ ଭ୍ରମଣ କରିବା ସଙ୍ଗେ ସଙ୍ଗେ ପ୍ରଜାମାନଙ୍କର ମଙ୍ଗଳ ପାଇଁ ଅନୁସନ୍ଧାନ କରିବାକୁ ପଡୁଥିଲା । ଜଳସେଚନ ବିକେନ୍ଦ୍ରୀକୃତ ହୋଇଥିବା ସ୍ଥଳେ କ୍ଷୁଦ୍ର ଯୋଜନା ମାଧ୍ୟମରେ ନଦୀ, ପୋଖରୀ, କୂଅ, ଝରଣା ତଥା ବନ୍ଧ କୁହାଯାଉଥିବା କୃତ୍ରିମ ଜଳାଶୟରୁ ଜଳ ନିଷ୍କାସନ କରାଯାଉଥିଲା । ବ୍ୟାପକ ଭାବେ ଜଳାଶୟ ଏବଂ ନଦୀବନ୍ଧଗୁଡ଼ିକୁ ସ୍ଥାନୀୟ ସମ୍ବଳ ଦ୍ୱାରା ନିର୍ମାଣ କରାଯାଉଥିବା ବେଳେ ନୂଆ ବସତି ଅଞ୍ଚଳମାନଙ୍କରେ ଜଳସେଚନ ପାଇଁ ସାମ୍ରାଜ୍ୟ ସହାୟତା ପ୍ରଦାନ କରୁଥିଲା । ପ୍ରମାଣରୁ ଜଣାଯାଏ ଯେ ଜଳସେଚନ ବ୍ୟବସ୍ଥାକୁ ସ୍ଥାନୀୟଭାବେ ନିୟନ୍ତ୍ରଣ କରାଯାଉଥିଲା ।

ମୌର୍ଯ୍ୟମାନେ ବାଣିଜ୍ୟ ବ୍ୟାପାରରୁ ରାଜସ୍ୱ ପାଇବା ପାଇଁ ଇଚ୍ଛୁକ ଥିଲେ । କିନ୍ତୁ ବାଣିଜ୍ୟ ବ୍ୟବସାୟକୁ ନିୟମିତ କରିବା ପାଇଁ କୌଣସି ସକ୍ରିୟ କାର୍ଯ୍ୟଭାର ଗ୍ରହଣ କରିନଥିଲେ । ସେମାନଙ୍କ ଦ୍ୱାରା କୌଣସି ନିର୍ଦ୍ଦିଷ୍ଟ ପ୍ରକାରର ଧାତବ ମୁଦ୍ରା ପ୍ରଚଳିତ ହୋଇନଥିବା ବିଷୟ ହିଁ ଉପରୋକ୍ତ ତଥ୍ୟକୁ ସୁଦୃଢ଼ କରୁଅଛି । ସେଠାରୁ ମିଳୁଥିବା ପଞ୍ଚମାର୍କ (Punch-mark)ମୁଦ୍ରାଗୁଡିକ ବ୍ୟବସାୟୀ ସମିତି (guild) ଅଥବା ସ୍ଥାନୀୟ ସଂସ୍ଥା ଦ୍ୱାରା ପ୍ରଚଳିତ ହୋଇଥିଲା । ରାଷ୍ଟ୍ର ବ୍ୟକ୍ତିଗତ ବ୍ୟବସାୟୀ ତଥା ବ୍ୟବସାୟୀକ ସମିତିଗୁଡ଼ିକୁ ନିଜ ନିୟନ୍ତ୍ରଣରେ ରଖିବା ପାଇଁ ସେମାନଙ୍କୁ ଚିହ୍ନଟ କରିବା ସହିତ ସେମାନଙ୍କର ପନ୍ୟଦ୍ରବ୍ୟ ତଥା ଲାଭାଂଶକୁ ତଦାରଖ କରୁଥିଲେ । ଦ୍ରବ୍ୟର ବିକ୍ରୀ ବଜାରଗୁଡ଼ିକ ଟିକସ ଆଦାୟକାରୀଙ୍କ ପ୍ରତ୍ୟକ୍ଷ କର୍ତ୍ତୃତ୍ୱାଧିନ ଥିବାରୁ ଅନୁମାନ କରାଯାଏ ଯେ ସେଥିପାଇଁ ଉତ୍ପାଦନ ସ୍ଥଳରେ ଦ୍ରବ୍ୟର ବିକ୍ରୀ ପାଇଁ ଅନୁମତି ଦିଆଯାଉ ନଥିଲା । କଞ୍ଚାମାଲ୍‌ଠାରୁ ପଣ୍ୟ ଦ୍ରବ୍ୟ ପର୍ଯ୍ୟନ୍ତ ଉତ୍ପାଦିତ ସମସ୍ତ ଜିନିଷ ଉପରେ ରାଷ୍ଟ୍ର ବିଭିନ୍ନ ସ୍ଥାନରେ ପର୍ଯ୍ୟାୟ କ୍ରମେ ବିଭିନ୍ନ ଟିକସ ଆଦାୟ କରୁଥିଲା । ବିଶେଷ ଉଚ୍ଚପଦସ୍ଥ କର୍ମଚାରୀମାନଙ୍କୁ ନିଯୁକ୍ତି ପ୍ରଦାନ





କରାଯାଇଥିଲା । ସେମାନଙ୍କ ମୁଖ୍ୟ କାର୍ଯ୍ୟଥିଲା ମାନଦଣ୍ଡକୁ ସୁନିଶ୍ଚିତ କରିବା, ଜୁଆଚୋରୀ ଫାଙ୍କିକୁ ରୋକିବା ସଙ୍ଗେ ସଙ୍ଗେ ତା ସହିତ ସେହି ପଦାର୍ଥର ବାଣିଜ୍ୟ ବ୍ୟବସାୟକୁ ଅବରୋଧ କରିବା ଯାହା ରାଷ୍ଟ୍ରର ଏକଚାଟିଆ କାରବାର ଅନ୍ତର୍ଭୁକ୍ତ । ଯଥା:-ଅସ୍ତ୍ରଶସ୍ତ୍ର, ଗୋଳାବାରୁଦ, ଧାତବ ତଥା ମୂଲ୍ୟବାନ ପଥର ଇତ୍ୟାଦି ଉପଯୋଗୀ ଜିନିଷର ଉତ୍ପାଦନ ସେଥିପାଇଁ ଏକ ସ୍ୱାଧୀନ ଦୁଃସାହସିକ କାର୍ଯ୍ୟ ଥିଲା ଯାହାକି ବଜାର ଅନୁକୂଳ ହେବା ସହିତ ଉକ୍ତ ବାଣିଜ୍ୟ ବ୍ୟବସାୟ ରାଷ୍ଟ୍ରର ରାଜସ୍ୱର ଏ ମୁଖ୍ୟ ସଂସାଧନ ଥିଲା ।

ଐତିହାସିକମାନଙ୍କ ମତ ଅନୁସାରେ ସାମ୍ରାଜ୍ୟର ସଂଗଠନ "ଅର୍ଥଶାସ୍ତ୍ର"ରେ କୌଟିଲ୍ୟଙ୍କ ଦ୍ୱାରା ବର୍ଣ୍ଣନା କରାଯାଇଥିବା ବିସ୍ତୃତ ଅମଲାତନ୍ତ୍ରର ଅନୁରୂପ ଥିଲା । ଅତ୍ୟାଧୁନିକ ନାଗରିକ ସେବା (Civil Service) ନଗରୀର ସ୍ୱାସ୍ଥ୍ୟରକ୍ଷା (Hygine) ଠାରୁ ଆରମ୍ଭ କରି ଆନ୍ତର୍ଜାତୀୟ ବାଣିଜ୍ୟ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟକୁ ସଞ୍ଚାଳିତ କରୁଥିଲା । ସେ ସମୟର ସୈନ୍ୟବାହିନୀ ସର୍ବବୃହତ ଓ ସ୍ଥାୟୀ ହୋଇଥିବାରୁ ସାମ୍ରାଜ୍ୟ ବିସ୍ତାର ତଥା ସୁରକ୍ଷା ସମ୍ଭବ ହୋଇଥିଲା । ମେଘାସ୍ଥନିସଙ୍କ ଅନୁସାରେ ସୈନ୍ୟବାହିନୀରେ ୬,୦୦,୦୦୦ ପଦାତିକବାହିନୀ, ୩୦,୦୦୦ ଅଶ୍ୱାରୋହି ଏବଂ ୯୦୦୦ ଯୁଦ୍ଧ ହସ୍ତି ଅନ୍ତର୍ଭୁକ୍ତ ଥିଲେ । ଏକ ବିଶାଳ ଗୁପ୍ତଚର ସଂସ୍ଥା ଦେଶର ଆଭ୍ୟନ୍ତରୀଣ ତଥା ବାହ୍ୟ ସୁରକ୍ଷା ପାଇଁ ଗୁପ୍ତ ତଥ୍ୟ ସଂଗ୍ରହ କରୁଥିଲେ । ଆକ୍ରମଣାତ୍ମକ ଯୁଦ୍ଧ ତଥା ସାମ୍ରାଜ୍ୟ ବିସ୍ତାରକୁ ପରିହାର କରିଥିଲେ ମଧ୍ୟ ଅଶୋକ ସାମ୍ରାଜ୍ୟର ସୁରକ୍ଷା ଏବଂ ସମ୍ପୂର୍ଣ୍ଣ ପଶ୍ଚିମ ଏବଂ ଦକ୍ଷିଣ ଏସିଆରେ ସ୍ଥିରତା ଏବଂ ଶାନ୍ତି ବଜାଇ ରଖିବା ପାଇଁ ଏତେ ବିଶାଳ ସେନାବାହିନୀର ପୃଷ୍ଠପୋଷକତା କରିଥିଲେ ।

## ୩୦.୮ ପରବର୍ତ୍ତୀ ମୌର୍ଯ୍ୟକାଳୀନ ରାଷ୍ଟ୍ର

ପରବର୍ତ୍ତୀ ମୌର୍ଯ୍ୟକାଳୀନ ରାଜନୀତିକୁ ମଧ୍ୟ-ଏସିଆର ବିଜେତା ଯଥା:-ଇଣ୍ଡୋ-ଗ୍ରୀକ୍ (Indo-greek), ସକ, ପାର୍ଥିଆନ ଏବଂ କୁଶାଣମାନଙ୍କର ଆଗମନ ସୁସ୍ପଷ୍ଟ କରିଅଛି । ଏମାନେ ସ୍ଥାନୀୟ ରାଜାମାନଙ୍କ ଉପରେ ନିଜର ଶାସନ ଜାହିର କରିଥିଲେ । ଏହାଦ୍ୱାରା ସ୍ୱାମୀ ଏବଂ ସେବକର ସମ୍ପର୍କକୁ ଆଧାର କରି ଏକ ସଂଗଠନର ବିକାଶ ପାଇଁ ମାର୍ଗ ଫିଟି ଯାଇଥିଲା । ମଧ୍ୟ-ଏସିୟମାନେ "ରାଜା ହେଉଛନ୍ତି ଈଶ୍ୱରଙ୍କ ପ୍ରେରିତ ଦୂତ" ଚିନ୍ତାଧାରାକୁ ପ୍ରଭାବଶାଳୀ କରିଥିଲେ । କୁଶାଣ ରାଜାମାନେ ନିଜକୁ ଭଗବାନଙ୍କପୁତ୍ର ବୋଲି ଅଭିହିତ କରୁଥିଲେ । ମଧ୍ୟ-ଏସିୟମାନେ ମଧ୍ୟ ସତ୍ରାପି ପ୍ରଣାଳୀ ତଥା ସାମରିକ-ବଡ଼ଲାଟିଅ (Military governorship) ଅବସ୍ଥାର ପ୍ରାରମ୍ଭ କରିଥିଲେ ।

### ପାଠଗତ ପ୍ରଶ୍ନ ୩୦.୨

**ନିମ୍ନଲିଖିତ ପ୍ରଶ୍ନର ଉତ୍ତର ଦିଅ ।**

୧) "ଅର୍ଥଶାସ୍ତ୍ର" କିଏ ରଚନା କରିଥିଲେ ?

..................................................................................

୨) ୭ମ ଓ ୮ମ ଶତାବ୍ଦୀରେ କୁମାର କହିଲେ କ'ଣ ବୁଝାଯାଏ ?

..................................................................................



ଟିପ୍ପଣୀ



୩) ମେଘାସ୍ଥିନିସ୍ କିଏ ?

..........................................................................................

୪) ମୌର୍ଯ୍ୟ ଯୁଗର ଚାରୋଟି ପ୍ରଦେଶର ରାଜଧାନୀର ନାମ ଉଲ୍ଲେଖ କର ?

..........................................................................................

୫) ମେଘାସ୍ଥିନିସ୍‌ଙ୍କ ଅନୁସାରେ ମୌର୍ଯ୍ୟ ସାମ୍ରାଜ୍ୟର ସେନା ସଂଖ୍ୟା କେତେ ଥିଲା ?

..........................................................................................

## ୩୦.୯ ଗୁପ୍ତ ସାମ୍ରାଜ୍ୟ ବିସ୍ତାର

ଚତୁର୍ଥ ଶତାବ୍ଦୀର ସର୍ବ ବୃହତ ସାମ୍ରାଜ୍ୟ ଥିଲା ଗୁପ୍ତ ସାମ୍ରାଜ୍ୟ ଯିଏ ଭାରତ ଇତିହାସର ସୁବର୍ଣ୍ଣ ଯୁଗର ଅୟମାରମ୍ଭ କରିଥିଲା । ଉକ୍ତ ସାମ୍ରାଜ୍ୟ ଦୁଇ ଶତାବ୍ଦୀଠାରୁ ଅଧିକ ସମୟ ପର୍ଯ୍ୟନ୍ତ ରହିଥିଲା । ଏହା ଭାରତୀୟ-ଉପମହାଦେଶର ଅଧିକାଂଶ ଅଞ୍ଚଳ ଉପରେ ଆଚ୍ଛାଦିତ ହୋଇଥିଲା । ଏହାର ପ୍ରଶାସନ ମୌର୍ଯ୍ୟମାନଙ୍କଠାରୁ ଅଧିକ ବିକେନ୍ଦ୍ରୀକୃତ ତଥା ଶୁଙ୍ଗମାନଙ୍କଠାରୁ ଅଧିକ କେନ୍ଦ୍ରୀଭୂତ ଥିଲା । ରାଜାଙ୍କର ଦେବତ୍ୱ ସିଦ୍ଧାନ୍ତ (ରାଜାହିଁ ପରମ ପୁରୁଷ) ମତବାଦ ଗୁପ୍ତ ଯୁଗରେ ଅଧିକ ଲୋକପ୍ରିୟ ହୋଇଥିଲା । ଯୁଦ୍ଧ ଘୋଷଣା ଏବଂ ଛୋଟ ଛୋଟ ପଡ଼ୋଷି ରାଜ୍ୟ ସହିତ ବୈବାହିକ ସମ୍ପର୍କ ସ୍ଥାପନକୁ ବିକଳ୍ପ ଭାବେ ବ୍ୟବହାର କରିବା ଦ୍ୱାରା ପ୍ରତି ସମ୍ରାଟଙ୍କ ସମୟରେ ସାମ୍ରାଜ୍ୟର ସୀମାର ହ୍ରାସ-ବୃଦ୍ଧି ଘଟୁଥିଲା । ଗୁପ୍ତ ସାମ୍ରାଜ୍ୟ ମୌର୍ଯ୍ୟ ସାମ୍ରାଜ୍ୟ ଠାରୁ କମ୍ ହୋଇଥିଲେ ମଧ୍ୟ ଏହା ଉପମହାଦେଶର ଉତ୍ତରାର୍ଦ୍ଧ ତଥା ମଧ୍ୟଭାଗକୁ ପରିବେଷ୍ଟିତ କରିଥିଲା । ଗୁପ୍ତଯୁଗକୁ ମଧ୍ୟ "ସାମ୍ରାଜ୍ୟ ଯୁଗ" ବୋଲି କୁହାଯାଏ କିନ୍ତୁ ପ୍ରଶାସନିକ କେନ୍ଦ୍ରିକରଣ ଯାହାକୁ ସାମ୍ରାଜ୍ୟ ଯୁଗର ଏକ ବିଶିଷ୍ଟ ଅଙ୍ଗ ହିସାବରେ ଧରାଯାଏ ତାହା ମୌର୍ଯ୍ୟ ଯୁଗରେ ଅସ୍ପଷ୍ଟ ହୋଇଯାଇଥିଲା । ମୌର୍ଯ୍ୟମାନଙ୍କ ବିପରୀତ ଭାବେ ଗୁପ୍ତମାନେ ଅନ୍ୟ ରାଜାମାନଙ୍କୁ ନିଜର ଦାସ ଭାବେ କାର୍ଯ୍ୟ କରାଇବାର ମନୋବୃତ୍ତି ପୋଷଣ କରିଥିଲେ ଏବଂ ସେମାନେ ରାଜ୍ୟର ବିଭିନ୍ନ ଅଂଶକୁ ଏକ ଶାସନାଧିନ କରିବା ପାଇଁ ପ୍ରଚେଷ୍ଟା କରିନଥିଲେ । ଏହା ପରବର୍ତ୍ତୀ ମୋଗଲ ସାମ୍ରାଜ୍ୟ ପାଇଁ ଏକ ନମୁନା ହୋଇଥିଲା ତଥା ବ୍ରିଟିଶ ଶାସନ ଉକ୍ତ ମୋଗଲ ଦୃଷ୍ଟାନ୍ତ ଉପରେ ଗଠିତ ହୋଇଥିଲା ।

ଗୁପ୍ତ ଶାସକମାନେ ଅପେକ୍ଷାକୃତ ଅଜଣା ପରିବାରର ଥିଲେ ଏବଂ ମଗଧ ଅଥବା ପୂର୍ବ ଉତ୍ତର ପ୍ରଦେଶରୁ ଆସିଥିଲେ । ଏହାର ତୃତୀୟ ରାଜା ପ୍ରଥମ ଚନ୍ଦ୍ରଗୁପ୍ତ "ରାଜାଧିରାଜ" ଉପାଧିଗ୍ରହଣ କରିଥିଲେ । ସେ ଲଚ୍ଛାଭିର ରାଜକୁମାରୀଙ୍କୁ ବିବାହ କରିଥିଲେ ଏବଂ ଏହାକୁ ପାଳନ କରିବା ପାଇଁ ଅନେକ ସ୍ୱର୍ଣ୍ଣମୁଦ୍ରା ପ୍ରଚଳନ କରିଥିଲେ । କଥିତ ଅଛି ଯେ ଯଦି ଗୁପ୍ତ ରାଜାମାନେ ପ୍ରୟାଗକୁ ଶାସନ କରୁଥିଲେ (ପ୍ରୟାଗ ଆଧୁନିକ ଏଲ୍‌ହାବାଦ) ଉକ୍ତ ବିବାହ ସମ୍ବନ୍ଧ ମଗଧକୁ ତାଙ୍କ ସାମ୍ରାଜ୍ୟ ସହିତ ଯୋଡ଼ିଥିଲେ । ଖ୍ରୀ: ୩୨୦ରେ ଗୁପ୍ତଯୁଗ ଆରମ୍ଭ ହୋଇଥିଲା । ସମୁଦ୍ରଗୁପ୍ତଙ୍କ ବିଷୟରେ ଖୋଦିତ ହୋଇଥିବା ଏଲ୍‌ହାବାଦ ସ୍ତମ୍ଭ ଲିପିରୁ ଜଣାଯାଏ ଯେ ଚନ୍ଦ୍ରଗୁପ୍ତ ତାଙ୍କର ଉତ୍ତରାଧିକାରୀ ଭାବରେ ପୁତ୍ର ସମୁଦ୍ରଗୁପ୍ତଙ୍କୁ ଖ୍ରୀ: ୩୩୦ରେ ଚୟନ କରିଥିଲେ । କାଚ ନାମକ ଏକ ଅଜଣା ରାଜାଙ୍କ ଦ୍ୱାରା ପ୍ରଚଳିତ ଏକ ମୁଦ୍ରାରୁ ଜଣାଯାଏ ଯେ ଗୁପ୍ତ ସିଂହାସନ ପାଇଁ ଅନେକ ଆଶାୟୀ ଥିଲେ । ସମୁଦ୍ରଗୁପ୍ତ ବିଭିନ୍ନ ଦିଗରେ ସୈନ୍ୟ ଚାଳନା



ଟିପ୍ପଣୀ

କରି ବିଜୟୀ ହୋଇଥିଲେ। ଯୁଦ୍ଧରେ ଜିତି ଯେଉଁମାନଙ୍କ ରାଜ୍ୟ ସେ ଫେରାଇଦେଲେ ସେମାନେ ରାଜାଙ୍କର ଆଜ୍ଞା ପାଳନ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ। ସେମାନଙ୍କ ମଧ୍ୟରେ ଥିଲେ ସମଗ୍ର ଆର୍ଯ୍ୟାବର୍ତ୍ତର ରାଜାମାନେ, ବିଭିନ୍ନ ଜଙ୍ଗଲି ରାଜ୍ୟର ମୁଖିଆମାନେ, ଉତ୍ତରରେ ଥିବା ଗୋଷ୍ଠୀ ତନ୍ତ୍ରର ଅଧିକାରୀ ମାନେ ତଥା ପୂର୍ବରେ ଥିବା ସୀମାନ୍ତ ରାଜ୍ୟର ରାଜାମାନଙ୍କ ସହିତ ନେପାଳର ରାଜା ସମୁଦ୍ରଗୁପ୍ତ ଅଧିକାର କରିଥିବା ଦୂରବର୍ତ୍ତି ଅଞ୍ଚଳଗୁଡିକୁ "ଅଧିନସ୍ଥ" କୁହାଯାଉଥିଲା। ଏମାନଙ୍କ ମଧ୍ୟରେ ଥିଲେ ଉତ୍ତର ପଶ୍ଚିମର "ରାଜାମାନଙ୍କର ରାଜା", ଶକ ମୁରଣ୍ଡା ଏବଂ ସିଂହଳ (ଶ୍ରୀଲଙ୍କା) ସହିତ "ସର୍ବ-ଦ୍ୱୀପର ନିବାସୀ ସମ୍ମିଳିତ ଥିଲେ। ଏମାନେ ସମସ୍ତେ ଏଲ୍‌ହାବାଦ ପ୍ରସସ୍ତିରେ ଲିପିବଦ୍ଧ ହୋଇଛନ୍ତି। ଗାଙ୍ଗେୟ ଉପତ୍ୟକା ତଥା ମଧ୍ୟଭାରତ ସମ୍ରାଟଙ୍କ ପ୍ରତ୍ୟକ୍ଷ ଶାସନାଧୀନ ଥିଲା। ସମୁଦ୍ରଗୁପ୍ତଙ୍କ ପୁତ୍ର ଦ୍ୱିତୀୟ ଚନ୍ଦ୍ରଗୁପ୍ତ ପ୍ରାୟ ୩୮୦ ଖ୍ରୀ:ରେ ସିଂହାସନ ଆରୋହଣ କରିଥିଲେ। କେତେକ ସାକ୍ଷ ପ୍ରମାଣ ଅନୁସାରେ ଏଇ ଦୁଇ ସମ୍ରାଟଙ୍କ ମଧ୍ୟରେ ରାମଗୁପ୍ତ ନାମକ ଜଣେ ରାଜା ଥିବାର ଜଣାପଡ଼େ। ଦ୍ୱିତୀୟ ଚନ୍ଦ୍ରଗୁପ୍ତଙ୍କ ମୁଖ୍ୟ ଯୁଦ୍ଧ ଉଜ୍ଜୟୀନିର ଶକ, ରାଜାଙ୍କ ବିରୁଦ୍ଧରେ ଥିଲା। ଏହାର ସଫଳତାକୁ ପାଳନ କରି ସେ କେତେକ ରୌପ୍ୟ ମୁଦ୍ରା ପ୍ରଚଳନ କରିଥିଲେ।

ଦାକ୍ଷିଣାତ୍ୟର ଉତ୍ତରାଞ୍ଚଳ ସହିତ ସଂଲଗ୍ନ ଗୁପ୍ତରାଜ୍ୟ ସାତବାହାନମାନଙ୍କର ଉତ୍ତରାଧିକାରୀ ଭାକାଟକ ବଂଶ ସହିତ ବୈବାହିକ ସମ୍ପର୍କ ଦ୍ୱାରା ସୁରକ୍ଷିତ ହୋଇ ରହିଥିଲା। ଯଦିଓ ଦ୍ୱିତୀୟ ଚନ୍ଦ୍ରଗୁପ୍ତ ବିକ୍ରମାଦିତ୍ୟ (ସୂର୍ଯ୍ୟପୁତ୍ର) ଉପାଧିରେ ଭୂଷିତ ହୋଇଥିଲେ ତାଙ୍କର ଶାସନକାଳନ ସୈନ୍ୟ ଯୁଦ୍ଧ ଅପେକ୍ଷା ଅତ୍ୟଧିକ ସାଂସ୍କୃତିକ ଏବଂ ବୌଦ୍ଧିକ ସଫଳତା ସହିତ ଜଡ଼ିତ ଥିଲା। ତାଙ୍କର ସମସାମୟିକ ଚୀନ ଦେଶର ବୌଦ୍ଧଭିକ୍ଷୁ ଫାହୀୟାନ ଭାରତ ଭ୍ରମଣରେ ଆସି ଭାରତ ବିଷୟରେ ତାଙ୍କର ଅନୁଭୂତିର ଏକ ବିବରଣୀ ଲେଖିଯାଇଛନ୍ତି।

## ୩୦.୧୦ ଗୁପ୍ତ ଯୁଗରେ ରାଷ୍ଟ୍ରର ସ୍ୱରୂପ

ଶିଳାଲିପିରୁ ଜଣାଯାଏ ଯେ ପ୍ରଥମ ଚନ୍ଦ୍ରଗୁପ୍ତଙ୍କ ଶାସନ କାଳରୁ ଆରମ୍ଭ କରି ପରବର୍ତ୍ତି ସମୟରେ ଗୁପ୍ତରାଜାମାନେ "ମହାରାଜାଧିରାଜ", ପରମରାଜାଧିରାଜ, ରାଜାଧିରାଜଶ୍ରୀ, "ରାଜାରାଜାଧିରାଜ" ଉପାଧିରେ ଭୂଷିତ ହେଉଥିଲେ। ଏଲ୍‌ହାବାଦ ସ୍ତମ୍ଭଲିପିରେ ସମୁଦ୍ରଗୁପ୍ତଙ୍କୁ ପୃଥିବୀରେ ବସବାସ କରୁଥିବା ଭଗବାନ ହିସାବରେ ଉଲ୍ଲେଖ କରାଯାଇଅଛି। ଐତିହାସିକ ବିବରଣୀ ଅନୁସାରେ ତାଙ୍କୁ କୁବେର, ଇନ୍ଦ୍ର ହିସାବରେ ମଧ୍ୟ ଉଲ୍ଲେଖ କରାଯାଇଅଛି। ବଂଶାନୁଗତ ଉତ୍ତରାଧିକାରୀ ପ୍ରଥା ପ୍ରଚଳିତ ଥିଲେ ମଧ୍ୟ ରାଜା ନିଜର ଉତ୍ତରାଧିକାରୀ ଚୟନ କରୁଥିଲେ। ଗୁପ୍ତମାନଙ୍କ ଦ୍ୱାରା ଅଧିକୃତ କେତେକ ରାଜ୍ୟମାନଙ୍କୁ ସ୍ୱାଧୀନ ଭାବେ କାର୍ଯ୍ୟ କରିବାକୁ ଅନୁମତି ଦିଆଯାଇଥିଲା। ଏମାନେ ପରାସ୍ତ ହୋଇ ବଶତା ସ୍ୱୀକାର କରିଥିଲେ ମଧ୍ୟ ଏମାନଙ୍କୁ ସାମ୍ରାଜ୍ୟଭୁକ୍ତ କରିନଥିଲେ। ଏପ୍ରକାର କରଦ ରାଜ୍ୟଗୁଡ଼ିକ ଗୁପ୍ତଶାସକଙ୍କୁ ରାଜଦେୟ (Tribute) ଦେଉଥିଲେ ମଧ୍ୟ ବେଳେବେଳେ ସେମାନଙ୍କ ମଧ୍ୟରୁ କେତେକ ଗୁପ୍ତମାନଙ୍କୁ ସେମାନଙ୍କର ସାମନ୍ତ ବୋଲି ନିଜନିଜର ସରକାରୀ ଅଭିଲେଖରେ ଲିପିବଦ୍ଧ କରିନଥିଲେ। ଭୂମିଦାନ ତଥା ସାତବାହାନଙ୍କ ଗ୍ରାମଦାନ ପରମ୍ପରା ଗୁପ୍ତଯୁଗରେ ଚାଲୁ ରହିଥିଲା। ଉକ୍ତ ଅନୁଦାନ ସହିତ ପ୍ରଶାସନିକ ଅଧିକାର ମଧ୍ୟ ନ୍ୟସ୍ତ ହୋଇଥିଲା। ଏହାଦ୍ୱାରା ପ୍ରଶାସନିକ ପ୍ରାଧିକାରର ବିକେନ୍ଦ୍ରୀକରର ହେଉଥିଲା। ଜମି ଗ୍ରହଣକାରୀଙ୍କୁ ଉପସାମନ୍ତର ଅଧିକାର ଦିଆଯାଉଥିଲା। ମଧ୍ୟ ଭାରତ ଏବଂ ପଶ୍ଚିମ ଭାରତରେ



ଟିପ୍ପଣୀ



ଗ୍ରାମବାସୀମାନେ ବେଠି (forced labour) ଖଟିବାକୁ ବାଧ୍ୟ ହେଉଥିଲେ, ଏହାକୁ ଭିଷ୍ଟି (visti) କୁହାଯାଏ । ଏହା ଗ୍ରାମର ସମସ୍ତ ବର୍ଗର ଲୋକଙ୍କ ପ୍ରତି ଲାଗୁ ହେଉଥିଲା ।

## ୩୦.୧୧ ଗୁପ୍ତ ଶାସନ

ଶାସନ ଦୃଷ୍ଟିରୁ ଗୁପ୍ତ ସାମ୍ରାଜ୍ୟକୁ କେତେକ ପ୍ରଦେଶରେ ବିଭକ୍ତ କରାଯାଇଥିଲା । ଯାହାକୁ ଦେଶ ବା ଭୁକ୍ତି (Bhukti) କୁହାଯାଉଥିଲା । ପୁନର୍ବାର ଏଗୁଡ଼ିକ ଛୋଟ ଛୋଟ ପ୍ରଦେଶ ବା ବିଷୟରେ ବିଭାଜିତ ହୋଇଥିଲା । ଦେଶ ବା ଭୁକ୍ତିଗୁଡ଼ିକ କୁମାରମାତ୍ୟଙ୍କ ଦ୍ୱାରା ଶାସିତ ହେଉଥିଲା । ସେ ଜଣେ ଉଚ୍ଚ କ୍ଷମତା ସମ୍ପନ୍ନ ଅଧିକାରୀ ଅଥବା ରାଜପରିବାରର ସଦସ୍ୟ ଥିଲେ । କ୍ଷୁଦ୍ରାଞ୍ଚଳକୁ ଶାସନ କ୍ଷମତାର ହସ୍ତାନ୍ତରିକରଣ ମ୍ୟୁନିସିପାଲଟି ବୋର୍ଡ଼ର ଗଠନରୁ ପ୍ରମାଣିତ ହୁଏ । ଏହା ନଗର ଶ୍ରେଷ୍ଠିନ୍ (Guild President), ସାର୍ଥବାହ (The Chief Merchant) ଏବଂ କାରୀଗର ତଥା ଲିପିକାର (Scribe) ମାନଙ୍କର ପ୍ରତିନିଧିମାନଙ୍କୁ ନେଇ ଗଠିତ ହୋଇଥିଲା । ଏହି ସମୟରେ ପଡ଼ୋଶି ରୂପରେ ବ୍ୟବହାର ହେଉଥିବା ଶବ୍ଦ ସାମନ୍ତକୁ ଜମି ଗ୍ରହଣ କରିଥିବା ମଧ୍ୟସ୍ଥ ଅଥବା ପରାଜୟ ବରଣ କରିଥିବା ରାଜାମାନଙ୍କ କ୍ଷେତ୍ରରେ ବ୍ୟବହାର ହେବାରେ ଆରମ୍ଭ ହୋଇଥିଲା । କେତେକ ଉଚ୍ଚ ପ୍ରଶାସନିକ କାର୍ଯ୍ୟାଳୟଗୁଡ଼ିକୁ ମଧ୍ୟ ବଂଶାନୁଗତ କରିବାର ପ୍ରକ୍ରିୟା ଦେଖିବାକୁ ମିଳିଥିଲା । ଅଧିକୃତ ଅଞ୍ଚଳ ଉପରେ କଡ଼ା ନିୟନ୍ତ୍ରଣ ଅଭାବରେ ସେଗୁଡ଼ିକ ପୁନର୍ବାର ସ୍ୱାଧୀନ ହୋଇଯାଉଥିଲେ । ଏଥିପାଇଁ ଆବଶ୍ୟକ ପଡୁଥିବା ସାମରୀକ ପଦକ୍ଷେପର ପୁନରାବୃତ୍ତି ରାଷ୍ଟ୍ରର ସମ୍ବଳକୁ ଦୁର୍ବଳ କରୁଥିଲା । ଗୁପ୍ତ ସମ୍ରାଟମାନେ ଏକ ସ୍ଥାୟୀ ବିଶାଳ ସୈନ୍ୟବାହିନୀ ସ୍ଥାପନ କରିଥିଲେ । ଅଶ୍ୱାରୋହୀ ତଥା ଅଶ୍ୱାରୋହୀ ଧନୁର୍ଦ୍ଧରମାନଙ୍କର ଉପଯୋଗ ସେନାବାହିନୀ ପାଇଁ ମହତ୍ୱପୂର୍ଣ୍ଣ ହୋଇଯାଇଥିଲା । ସୀମାନ୍ତ ଅଞ୍ଚଳର ସୁରକ୍ଷା ପାଇଁ ବିଶେଷ ଧ୍ୟାନ ଦିଆଯାଉଥିଲା । ଭୂ-କର ତଥା ଅବକାରୀ ଟିକସ ଆଦାୟ କରାଯାଉଥିଲା । ନ୍ୟାୟ ବ୍ୟବସ୍ଥାର ବିକାଶ ହେବା ସହିତ ଅନେକ ଆଇନ ସମ୍ବନ୍ଧୀୟ ପୁସ୍ତକ ଲେଖାଯାଇଥିଲା । ପ୍ରଥମ ଥର ପାଇଁ ଦେୱାନୀ ଏବଂ ଫୌଜଦାରୀ ଆଇନକୁ ପୃଥକ କରାଯାଇଥିଲା ।

## ୩୦.୧୨ ପରବର୍ତ୍ତୀ ଗୁପ୍ତକାଳରେ ଭାରତୀୟ ରାଜନୀତି

ହର୍ଷବର୍ଦ୍ଧନ ତଥା ଅନୁକ୍ରମିକ ରାଜବଂଶ ଯଥା:- ପାଳ, ପ୍ରତିହାର, ରାଷ୍ଟ୍ରକୁଟ ଏବଂ ଚାଲୁକ୍ୟଙ୍କ ସମୟରେ ଶାସନ ବ୍ୟବସ୍ଥା ବଂଶାନୁଗତ ରାଜାଙ୍କର ବ୍ୟକ୍ତିତ୍ୱ ଉପରେ କେନ୍ଦ୍ରୀଭୂତ ହୋଇଥିଲା । କରଦ ରାଜ୍ୟ ବ୍ୟବସ୍ଥା ଅତ୍ୟଧିକ ପ୍ରଚଳିତ ଥିଲା । ରାଜା ଏବଂ ତାଙ୍କର କରଦ ରାଜ୍ୟ ମଧ୍ୟରେ ହେଉଥିବା ବାରମ୍ବାର ଯୁଦ୍ଧ ରାଜନୈତିକ ସ୍ଥିତିକୁ ଅସ୍ଥିର କରି ଦେଇଥିଲା । ରାଷ୍ଟ୍ରର ସୀମା ଶାସକଙ୍କ ଦ୍ୱାରା ପ୍ରତ୍ୟକ୍ଷ ଭାବେ ଶାସିତ ଅଞ୍ଚଳ ତଥା ନିଜ ନିଜର ଆଭ୍ୟନ୍ତରୀଣ ବ୍ୟାପାରରେ କ୍ଷମତା ପ୍ରାପ୍ତ ହୋଇଥିବା ଅନୁଗତ ରାଜାମାନଙ୍କର ଅଞ୍ଚଳକୁ ନେଇ ଗଠିତ ହୋଇଥିଲା । କରଦ ରାଜାଙ୍କର କେତେକ ନୈତିକ ଦାୟୀତ୍ୱ ଥିଲା ଯଥା:-ଅନୁଗତରାଜାଙ୍କ ପ୍ରତି ଆନୁଗତ୍ୟ, ନିର୍ଦ୍ଧାରିତ ରାଜଦେୟ ପଇଠ କରିବା ତଥା ନିର୍ଦ୍ଦିଷ୍ଟ ସଂଖ୍ୟକ ସେନା ଯୋଗାଇ ଦେବା । କ୍ରମେ ସରକାର ସାମନ୍ତବାଦୀ ହୋଇଯାଉଥିଲେ ।

## ୩୦.୩ ପାଠଗତ ପ୍ରଶ୍ନ - ଶୂନ୍ୟସ୍ଥାନ ପୂରଣ କର ।

୧) ଚତୁର୍ଥ ଶତାବ୍ଦିର ସର୍ବଶ୍ରେଷ୍ଠ ସାମ୍ରାଜ୍ୟ ............. ଥିଲା ।



ଟିପ୍ପଣୀ

୨) ତୃତୀୟ ରାଜା .................. ପଦବୀ ଧାରଣ କରିଥିଲେ ।

୩) ସମୁଦ୍ରଗୁପ୍ତଙ୍କର ଉତ୍ତରାଧିକାରୀ ................... ଥିଲେ ।

୪) ............ଙ୍କ ସମକାଳୀନ ଫାହୀୟାନ ଜଣେ ............. ଥିଲେ ଯିଏ ଭାରତ ଭ୍ରମଣରେ ଆସିଥିଲେ ଏବଂ ତାଙ୍କର ଏକ ବିବରଣୀ ଲିପିବଦ୍ଧ କରିଯାଇଛନ୍ତି ।

---

## ୩୦.୧୩ ଦକ୍ଷିଣ ଭାରତର ଚୋଳ ରାଷ୍ଟ୍ର

ଏହି ସମୟରେ ଚୋଳମାନେ ଏହି ଉପମହାଦେଶର ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ବଂଶ ରୂପେ ବିଦ୍ୟମାନ ଥିଲେ ଯଦିଓ ସେମାନଙ୍କର କାର୍ଯ୍ୟକଳାପ ମୁଖ୍ୟତଃ ଉପଦ୍ୱୀପ ତଥା ଦକ୍ଷିଣ ପୂର୍ବ ଏସିଆକୁ ପ୍ରଧାନତଃ ପ୍ରଭାବିତ କରୁଥିଲା । ନବମ ଶତାବ୍ଦୀରେ ବିଜୟାଳୟଙ୍କ ଶାସନ କାଳରେ ତାନ୍‌ଜାଭର (Tanjavur) ଚୋଳ ଶକ୍ତିର ମୂଳପିଣ୍ଡ (Nucleus) ଥିଲା । ସେଠାରୁ ଚୋଳମାନେ ଉତ୍ତର ଆଡ଼କୁ ବିସ୍ତାରିତ ହୋଇ ଦଶମ ଶତାବ୍ଦୀରେ ପଲ୍ଲଭ ବଂଶର ଅବଶିଷ୍ଟାଂଶକୁ ଅଧିକାର କରିଥିଲେ । ଦକ୍ଷିଣରେ ସେମାନେ ପାଣ୍ଡ୍ୟମାନଙ୍କ ପର୍ଯ୍ୟନ୍ତ ଅଗ୍ରସର ହୋଇଥିଲେ । ରାଜପରିବାର ବ୍ୟତୀତ ମନ୍ଦିର ଅଧିକାରୀ, ଗ୍ରାମ ପରିଷଦ ତଥା ବ୍ୟବସାୟୀକ ସଂଘ (Guild)ଗୁଡିକ ଅନେକ ସଂଖ୍ୟାରେ ତଥା ଲମ୍ବା ଲମ୍ବା ଅଭିଲେଖ (Inscription) ଜାରି କରିଥିବାରୁ ଚୋଳ ଇତିହାସକୁ ବିସ୍ତୃତ ଭାବରେ ପୁନଃ ଲିଖନ କରିହେବ । ପ୍ରାନ୍ତକ-୧ (ଖ୍ରୀ:୯୦୭-ଖ୍ରୀ୯୫୩)ସାମ୍ରାଜ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ସେ ସାମ୍ରାଜ୍ୟର ଉତ୍ତରସୀମା ନେଲୋର (Nellor)ପର୍ଯ୍ୟନ୍ତ ବିସ୍ତାର କରିଥିଲେ ଯେଉଁଠାରେ ସେ ରାଷ୍ଟ୍ରକୁଟ ରାଜା କ୍ରିଷ୍ଣ-୩ଙ୍କ ଦ୍ୱାରା ପରାସ୍ତ ହୋଇ ଯୁଦ୍ଧ ଅଭିଜାନକୁ ପରିସମାପ୍ତି କରିଥିଲେ । ପ୍ରାନ୍ତକ ଦକ୍ଷିଣରେ ଉଭୟ ପାଣ୍ଡ୍ୟ ଓ ଗଙ୍ଗମାନଙ୍କୁ ପରାସ୍ତ କରି ଅଧିକ ସଫଳତା ଅର୍ଜନ କରିଥିଲେ । ଶ୍ରୀଲଙ୍କା ବିରୁଦ୍ଧରେ ସେ ମଧ୍ୟ ଏକ ଆକ୍ରମଣ କରିଥିଲେ ମାତ୍ର ଏଥିରେ ସେ ସଫଳ ହୋଇପାରିନଥିଲେ । ତାଙ୍କ ମୃତ୍ୟୁର ତିରିଶ ବର୍ଷ ପର୍ଯ୍ୟନ୍ତ ଅନେକ ପରସ୍ପର ବ୍ୟାପ୍ତ (Overlapping) ଶାସକମାନେ ଚୋଳ ସାମ୍ରାଜ୍ୟର ସ୍ଥିତିକୁ ସୁଦୃଢ଼ କରିପାରିନଥିଲେ । ତତ୍‌ପଶ୍ଚାତ୍ ଦୁଇଜଣ ଶ୍ରେଷ୍ଠ ଶାସକଙ୍କ ଆବିର୍ଭାବ ଫଳରେ ଅତି ଶିଘ୍ର ଚୋଳ ଶକ୍ତିର ପୁନଃସ୍ଥାପିତ କରିଥିଲେ ଏବଂ ସାମ୍ରାଜ୍ୟକୁ ତାର ଶୀର୍ଷସ୍ଥାନରେ ପହଞ୍ଚାଇ ଥିଲେ । ଏ ଦୁଇଜଣ ହେଲେ ରାଜାରାଜା-୧ ଏବଂ ରାଜେନ୍ଦ୍ର ଚୋଳ ।

ରାଜରାଜ(ଖ୍ରୀ:୯୮୫ଖ୍ରୀ:୧୦୧୪) ପାଣ୍ଡ୍ୟ ଏବଂ ଇଲାମଣ୍ଡଳମ (Sri Lanka) ବିରୁଦ୍ଧରେ ସୈନ୍ୟ ଚାଳନ କରି ନିଜର ଶକ୍ତି ପ୍ରତିଷ୍ଠାର ଅୟମାରମ୍ଭ କରିଥିଲେ । ଶ୍ରୀଲଙ୍କାର ଉତ୍ତରାଞ୍ଚଳ ଚୋଳ ସାମ୍ରାଜ୍ୟର ଏକ ପ୍ରାନ୍ତ (Province) ହୋଇଥିଲା । ଗଙ୍ଗ ଏବଂ ଚାଲୁକ୍ୟ ବିରୁଦ୍ଧରେ ଯୁଦ୍ଧ କରି ଚୋଳ ସାମ୍ରାଜ୍ୟର ସୀମାରେଖା ଉତ୍ତରରେ ତୁଙ୍ଗଭଦ୍ରା ନଦୀ ପର୍ଯ୍ୟନ୍ତ ବ୍ୟାପି ଯାଇଥିଲା । ପୂର୍ବ ଉପକୂଳରେ ଭେଙ୍ଗି (vengi)କୁ ଅଧିକାର କରିବା ପାଇଁ ଚାଲୁକ୍ୟ ବିରୁଦ୍ଧରେ ଯୁଦ୍ଧ କରିଥିଲେ । ଏକ ବୈବାହିକ ସମ୍ପର୍କ ଚୋଳ ଶାସକମାନଙ୍କୁ ନ୍ୟାୟସଙ୍ଗତ ସ୍ଥିତି ପ୍ରଦାନ କରିଥିଲା କିନ୍ତୁ ଭେଙ୍ଗି ବିବାଦମାନ ସ୍ଥିତିରେ ଥିଲା । ଏକ ନୌ ଯୁଦ୍ଧ ଦ୍ୱାରା ମାଳଦ୍ୱୀପର ଦ୍ୱୀପ ସମୁହ, ମାଲାବାର ଉପକୂଳ ଏବଂ ଉତ୍ତର ଶ୍ରୀଲଙ୍କା ଆଦିକୁ ଅଧିକୃତ କରିଥିଲେ । ଏ ସବୁଗୁଡିକ ଦକ୍ଷିଣପୂର୍ବ ଏସିଆ, ଆରବ ତଥା ପୂର୍ବ ଆଫ୍ରିକା ସହିତ ଚୋଳମାନଙ୍କର ବାଣିଜ୍ୟ ବ୍ୟବସାୟ ଉପରେ

ନିୟନ୍ତ୍ରଣ ସ୍ଥାପନ କରିବା ପାଇଁ ଅନିବାର୍ଯ୍ୟ ଥିଲା । ଏଗୁଡ଼ିକ ଆରବର ବ୍ୟାପାରୀ ଏବଂ ଦକ୍ଷିଣ-ପୂର୍ବ-ଏସିଆ ତଥା ଚୀନକୁ ଯାଉଥିବା ଜାହାଜମାନଙ୍କର ଗମନାଗମନର କେନ୍ଦ୍ର ଥିଲା ତଥା ୟୁରୋପରେ ଚଢ଼ାଦାମ୍‌ରେ ବିକ୍ରି ହେଉଥିବା ମସଲାର ଉତ୍ପତ୍ତିସ୍ଥଳ ଥିଲା ।

ରାଜାରାଜ-୧ଙ୍କ ପୁତ୍ର ରାଜେନ୍ଦ୍ର ନିଜ ପିତାଙ୍କ ଶାସନ କାର୍ଯ୍ୟରେ ୧୦୧୨ଖ୍ରୀ ରୁ ଅଂଶିଦାର ଥିଲେ ଏଂ ତାର ଦୁଇବର୍ଷ ପରେ ତାଙ୍କର ଉତ୍ତରାଧିକାରୀ ହୋଇ ୧୦୪୪ଖ୍ରୀ ପର୍ଯ୍ୟନ୍ତ ଶାସନ କରିଥିଲେ । ସେ ଉତ୍ତରରେ ରାୟଚୁର ଓ ଦୋଆବକୁ ସାମ୍ରାଜ୍ୟଭୁକ୍ତ କରି ଚାଲୁକ୍ୟ ରାଜ୍ୟର ହୃଦୟ କେନ୍ଦ୍ର କୁହାଯାଉଥିବା ମାନ୍ୟଖେତାରେ ପ୍ରବେଶ କରିଥିଲେ । ମହେନ୍ଦ୍ର ୫ମ ଙ୍କ ବିରୁଦ୍ଧରେ ଶ୍ରୀଲଙ୍କାର ବିଦ୍ରୋହର ସୁଯୋଗ ନେଇ ରାଜେନ୍ଦ୍ର ଦକ୍ଷିଣ ଶ୍ରୀଲଙ୍କା ବିଜୟ କରିଥିଲେ । ୧୦୧୧-୧୨ମସିହାରେ ସେ ପ୍ରସିଦ୍ଧ ଉତ୍ତରାଞ୍ଚଳ ବିଜୟରେ ବାହାରିଥିଲେ । ଚୋଳ ସୈନ୍ୟବାହିନୀ ପୂର୍ବ ଉପକୂଳରେ ବଙ୍ଗଳା ପର୍ଯ୍ୟନ୍ତ ଏବଂ ତାପରେ ଗଙ୍ଗାନଦୀର ଉତ୍ତରାଞ୍ଚଳରେ ସୈନ୍ୟ ଅଭିଯାନ କରିଥିଲେ । ଏହା ଚତୁର୍ଥ ଶତାବ୍ଦୀର ସମୁଦ୍ରଗୁପ୍ତଙ୍କ କାଞ୍ଚିପୁରମ ଅଭିଯାନର ପୁରାପୁରି ବିପରିତ ଥିଲା । ୧୦୨୫ ମସିହାରେ ଦକ୍ଷିଣପୂର୍ବ ଏସିଆର ଶ୍ରୀଭିଜୟ ରାଜ୍ୟ ବିରୁଦ୍ଧରେ ନୌଯୁଦ୍ଧ ହିଁ ଥିଲା ତାଙ୍କର ସବୁଠାରୁ ଅଧିକ ଦୃଷ୍ଟିଆକର୍ଷଣକାରୀ ଯୁଦ୍ଧ । ଭାରତୀୟ ଜାହାଜମାନଙ୍କ ଉପରେ ହସ୍ତକ୍ଷେପ ତଥା ଦକ୍ଷିଣଚୀନ ସହିତ ସିଧା କାରବାର କରିବା ପାଇଁ ବାଣିଜ୍ୟିକ ପ୍ରୟାସ ଥିଲା ଶ୍ରୀଭିଜୟ ତଥା ପଡୋଶି ଅଞ୍ଚଳ ଉପରେ ଆକ୍ରମଣର ମୁଖ୍ୟ କାରଣ । ଚୋଳମାନଙ୍କର ଏହି ବିଜୟ ଦ୍ୱାରା ଏହି ସମ୍ବନ୍ଧକୁ ପୂନଃ ସ୍ଥାପିତ କରାଯାଇଥିଲା ଏବଂ ସାରା ଏକାଦଶ ଶତାବ୍ଦୀରେ ଚୋଳ ବାଣିଜ୍ୟିକ ପ୍ରତିନିଧିମଣ୍ଡଳ ଚୀନ ଭ୍ରମଣରେ ଯାଉଥିଲେ ।

## ୩୦.୧୪ ଚୋଳ ଶାସନର ବିକାଶ

ଖ୍ରୀ ୮୫୦ ରୁ ଖ୍ରୀ:୧୨୦୦ ମଧ୍ୟରେ ଚୋଳରାଜ୍ୟ ନିଜର ଅଦ୍ୱିତୀୟତା ତଥା ସଂସ୍କାର ବାଦିତା (Innovativeness) ପାଇଁ ପ୍ରସିଦ୍ଧି ଲାଭ କରିଥିଲା । ସମଗ୍ର ଦକ୍ଷିଣ ଭାରତକୁ ଏକ ଶାସନାଧୀନ କରିବା ପାଇଁ ସର୍ବପ୍ରଥମେ ଚୋଳ ବଂଶ ଚେଷ୍ଟା କରିଥିଲେ ଏବଂ ବହୁମାତ୍ରାରେ କୃତକାର୍ଯ୍ୟ ମଧ୍ୟ ହୋଇଥିଲେ । ସରକାରଙ୍କ ସ୍ୱରୂପ (form) ଏବଂ ଗତିବିଧି (Protocol) କୁ ସମସାମୟିକ ସରକାରର ସ୍ୱରୂପ ସହିତ ତୁଳନା କରି ନହେଲେ ମଧ୍ୟ ଚୋଳ ସାମ୍ରାଜ୍ୟ ଆମ୍ଭ ଇତିହାସର ଏକ ସୁଖପ୍ରଦ ସମୟଥିଲା ଯେତେବେଳେ ପୁରାତନ ବୋଲି ବୋଧଗମ୍ୟ ହେଲେ ମଧ୍ୟ ସରକାର ଏବଂ ଲୋକଙ୍କ ଚେଷ୍ଟାରେ ମହାନ କାର୍ଯ୍ୟଗୁଡ଼ିକୁ ସଫଳତାର ସହିତ ହାସଲ କରାଯାଇଥିଲା ।

ରାଜା ସର୍ବୋଚ୍ଚ ସେନାପତି, ପ୍ରଜାହିତକାରୀ ଅସୀମ କ୍ଷମତା ପ୍ରାପ୍ତ ବ୍ୟକ୍ତି ଥିଲେ । ଶାସନ ବ୍ୟବସ୍ଥାର ପ୍ରମୁଖ ଅଂଶୀଦାର ଭାବରେ ରାଜାଙ୍କର ମୁଖ୍ୟ କାର୍ଯ୍ୟ ଏହା ଥିଲା ଯେ ସେ ଆବେଦନ (representation) ଆସିଲା ମାତ୍ରେ ସେ ଦାୟୀତ୍ୱବାନ ଅଧିକାରୀମାନଙ୍କୁ ମୌଖିକ ଆଦେଶ ପ୍ରଦାନ କରିବା । ଏହି ଆଦେଶଗୁଡିକ ସାଧାରଣତଃ ବିସ୍ତାରିତ ଭାବେ ମନ୍ଦିର କାନ୍ଥରେ ଖୋଦିତ କରାଯାଇଥିଲା । ତିରୁମନ୍ଦିର ଓଲୋଇ ନାୟଗମ (Tirumandira olai Nayagam) ନାମକ ଏକ ବିଶିଷ୍ଟ ଅଧିକାରୀମାନେ ମୌଖିକ ଆଦେଶକୁ ସଙ୍ଗେ ସଙ୍ଗେ ତାଳପତ୍ରରେ ଲିପିବଦ୍ଧ କରୁଥିଲେ ଏବଂ ଏହାର ସତ୍ୟାସତ୍ୟ ପାଇଁ ଦାୟୀ ରହୁଥିଲେ ।

କେନ୍ଦ୍ରୀୟ ସରକାରଙ୍କ ସହିତ ସାମିଲ ହୋଇଥିବା ମନ୍ତ୍ରୀ ପରିଷଦ ତଥା ଅନ୍ୟାନ୍ୟ ଉଚ୍ଚ କର୍ମଚାରୀମାନଙ୍କର ଅବସ୍ଥିତି ବିଷୟରେ କୌଣସି ନିର୍ଦ୍ଦିଷ୍ଟ ପ୍ରମାଣ ମିଳିନାହିଁ ଯଦିଓ କେତେକ



ଟିପ୍ପଣୀ

ବ୍ୟକ୍ତିଗତ ମନ୍ତ୍ରୀମାନଙ୍କର ନାମ ଶିଳାଲିପିରୁ ମିଳୁଛି । ଏକ ଶକ୍ତିଶାଳୀ ଅମଲାତନ୍ତ୍ର ପ୍ରଶାସନରେ ରାଜାଙ୍କୁ ତଥା ତାଙ୍କ ଆଦେଶକୁ କାର୍ଯ୍ୟକାରୀ କରିବାରେ ସାହାଯ୍ୟ କରୁଥିଲା । ଆଧୁନିକ ଅର୍ଥରେ ବିଧାନସଭା ଏବଂ ବ୍ୟବସ୍ଥାପକ ପ୍ରଣାଳୀର ଅନୁପସ୍ଥିତିରେ ରାଜାଙ୍କର ଆଦେଶର ନିରପେକ୍ଷତା ମନୁଷ୍ୟର ସାଧୁତା ଏବଂ ତାଙ୍କର ଧର୍ମ ବିଶ୍ୱାସ ଯଥା:-ନ୍ୟାୟପରାଣୟତା ଜ୍ଞାନ ଉପରେ ନିର୍ଭର କରୁଥିଲା । ପ୍ରାଚୀନ ସମାଜ ରାଜାଙ୍କଠାରୁ ସାଧାରଣ ସୁରକ୍ଷା ବ୍ୟତୀତ ଅନ୍ୟକିଛି ଆଶା କରୁନଥିଲା । ଏପରିକି ବିବାଦୀୟ ଘଟଣାଗୁଡ଼ିକୁ ଅନ୍ତିମ ବିଚାର ପାଇଁ ନ୍ୟାୟାଳୟର ଅଧିକାରୀଙ୍କ ପାଖକୁ ପଠାଯାଉଥିଲା ।

ଚୋଳ ଅମଲାତନ୍ତ୍ର ସେ ସମୟର ପ୍ରଚଳିତ ଅନ୍ୟାନ୍ୟ ଅମଲାତନ୍ତ୍ର ବ୍ୟବସ୍ଥାଠାରୁ ଅଧିକ ଭିନ୍ନ ପ୍ରକାରର ନଥିଲା । ତଥାପି ଏହାର ଅତ୍ୟଧିକ ସଂଗଠିତ ପ୍ରକୃତି ଏହାର ବୈଶିଷ୍ଟ ଥିଲା । କେନ୍ଦ୍ରୀୟ ନିୟନ୍ତ୍ରିତ ତଥା ସ୍ଥାନୀୟ ସ୍ୱାଧୀନତା ମଧ୍ୟରେ ଏକ ସଠିକ୍ ଭାରସାମ୍ୟ ବଜାୟ ରଖା ଯାଇଥିଲା ତଥା ସ୍ଥାନୀୟ ଶାସନରେ ହସ୍ତକ୍ଷେପ ନକରିବା ଏକ ପବିତ୍ର କର୍ମ ବୋଲି ଧରାଯାଉଥିଲା । ଅମଲାତନ୍ତ୍ରରେ ଏକ ନିର୍ଦ୍ଦିଷ୍ଟ ଶ୍ରେଣୀ ବିଭାଗ ଥିଲା ତଥା ସେମାନଙ୍କ କାର୍ଯ୍ୟକାଳ ରାଜାଙ୍କର ଖୁସି ଉପରେ ନିର୍ଭର କରୁଥିଲା । କର୍ମଚାରୀମାନେ ମାରାୟନ (Maraya) ତଥା ଆଦିଗରିଗଲ (Adigarigal) ଇତ୍ୟାଦି ବିଭିନ୍ନ ଉପାଧିରେ ଭୂଷିତ ହେଉଥିଲେ । ଏକ ବର୍ଷର କର୍ମଚାରୀମାନଙ୍କ ମଧ୍ୟରେ ବରିଷ୍ଠତା (Seniority) ଯୋଗ୍ୟତା ପ୍ରାପ୍ତ ଉପାଧି ଯଥା:- ପେରୁଣ୍ଡାନମ୍ (Perundanam) ଏବଂ ସିରୁତାନମ୍ (Sirutanam) ରୁ ନିର୍ଦ୍ଧାରିତ ହେଉଥିଲା । ଦେଶର ଆୟ ଏବଂ ବ୍ୟୟ ଦାୟୀତ୍ୱରେ ଥିବା ରାଜସ୍ୱ ଅଧିକାରୀମାନେ ମହତ୍ୱପୂର୍ଣ୍ଣ ଉଚ୍ଚ ଅଧିକାରୀମାନଙ୍କ ମଧ୍ୟରେ ଅନ୍ୟତମ ଥିଲେ ।

ପ୍ରତ୍ୟେକ ଗ୍ରାମ ସ୍ୱୟଂଶାସିତ ଅଞ୍ଚଳରେ ପରିଣତ ହୋଇଥିଲା । ସାମ୍ରାଜ୍ୟର ବିଭିନ୍ନ ଅଞ୍ଚଳର କେତେକ ଗ୍ରାମକୁ ନେଇ ଗୋଟାଏ ଲେଖାଁଏ କୋରମ୍ (Koram) ଅଥବା ନାଡୁ (Nadu) ଅଥବା କଟ୍ଟମ୍ (Kottam) ଗଠିତ ହେଉଥିଲା । ତାନିୟୁର (Taniyur) ଆୟତନରେକୁରମ୍‌ଠାରୁ ମଧ୍ୟ ଏକ ବିଶାଳ ଗାଁ ଥିଲା । କେତେକ କୁରମ୍ (Kurram) ର ସମଷ୍ଟିରେ ଗୋଟାଏ ଭାଲାନାଡୁ (Valanadu) ଗଠିତ ହେଉଥିଲା । କେତେକ ଭାଲାନାଡୁର ସମଷ୍ଟିରେଏକ ମଣ୍ଡଳ ବା ପ୍ରଦେଶର ସ୍ଥାପନ ହେଉଥିଲା । ଚୋଳ ସାମ୍ରାଜ୍ୟ ଉନ୍ନତ୍ତିର ଚରମସୀମାରେ ଥିବାବେଳେ ଶ୍ରୀଲଙ୍କା ସହିତ ଏହାର ପ୍ରାୟ ଆଠରୁ ନଅଟି ପ୍ରଦେଶ ଥିଲା । ଚୋଳ ଶାସନ ସମୟରେ ଉକ୍ତ ପ୍ରଦେଶ ଏବଂ ତା'ର ନାମଗୁଡିକର ବାରମ୍ବାର ପରିବର୍ତ୍ତନ ଘଟୁଥିଲା । ଉତ୍ତରାମେରୁର (Uttaramerur) ମନ୍ଦିରରେ ଥିବା ଖ୍ରୀ: ଅଷ୍ଟମ ଶତାବ୍ଦୀର ଏକ ଶିଳାଲିପିରୁ ସ୍ଥାନୀୟ ପରିଷଦର ଗଠନ, ପ୍ରାର୍ଥିଙ୍କର ଯୋଗ୍ୟତା ଏବଂ ଉପଯୁକ୍ତତା (Qualification), ନିର୍ବାଚନ ପଦ୍ଧତି, ସେମାନଙ୍କର କର୍ତ୍ତବ୍ୟ ଏବଂ କ୍ଷମତାର ସୀମାରେଖା ଇତ୍ୟାଦି ବିଷୟରେ ଉଲ୍ଲେଖ ଥିବାର ଜଣାପଡେ । ଏହା ଜଣାପଡେ ଯେ ସାଧାରଣ ଗ୍ରାମ ଉରୁ (Ur) ବା ଓର (Oor) ର ଶାସନ ବ୍ରାହ୍ମଣଙ୍କୁ ଉପହାର ସ୍ୱରୂପ ଦିଆଯାଉଥିବା ଗ୍ରାମର ଶାସନଠାରୁ ଅଲଗା ଥିଲା ।

ଅମଲାତନ୍ତ୍ରର ଅଧିକାରୀମାନଙ୍କର କାର୍ଯ୍ୟକଳାପ ନିରବଛିନ୍ନ ଭାବରେ ଯାଞ୍ଚ ତଥା ସମୀକ୍ଷଣର (Audit and Security) ପରିସରଭୁକ୍ତ ଥିଲା । ଉତ୍‌ଥମ ଚୋଳ (Uththama Chola)ଙ୍କ ଶାସନ କାଳର ଏକ ଅଭିଲେଖରୁ ଏକ ବିଶେଷ ଅନୁଦାନକୁ ଲିପିବଦ୍ଧ କରିବାରେ କେତେକ



ଟିପ୍ପଣୀ



କର୍ମଚାରୀଙ୍କର ବେଖାତିର ପଣିଆ ଏବଂ ଅବହେଳାର ଟିକିନିକି ବିବରଣୀର ସନ୍ଧାନ ମିଳେ। ଏହାଦ୍ୱାରା ଉକ୍ତ ଅନୁଦାନରୁ କିଏ ଉପକୃତ ହେବ ଚିନ୍ତାକରି ପ୍ରତିବାଦୀମାନଙ୍କ ମଧ୍ୟରେ ଏକ ବିବାଦ ସୃଷ୍ଟି ହେଲା। ଏହାଦ୍ୱାରା ଏଥିରେ ଲିପ୍ତ ଥିବା କର୍ମଚାରୀମାନଙ୍କୁ ଦଣ୍ଡିତ କରାଗଲା। ନାଗରିକ ପ୍ରଶାସନର ମୁଖ୍ୟ ହିସାବରେ ରାଜା ନିଜେ ମଝିରେ ମଝିରେ ଦେଶ ଗସ୍ତରେ ଯାଉଥିଲେ ଏବଂ ସ୍ଥାନୀୟ ପ୍ରଶାସନ ବିଷୟରେ ତଥ୍ୟାନୁସନ୍ଧାନ (Inquest) କରୁଥିଲେ। ୧୦୮୯ ମସିହାରେ ଚୋଳ ରାଜା କୁଲତୁଙ୍ଗ (Kulatunga)ଙ୍କ ଦ୍ୱାରା ବ୍ୟାପକ ଭାବେ ପୁନର୍ବାର ଜମିବାଡିର ମାପଚୁପ କରାଗଲା। ଯେଉଁଥିରେ ଭୂମିର ସୀମା ଏବଂ ନିର୍ଦ୍ଧାରିତ ଦେୟର ପରିମାଣ, ଗ୍ରାମର ସୀମା, ଗ୍ରାମବାସୀମାନଙ୍କର ସାଧାରଣ ଅଧିକାର (Common Rights) ତଥା ସର୍ବସାଧାରଣ ଚାରଣଭୂମି ଇତ୍ୟାଦି ଲିପିବଦ୍ଧ କରାଯାଇଥିଲା। ରାଜସ୍ୱ ଅଧିକାରୀମାନେ କର ଆଦାୟ କରିବା ପାଇଁ ଦାୟିତ୍ୱ ବହନ କରିଥିଲେ। ଚୋଳ ସରକାର ରାଷ୍ଟ୍ର ଚଳାଇବା ପାଇଁ ନ୍ୟାୟ ସଙ୍ଗତ ଭାବରେ ତଥା ସଠିକ୍ ଭାବେ କର ଆଦାୟର ଆବଶ୍ୟକତା ଉପରେ ଅତ୍ୟଧିକ ସତର୍କ ଥିଲେ। ରାଜସ୍ୱ ଅଭିଲେଖ ବା ନଥିଗୁଡ଼ିକ ଅନ୍ୟାୟ ଭାବେ କର ଆଦାୟ କରିବାର ଦସ୍ତାବିଜ ନଥିଲା। ବରଂ ତାହା ଯତ୍ନର ସହିତ ଲେଖା ଯାଉଥିବା ଭୂମି ଅଧିକାର ଦଲିଲ୍ ଥିଲା ଯାହାକି ପୁରାପୁରି ଅନୁସନ୍ଧାନ ଏବଂ ସଠିକ୍ ଭାବେ ଜମିର ମାପଚୁପ ଉପରେ ପର୍ଯ୍ୟବେଶିତ ଥିବା ସହିତ ସେଗୁଡ଼ିକୁ ନିୟମିତ ମାପଚୁପ ଦ୍ୱାରା ଯୁଗପୋଯୋଗୀ (Uptodate) କରାଯାଇଥିଲା। ରାଜସ୍ୱ ଅଧିକାରୀମାନଙ୍କ କାର୍ଯ୍ୟରେ ଅନ୍ୟ କ୍ଷେତ୍ରର ଦାୟିତ୍ୱ ମଧ୍ୟ ନ୍ୟସ୍ତ ହୋଇଥିଲା। ସେମାନେ ମଧ୍ୟ ମନ୍ଦିରର ଆୟ ଏବଂ ବ୍ୟୟ ନିୟନ୍ତ୍ରଣ କରୁଥିଲେ। ଏହା ମଧ୍ୟ ଦେଖାଯାଏ ଯେ ସେମାନେ ଗ୍ରାମ ସଭା ପାଇଁ ମଧ୍ୟ ଜମି କିଣୁଥିଲେ। ଗ୍ରାମ ପରିଷଦ ଭଳି ସ୍ଥାନୀୟ ସରକାରୀ ଏଜେନ୍ସି (Agency) ତିଆରି କରାଯାଇଥିବା ମହତ୍ୱପୂର୍ଣ୍ଣ ଦଲିଲଗୁଡିକର ସତ୍ୟତା ପ୍ରମାଣ କରିବା ସହିତ ନିଶ୍ଚିତ ବୋଲି ଦର୍ଶାଉଥିଲେ। ଏମାନେ ମଧ୍ୟ ବିଚାରପତିଭାବେ କାର୍ଯ୍ୟ କରୁଥିବାର ଦେଖା ଯାଉଥିଲା। କେନ୍ଦ୍ର ସରକାରଙ୍କ ଦ୍ୱାରା ଟିକସ ଆଦାୟ ହେବା ସତ୍ତ୍ୱେ ସ୍ଥାନୀୟ ଗୋଷ୍ଠୀମାନେ ଶୁଳ୍କ ଏବଂ ଅନ୍ୟାନ୍ୟ ଦେୟ ଆଦାୟ କରିବାର ସୁଯୋଗ ପାଇଥିଲେ।

ଚୋଳ ସାମ୍ରାଜ୍ୟରେ ନ୍ୟାୟ ଏକ ସ୍ଥାନୀୟ ମାମଲା ଥିଲା ଯେଉଁଠାରେ ଛୋଟ ଛୋଟ ବିବାଦଗୁଡିକୁ ଗ୍ରାମ ସ୍ତରରେ ଫଇସଲା କରାଯାଉଥିଲା। ଛୋଟ ଅପରାଧ ପାଇଁ ଦଣ୍ଡ ସ୍ୱରୂପ ଅର୍ଥଦଣ୍ଡ ଦେବାକୁ ପଡୁଥିଲା ଅଥବା ଦୋଷୀକୁ କେତେକ ଦାତବ୍ୟ ଅନୁଷ୍ଠାନକୁ ଦାନ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଉଥିଲା। ଏପରିକି ନରହତ୍ୟା ଭଳି ଜଘନ୍ୟ ଅପରାଧପାଇଁ ମଧ୍ୟ ଅର୍ଥଦଣ୍ଡରେ ଦଣ୍ଡିତ କରାଯାଉଥିଲା। ରାଜ୍ୟ ପ୍ରତି ଅପରାଧ ଯେପରିକି ଦେଶଦ୍ରୋହ ଆଦିରେ ରାଜା ନିଜେ ଶୁଣାଣି ଏବଂ ଦଣ୍ଡବିଧାନ କରୁଥିଲେ। ଏବଂ ଏଭଳି କ୍ଷେତ୍ରରେ ରାଜା ସାଧାରଣତଃ ମୃତ୍ୟୁ ଦଣ୍ଡ ଅଥବା ସମ୍ପତ୍ତିର ବାଜ୍ୟାପ୍ତି ଦଣ୍ଡାଦେଶ ଶୁଣାଉଥିଲେ। ଏପରିକି ପ୍ରଥମ ଶ୍ରେଣୀୟ ହତ୍ୟା ମାମଲାରେ ମଧ୍ୟ ମୃତ୍ୟୁ ଦଣ୍ଡ ଅସାଧାରଣ ଥିଲା। ଆଜିପର୍ଯ୍ୟନ୍ତ ଉପଲବ୍ଧ ସମସ୍ତ ଅଭିଲେଖରେ କେବଳ ଏକ ମାତ୍ର ମୃତ୍ୟୁଦଣ୍ଡର ଉଦାହରଣ ଦେଖିବାକୁ ମିଳେ। ଗ୍ରାମସଭାଗୁଡିକ ସ୍ଥାନୀୟ ବିବାଦଗୁଡିକର ନିର୍ଣ୍ଣୟ କରିବା ପାଇଁ ଅତ୍ୟଧିକ ଶକ୍ତିର ଉପଯୋଗ କରୁଥିଲେ। ନ୍ୟାୟତାର (Nyayattar) କୁହାଯାଉଥିବା ଛୋଟ ସମିତିଗୁଡିକ କେତେକ କ୍ଷେତ୍ରରେ ଶୁଣାଣୀ କରୁଥିଲେ ଯେଉଁଗୁଡିକ ସ୍ୱେଚ୍ଛାସେବୀ ଗ୍ରାମୀଣ ସମିତିର ଅଧିକାର ଭୁକ୍ତ ହୋଇନଥିଲା। ଅଧିକାଂଶ ବିଚାରରେ ଦଣ୍ଡ ସ୍ୱରୂପ ମନ୍ଦିର ଅଥବା ଧର୍ମ୍ମତ୍ତୋର ସମ୍ପତ୍ତି (Endowment) କୁ ଦାନ ସ୍ୱରୂପ



ଟିପ୍ପଣୀ

ଅର୍ଥ ଦେବାକୁ ପଡୁଥିଲା । ଦୋଷୀ ସାବ୍ୟସ୍ତ ବ୍ୟକ୍ତିକୁ ନିଜର ଅର୍ଥରାଶି "ଧର୍ମାସନ" (Dharmaasana) ନାମକ ଏକ ସ୍ଥାନରେ ଜମା ଦେବାକୁ ପଡୁଥିଲା । ନ୍ୟାୟ ପ୍ରକ୍ରୀୟା ତଥା ନ୍ୟାୟାଳୟର ନଥି ବିଷୟରେ ଅଧିକ ଖବର ଉପଲବ୍ଧ ହୋଇପାରିନାହିଁ । ଦିୱାନୀ ତଥା ଫୌଜଦାରୀ ମାମଲାରେ କୌଣସି ପ୍ରଭେଦ ନଥିଲା । ସମୟ ସମୟରେ ଦେୱାନୀ କେଶ୍ ଗୁଡିକୁ ସେହିଦିନ ପର୍ଯ୍ୟନ୍ତ ଚାଲୁ ରଖାଯାଉଥିଲା ଯେଉଁଦିନ ପର୍ଯ୍ୟନ୍ତ ସମୟ ଏହାର ସମାଧାନ କରି ପାରୁ ନଥିଲା । ଚୋରୀ, ବ୍ୟଭିଚାର ଏବଂ ଜାଲିଆତି ପରି ଅପରାଧକୁ ଜଘନ୍ୟ ଅପରାଧ ବୋଲି ଧରାଯାଉଥିଲା । ଅଧିକାଂଶ କ୍ଷେତ୍ରରେ ଅପରାଧୀକୁ ଦଣ୍ଡ ହିସାବରେ ମନ୍ଦିରରେ ନିରନ୍ତର ଦ୍ୱୀପ ଜାଳିବା ପାଇଁ ନିର୍ଦ୍ଦୋଷ ଦିଆ ଯାଉଥିଲା । ଏପରିକି ହତ୍ୟା ମାମଲାରେ ମଧ୍ୟ ଅର୍ଥଦଣ୍ଡ ମାଧ୍ୟମରେ ଦୋଷୀକୁ ଦଣ୍ଡ ପ୍ରଦାନ କରାଯାଉଥିଲା । ଏକ ଦୃଷ୍ଟାନ୍ତରେ ଜଣେ ଲୋକ ଜଣେ ସୈନ୍ୟବାହିନୀର କମାଣ୍ଡରଙ୍କୁ ଛୁରୀ ଭୂଷି ଦେଇଥିଲା । ରାଜେନ୍ଦ୍ର ଚୋଳ- II ଅପରାଧୀକୁ ଏକ ପଡୋଶି ମନ୍ଦିରେ ଦ୍ୱୀପ ଜଳାଇବା ପାଇଁ ୯୬ଟି ମେଣ୍ଢା ଦାନ କରିବାକୁ କହିଥିଲେ ।

## ୩୦.୪ ପାଠଗତ ପ୍ରଶ୍ନ

ସଠିକ ଉତ୍ତର ଉପରେ ଠିକ୍ ☑ଚିହ୍ନ ଲଗାଅ ।

୧. କେଉଁ ଶତାବ୍ଦୀରେ ବିଜୟଓ୍ୱାଡାରେ ଶାସନ କରୁଥିବା ସମୟରେ ଚୋଳ ଶକ୍ତିର କେନ୍ଦ୍ର ତାନଜାଭୁର ଥିଲା । (୫ମ, ୯ମ ଏବଂ ୧୦ମ)

..............................................................................................

୨. ରାଜାରାଜା-୧ଙ୍କ ପୁତ୍ର ରାଜେନ୍ଦ୍ର କେଉଁ ସମୟରୁ ନିଜ ପିତାଙ୍କ ଶାସନରେ ଅଂଶ ଗ୍ରହଣ କରିଥିଲା । (୧୦୧୨, ୧୧୦୨, ୨୧୦୧)

..............................................................................................

୩. ଉତ୍ତରାମେରୁର ଏକ ମନ୍ଦିରରେ ଖ୍ରୀ: କେଉଁ ଶତାବ୍ଦୀର ଏକ ଅଭିଲେଖରେ ସ୍ଥାନୀୟ ପରିଷଦର ଗଠନର ସମ୍ବିଧାନ ବର୍ଣ୍ଣନା କରାଯାଇଛି । (୬ଷ୍ଠ, ୭ମ, ୮ମ)

..............................................................................................

## ତୁମେ କ'ଣ ଶିଖିଲ

ମାନବ ସମାଜ ଗଠନର ପ୍ରାରମ୍ଭରୁ ଏକ ବିଶ୍ୱାସ ଥିଲା ଯେ ସମସ୍ତ ମାନବମାନେ ସମାନ ଏବଂ ସେମାନଙ୍କର ସମାନ ଅଧିକାର ଅଛି କାରଣ ମୂଳତଃ ଏହା ଏକ ଗୋଷ୍ଠୀଗତ ସମାଜ ଥିଲା । ବର୍ଗ ଉପରେ ଆଧାରିତ ସମାଜର ବିକାଶ ରାଷ୍ଟ୍ର ପ୍ରଣାଳୀକୁ ପରିବର୍ତ୍ତନ କରିବା ପାଇଁ ଅନିବାର୍ଯ୍ୟ ଥିଲା ।

ବୈଦିକ ରାଜତନ୍ତ୍ରରେ ଗୋଷ୍ଠୀମୁଖ୍ୟ ରାଜା ହେଉଥିଲେ ଏବଂ ଧିରେ ଧିରେ ତାଙ୍କୁ ଏପରି ଉପାଧିରେ ଭୂଷିତ କରାଯାଉଥିଲା ଯେ ତାଙ୍କର ସ୍ଥାନ ଭଗବାନଙ୍କ ସହିତ ସମାନ ହେଲା । ରାଷ୍ଟ୍ରର ସୃଷ୍ଟି ମୁଖ୍ୟତଃ ଦୁଇଟି କାରଣ ଉପରେ ପର୍ଯ୍ୟବେଶିତ ଯଥା:-ଦଣ୍ଡ (ପ୍ରାଧିକାରୀ) ଏବଂ

ଧର୍ମ । ମୌର୍ଯ୍ୟ ସାମ୍ରାଜ୍ୟର ଆବିର୍ଭାବ ଦ୍ୱାରା ରାଜତନ୍ତ୍ରର ରାଜନୈତିକ ଧାରଣାକୁ ଦୃଢ଼ୀଭୂତ କଲା । ତା ସତ୍ତ୍ୱେ ମୌର୍ଯ୍ୟ ସାମ୍ରାଜ୍ୟର ପତନ ଏବଂ ଅନ୍ୟ ଏକ ସାମ୍ରାଜ୍ୟର ପୁନଃ ଆବିର୍ଭାବ ପାଇଁ ଅନେକ ଶତାବ୍ଦୀ ଲାଗିଲା ।

ଏହା କଥିତ ଅଛି ଯେ ଆର୍ଯ୍ୟମାନେ ଖାଇବର ଗିରିପଥ ଦେଇ ପ୍ରାୟ ୧୫୦୦ ଖ୍ରୀ:ପୂ: ବେଳକୁ ଭାରତରେ ପ୍ରବେଶ କଲେ ଏବଂ ଭାରତ ଇତିହାସରେ ଏକ ନୂତନ ସଭ୍ୟତାର ଅୟମାରମ୍ଭ କଲେ ଯାହାକୁ ବୈଦିକ ସଭ୍ୟତା କୁହାଯାଏ । ଆର୍ଯ୍ୟମାନେ ବିଭିନ୍ନ ଦଳରେ ବିଭକ୍ତ ହୋଇ ଭାରତର ଉତ୍ତର ପଶ୍ଚିମାଞ୍ଚଳରେ ସ୍ଥାୟୀଭାବେ ଜୀବନ ଯାପନ କଲେ । ଗୋଷ୍ଠୀ ମୁଖ୍ୟ ରାଜା ନାମକ ଉପାଧି ଧାରଣ କଲେ । ସେ ପ୍ରାରମ୍ଭରୁ ଯୁଦ୍ଧ ନେତାମାନଙ୍କଠାରୁ ସ୍ୱଚ୍ଛ ଉର୍ଦ୍ଧ୍ୱରେ ଥିଲେ ଏବଂ ତାଙ୍କର ମୁଖ୍ୟ କାର୍ଯ୍ୟ ହେଲା ନିଜ ନିଜର ଗୋଷ୍ଠୀକୁ ସୁରକ୍ଷା ପ୍ରଦାନ କରିବା ।

ଏକ ମହାସଂଗ୍ରାମ ଦ୍ୱାରା କଳିଙ୍ଗ ବିଜୟ ଅବସରରେ ମହାନ ସମ୍ରାଟ ଅଶୋକ ସୈନ୍ୟବଳ ଦ୍ୱାରା ରାଜ୍ୟାଧିକାରକୁ ପରିସମାପ୍ତି କରିଥିଲେ । ଭାରତୀୟ ଉପମହାଦ୍ୱୀପକୁ ଶାସନ କରୁଥିବା ବିଶାଳ ସାମ୍ରାଜ୍ୟ ହେଲା ମୌର୍ଯ୍ୟ ସାମ୍ରାଜ୍ୟ । ଚନ୍ଦ୍ରଗୁପ୍ତଙ୍କ ମନ୍ତ୍ରୀ କୌଟିଲ୍ୟ 'ଅର୍ଥଶାସ୍ତ୍ର' ରଚନା କରିଥିଲେ । ଅର୍ଥନୀତି, ରାଜନୀତି, ବୈଦେଶିକ ବ୍ୟାପାର, ଶାସନ, ସାମରିକ କଳା ଯୁଦ୍ଧ ଏବଂ ଧର୍ମ ଉପରେ ଆଧାରିତ ଏହା ହେଉଛି ପ୍ରାଚ୍ୟରେ ଲେଖା ଯାଇଥିବା ମହାଗ୍ରନ୍ଥମାନଙ୍କ ମଧ୍ୟରୁ ଅନ୍ୟତମ ।

ଚତୁର୍ଥ ଶତାବ୍ଦୀର ସର୍ବଶ୍ରେଷ୍ଠ ସାମ୍ରାଜ୍ୟ ଥିଲା ଗୁପ୍ତ ସାମ୍ରାଜ୍ୟ ଯାହାକୁ ଭାରତ ଇତିହାସରେ ସୁବର୍ଣ୍ଣ ଯୁଗର ଆଖ୍ୟା ଦିଆଯାଏ । ଏହି ସାମ୍ରାଜ୍ୟ ଦୁଇ ଶତାବ୍ଦୀ ଠାରୁ ଅଧିକ ସମୟ ତିଷ୍ଠି ଥିଲା ।

ଏହି ପାଠରେ ତୁମ୍ଭେମାନେ ମଧ୍ୟ ମୌର୍ଯ୍ୟ ଅମଲାତନ୍ତ୍ର, ଗୁପ୍ତ ଶାସନ ଏବଂ ଚୋଳ ଶାସନର ଉତ୍ପତ୍ତି ବିଷୟରେ ପଢ଼ିଅଛ । ଚୋଳ ଅମଲାତନ୍ତ୍ର ଅଥବା ଶାସନରେ ନିୟୋଜିତ ଥିବା କର୍ମକର୍ତ୍ତାଙ୍କର କାର୍ଯ୍ୟକଳାପଗୁଡ଼ିକ ଯାଞ୍ଚ ଏବଂ ସମୀକ୍ଷଣର ପରିସରଭୁକ୍ତ ଥିଲେ । ରାଜସ୍ୱ କର୍ମଚାରୀମାନେ ଟିକସ ଆଦାୟର ଦାୟିତ୍ୱ ଗ୍ରହଣ କରିଥିଲେ ।

## ପାଠାନ୍ତ ପ୍ରଶ୍ନ

୧) କିଙ୍ଗସିପ୍ ର ଅର୍ଥ କ'ଣ? ଏହା କିପରି ବିକଶିତ ହେଲା?

୨) ମହାଜନପଦ ଏବଂ ରାଜତନ୍ତ୍ରୀୟ ମହାଜନପଦ ମଧ୍ୟରେ ପ୍ରଭେଦ ଦର୍ଶାଅ ।

୩) ମଗଧ ତଥା ମୌର୍ଯ୍ୟମାନଙ୍କର ଉତ୍ଥାନ ବିଷୟରେ ଉଲ୍ଲେଖ କର ।

୪) ଗୁପ୍ତକାଳରେ ରାଷ୍ଟ୍ରର ବିକାଶ କିପରି ହୋଇଥିଲା?

୫) ଚୋଳ ଶାସନର ବିକାଶ ଏବଂ ମୂଲ୍ୟାୟନ କର ।

## ପାଠଗତ ପ୍ରଶ୍ନର ଉତ୍ତର

**୩୦.୧**

୧) ଆରମ୍ଭରୁ ମାନବ ସମାଜ ମୁଖ୍ୟତଃ ଏକ ଗୋଷ୍ଠୀଗତ ସମାଜ ।



ଟିପ୍ପଣୀ

୨) ମୌର୍ଯ୍ୟ ବଂଶର ଆବିର୍ଭାବ ରାଜତନ୍ତ୍ରର ରାଜନୈତିକ ଧାରଣାକୁ ଦୃଢ଼ୀଭୂତ କଲା ।

୩) ଏକ ସୁଦୃଢ଼ ରାଜନୈତିକ ମୂଳଦୁଆର ଅଭାବରୁ ଆର୍ଯ୍ୟମାନେ ଅନାର୍ଯ୍ୟ (ଅଣ-ଆର୍ଯ୍ୟ)ମାନଙ୍କୁ ଏକତ୍ରୀତ କରି ପାରି ନଥିଲେ ।

୪) ଏକ ସଭାଗୃହରେ ୭୭୦୭ ଠାରୁ ଅଧିକ ରାଜା ଥିଲେ ସେମାନେ ରାଜନ୍ୟାସ୍ ଶ୍ରେଣୀକୁ ପ୍ରତିନିଧିତ୍ୱ କରୁଥିଲେ ।

**୩୦.୨**

୧) କୌଟିଲ୍ୟ

୨) ରାଜକୀୟ ରାଜକୁମାର

୩) ଗ୍ରୀକ୍ ଦେଶର ରାଷ୍ଟ୍ରଦୂତ ଯେ ଭାରତ ବୁଲିଥିଲେ ।

୪) (କ) ତୋଶାଳୀ (ଖ) ଉଜ୍ଜୟିନୀ (ଗ) ସୁବର୍ଣ୍ଣଗିରି (ଘ) ତାମିଲା

୫) ୬,୦୦,୦୦୦ ପଦାତୀକ:, ୩୦,୦୦୦ ଅଶ୍ୱାରୋହୀ:, ୯୦୦୦ ଯୁଦ୍ଧହସ୍ତୀ

**୩୦.୩**

୧) ଗୁପ୍ତ ସାମ୍ରାଜ୍ୟ

୨) ଚନ୍ଦ୍ରଗୁପ୍ତ - I, ମହାରାଜାଧୀରାଜ

୩) ଚନ୍ଦ୍ରଗୁପ୍ତ - II

୪) ଚୀନ୍‌ର, ବୌଦ୍ଧ

**ପାଠାନ୍ତ ପ୍ରଶ୍ନ ପାଇଁ ସଙ୍କେତ**

୧) ଅନୁଚ୍ଛେଦ ୩୦.୨ ଏବଂ ୩୦.୩ ଦେଖ

୨) ଅନୁଚ୍ଛେଦ ୩୦.୪ ଦେଖ

୩) ଅନୁଚ୍ଛେଦ ୩୦.୫ ଦେଖ

୪) ଅନୁଚ୍ଛେଦ ୩୦.୯ ଦେଖ

୫) ଅନୁଚ୍ଛେଦ ୩୦.୧୪ ଦେଖ

ଟିପ୍ପଣୀ

# ୩୧

# ମଧ୍ୟଯୁଗୀୟ ରାଷ୍ଟ୍ର

ଏହି ପାଠ୍ୟ ପୁସ୍ତକରେ ମଧ୍ୟଯୁଗୀୟ ରାଷ୍ଟ୍ରମାନଙ୍କର ଉତ୍‌ଥାନର ସ୍ୱରୂପ ତଥା ବିସ୍ତାର ଉପରେ ଆଲୋଚନା କରାଯାଇଅଛି । ଏଠାରେ ଦୁଇ ମୁଖ୍ୟ ରାଷ୍ଟ୍ର ଗଠନ ବିଷୟରେ ଆଲୋଚନା କରାଯାଇଛି ତାହା ହେଲା ଦିଲ୍ଲୀ ସୁଲତାନି ଶାସନ ଓ ମୋଗଲ ସାମ୍ରାଜ୍ୟ । ମଧ୍ୟକାଳୀନ ଶାସକମାନେ ମୁଖ୍ୟତଃ ଭାରତ ବାହାରୁ ଆସିଥିବା ହେତୁ ଏମାନେ ଦେଶୀୟ ରାଜନୈତିକ ଗଠନ ପ୍ରଣାଳୀକୁ ପ୍ରଭାବିତ କରୁଥିଲେ ତଥା ସେଠାରୁ ମଧ୍ୟ ଶିକ୍ଷା ଲାଭ କରୁଥିଲେ । ମଧ୍ୟଯୁଗୀୟ ରାଷ୍ଟ୍ରର ବର୍ଣ୍ଣନା ବିଶେଷ ଭାବରେ ଏପରି ଏକ ରାଜ୍ୟତନ୍ତ୍ର ରୂପେ କରାଯାଇଅଛି ଯେ ଯାହାର ମୁଖ୍ୟ ଜଣେ ଶକ୍ତିଶାଳୀ ଶାସକ ଯାହାଙ୍କ ପ୍ରତି ପଦାନୁକ୍ରମାନୁସାର ସଂଗଠିତ ପ୍ରଶାସନିକ କଳର ସମର୍ଥନ ତଥା ଧାର୍ମିକ କର୍ମକର୍ତ୍ତାଙ୍କ ଦ୍ୱାରା ବୈଧତା ପ୍ରଦାନ କରାଯାଇଥାଏ । ସୈନ୍ୟବାହିନୀ, କୁଳୀନ ଅମଲାତନ୍ତ୍ର ଏବଂ ଭୂରାଜସ୍ୱ ଆଦି ରାଷ୍ଟ୍ରର ମୂଳତତ୍ତ୍ୱ ଥିଲା । କ୍ଷମତାର ଅଂଶୀଦାର ହେବା ପାଇଁ ପ୍ରତିଯୋଗୀ ଗୋଷ୍ଠୀମାନଙ୍କ ମଧ୍ୟରେ ପ୍ରତି ରାଜାଙ୍କୁ ସନ୍ତୁଳନ ରକ୍ଷା କରିବା ଜରୁରୀ ଥିଲା ।

## ଉଦ୍ଦେଶ୍ୟ

ଏହା ଅଧ୍ୟୟନ କଲା ପରେ ତୁମେ:-

- ମଧ୍ୟଯୁଗୀୟ ଭାରତରେ ରାଷ୍ଟ୍ରର ବିକାଶର ବିଶ୍ଳେଷଣ କରିପାରିବ ।
- ମଧ୍ୟଯୁଗୀୟ ରାଷ୍ଟ୍ରର ସ୍ୱରୂପକୁ ସ୍ମରଣ କରିପାରିବ ।
- ମଧ୍ୟଯୁଗୀୟ ରାଷ୍ଟ୍ରର ସଙ୍ଗଠନଗୁଡ଼ିକୁ ବର୍ଣ୍ଣନା କରିପାରିବ ।

## ୩୧.୧ ପୃଷ୍ଠଭୂମି

ଗୁପ୍ତ ସାମ୍ରାଜ୍ୟର ପତନ ପରେ ପରେ ଭାରତୀୟ ରାଜ୍ୟତନ୍ତ୍ରର ବିକେନ୍ଦ୍ରୀକରଣ ଏବଂ ବିଭିନ୍ନ ଆଞ୍ଚଳିକ ରାଷ୍ଟ୍ରର ଆବିର୍ଭାବ ହୋଇଥିଲା । ପ୍ରାଚୀନ ଯୁଗରୁ ମଧ୍ୟବର୍ତ୍ତୀ ଯୁଗକୁ ପରିବର୍ତ୍ତନ ହେବା ସମୟରେ ତିନୋଟି ଆଞ୍ଚଳିକ କ୍ଷମତା ମଧ୍ୟରେ ଏକ ତ୍ରୀପାକ୍ଷିକ ଯୁଦ୍ଧ ହୋଇଥିଲା । ସେ ରାଷ୍ଟ୍ରଗୁଡ଼ିକ ହେଲେ ବଙ୍ଗଳାର ପାଳ, ଉତ୍ତର ଭାରତରେ ରାଷ୍ଟ୍ରକୁଟ ଏବଂ ଉପଦୀପିୟ ଭାରତର ରାଷ୍ଟ୍ରକୁଟ । ଖୁବ୍ ଶୀଘ୍ର ଉତ୍ତର ଭାରତରେ ସାମ୍ରାଜ୍ୟ ବସାଇବା ପାଇଁ ଆଶା କରିଥିବା ଛୋଟ ରାଜପୁତ ରାଷ୍ଟ୍ରର ବିକାଶ ହୋଇଥିଲା । କିନ୍ତୁ ଉତ୍ତର-ପଶ୍ଚିମ ଦିଗରେ ତୁର୍କୀବାସୀଙ୍କର ଆଗମନ ଫଳରେ ଏକ ବିସ୍ତୃତ ମଧ୍ୟକାଳୀନ ରାଷ୍ଟ୍ର ଗଠନର ନୂତନ ପ୍ରକ୍ରୀୟା ଦେଖା ଯାଇଥିଲା ।

## ୩୧.୨ ଦିଲ୍ଲୀ ସୁଲତାନେଟ

ତ୍ରୟୋଦଶ ଶତାବ୍ଦୀରେ ଉତ୍ତର ଭାରତରେ ଏକ ନୂଆ ପ୍ରକାରର ରାଜବଂଶୀୟ ପ୍ରଭାବ କ୍ଷେତ୍ରର ଆରମ୍ଭ ହୋଇଥିଲା । ଦିଲ୍ଲୀ ସୁଲତାନେଟର ଉତ୍ପତ୍ତି ମହମ୍ମଦ ଘୋରୀଙ୍କ ବିଜୟରୁ ହୋଇଥିଲା । ସେ ୧୧୫୧ ଖ୍ରୀ:ରେ ଗଜନୀଙ୍କୁ ଲୁଣ୍ଠନ କରି ଗଜନବୀୟମାନଙ୍କୁ (ଗଜନୀର ଶାସକ ଗୋଷ୍ଠୀ)



ଟିପ୍ପଣୀ

ପଞ୍ଜାବକୁ ଖ୍ରୀ:୧୧୫୭ରେ ବିତାଡ଼ିତ କରିଥିଲେ। ମହମ୍ମଦ ଘୋରୀ ଖ୍ରୀ:୧୧୮୬ରେ ଗଜନବୀୟଙ୍କ ମୂଳ ଉତ୍ପାଟନ କରିବା ପାଇଁ ସିନ୍ଧୁ ଅବବାହିକାରେ ପ୍ରବେଶ କରିଥିଲେ। ଯିବା ବାଟରେ ତାଙ୍କର ସୈନ୍ୟବାହିନୀ ଖ୍ରୀ:୧୧୭୫ରେ ମୁଲତାନ, ଖ୍ରୀ:୧୧୮୨ରେ ସିନ୍ଧୁ ଏବଂ ଖ୍ରୀ:୧୧୮୬ରେ ପେଶୱା ଏବଂ ଲାହୋରକୁ ଅଧିକାର କରିଥିଲେ। ଖ୍ରୀ:୧୧୯୦ରେ ସେ ଭାତିଣ୍ଡା (Bhatinda) ଅଧିକାର କରିଥିଲେ। ଏହା ରାଜପୁତ ସମ୍ରାଟ ପୃଥିବୀରାଜ ଚୌହାନଙ୍କୁ ଯୁଦ୍ଧ କରିବାକୁ ଇନ୍ଧନ ଯୋଗାଇଥିଲା, ଯାହାଙ୍କୁ ସେ ଖ୍ରୀ:୧୧୯୨ରେ ଚୁଡ଼ାନ୍ତ ଭାବେ ପରାସ୍ତ କରିଥିଲେ। ଗାଙ୍ଗେୟ ଉପତ୍ୟକାକୁ ଯାଇଥିବା ପଶ୍ଚିମ ପଥରୁ ରାଜପୁତଙ୍କ କର୍ତୃତ୍ୱକୁ ସମାପ୍ତ କରି ଘୋରୀଙ୍କ ସୈନ୍ୟବାହିନୀ ପୂର୍ବ ଦିଗକୁ ଅଗ୍ରସର ହେଲେ। ଏହି ସୈନ୍ୟ ଚାଳନା ଖ୍ରୀ:୧୨୦୦ରେ ବକ୍ତିୟାର ଖିଲିଜୀ ବଙ୍ଗଳରେ ଲକ୍ଷ୍ମଣ ସେନାଙ୍କୁ ଅନ୍ତିମ ଭାବେ ହରାଇବା ପର୍ଯ୍ୟନ୍ତ ଚାଲୁ ରହିଥିଲେ। ଖ୍ରୀ:୧୨୦୬ରେ ମହମ୍ମଦ ଘୋରୀ ମୃତ୍ୟୁ ବରଣ କଲାପରେ ତାଙ୍କର ବିଶ୍ୱାସି ମାମଲୁକ (ଦାସ) ସେନାପତି ତଥା ଦିଲ୍ଲୀର ଗଭର୍ଣ୍ଣର କୁତବ୍-ଉଦ୍-ଦିନ-ଆଇବାକ୍ ନିଜକୁ ସ୍ୱାଧୀନ ଶାସକ ବୋଲି ଘୋଷଣା କଲେ। ଉକ୍ତ ଇଲବାରୀ ତୁର୍କର (Ilberi Turk) ରାଜବଂଶ ହେଉଛି ଦିଲ୍ଲୀକୁ ଶାସନ କରୁଥିବା ରାଜବଂଶମାନଙ୍କ ଅନୁକ୍ରମରେ ପ୍ରଥମ ଯେଉଁମାନଙ୍କୁ ସାମୁହିକ ଭାବେ ଦିଲ୍ଲୀ ସୁଲତାନେଟ କୁହାଯାଏ। ପରବର୍ତ୍ତୀ ସମୟରେ ଘୋରୀ ଏବଂ ଘଜନବୀୟମାନଙ୍କର ଦିଲ୍ଲୀକୁ ନିଜ ଅଧିନକୁ ଫେରାଇ ଆଣିବାର ପ୍ରଚେଷ୍ଟାକୁ ଇଲ୍‌ତୁତ୍‌ମିସ୍(୧୨୧୧-୧୨୩୬)ଅସଫଳ କରି ଦେଇଥିଲେ। ଉତ୍ତର ଭାରତରେ ତୁର୍କମାନଙ୍କ ଦ୍ୱାରା ଲବ୍ଧ ରାଜ୍ୟଗୁଡ଼ିକୁ ଏକଶାସନାଧୀନ କରିଥିବାରୁ ଇଲ୍‌ତୁତ୍‌ମିସ୍‌ଙ୍କୁ ତୁର୍କ ସାମ୍ରାଜ୍ୟର ପ୍ରତିଷ୍ଠାତା ବୋଲି ବିବେଚନା କରିବା ନିତ୍ୟାନ୍ତ ଆବଶ୍ୟକ। ସେ ସାମ୍ରାଜ୍ୟକୁ ଏକ ନୂତନ ରାଜଧାନୀ, ଏକ ରାଜତାନ୍ତ୍ରିକ ସରକାର ଏବଂ ଏକ ଶାସକ ଗୋଷ୍ଠୀ ପ୍ରଦାନ କରିଥିଲେ। ସେ ବେତନ ଅନୁଦାନ ସ୍ଥାନରେ ଜମିରୁ ରାଜସ୍ୱ ଦେବା ପ୍ରଥା ଆରମ୍ଭ କରିଥିଲେ। ସେ ଏକ କେନ୍ଦ୍ରୀୟ ସେନାବାହିନୀ ସ୍ଥାପନ କରିଥିଲେ ଏବଂ ରୂପା ମୁଦ୍ରା ତଥା ଜିତିଲ କୁହାଯାଉଥିବା ତମ୍ବା ମୁଦ୍ରା ପଇସାର ପ୍ରଚଳନ କରିଥିଲେ। ପ୍ରସିଦ୍ଧ କୁତବମୀନାର ତାଙ୍କ ରାଜସ୍ୱକାଳରେ ସମ୍ପୂର୍ଣ୍ଣ ହୋଇଥିଲା। ଇଲ୍‌ତୁତ୍‌ମିସ୍ ନିଜର କନ୍ୟା ରେଜିୟା (ରେଜିୟା-ଉଦ୍-ଦୀନ)ଙ୍କୁ ନିଜର ଉତ୍ତରାଧିକାରୀଣୀ ହିସାବରେ ମନୋନୀତ କରିଥିଲେ। ଏହା ସତ୍ତ୍ୱେ ନୂତନ ରାଷ୍ଟ୍ରରେ ଇଲ୍‌ତୁତ୍‌ମିସ୍‌ଙ୍କ ମୃତ୍ୟୁର ଦଶ ବର୍ଷ ମଧ୍ୟରେ ଗମ୍ଭୀର ଦଳୀୟ ବିବାଦ ଦେଖା ଦେଇଥିଲା। ଏହା ଦ୍ୱାରା ତାଙ୍କର ଚାରି ଜଣ ପୁତ୍ର ଏବଂ ପୌତ୍ରମାନଙ୍କୁ ସିଂହାସନରେ ଅଳଙ୍କୃତ କରିବା ସଙ୍ଗେସଙ୍ଗେ ସମୟ କ୍ରମେ ପଦଚ୍ୟୁତ ମଧ୍ୟ ହେବାକୁ ପଡ଼ିଥିଲା। ଉକ୍ତ ଗତିବିଧି ମୁଖ୍ୟତଃ ଇଲ୍‌ତୁତ୍‌ମିସ୍‌ଙ୍କ ନିଜସ୍ୱ ଦାସମାନଙ୍କ ଦ୍ୱାରା ଚାଲୁ ରହିଥିଲା। ସେମାନଙ୍କୁ "ଚାଳିସିବାହିନୀ" ଅଥବା ଚିହାଲଗାନୀ (Chihalgani) କୁହାଯାଏ। ଏହା ଏକ ରାଜନୈତିକ ଦଳ ଯାହାର ସଦସ୍ୟ ହେବା ପାଇଁ ପ୍ରତିଭା ତଥା ଇଲ୍‌ତୁତ୍‌ମିସ୍‌ଙ୍କ ପରିବାର ପ୍ରତି ନିଷ୍ଠାର ଆବଶ୍ୟକତା ଥିଲା। ଖ୍ରୀ:୧୨୪୬ ବେଳକୁ ରାଜନୈତିକ ସ୍ଥିତିରେ ପରିବର୍ତ୍ତନ ଦେଖା ଦେଲା। ଏହି ସମୟରେ ଚିହାଲଗାନୀର ଜଣେ କନିଷ୍ଠ ସଦସ୍ୟ ଗ୍ୟାସ୍-ଉଦ୍ଦିନ ବଲ୍‌ବନ୍ ନୂଆ ସୁଲତାନ୍ ନାସିର-ଉଦ୍ଦ-ଦୀନ୍-ମହମୁଦ(୧୨୪୬-୬୬)ଙ୍କ ଅଧିନରେ ରହି ସରକାର ଚଳାଇ ପାରିବା ଭଳି ଅସୀମ କ୍ଷମତାର ଅଧିକାରୀ ହୋଇଥିଲେ। ବଲ୍‌ବନ୍ ପ୍ରଥମେ ଉକ୍ତ ସୁଲତାନଙ୍କ ନାୟବ (ସହାୟକ) ଏବଂ ପରେ ନିଜେ ସୁଲ୍‌ତାନ୍ ହୋଇଥିଲେ (୧୨୬୬-୧୨୮୬)। ସେ ତାଙ୍କ ନିଜ ସମୟର ସର୍ବାପେକ୍ଷା ମହତ୍ୱପୂର୍ଣ୍ଣ ରାଜନୈତିକ ବ୍ୟକ୍ତି ଥିଲେ।





ବଲବନ ସୁଲତାନଙ୍କ ବିଶେଷ ସ୍ଥିତି ଉପରେ ଜୋର୍ ଦେଇ ତାଙ୍କୁ ଜିଲ-ଆଲ୍-ଆଲ୍ଲା (Zill-al-Allah) ଅର୍ଥାତ୍ ପୃଥିବୀରେ ଭଗବାନଙ୍କର ଛାୟା (Shadow of God) ବୋଲି ବିବେଚନା କରୁଥିଲା । ବଲବନ ରାଜ ଦରବାରରେ ଚମତ୍କାରିତା, ମର୍ଯ୍ୟଦା ଏବଂ ଶିଷ୍ଟାଚାର ଉପରେ ଗୁରୁତ୍ୱ ଆରୋପ କରିଥିଲେ । ସେ ଦୃଷ୍ଟାନ୍ତକାରୀ କଠୋର ଦଣ୍ଡ ବିଧାନରେ ବିଶ୍ୱାସ କରୁଥିଲେ ଏବଂ ସମ୍ଭ୍ରାନ୍ତମାନେ ମଧ୍ୟ ଏଥିରୁ ବାଦ ପଡ଼ି ନଥିଲେ । ବଲବନ୍‌ଙ୍କ ଆସନ୍ନ ଉତ୍ତରାଧିକାରୀମାନେ ଶାସନ ପରିଚାଳନା କରିବାକୁ ସକ୍ଷମ ହୋଇ ଥିବା ସତ୍ତ୍ୱେ ପୁରାତନ ତୁର୍କୀ ସମ୍ଭ୍ରାନ୍ତ ଏବଂ ଖିଲିଜୀଙ୍କ ଦ୍ୱାରା ପରିଚାଳିତ ନୂତନ ଶକ୍ତି ମଧ୍ୟରେ ଦେଖା ଦେଇ ଥିବା ଦଳୀୟ ସଂଘର୍ଷକୁ ମଧ୍ୟ ଆୟତ କରି ପାରି ନଥିଲେ । ଏହି ଦୁଇ ଗୋଷ୍ଠୀର ସଂଘର୍ଷ ପରେ ଜଲାଲ-ଉଦ୍-ଦିନ ଫିରୋଜ ଖିଲିଜୀ ଖ୍ରୀ:୧୨୯୦ରେ ସୁଲତାନେଟର କ୍ଷମତା ଅଧିକାର କରିଥିଲେ ।

**ଖିଲିଜୀ**

ଖିଲିଜୀମାନଙ୍କୁ ପୁରାତନ ସମ୍ଭ୍ରାନ୍ତମାନେ ଶୁଦ୍ଧ ତୁର୍କୀ କୂଳରୁ ଜାତ ବୋଲି ବିଶ୍ୱାସ କରୁ ନଥିଲେ । (ଯଦିଓ ସେମାନେ ତୁର୍କୀ ଥିଲେ) ସେମାନଙ୍କର କ୍ଷମତା ହାସଲ ପଛରେ କେତେକ ଅସ୍ଥିର ବାହାର ଶକ୍ତିର ହାତ ଥିଲା । ସେମାନଙ୍କ ମଧ୍ୟରୁ କେତେକ ହେଉଛନ୍ତି ଭାରତରେ ଜନ୍ମିଥିବା ମୁସଲମାନମାନେ । ସେମାନେ ନିଜର ସ୍ଥିତିକୁ ସୁଦୃଢ଼ କରିବା ପାଇଁ ବଲବନ୍, ଚିହାଲଗାନି ତଥା ତାଙ୍କର ଅନୁଗାମୀମାନଙ୍କ ଆସ୍ଥାନକୁ ଭାଙ୍ଗିବା ପାଇଁ ପ୍ରୟାସ କରିଥିଲେ । କିୟଦାଂଶରେ ଖିଲିଜୀଙ୍କ କ୍ଷମତା ହାସଲ, କ୍ଷମତା ସନ୍ତୁଳନକୁ ସ୍ୱୀକୃତି ପ୍ରଦାନ କରିବା ପାଇଁ ଏକ ଗୋଟି ଚାଳନା ଥିଲା । ଉକ୍ତ ଘଟଣାର ମୁଖ୍ୟ କାରଣଗୁଡ଼ିକ ହେଲା ମଧ୍ୟ-ଏସିଆ ଏବଂ ଇରାନ ତଥା ଦିଲ୍ଲୀ ସୁଲତାନେଟ ବାହାରେ ଥିବା ଅଞ୍ଚଳର ଗତିବିଧି ସହିତ ଉତ୍ତର ଭାରତରେ ତୁର୍କି ଶାସନ କାଳରେ ହୋଇଥିବା ବିଶେଷ ପରିବର୍ତ୍ତନ । ଖିଲିଜୀଙ୍କର ରାଜ୍ୟ ଜୟ ପାଇଁ ବୈଦେଶୀକ ନୀତି ତଥା ସମ୍ପୂର୍ଣ୍ଣ ନିୟନ୍ତ୍ରଣ ପାଇଁ ଆଭ୍ୟନ୍ତରୀଣ ପଦ୍ଧତିଗୁଡ଼ିକୁ ସୈନ୍ୟ ଅଭିଯାନ ଏବଂ ଆଇନ କାନୁନ ମାଧ୍ୟମରେ କାର୍ଯ୍ୟକାରୀ କରାଯାଇଥିଲା । ଖିଲିଜୀମାନେ ତାଙ୍କର ଆଫ୍‌ଗାନ୍ ବଂଶଜମାନଙ୍କ ସାହାଯ୍ୟରେ ଅସନ୍ତୁଷ୍ଟ ସମ୍ଭ୍ରାନ୍ତମାନଙ୍କର ଆସ୍ଥା ଭାଜନ ହୋଇଥିଲେ । ଏମାନେ ଅସନ୍ତୁଷ୍ଟ ହେବାର କାରଣ ହେଲା ଯେ ସେମାନେ ଅନୁଭବ କରୁଥିଲେ ଯେ ପୂର୍ବ ସୁଲତାନମାନେ ତାଙ୍କୁ ଉପେକ୍ଷା କରୁଥିଲେ । ଜଲାଲ-ଉଦି-ଦିନ ଖିଲିଜୀ (୧୨୯୦-୧୨୯୬) ବଲବନଙ୍କ ଶାସନ କାଳର କେତେକ କଠୋରତାକୁ ଉପଶମ କରିବା ପାଇଁ ଚେଷ୍ଟା କରିଥିଲେ । ସେ ହିଁ ହେଉଛନ୍ତି ପ୍ରଥମ ଶାସକ ଯିଏ କି ବୁଝି ପାରିଥିଲେ ଯେ "ରାଷ୍ଟ୍ରର ଭିତ୍ତି ଶାସିତମାନଙ୍କର ଇଚ୍ଛାଗତ ସହଯୋଗ ଉପରେ ନିର୍ଭର କରେ ଏବଂ ଅଧିକାଂଶ ଭାରତୀୟମାନେ ହିନ୍ଦୁ ହୋଇଥିବାରୁ ବାସ୍ତବରେ ଶାସନ ସମ୍ପୂର୍ଣ୍ଣ ଇସଲାମୀ ହୋଇ ପାରିବ ନାହିଁ ।

ଖ୍ରୀ:୧୨୯୬ରେ ତାଙ୍କର ଉଚ୍ଚାଭିଳାସୀ ପୁତୁରା ତଥା ଉତ୍ତରାଧିକାରୀ ଆଲ୍ଲା-ଉଦ୍ଦିନ-ଖିଲିଜୀଙ୍କ ଦ୍ୱାରା ସେ ନିହତ ହୋଇଥିଲେ । ଆଲ୍ଲା-ଉଦ୍ଦିନ-ଖିଲିଜୀଙ୍କ ଶାସନ କାଳରେ (୧୨୯୬-୧୩୧୬) ସୁଲତାନେଟ ସଂକ୍ଷେପରେ ସାମ୍ରାଜ୍ୟର ସ୍ୱରୂପ ଧାରଣ କରିଥିଲା । ନିଜର ଲକ୍ଷ କୈନ୍ଦ୍ରୀକରଣ ଏବଂ ସାମ୍ରାଜ୍ୟ ବିସ୍ତାରକୁ ହାସଲ କରିବା ପାଇଁ ଆଲ୍ଲା-ଉଦ୍ଦିନ-ଖିଲିଜୀ ଅର୍ଥ, ନିଷ୍ଠାପର ତଥା ଆଜ୍ଞାକାରୀ ସମ୍ଭ୍ରାନ୍ତ ଶ୍ରେଣୀ ତଥା ଏକ ନିଜସ୍ୱ ନିୟନ୍ତ୍ରଣରେ ଥିବା ଏକ ସୁଦକ୍ଷ ସେନାବାହିନୀର ଆବଶ୍ୟକତା ଉପଲବ୍ଧି କରିଥିଲେ । ସେ ପୂର୍ବରୁ ଖ୍ରୀ:୧୨୯୨ରେ ଆର୍ଥିକ



ଟିପ୍ପଣୀ

ସମସ୍ୟାରୁ କିୟଦାଂଶ ମୁକ୍ତି ପାଇଥିଲେ ଯେତେବେଳେ ସେ ମଧ୍ୟ ଭାରତରେ ଅବସ୍ଥିତ ଭିଲ୍‌ସା (Bhilsa) ବିରୁଦ୍ଧରେ ଏକ ଲାଭଦାୟକ ଅତର୍କିତ ଆକ୍ରମଣ କରିଥିଲେ । ଏହି ବିଜୟ ନିଜର ସ୍ଥିତିକୁ ସୁଦୃଢ଼ କରିବା ପାଇଁ ତଥା ଏକ ନୂତନ ସେନାବାହିନୀ ଗଠନ କରିବା ପାଇଁ ବହୁ ପରିମାଣରେ ସାହାଯ୍ୟ କରିଥିଲା । ଏହା ସାହାଯ୍ୟରେ ୧୨୯୬ର ପ୍ରାରମ୍ଭରେ ସେ ଏକ ଆଶ୍ଚର୍ଯ୍ୟଜନକ ତଥା ଅନନୁମୋଦିତ ସୈନ୍ୟ ଅଭିଯାନ ଦକ୍ଷିଣ ଭାରତର ଯାଦବମାନଙ୍କର ରାଜଧାନୀ ଧନଶାଳୀ ଦେବଗିରୀ ବିରୁଦ୍ଧରେ ପ୍ରାରମ୍ଭ କରିଥିଲେ । ଦେବଗିରୀରୁ ମିଳିଥିବା ଅର୍ଥ ତାଙ୍କୁ ବଳପୂର୍ବକ ସିଂହାସନ ଦଖଲ କରିବାରେ ସାହାଯ୍ୟ କରିବା ସଙ୍ଗେ ସଙ୍ଗେ ନିଜର ରାଷ୍ଟ୍ର ନିର୍ମାଣ ଯୋଜନା ପାଇଁ ଏକ ସୁଦୃଢ଼ ଭିତ୍ତିଭୂମି ସ୍ଥାପନ କରିଥିଲା । କେନ୍ଦ୍ରୀକରଣ ଏବଂ ଅତ୍ୟଧିକ ଭୂରାଜସ୍ୱ ଆଲ୍ଲା-ଉଦ୍ଦିନଙ୍କ ଶାସନର ମୁଖ୍ୟ ବିଶେଷତ୍ୱ ଥିଲା । ଭୂ-ରାଜସ୍ୱର ପରିସର ତଥା କାର୍ଯ୍ୟକାରିଣୀ ପ୍ରଣାଳୀ ସୁଲତାନଙ୍କୁ ଦୁଇଟି ମୁଖ୍ୟ ଉଦ୍ଦେଶ୍ୟ ହାସଲ କରିବା ପାଇଁ ସାହାଯ୍ୟ କରିଥିଲା । ତାହାହେଲା ପ୍ରଥମରେ ଶସ୍ୟ ବାହକମାନଙ୍କୁ (Grain-carrier) କମ୍ ମୂଲ୍ୟରେ ଯୋଗାଣ ସୁନିଶ୍ଚିତ କରିବା ତଥା ଦ୍ୱିତୀୟରେ ରାଷ୍ଟ୍ରର ଅମାର (grannary) ଗୁଡ଼ିକରେ ଭରପୁର ଖାଦ୍ୟ ଶସ୍ୟ ସାଇତି ରଖିବା ଯାହାକି ତାଙ୍କର ବଜାର ନିୟନ୍ତ୍ରଣ ବ୍ୟବସ୍ଥାକୁ ସାହାଯ୍ୟ କରିଥିଲା । ଏହା ବ୍ୟତୀତ ଏକ ବିଶାଳ ସ୍ଥାୟୀ ସୈନ୍ୟ ବାହିନୀର ସଙ୍କଟପୂର୍ଣ୍ଣ ଆର୍ଥିକ ସମସ୍ୟାର ମଧ୍ୟ ସମାଧାନ ହୋଇ ଯାଇଥିଲା । ୧୩୧୬ ଖ୍ରୀ:ରେ ଆଲ୍ଲା-ଉଦ୍ଦିନଙ୍କ ମୃତ୍ୟୁର ପାଞ୍ଚ ବର୍ଷ ମଧ୍ୟରେ ଖିଲିଜୀମାନେ ନିଜର ଅସ୍ତିତ୍ୱ ହରାଇ ଥିଲେ । ଉତ୍ତରାଧିକାରୀ ବିବାଦ ସମୟରେ ରାଜପ୍ରାସାଦର ରକ୍ଷକ ଦ୍ୱାରା ସେନାପତି ମାଲିକ୍ କଫୁରଙ୍କୁ ହତ୍ୟା କରାଯାଇଥିବା ସହିତ ଆଲ୍ଲା-ଉଦ୍ଦିନଙ୍କ ୬ ବର୍ଷର ପୁତ୍ରକୁ ଅନ୍ଧ କରି ତାଙ୍କର ତୃତୀୟ ପୁତ୍ର କୁତବ୍‌ଉଦ୍ଦିନ ମୁବାରକ୍ ସାହା ସୁଲତାନେଟ ଅଧିକାର କଲେ (୧୩୧୬-୨୦) । ସେ ତାଙ୍କର ପ୍ରିୟ, ହିନ୍ଦୁରୁ ଧର୍ମାନ୍ତର ହୋଇଥିବା ସେନାପତି, ଖୁସ୍‌ରୋ ଖାଁ (Khusraw Khan) ଙ୍କ ଦ୍ୱାରା ମୃତ୍ୟୁବରଣ କରିଥିଲେ । ସଙ୍ଗେ ସଙ୍ଗେ ଖୁସ୍‌ରୋଙ୍କ ବିରୁଦ୍ଧରେ ଦିପାଲପୁରରେ ଅବସ୍ଥିତ ପଶ୍ଚିମାଞ୍ଚଳ ଅଭିଯାନର ଭାରପ୍ରାପ୍ତ ଅଧିକାରୀ ଗାଜୀ ମାଲିକ (Ghazi Malik) ଙ୍କ ନେତୃତ୍ୱରେ ଏକ ବିଦ୍ରୋହ ଦେଖା ଦେଲା ଏବଂ ସେ ଖୁସ୍ରୋଙ୍କୁ ପରାସ୍ତ କରି ଚାରି ମାସ ପରେ ହତ୍ୟା କରିଥିଲେ ।

**ତୋଗଲକ** (Tughluqs)

ଗ୍ୟାସୁଦ୍ଦିନ ତୋଗଲକ ନାମରେ ଘାଜି ମାଲିକ (Ghazi Malik) ସିଂହାସନ ଆରୋହଣ କରିଥିଲେ (୧୩୨୦-୨୫) । ଏହା ପୂର୍ବରୁ ସେ ସଫଳତାର ସହିତ ମୋଙ୍ଗୋଲ ବିରୁଦ୍ଧରେ ସାମ୍ରାଜ୍ୟର ସୀମାକୁ ସଫଳତାର ସହିତ ରକ୍ଷା କରି ପ୍ରସିଦ୍ଧ ଲାଭ କରିଥିଲେ । ତୋଗଲକ୍‌ମାନେ ସାରା ଭାରତକୁ ଶାସନ କରିବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ । ଏହି ଲକ୍ଷ ହାସଲ ପାଇଁ ଗ୍ୟାସୁଦ୍ଦିନ (୧୩୨୦-୨୫) ଓ୍ୱାରଙ୍ଗଲ, ଓଡ଼ିଶା, ବଙ୍ଗଳା ବିରୁଦ୍ଧରେ ସୈନ୍ୟ ଚାଳନା କରିଥିଲେ । ଦିଲ୍ଲୀ ନିକଟରେ ସେ ତୋଗଲକାବାଦ ନାମକ ସହର ପ୍ରତିଷ୍ଠା କରିଥିଲେ । ବଙ୍ଗଳା ଅଭିଯାନରୁ ଫେରିଲା ପରେ ଦିଲ୍ଲୀ ନିକଟବର୍ତ୍ତୀ ଆଫଗାନପୁର ଠାରେ ଏକ କାଠ ମଞ୍ଚ ତାଙ୍କ ଉପରେ ଖସି ପଡ଼ିଥିଲା ଏବଂ ସେ ମୃତ୍ୟୁ ବରଣ କରିଥିଲେ । ମହମ୍ମଦ-ବିନ୍-ତୋଗଲକଙ୍କ(୧୩୨୫-୫୧)ଶାସନ କାଳରେ ସୁଲତାନେଟର ଉତ୍‌ଥାନର ଚରମ ସୀମାରେ ପହଞ୍ଚିବା ସହିତ ଏହାର ପତନ ମଧ୍ୟ ଆରମ୍ଭ ହୋଇଥିଲା । ଖ୍ରୀ:୧୨୯୬ରୁ ଖ୍ରୀ:୧୩୩୫ ମଧ୍ୟରେ କେବଳ ମାତ୍ର ଅନବରତ କେନ୍ଦ୍ରୀକରଣ ତଥା ସାମ୍ରାଜ୍ୟ ବିସ୍ତାର ଦୃଷ୍ଟି ଗୋଚର

ଟିପ୍ପଣୀ

ହୋଇଥିଲା । ଚତୁଃଦଶ ଶତାବ୍ଦୀରେ ଦିଲ୍ଲୀରେ ଶାସନ କରୁଥିବା ଫିରୋଜ ତୋଗଲକଙ୍କ ବିଷୟରେ ସମସାମୟିକ ଐତିହାସିକ ଜିଆ ଉଦ୍ଦିନ ବାରଣି (Zia-ud-din Barani) କହିଛନ୍ତି ଯେ, "ଇତିହାସ ହେଉଛି ବର୍ଷାନୁକ୍ରମେ ଘଟଣାମାନଙ୍କର ବିବରଣୀ ଯଥା:-ମହାପୁରୁଷ, ଖଳିଫା, ସୁଲତାନ ଏବଂ ଧର୍ମ ତଥା ରାଜନୀତି ସହିତ ଜଡ଼ିତ ପ୍ରସିଦ୍ଧ ଲୋକମାନଙ୍କର ଐତିହାସିକ ଅଭିଲେଖ (Historical Records) ଏବଂ ପରମ୍ପରାର ଜ୍ଞାନ ।" ତୈମୁର (Timur)ଙ୍କ ଭାରତ ଆକ୍ରମଣ ସଙ୍ଗେ ସଙ୍ଗେ ତୋଗଲକ ବଂଶର ପତନ ହୋଇଥିଲେ ମଧ୍ୟ ସୁଲତାନେଟ ପୂର୍ବ ସୁଲତାନେଟର କେବଳ ମାତ୍ର ଛାୟା ହିସାବରେ ବଞ୍ଚି ରହିଥିଲା । ତୈମୁରଙ୍କ ପ୍ରତିନିଧି ଦିଲ୍ଲୀ ଅଧିକାର କରି ନିଜକୁ ସୁଲତାନ ବୋଲି ଘୋଷଣା କଲେ ଏବଂ ଏହାଦ୍ୱାରା ଏକ ନୂତନ ସଇଦ୍ ବଂଶ (୧୪୧୪-୧୪୫୧) ସୁଲତାନେଟକୁ ପଞ୍ଚଦଶ ଶବ୍ଦର ପ୍ରଥମାର୍ଦ୍ଧ ପର୍ଯ୍ୟନ୍ତ ଶାସନ କରିଥିଲା । ଉକ୍ତ ଶାସନ ଅଳ୍ପାୟୁ ଥିଲା ଏବଂ ଦିଲ୍ଲୀର ୨୦୦ ମାଇଲ ବ୍ୟାସାର୍ଦ୍ଧ ମଧ୍ୟରେ ସୀମିତ ଥିଲା । ଏକ ଅଧିକ ଯୋଗ୍ୟ ଲୋଧିବଂଶ ତାଙ୍କଠାରୁ ରାଜ୍ୟ ଭାର ଛଡ଼ାଇ ନେଇଥିଲେ । ଲୋଧିମାନେ ହେଉଛନ୍ତି ଶୁଦ୍ଧ ଆଫଗାନ ଜାତି ଏବଂ ସେମାନେ ତୁର୍କୀ ସମ୍ଭ୍ରାନ୍ତମାନଙ୍କର ପତନର କାରଣ ହୋଇଥିଲା ।

### ୩୧.୧ ପାଠଗତ ପ୍ରଶ୍ନ

ନିମ୍ନଲିଖିତ ବାକ୍ୟଗୁଡ଼ିକୁ ଠିକ୍ କରି ଆଉଥରେ ଲେଖ ।

୧. ୧୧୬୮ରେ ଘଜନୀବିୟଙ୍କ ମୂଳଉତ୍ପାଟନ କରିବା ପାଇଁ ମହମ୍ମଦ ଘୋରୀ ସିନ୍ଧୁ ଅବବାହିକାରେ ପ୍ରବେଶ କରିଥିଲେ ।

..........................................................................................

୨. ମହମ୍ମଦ ଘୋରୀଙ୍କ ସେନାବାହିନୀ ୧୧୫୭ରେ ମୁଲତାନ୍ ୧୧୨୮ରେ ସିନ୍ଧୁ ଏବଂ ୧୧୬୮ରେ ପେଶୱା ଏବଂ ଲାହୋର ଅଧିକାର କରିଥିଲେ ।

..........................................................................................

୩. ଇଲତୁତ୍‌ମିସ୍‌ଙ୍କୁ ଦକ୍ଷିଣ ଭାରତରେ ତୁର୍କୀ ବିଜପୁର ବାସ୍ତବିକ ନେତା ମାନିବା ଦରକାର ।

..........................................................................................

୪. ଦୁଇ ଗୋଷ୍ଠୀ ସଂଘର୍ଷ ପରେ ୧୨୦୯ ଖ୍ରୀ:ରେ ଜଲାଲୁଦ୍ଦିନ ଫିରୋଜ ଖିଲିଜୀ ସୁଲତାନେଟ ହାସଲ କରିଥିଲେ ।

..........................................................................................

୫. ୧୨୬୯ରେ ଜଲାଲୁଦ୍ଦିନ ଖିଲିଜୀଙ୍କ ମହତ୍ୱକାଂକ୍ଷୀ ପୁତୁରା ତଥା ଉତ୍ତରାଧିକାରୀ ଆଲ୍ଲା-ଉଦ୍ଦିନ-ଖିଲିଜୀଙ୍କ ଦ୍ୱାରା ତାଙ୍କର ହତ୍ୟା କରାଯାଇଥିଲା ।

..........................................................................................



ଟିପ୍ପଣୀ

## ୩୧.୩ ମୋଗଲ

୧୫୨୬ ଖ୍ରୀ:ରେ ମଧ୍ୟ ଏସିଆରୁ ଆସି ବାବର ଭାରତରେ ମୋଗଲ ବଂଶର ସ୍ଥାପନା କରିଥିଲେ। ବାବର ତୈମୁର ଏବଂ ଚେଙ୍ଗୀଜ ଖାଁ ଦୁଇ ଜଣଙ୍କର ଉତ୍ତରାଧିକାରୀ ବୋଲି ଘୋଷଣା କରିଥିଲେ। ଦକ୍ଷିଣ ଏସିଆରେ ଯୋଦ୍ଧା ଗୋଷ୍ଠୀର ଆବିର୍ଭାବ ହେବାର ଅନ୍ତିମ ପର୍ଯ୍ୟାୟ ପୂର୍ବରୁ ସେ ଦିଲ୍ଲୀ ଏବଂ ଗାଙ୍ଗେୟ ଉପତ୍ୟକା ଅଧିକାର କରିଥିଲେ । ଦକ୍ଷିଣଏସିଆର ଶ୍ରେଷ୍ଠ ସୁଲତାନ ଥିଲେ ମୋଗଲ ସମ୍ରାଟମାନେ । ସେମାନେ(କିଛି ଅଂଶରେ ବାବର ଏବଂ ତୈମୁରଙ୍କ ଆତୁ ତୁର୍କ ଥିଲେ) ପାରସ୍ୟର ରାଜକୀୟ ସଂସ୍କୃତି ଗ୍ରହଣ କରି ନିଜକୁ ତୁର୍କୀ, ଆଫଗାନ ଏବଂ ଅନ୍ୟ ସୁଲତାନଙ୍କଠାରୁ ନିଜକୁ ଉଚ୍ଚାସନରେ ପ୍ରତିଷ୍ଠିତ କରିବା ପାଇଁ ପାରସ୍ୟର "ପାଦଶାହା" ଉପାଧିରେ ଭୂଷିତ କରିଥିଲେ । ବାବର ଜଣେ ଛାଗତାଇ (Chagatai) ତୁର୍କ ବଂଶଜ । ସେ ଉଜ୍‌ବେଗ (Uzbeg) ସୈନ୍ୟ ବାହିନୀଠାରୁ ରକ୍ଷା ପାଇବାପାଇଁ ସମରକନ୍ଦ ନିକଟରେ ଥିବା ନିଜର ପୈତୃକ ଜମିକୁ ଛାଡି ପଳାଇଥିଲେ। ଗାଙ୍ଗେୟ ଉପତ୍ୟକାରେ ସୁଯୋଗକୁ ଅନୁସରଣକରି ତାଙ୍କର ବିରୋଧକୁ ଉଜ୍‌ବେଗ ଶୈଳୀରେ ବନ୍ଧୁକ ଏବଂ କମାଣ (canon) ରେ ସୁସଜ୍ଜିତ ଚଳଚଞ୍ଚଳ ଘୋଡାର ଉପଯୋଗ କରି ପରାସ୍ତ କରିଥିଲେ । ୧୫୨୬ରେ ସେ ପଞ୍ଜାବଠାରୁ ବଙ୍ଗଳା ପର୍ଯ୍ୟନ୍ତ ଥିବା ସୁଲତାନମାନଙ୍କୁ ପରାସ୍ତ କରିଥିଲେ ମଧ୍ୟ ସେମାନେ ବଞ୍ଚିରହିଥିଲେ । ତେର ବର୍ଷ ପରେ ଲୋଧି ତଥା ବାବରଙ୍କ ପାଇଁ ଲଢେଇ କରିଥିବା ଜଣେ ଆଫଗାନୀ ସୈନ୍ୟିକ ଜୈନପୁର (Jaunpur) ରେ ନିଜର ପାରସୀ ଶିକ୍ଷାର ପ୍ରଦର୍ଶନକରି ନିଜକୁ ଶେରଶାହା ରୂପେ ପରିଚିତ କରାଇ ବଙ୍ଗଳା ଏବଂ ବିହାରରେ ଏକ ନୂତନ ରାଜବଂଶର ଘୋଷଣା କରିଥିଲେ । ଶେରଶାହାଙ୍କ ସୈନ୍ୟ ବାବରଙ୍କ ପୁତ୍ର ହୁମାୟୁନଙ୍କୁ ପରାସ୍ତ କରିଥିଲେ । ଏଥିରେ ହୁମାୟୁନ ଆଫ୍‌ଗାନିସ୍ଥାନ ଫେରିଥିଲେ ଏବଂ ସେଠାରେ ହୁମାୟୁନ ନିର୍ବାସିତ ଅବସ୍ଥାରେ ନିଜର ପୁତ୍ର ଆକବରଙ୍କୁ ଲାଳନପାଳନ କରିଥିଲେ । ଉକ୍ତ ସୁରବଂଶ ଶେରଶାହାଙ୍କ ମୃତ୍ୟୁ ପରେ ତିଷ୍ଠି ପାରିନଥିଲା କିନ୍ତୁ ଏହାର ପ୍ରସାସନିକ ନୂତନତା (Innovative) ତଥା ବଙ୍ଗଳାରୁ ପଞ୍ଜାବ ପର୍ଯ୍ୟନ୍ତ ତିଆରି ହୋଇଥିବା ଗ୍ରାଣ୍ଡଟ୍ରଙ୍କ ରୋଡ ତାଙ୍କର ସ୍ଥାୟୀ ପାରଦର୍ଶତା ଅଟେ । ଶେରଶାହାଙ୍କ ଠିକ୍ ମୃତ୍ୟୁପରେ ହୁମାୟୁନ ୧୫୫୫ରେ ଦିଲ୍ଲୀ ଅଧିକାର କଲେ । ଖୁବଶୀଘ୍ର ଏକ ଦୁର୍ଘଟଣାରେ ସେ ପ୍ରାଣତ୍ୟାଗ କଲେ । ତାଙ୍କପରେ ତାଙ୍କର ୧୩ ବର୍ଷର ପୁତ୍ର ଆକବର ସିଂହାସନ ଆରୋହଣକରି ବୈରାମ ଖାଁଙ୍କ ରାଜ ପ୍ରତିନିଧିତ୍ୱରେ ଶାସନ ପରିଚାଳନାକଲେ । ଆକବରଙ୍କ ରାଜ୍ୟାଭିଷେକ ୧୫୫୬ରେ ହୋଇଥିଲା ଯେବେ ବୈରାମ ଖାଁ ସୈନ୍ୟ ସନ୍ନିବେଶିତ ଗଡଥିବା ଲାହୋର, ଦିଲ୍ଲୀ, ଆଗ୍ରା ଓ ଜୈନପୁର ସହରକୁ ଜୟ କରିଥିଲେ । ବୈରାମ ଖାଁଙ୍କ ରାଜ ପ୍ରତିନିଧି ପଦରୁ ହଟାଇବା ତଥା ହତ୍ୟା କରାଯିବା ପୂର୍ବରୁ ସେ ମାଳବ ଏବଂ ରାଜସ୍ଥାନ ମଧ୍ୟ ଅଧିକାର କରିଥିଲେ । ଆକବର ୫୦ ବର୍ଷ ଶାସନ କରିଥିଲେ(୧୫୫୬-୧୬୦୫) । ସେ ଶେଷପର୍ଯ୍ୟନ୍ତ ରାଜ୍ୟଜୟ ବଜାଇରଖିଥିଲେ । ତାଙ୍କର ସୈନ୍ୟବାହିନୀର ବିଶାଳତା, ଆର୍ଥିକସ୍ଥିତି (Funding) ନେତୃତ୍ୱ, ପ୍ରଯୋଗବିଦ୍ୟା (Technology) ତଥା ସଫଳତା ପୂର୍ବର ସମସ୍ତ ସୈନ୍ୟବାହିନୀକୁ ପଛରେ ପକାଇ ଦେଇଥିଲା । ତାଙ୍କର ମୃତ୍ୟୁବେଳକୁ ତାଙ୍କର ସାମ୍ରାଜ୍ୟ କାବୁଲ, କାଶ୍ମୀର ଓ ପଞ୍ଜାବଠାରୁ ଗୁଜୁରାଟ, ବଙ୍ଗଳା ଓ ଆସାମ ପର୍ଯ୍ୟନ୍ତ ବିସ୍ତୃତ ହୋଇଥିଲା ଏବଂ ଦକ୍ଷିଣରେ ବୃଦ୍ଧି ସହିତ ସମସ୍ତ ଦିଗରେ ଉଚ୍ଚ ପର୍ବତ ଆଡକୁ ବଢୁଥିଲା । ତାଙ୍କର ରାଜ ମୁକୁଟ ପୁତ୍ର ଜାହାଙ୍ଗୀର (୧୬୦୫-୧୬୨୭), ପୌତ୍ର ଶାହାଜାହାନ୍ (୧୬୨୭-୧୬୫୮) ଏବଂ ଅଣନାତି

ଆଓରଙ୍ଗଜେବଙ୍କ (୧୬୫୮-୧୭୦୭) ପର୍ଯ୍ୟନ୍ତ ପହଞ୍ଚିଥିଲା । ଯାହାର ମୃତ୍ୟୁ ପରେ ପରେ ମୋଗଲ ସାମ୍ରାଜ୍ୟ ସମାପ୍ତ ହୋଇଥିଲା, ଯଦିଓ ଉକ୍ତ ବଂଶ ୧୮୫୮ ପର୍ଯ୍ୟନ୍ତ ବଞ୍ଚିରହିଥିଲା ଇଂରେଜ ସରକାର ଏହାକୁ ଗାଦିଚ୍ୟୁତ କରିଥଲେ। ମୋଗଲ ସାମ୍ରାଜ୍ୟ ତାର ଚରମ ଅବସ୍ଥାରେ ଭାରତ ଇତିହାସରେ ଅଭୂତପୂର୍ବ ସମ୍ବଳର ଅଧିକାରୀ ହୋଇଥିବା ସଂଗେ ସଂଗେ ସାରା ଉପମହାଦେଶରେ ବିସ୍ତାର ଲାଭ କରିଥିଲା । ୧୫୫୬ ରୁ ୧୭୦୭ ମଧ୍ୟରେ ନିଜର ଆଶ୍ଚର୍ଯ୍ୟ ଜନକ ଧନସମ୍ପଦ, ଗୌରବର ଚରମ ଉନ୍ନତି ସମୟରେ ମୋଗଲ ସାମ୍ରାଜ୍ୟ ଏକ ପର୍ଯ୍ୟାପ୍ତ ସକ୍ଷମ ଏବଂ କେନ୍ଦ୍ରୀଭୂତ ସଂଗଠନ ଥିଲା । ଏହାର କର୍ମଚାରୀବୃନ୍ଦ, ଧନ, ଏବଂ ସୂଚନାର ଏକ ବିଶାଳ ଜଟିଳତା ମୋଗଲ ସମ୍ରାଟ ଏବଂ ତାଙ୍କର ଗୁପ୍ତ ସମ୍ଭ୍ରାନ୍ତ ବର୍ଗଙ୍କ ପାଇଁ ସମର୍ପିତ ଥିଲା ।

ଉକ୍ତ ସମୟର ମାତ୍ରାଧିକ ସାମ୍ରାଜ୍ୟ ବିସ୍ତାର ଭାରତର ବାହାର ଦୁନିଆ ସହିତ କ୍ରମ ବର୍ଦ୍ଧିଷ୍ଣୁ ବ୍ୟବସାୟୀକ ତଥା ସାଂସ୍କୃତିକ ସମ୍ପର୍କ ଉପରେ ନିର୍ଭର କରୁଥିଲା । ଷୋଡଷ ଏବଂ ସପ୍ତଦଶ ଶତାବ୍ଦୀରେ ମୁଖ୍ୟତ ବିଦେଶରେ ଚାହିଦା ଥିବା ଭାରତୀୟ ଦ୍ରବ୍ୟଗୁଡ଼ିକୁ ସଂଗ୍ରହ କରିବାପାଇଁ ଭାରତୀୟ ଉପମହାଦେଶରେ ୟୁରୋପୀୟ ତଥା ଅଣ-ୟୁରୋପୀୟ ବାଣିଜ୍ୟିକ ସଂଗଠନ ଗୁଡ଼ିକର ସ୍ଥାପନା ତଥା ବିସ୍ତାର ହୋଇଥିଲା । ଭାରତୀୟ ଅଞ୍ଚଳଗୁଡ଼ିକ ସ୍ଥଳପଥ ତଥା ଉପକୂଳବର୍ତ୍ତୀ ଜଳପଥ ମାଧ୍ୟମରେ ଚାଲିଥିବା ବ୍ୟାପକ ବାଣିଜ୍ୟବ୍ୟାପର ଦ୍ୱାରା ପରସ୍ପର ସହିତ ଆବଦ୍ଧ ହୋଇ ରହୁଥିଲେ । ଏହାଦ୍ୱାରା ଦେଶ ମଧ୍ୟରେ ମୂଲ୍ୟବାନ ଧାତୁର ପ୍ରାଚୁର୍ଯ୍ୟ ଦେଖାଦେଇଥିଲ । ବ୍ୟାପକ ବିଶ୍ୱ ସହିତ ସମ୍ପର୍କ ବୃଦ୍ଧିହେତୁ ନୂତନ ବିଚାରଧାରା ତଥା ପ୍ରଯୋଗାତ୍ମକ ବିଦ୍ୟାର ପ୍ରସାର ହେବା ସଂଗେ ସଂଗେ ରାଜକୀୟ ଢାଞ୍ଚାକୁ ଦୋଷାରୋପ (Challenge) କରିବା ସହିତ ସମୃଦ୍ଧ ମଧ୍ୟ କରିଥିଲା। କିନ୍ତୁ ସାମ୍ରାଜ୍ୟ ଆପଣା କୃତଭାବେ ଏକ ବିଶୁଦ୍ଧ ଐତିହାସିକ ଅନୁଭବ ଥିଲା । ମୋଗଲ ସଂସ୍କୃତି ପାରସିକ, ଇସଲାମୀୟ ତଥା ସ୍ଥାନୀୟ ଭାରତୀୟ ତତ୍ୱର ମିଶ୍ରଣରେ ଏକ ସ୍ୱତନ୍ତ୍ର ଅନ୍ୟଠାରୁ ବାରିହୋଇ ପଡୁଥିବା ଏକ ବିଚିତ୍ର ସଂସ୍କୃତି (Variegated) । ଅଷ୍ଟାଦଶ ଶତାବ୍ଦୀର ପ୍ରାରମ୍ଭରେ କେତେକ ଅଞ୍ଚଳ ନିଜନିଜର ସ୍ୱାଧୀନତା ସ୍ଥାପନ ପାଇଁ ଚେଷ୍ଟା ଆରମ୍ଭ କରିଥିଲେ । ସେ ସମୟରେ ମୋଗଲ କେନ୍ଦ୍ରୀୟ ସରକାରଙ୍କ ଅସ୍ତିତ୍ୱ ନଥିଲା । ମୋଗଲ ସାମ୍ରାଜ୍ୟର କେନ୍ଦ୍ର ସରକାର ମୋଗଲ ସମ୍ରାଟଙ୍କ ନିର୍ଦ୍ଦେଶରେ ପ୍ରାୟ ଦୁଇ ଶହ ବର୍ଷରୁ ଅଧିକ କାଳ(୧୫୨୬-୧୭୪୭) ପରିଚାଳିତ ହେଉଥିଲା । ଏହି ବ୍ୟବସ୍ଥା ଭାରତ ଉପମହାଦେଶରେ ପୂର୍ବ-ଆଧୁନିକ ରାଷ୍ଟ୍ର (Pre-modern-state) ନିର୍ମାଣପାଇଁ ଏକ ମନମୁଗ୍ଧକର ଦୃଷ୍ଟାନ୍ତ ଅଟେ।

## ୩୧.୪ ମଧ୍ୟକାଳୀନ ରାଷ୍ଟ୍ରର ସ୍ୱରୂପ (Nature of medical state)

ସୁଲତାନ ହୋବାର ଅର୍ଥ କଣ ? କୋରାନରେ ଏହାର ଅର୍ଥ ହେଲା ଆଧାତ୍ମିକ ଶକ୍ତି ବିଶିଷ୍ଟ ବ୍ୟକ୍ତି । ମାମୁଦ ଗଜନୀ ତାଙ୍କର ସମକାଳୀନ ମାନଙ୍କ ଦ୍ୱାରା ସୁଲତାନ କୁହାଯାଉଥିବା ପ୍ରଥମ ବ୍ୟକ୍ତି ଅଟନ୍ତି । ଏହା ନିଜର ପ୍ରଶଂସକ ମାନଙ୍କ ମଧ୍ୟରେ ତାଙ୍କର ସଫଳତାର ସୂଚନା ପ୍ରଦାନ କରୁଥିଲା । ଉକ୍ତ ପଦବୀ ତୁର୍କମାନଙ୍କ ମଧ୍ୟରେ ପ୍ରଥମେ ଲୋକପ୍ରିୟ ହୋଇଥିଲା । ପଶ୍ଚିମ ଏବଂ କେନ୍ଦ୍ରୀୟ ଏସିଆର ସେଲ୍‌ଜୁକ୍ (Seljuq) ବଂଶ ଏହି ପଦବୀକୁ ନିୟମିତଭାବେ ବ୍ୟବହାର କରୁଥଲେ ତାପରେ ଅଟ୍ଟୋମାନ୍ ତୁର୍କମାନେ ଏହାକୁ ୟୁରୋପରେ ପ୍ରସିଦ୍ଧ କରିଥିଲେ । ଖଲିପା ଉକ୍ତ ପଦବୀକୁ ଅର୍ପଣ କରିବା ମୁସଲମାନ ଶାସକମାନଙ୍କ ମଧ୍ୟରେ ଲୋକପ୍ରିୟ ହୋଇଥିଲା ଏବଂ ସମୟାନୁକ୍ରମେ ପରିବର୍ତ୍ତିତ ହୋଇଥିଲା । ଦିଲ୍ଲୀର ସୁଲତାନମାନେ ବାଗଦାଦ୍‌ର ଖଲିପାଙ୍କ



ଟିପ୍ପଣୀ

ସାର୍ବଭୌମତ୍ୱକୁ ସ୍ୱୀକାର କରିଥିଲେ ଏବଂ ନିଜ ନିଜର ସାମ୍ରାଜ୍ୟକୁ ଦର-ଉଲ-ଇସ୍‌ଲାମ୍ (Dar-ul-islam) ର ଏକ ଅଂଶବିଶେଷ ବୋଲି ବିବେଚନା କରୁଥିଲେ ଯାହାର ନ୍ୟାୟପାଳିକାର ମୁଖ୍ୟ ହିସାବରେ ଖଲିପା ଅବସ୍ଥାପିତ ହୋଇଥିଲେ । ମୋଗଲ ସମ୍ରାଟମାନଙ୍କ ଅଧିନରେ ଭାରତ ମୁସଲମାନ ନିୟମ ଶରିୟତ୍ (Sharia) ଦ୍ୱାରା ଶାସିତ ହେଉଥିଲା । ଦିଲ୍ଲୀର ସୁଲତାନମାନଙ୍କ ଅମଳରେ ତଥା ମୋଗଲ ସମ୍ରାଟମାନଙ୍କ ଶାସନକାଳରେ ମୁସଲମାନ ଅଧ୍ୟାଦେଶଗୁଡ଼ିକୁ ପୁରାପୁରି ଭାବରେ ପାଳନ କରୁନଥିଲେ କାରଣ ବାସ୍ତବିକତାକୁ ଦୃଷ୍ଟିରେ ରଖି ନିଜକୁ ପରିଚାଳନ କରିବାକୁ ପଡୁଥିଲା ତଥା ଏଗୁଡ଼ିକ ସର୍ବଦା ଠିକ୍ ନଥିଲା । ଭାରତର ତୁର୍କୀ ଏବଂ ଆଫଗାନ ଶାସନମାନେ ଭାରତର ସଂଖ୍ୟାଗରିଷ୍ଠ ହିନ୍ଦୁମାନଙ୍କୁ ସମ୍ମାନ ତଥା ସହନଶୀଳତାର ସହିତ ବିବେଚନା କରିବାକୁ ପଡୁଥିଲା । ଧର୍ମ, ସମ୍ପତ୍ତି ଏବଂ କେତେକ ଅଣ-ଧାର୍ମିକ ବ୍ୟାପାରରେ ଅଣମୁସଲମାନ ମାନଙ୍କୁ ନିଜର ମୋକଦ୍ଦମାକୁ ନିଜନିଜର ସାଂପ୍ରଦାୟିକ ଅଦାଲତରେ ବିଚାର କରାଇବା ପାଇଁ ପୂର୍ଣ୍ଣସ୍ୱାଧୀନତା ପ୍ରଦାନ କରାଯାଇଥିଲା । ସୁଲତାନ ଅମଳର ଭୂ-ରାଜସ୍ୱବ୍ୟବସ୍ଥା, ପୂଜାଅର୍ଚ୍ଚନା ଓ ଧର୍ମାନୁଷ୍ଠାନ ତଥା ରାଜ ଦରବାରର କର୍ମପଦ୍ଧତି ଭାରତୀୟ ପରମ୍ପରାର ଜ୍ୱଳନ୍ତ ଉଦାହରଣ । ପ୍ରଶ୍ନ ଆସିପାରେ ଯେ ମଧ୍ୟଯୁଗୀୟ ଭାରତୀୟ ରାଷ୍ଟ୍ରକୁ ପୁରୋହିତମାନେ ଶାସନ କରୁଥିଲେ କି ? ମୁସଲମାନ ଶାସନାଧିନ ମଧ୍ୟଯୁଗୀୟ ରାଷ୍ଟ୍ରଗୁଡ଼ିକ ଧର୍ମତାନ୍ତ୍ରିକ ଥିଲା କାରଣ ସେଥିରେ ଏହାର ସମସ୍ତ ଅନିବାର୍ଯ୍ୟ ହିଁ ରହିଥିଲା । ଯଥା:- ଇଶ୍ୱରଙ୍କ ସାର୍ବଭୌମତା, ତଥା ଦୈବୀ ଆଇନ ଅନୁସାରେ ଈଶ୍ୱରଙ୍କ ନିର୍ଦ୍ଦେଶରେ ସରକାରଙ୍କ ପରିଚାଳିନା ଦିଲ୍ଲୀର ସୁଲତାନମାନେ ନିଜକୁ ଖଲିପାଙ୍କ ପ୍ରତିନିଧି ଅଥବା ସହାୟକ ବୋଲି କହୁଥିଲେ ଯେ କି ଈଶ୍ୱରଙ୍କର ପ୍ରତିନିଧିତ୍ୱ ଥିଲେ । ଶେରଶାହା ଏବଂ ଇସ୍‌ଲାମ୍‌ଶାହା ଖଲିପାଙ୍କ ଉପାଧି ଧାରଣ କରିଥିଲେ । ଆକବରଙ୍କ ଠାରୁ ଆଉରଙ୍ଗଜେବ ପର୍ଯ୍ୟନ୍ତ ମୋଗଲ ସମ୍ରାଟମାନେ "ଭଗବାନଙ୍କର ଛାୟା" ଏବଂ "ପୃଥିବୀରେ ଭଗବାନଙ୍କର ପ୍ରତିନିଧି" ଭଳି ପଦବୀମାନ ଧାରଣ କରିଥିଲେ ଈଶ୍ୱରଙ୍କର ସାର୍ବଭୌମତ୍ୱ ଅସନ୍ଦିଗ୍ଧ ଥିଲା । ସାରିୟତର ପ୍ରାଧାନ୍ୟକୁ ସଦାସର୍ବଦା ସ୍ୱୀକାର କରାଯାଉଥିଲା । କିନ୍ତୁ ଆକବର ସାରିୟତର ସହିତ ରାଷ୍ଟ୍ର ନିୟମକୁ ଯୋଡି ଦେଇଥିଲେ । ଏହାସତ୍ତ୍ୱେ ଉକ୍ତ ଶାସକମାନେ ମୁସଲମାନ ଧର୍ମଗୁରୁଙ୍କୁ ରାଷ୍ଟ୍ରର ନିୟମ ତିଆରି କରିବାପାଇଁ ଅନୁମତି ଦେଇନଥିଲେ ।

ମୁଖ୍ୟତଃ ସୁରକ୍ଷା, ଆଇନଶୃଙ୍ଖଳା ପରିସ୍ଥିତି ଏବଂ ରାଜସ୍ୱ ଆଦାୟ ସୁଲତାନଙ୍କ ପ୍ରାଥମିକ ଚିନ୍ତାର ବିଷୟ ଥିଲା । ଅନ୍ୟାନ୍ୟ ବ୍ୟାପାରରେ ସେ ସାଧାରଣତଃ ହସ୍ତକ୍ଷେପ କରୁନଥିଲେ କାରଣ ଜନକଲ୍ୟାଣ ହିଁ ସୁଲତାନଙ୍କ ପ୍ରାଥମିକ ଉଦ୍ଦେଶ୍ୟ ନଥିଲା । ସୁଲତାନଙ୍କ ଶାସନକାଳରେ ସହନଶୀଳତା ଏକ ନିୟମ ନହୋଇ ବ୍ୟତିକ୍ରମ ହୋଇଥିଲା । ଏହାକୁ ଇସ୍‌ଲମିୟ ରାଷ୍ଟ୍ର ବୋଲି ଘୋଷଣା କରୁଥିବା ବେଳେ ଦିଲ୍ଲୀ ସୁଲତାନେଟର ରାଷ୍ଟ୍ର ଏକ ସୈନ୍ୟବାଦୀ ଏବଂ ଅଭିଜାତ ତାନ୍ତ୍ରିକ (aristocratic) ଥିଲା । ଏହାର ବିପରିତରେ ମୋଗଲ ସାମ୍ରାଜ୍ୟ ଏକ ସମ୍ପୂର୍ଣ୍ଣ ଅଲଗା ସ୍ଥାନରେ ଦଣ୍ଡାୟମାନ ହୋଇଥିଲା । ସହନଶୀଳତା ତଥା ଦୟା ତାଙ୍କ ଶାସନର ପଥପ୍ରଦର୍ଶକ ଥିଲା । ଆକବର ନିଜ ପ୍ରଜାଙ୍କୁ ନିଜର ପୁତ୍ର ବୋଲି ବିବେଚନା କରୁଥିଲେ ତେଣୁ ତାଙ୍କର ମଙ୍ଗଳପାଇଁ ସଦାସର୍ବଦା ନିଜର ଦାୟୀତ୍ୱ ବୋଲି ବିବେଚନା କରୁଥିଲେ । ଆବୁଲଫାଜଲଙ୍କ ଦ୍ୱାରା ପରିକଳ୍ପିତ ତଥା ଆକବରଙ୍କ ଦ୍ୱାରା ସ୍ଥାପିତ ରାଷ୍ଟ୍ର କୌଣସି ଏକ ବିଶେଷ ବର୍ଗ ପାଇଁ ସୀମିତ ନଥିଲା ଏବଂ ଏହା "ସମସ୍ତେ ସୁଖି ଭବନ୍ତୁ" ନିୟମ ଉପରେ ପର୍ଯ୍ୟବେଶିତ ହୋଇଥିଲା । ଆକବରଙ୍କ ବୌଦ୍ଧିକ (enlightened) ନୀତି ସତ୍ତ୍ୱେ ଏବଂ ଜାହାଙ୍ଗୀର ତଥା



ଟିପ୍ପଣୀ



ସାହାଜାହାନଙ୍କ ସମୟରେ ପାରିପାର୍ଶ୍ୱିକ ଅବ୍ୟସ୍ଥା ଦ୍ୱାରା ଏହା ପ୍ରଚଳିତ ଥିଲେ ମଧ୍ୟ ଏହାକୁ କାର୍ଯ୍ୟକାରୀ କରିବାପାଇଁ ମୋଗଲ ସମ୍ରାଟମାନେ ଦୟାଳୁ ତଥା ଉଦାର ପ୍ରକୃତିର ହେଲେ ମଧ୍ୟ ମୋଗଲ ରାଷ୍ଟ୍ର ଏକ କଲ୍ୟାଣକାରୀ ହୋଇପାରି ନଥିଲା । ବଳପୂର୍ବକ ଭୂ-ରାଜସ୍ୱ ଆଦାୟ ତଥା ସୁରକ୍ଷା ଏହାର ମୁଖ୍ୟ କାର୍ଯ୍ୟ ଥିଲା । ସରକାରଙ୍କ ସ୍ୱରୂପ ରାଜତନ୍ତ୍ର ଥିଲା ଏବଂ ତାହା ପୁରୁଷାନୁକ୍ରମିକ ହୋଇଥିଲେ ମଧ୍ୟ ଏକ ଉତ୍ତରାଧିକାରୀ ସତ୍ୱ ଆଇନକୁ ରୂପରେଖ ଦେଇ ପାରିନଥିଲେ । ସିଦ୍ଧାନ୍ତ ଅନୁସାରେ ରାଜା ସକଳ କ୍ଷମତାର ଉତ୍ସ ହେଲେ ମଧ୍ୟ, ଶାସକଙ୍କ ଦୋଷ ଦୁର୍ବଳତା ସମ୍ଭ୍ରାନ୍ତ ତଥା ଉଲେମା ମାନଙ୍କୁ ରାଜାଙ୍କକ୍ଷମତାକୁ ନିୟନ୍ତ୍ରଣ କରିବାରେ ସୁଯୋଗ ପ୍ରଦାନ କରୁଥିଲା ।

**୩୧.୨ ପାଠଗତ ପ୍ରଶ୍ନ ଶୂନ୍ୟସ୍ଥାନ ପୂରଣ କର ।**

୧. ବାବର__________ ଏବଂ__________ ଦ୍ୱୟଙ୍କର ଉତ୍ତରାଧିକାରୀ ଥିଲେ ।

.......................................................................................................

୨. ଶେରଶାହାଙ୍କ ମୃତ୍ୟୁପରେ ହୁମାୟୁନ__________ ଦିଲ୍ଲୀ ଅଧିକାର କରିଥିଲେ ।

.......................................................................................................

୩. ୧୫୫୬ ଖ୍ରୀ: ରୁ ନିଜର ଆଶ୍ଚର୍ଯ୍ୟଜନକ ଧନ-ସମ୍ପଦ ଏବଂ ଗୌରବର ଶୀର୍ଷସ୍ଥାନରେ ଥିବାବେଳେ ସାମ୍ରାଜ୍ୟ ଏକ __________ଏବଂ__________ ସଂଗଠନ ଥିଲା ।

.......................................................................................................

୪. __________ସାମ୍ରାଜ୍ୟ ପରି ଭାରତ ମୁସଲମାନ ଆଇନ__________ ଦ୍ୱାରା ଶାସିତ ହେଉଥିଲେ ।

.......................................................................................................

## ୩୧.୫ ରାଜପଣ (Kingship)

ଯେ କୌଣସି ପଦବୀ ଧାରଣ କଲେ ମଧ୍ୟ ରାଜା ହେଉଛନ୍ତି ଏକ ମହାନ ବ୍ୟକ୍ତିତ୍ୱର ଅଧିକାରୀ ଯେ କି କେବଳ ସେନାଧ୍ୟକ୍ଷ ରୁପରେ ନୁହେଁ ବରଂ ଜଣେ ଆଧ୍ୟାତ୍ମିକ ଏବଂ ନୈତିକ ବ୍ୟକ୍ତି ହିସାବରେ ଜଣାଯାଇଥାଆନ୍ତି । ସଂଜ୍ଞା ଅନୁସାରେ ସେ ଜଣେ ସଂସ୍କୃତିବାନ ପୁରୁଷ ଏବଂ ତାଙ୍କର ଯୁଦ୍ଧଗୁଡିକ ସୁସଭ୍ୟକରଣ (civilizing) ପାଇଁ ଉଦ୍ଦିଷ୍ଟ ଥିଲେ ମଧ୍ୟ ଏହାର ପ୍ରଚଳିତ ଅର୍ଥ ଭିନ୍ନଭାବରେ ପରିବର୍ତ୍ତିତ ହୋଇ ଯାଇଥିଲା । ସୁଲତାନଙ୍କ ମହିମା ତାଙ୍କ ପାଖାପାଖି ଲୋକଙ୍କ କାର୍ଯ୍ୟକଳାପରୁ ଜଣାପଡୁଥିଲା । ସମ୍ରାଟଙ୍କୁ ସର୍ବଶ୍ରେଷ୍ଠ ରୂପେ ରୂପାନ୍ତରିତ କରିବା ମୁଖ୍ୟତଃ କବି, ବିଦ୍ୱାନ, ବାସ୍ତୁକାର, ଇତିହାସକାର (chronicler), ଜୀବନୀ ଲେଖକ, ଆଧ୍ୟାତ୍ମିକ ମାର୍ଗଦର୍ଶୀ (sufis) ଏବଂ ସମସ୍ତକ୍ଷେତ୍ରରେ ଅନିବାର୍ଯ୍ୟ ରୂପରେ ବିଦ୍ୟମାନ ଜାମା ମସ୍‌ଜିଦର ଶୁକ୍ରବାରର ସାମୁହିକ ପ୍ରାର୍ଥନାର ପରିଚାଳକ ମାନଙ୍କର କାର୍ଯ୍ୟ ଥିଲା । ସୁଲତାନଙ୍କୁ ମହିମା ମଣ୍ଡିତ କରିବା ପାଇଁ ତଥା ତାଙ୍କର ଅନୁଗ୍ରହ ଲାଭକରିବା ପାଇଁ କୁଶଳୀ ସେବା ପ୍ରଦାନକାରୀ ତଥା ସଂସ୍କୃତିକାର (Cultural Activities) ମାନେ ପ୍ରତିଦ୍ୱନ୍ଦିତାରେ ଓହ୍ଲାଇଥାଆନ୍ତି । ଏହାର ପରିମାଣ ସ୍ୱରୁପ



ଟିପ୍ପଣୀ

ସୁଲତାନଙ୍କର ବ୍ୟକ୍ତିତ୍ୱ ପ୍ରସଙ୍ଗାନୁସାରେ ପ୍ରକଟ (emerge) ହେଉଥିଲା । ତାଙ୍କୁ ପରିବେଷ୍ଟିତ କରିଥିବା ବିଶେଷ ତଥା ସହାୟକମାନେ ତାଙ୍କର ରାୟ, ନୀତି ଏବଂ ପ୍ରାଥମିକତାଗୁଡିକର ରୁପରେଖ ତିଆରି କରୁଥିଲେ । ନିଜର କ୍ଷମତା ଲୋକଙ୍କ କ୍ଷମତା ଉପରେ ନିର୍ଭର କରୁଥିବାରୁ ସେ ସଦାସର୍ବଦା ଲୋକଙ୍କପ୍ରତି ବିଶେଷ ଧ୍ୟାନ ଦେଉଥିଲେ । ଏପରି ଭାବରେ ରାଜାଙ୍କର କ୍ଷମତାର ସାମାଜିକ ସଂଗଠନ ରାଜସିଂହସନର ଅନ୍ୟ ଦିଗକୁ ମଧ୍ୟ ବ୍ୟାପି ଯାଇଥିଲା । ମାମୁଦ ଗଜନୀ ଭଳି ପ୍ରାରମ୍ଭିକ ସୁଲତାନ ପୁରାପୁରି ଭାବରେ ନିଜର ରକ୍ତଗତ ସମ୍ପର୍କୀୟ ତଥା ନିକଟ ସମ୍ପର୍କୀୟ ସ୍ୱଜାତୀୟମାନଙ୍କ ଉପରେ ନିର୍ଭର କରୁଥିଲେ । ରାଜନୈତିକ ପରିଦୃଶ୍ୟ ଅଧିକ ଜଟିଳ ହେବାରୁ ଅତ୍ୟଧିକ ଜଟିଳ ବ୍ୟକ୍ତିମାନଙ୍କର ବିକସିତ ହୋଇଥିଲା ଏବଂ ମୋଗଲ ଶାସନ ସମୟରେ ଏହାର ଆନୁପାତିକ ଅଂଶ ଆହୁରି ବ୍ୟାପକ ହୋଇଥିଲା । ସୁଲତାନଙ୍କ ଅଙ୍ଗ, କଥାବାର୍ତ୍ତା, ଧାର୍ମିକଶ୍ରଦ୍ଧା, ନିଜର ଅଭ୍ୟାସ, ବ୍ୟସନ (hobbies), ପରିବାର, ଗୃହସ୍ଥ (House-hold), ପୂର୍ବପୁରୁଷ, ପତ୍ନୀମାନେ, ପୁତ୍ର ଏବଂ ଶଶୁର (father-in-laws) ଇତ୍ୟାଦି ତାଙ୍କର ସାର୍ବଜିନିକ ପରିଚୟର ଆନ୍ତରିକ ଅଙ୍ଗ ଥିଲା ଏବଂ ଏଟୁଡିକ ସାର୍ବଜନୀନ ଗପସପ, କଳା, କାହାଣୀ ସଂଙ୍ଗୀତ, ଏବଂ ଇତିବୃତ୍ତିରେ ସ୍ଥାନ ପାଉଥିଲା ।

## ୩୧.୬ ରାଜକୀୟ ଦରବାର Royal Court

ସୁଲତାନଙ୍କ ସାର୍ବଜନୀନ ବ୍ୟକ୍ତିତ୍ୱର ଦୈନିକ ପ୍ରଦର୍ଶନ ନିଜ ଦରବାରରେ ହେଉଥିଲା । ଏଠାରେ ସେ ଆମନ୍ତ୍ରିତ ଅତିଥି, ରାଷ୍ଟ୍ରଦୂତ, ବିନୀତ ପ୍ରାର୍ଥନାକାରୀ (supplicants), ସହାୟକ, ଏବଂ କର ତଥା ଉପହାର ଦେବା ବ୍ୟକ୍ତିଙ୍କୁ ସ୍ୱାଗତ ଜଣାଇ ତାଙ୍କ କଥା ଶୁଣୁ ଥିଲେ । ଉକ୍ତ ଦରବାରୀ ପରମ୍ପରା ସମୟ ସହିତ ବିକସିତ ହୋଇଥିଲା । ମଧ୍ୟ ଏସିଆରୁ ଆରମ୍ଭ ହୋଇ ଏହା ପ୍ରଥମେ ଯୁଦ୍ଧଭୂମିର ଏକ ରାଜକୀୟ ତମ୍ବୁ ଶିବିରର ରୁପ ନେଇଥିଲା । ପରବର୍ତ୍ତୀ ଶତାବ୍ଦୀରେ ଏହା ବାସ୍ତୁଶିଳ୍ପୀୟ ମହିମା ହାସଲ କରିଥିଲା ଏବଂ ଫତେପୁର ସିକ୍ରୀ, ଆଗ୍ରା ଏବଂ ଦିଲ୍ଲୀ ଭଳି ଦୁର୍ଗ ଥିବା ସହର ସୃଷ୍ଟି ହୋଇଥିଲା ସହର ଏବଂ ଯାହାର ଦରବାରରେ ସମ୍ରାଟଙ୍କ ଉପସ୍ଥିତି ଏବଂ କାର୍ଯ୍ୟ ସମ୍ପାଦନ ପାଇଁ ଏକ ବିଶାଳ ମଞ୍ଚ ଥିଲା। ଦରବାରଗୁଡ଼ିକର ନିର୍ମାଣ ଶୈଳିରେ ହିନ୍ଦୁ ଏବଂ ମୁସ୍‌ଲିମ ପରମ୍ପରା ସମ୍ମିଳିତ ହୋଇଥିଲା। ଅଷ୍ଟାଦଶ ଶତାବ୍ଦୀର ଏକ ଚିତ୍ରରୁ ଦରବାରର ଦୃଶ୍ୟକୁ ବିସ୍ତୃତ ରୂପେ ଚିତ୍ରିତ କରାଯାଇଛି ଯାହା ସହିତ ମୋଗଲ ସମ୍ରାଟ ଶାହାଜାହାନଙ୍କ ଇତିବୃତ୍ତି ସପ୍ତଦଶ ଶତାବ୍ଦୀର ପାଦଶାହାନାମ ମଧ୍ୟ ଜଡ଼ିତ। ଉକ୍ତ ଚିତ୍ରରେ ଝୁଲୁଥିବା କମ୍ବଳ ଚିତ୍ରିତ ହୋଇଅଛି ଯାହାକୁ ଦରବାରର ଭ୍ରମଣଶୀଳ ପରମ୍ପରାକୁ ମନେ ପକାଇ ଦେଉଛି। ଏଥିରେ ଚିତ୍ରିତ ପ୍ରତ୍ୟେକ ବ୍ୟକ୍ତିଙ୍କର ଦରବାରରେ ଏକ ସ୍ୱତନ୍ତ୍ର ପଦମର୍ଯ୍ୟାଦା ତଥା ସମ୍ରାଟଙ୍କ ସହିତ ସମ୍ପର୍କ ଥିଲା। ସୁଲତାନଙ୍କ ସମ୍ପର୍କ ଦ୍ୱାରା ପରିଭାଷିତ ହୋଇଥିବା ସମସ୍ତ ପରିଚୟ (Identity) ପାଇଁ ସାର୍ବଜନିକ ପ୍ରଦର୍ଶନର ସ୍ଥାନ ଦରବାର ହୋଇଥିଲା। ନିଜ ସାମ୍ରାଜ୍ୟ ସହିତ ଜଡ଼ିତ ବିଭିନ୍ନ ପ୍ରକାରର ସମସ୍ତ କ୍ଷମତାଶାଳୀ ବ୍ୟକ୍ତିତ୍ୱଗୁଡ଼ିକର ପ୍ରଦର୍ଶନ ପାଇଁ ସୁଲତାନ ସର୍ବଦା ନିଜ ଦରବାରକୁ ନିଜ ଗସ୍ତ ସ୍ଥଳୀକୁ ନେଇ ଯାଉଥିଲେ। ମୁଖ୍ୟତଃ ଯୁଦ୍ଧ ସମୟରେ ଦରବାରର ଅଧିକାଂଶ ସମୟ ଯିବା ଆସିବାରେ କଟି ଯାଉଥିଲା। ଶାସକମାନଙ୍କର ଭ୍ରମଣଶୀଳ ଦରବାର ଏକ ସ୍ଥାୟୀ ସାଂସ୍କୃତିକ ବିଶେଷତା ହୋଇ ଯାଇଥିଲା ଏବଂ ପରବର୍ତ୍ତୀ ସମୟରେ ଭ୍ରମଣଶୀଳ ଶାସକ, ଟିକସ-ସଂଗ୍ରହ କର୍ତ୍ତା ଏବଂ ରାଜନେତାମାନେ ଆଧୁନିକ ଯୁଗର ପ୍ରଭାବଶାଳୀ ଭ୍ରମଣଶୀଳ ସୁଲତାନ୍ ହୋଇ ଯାଇଛନ୍ତି।

ଟିପ୍ପଣୀ

## ୩୧.୭ ରାଜାଙ୍କ ବ୍ୟକ୍ତିତ୍ୱ Persona of the king

ସୁଲତାନଙ୍କ ଅନୁଚର ବର୍ଗ (retinue), ରାଜକୀୟ ଚିହ୍ନ ଧାରଣ କରିଥିବା ସୁବିଧାବାଦୀ ଗୋଷ୍ଠୀ (Regalia Privileges)ଏବଂ ରାଜା ଓ ତାଙ୍କର ପରିବାର ରାଜାଙ୍କର ମହାନତାର ପ୍ରତୀକ ଥିଲେ । ସୁଲତାନ ସାର୍ବଜନିକ ଶିଷ୍ଟାଚାର ଏବଂ ସୀମିତ ବ୍ୟବହାର ପାଳନ କରୁଥିଲେ କାରଣ ଅଧିନସ୍ଥ ଯେପରି ନିଜର ସୀମା (ହଦ୍) ପାରି ନ କରେ । ସୁଲତାନଙ୍କୁ ସର୍ବଦା ନିଜର ପ୍ରଭୁତ୍ୱ ଦେଖାଇବା ପାଇଁ ସବୁଠାରୁ ବଡ଼, ସବୁଠାରୁ ଧନୀ, ସର୍ବାଧିକ ଅଳଙ୍କୃତ, ଅପବ୍ୟୟୀ ଏବଂ ଶରୀରରେ ଦୃଶ୍ୟମାନ୍ୟ ମୂଲ୍ୟବାନ ଜିନିଷ ଧାରଣ କରିବାକୁ ପଡ଼ିଥାଏ । ବିଜୟନଗରର ରାୟ ଶାସକମାନେ ନିଜ ଶରୀରରେ ବିଦେଶରୁ ପ୍ରାପ୍ତ ମୂଲ୍ୟବାନ ଜିନିଷ ବିଶେଷ କରି ଅତର ଏବଂ ଚୀନର ପର୍ସିଲିନ୍ (Percelain) ଭଳି ଦାମିକା ଜିନିଷ ଧାରଣ କରି ନିଜକୁ "ପୂର୍ବ ଏବଂ ପଶ୍ଚିମ ମହାସାଗରର ସ୍ୱାମୀ ବୋଲି କହୁଥିଲେ । ସୁଲତାନଙ୍କ ପ୍ରାସାଦ ତାଙ୍କ ଶରୀରର ଏକ ବଡ଼ ପ୍ରତିରୂପ ଥିଲା ଯାହାକି ସଞ୍ଚୟ, ପ୍ରଭୁତ୍ୱ ଏବଂ ନିୟନ୍ତ୍ରଣର ଉତ୍ସଶକ୍ତି ଦର୍ଶାଇବା ସହିତ ତାଙ୍କର ଧନ-ସମ୍ପଦ, ମୂଲ୍ୟବୋଧ ଏବଂ ରୁଚିକୁ ମଧ୍ୟ ଦର୍ଶାଇଥାଏ । ଉକ୍ତ ମହାନ ପ୍ରଭାବଶାଳୀ ସୁଲତାନଙ୍କର ଉପଭୋଗର ଆଡ଼ମ୍ବର ପୂର୍ଣ୍ଣ ଅଭ୍ୟାସ ଦକ୍ଷିଣ ଏସିଆର ରାଜନୈତିକ ଜୀବନର ସ୍ଥାୟୀ ବ୍ୟବସ୍ଥା ହୋଇଯାଇଥିଲା । ଘରୋଇ ପର୍ବପର୍ବାଣୀ ମଧ୍ୟରେ ବାହାଘର ସମୟରେ ସୁଲତାନଙ୍କ ବ୍ୟକ୍ତିତ୍ୱର ମହତ୍ୱପୂର୍ଣ୍ଣ ବିଶେଷଣଗୁଡ଼ିକ ସର୍ବସାଧାରଣରେ ଦେଖା ଦେଇଥାଏ । ତାଙ୍କର ରାଜନୈତିକ ଜୀବନରେ ବାହାଘର ଏକ ମହତ୍ୱପୂର୍ଣ୍ଣ ଘଟଣା କାରଣ ଏହା ହିଁ ରାଜନୈତିକ ଗଠବନ୍ଧନର ସବୁଠାରୁ ସୁରକ୍ଷିତ ଉପାୟ ଥିଲା । "ପାଦଶାହା ନାମା" ପୁସ୍ତକରେ ଯୁଦ୍ଧ ଏବଂ ବିବାହକୁ କଳାକାରମାନଙ୍କ ଦ୍ୱାରା ସବୁଠାରୁ ଅଧିକ ବିସ୍ତାର ଭାବରେ ଚିତ୍ରଣ କରାଯାଇଅଛି । ଏପରିକି ମୋଗଲ ସାମ୍ରାଜ୍ୟ ମଧ୍ୟ ଏକ ପାରିବାରିକ ଘଟଣା ଭଳି ପ୍ରତିୟମାନ ହେଉଥିଲା । ପ୍ରାସାଦର ଆଭ୍ୟନ୍ତରିଣ ଗୁପ୍ତକ୍ଷେତ୍ରରେ ପରିବାରର ସଦସ୍ୟମାନେ ପ୍ରଭାବ ବିସ୍ତାର ପାଇଁ ପ୍ରତିଜ୍ଞାବଦ୍ଧ ହୋଇ ଗୁପ୍ତ ଯୋଜନାରେ ନିଜକୁ ନିୟୋଜିତ କରୁଥିଲେ ଯାହାକି ଉତ୍ତରାଧିକାରୀ ଯୁଦ୍ଧରେ ପରିଣତ ହେଉଥିଲା । ଉକ୍ତ ଯୁଦ୍ଧରେ ସମ୍ପର୍କୀୟମାନେ ଅନ୍ୟ ସମ୍ପର୍କୀୟମାନଙ୍କୁ ହତ୍ୟା କରୁଥିଲେ ଯାହାକି ମହାଭାରତ ଯୁଦ୍ଧରେ ଦେଖା ଯାଇଥିଲା । ପ୍ରାସାଦ ମଧ୍ୟରେ ସୁଲତାନଙ୍କ ସମ୍ମାନ, ତାଙ୍କର ମାତା, ପତ୍ନୀ, ପୁତ୍ର ତଥା ଭଉଣୀଙ୍କ ନିଷ୍କଳଙ୍କ ସଦ୍‌ଗୁଣ ଉପରେ ନିର୍ଭର କରୁଥିଲା । ସର୍ବ ସାଧାରଣଙ୍କ ଦୃଷ୍ଟିରୁ ଦୂରରେ ଥିବା ରାଜପ୍ରାସାଦର ରମଣୀମାନେ ପରଦା ଆଢୁଆଳରେ ଏବଂ ଏକାନ୍ତରେ ଜୀବନ କଟାଉଥିଲେ । "ପରଦା" ନାଶୀନ ମହିଳାମାନେ ସୁଲତାନଙ୍କ ସଦ୍‌ଗୁଣ ହୋଇଯାଇଥିଲେ (Sultan's own virtue) । ରମଣୀମାନଙ୍କର ଏକାନ୍ତ ଜୀବନ ପ୍ରଥା ହିନ୍ଦୁ ଏବଂ ମୁସଲମାନ ଦ୍ୱୟଙ୍କର ଉଚ୍ଚବର୍ଗୀୟ ପରିବାରରେ ସମରୂପରେ ଦେଖା ଦେଇଥିଲା କାରଣ ସେମାନେ ନିଜେ ସୁଲତାନଙ୍କ ଢ଼ାଞ୍ଚାରେ ବସବାସ କରିବାକୁ ଇଚ୍ଛା ପ୍ରକାଶ କରୁଥିଲେ ।

## ୩୧.୮ ସମ୍ଭ୍ରାନ୍ତ ଗୋଷ୍ଠୀ The Nobility

ସୁଲତାନ ବିଭିନ୍ନ ପଦବୀର ଅନୁସନ୍ଧାନ କରୁଥିଲେ ଯାହାଦ୍ୱାରା ଜନ୍ମଗୋଷ୍ଠୀ, ସାଂସ୍କୃତିକ ସମ୍ବନ୍ଧ ଜାଣିବା ସଙ୍ଗେ ସଙ୍ଗେ ବ୍ୟକ୍ତିଗତ ସ୍ଥିତି ବିଷୟରେ ଚିହ୍ନଟ କରି ହେଉଥିଲା । ପ୍ରତ୍ୟେକ ସୁଲତାନ ନିଜ ପ୍ରତି ଆସ୍ଥା ରଖୁଥିବା ନିର୍ଦ୍ଦିଷ୍ଟ ସମ୍ଭ୍ରାନ୍ତମାନଙ୍କଠାରେ ନିର୍ଦ୍ଦିଷ୍ଟ ଗୋଷ୍ଠୀକୁ ତିଆରି କରିବା ତଥା





ସଂଗଠିତ କରିବା ପାଇଁ ଚାହୁଁ ଥିଲେ । ଏଥିପାଇଁ କେବଳ ତୁର୍କେ-ଇ-ଚିହାଲଗାନି (Turkan-i-Chihalgani) କ୍ଷମତା ଏବଂ ଅନ୍ୟାନ୍ୟ ସୁବିଧା ସୁଯୋଗ ହାସଲ କରିବା ପାଇଁ ଚେଷ୍ଟା କରି ନଥିଲେ ବରଂ କେତେକ ଗୋଷ୍ଠୀ ନିଜ ନିଜର ବ୍ୟକ୍ତିଗତ ଆନୁଗତ୍ୟ ରଖିଥିବା ସୁଲତାନମାନଙ୍କୁ ଯଥା କୁତବୀ (କୁତବଉଦ୍ଦିନଆଇବାଙ୍କ ପ୍ରତି ଆନୁଗତ୍ୟ), ସାମସିସ୍ (ଇଲତୁତ୍‌ମିସ୍‌ଙ୍କ ପ୍ରତି ଆନୁଗତ୍ୟ), ବଲବନିସ୍ ତଥା ଆଲ୍ଲାଇ ଅମିରମାନେ ପୁରାପୁରି ଏହି ସମୟରେ ଆଧିପତ୍ୟ ବିସ୍ତାର କରିଥିଲେ । ତ୍ରୋୟଦଶ ଶତାବ୍ଦୀର ପ୍ରସିଦ୍ଧ ଚାଳିସ୍ ଅମୀର ସହିତ ପ୍ରାୟ ସମସ୍ତ ଉଚ୍ଚ ଆଭିଜାତ୍ୟ ମଧ୍ୟ-ଏସିଆ ଅଞ୍ଚଳର ଥିଲେ । ସେମାନଙ୍କ ମଧ୍ୟରୁ ଅନେକ ଦାସ ମଧ୍ୟ-ଏସିଆର ବଜାରରୁ କିଣା ଯାଇଥିଲେ । ସେହି କାରଣରୁ ମଧ୍ୟ-ତୁର୍କୀର ମାମଲୁକମାନଙ୍କ କେନ୍ଦ୍ରରେ ଅସ୍ଥିରତା ଦେଖା ଦେଇଥିଲେ । ମୋଙ୍ଗଲମାନେ ମଧ୍ୟ-ଏସିଆ ତଥା ପୂର୍ବ-ଇରାନରେ ଲୁଣ୍ଠନ କରିବା ସଙ୍ଗେ ସଙ୍ଗେ ଅତ୍ୟଧିକ ରାଜନୈତିକ ତଥା ଧାର୍ମିକ ବର୍ଗର ଲୋକମାନଙ୍କୁ ଉତ୍ତର ଭାରତକୁ ପ୍ରେରଣ କରିଥିଲେ । ଦିଲ୍ଲୀର ସୁଲତାନ୍ ସେମାନଙ୍କୁ ସୈନ୍ୟବାହିନୀ ତଥା ଶାସନର ବିଭିନ୍ନ ସ୍ତରରେ ନିୟୋଜିତ କରିଥିଲେ । ଆଲ୍ଲା-ଉଦ୍ଦିନ-ଖିଲିଜୀ ସୁଲତାନେଟ ମଧ୍ୟରେ ରାଜନୈତିକ ସହଯୋଗକୁ ଜାଣିଶୁଣି ବୃଦ୍ଧି କରିବାରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଥମ ସୁଲତାନ ଥିଲେ । ଆଂଶିକ ରୂପରେ ଶାସନର ଦ୍ୱାରକୁ ଖୋଲି ସେ କେତେକ ଅଣ ତୁର୍କ ମୁସଲମାନ ଅମୀରମାନଙ୍କୁ ଗ୍ରହଣ କରିବା ସହିତ କେତେକ ଧର୍ମାନ୍ତରିତ ହିନ୍ଦୁମାନଙ୍କୁ ମଧ୍ୟ ନେଇଥିଲେ କାରଣ ଏହା ଆଇନସଙ୍ଗତ ବୋଲି ତାଙ୍କର ହୃଦ୍‌ବୋଧ ହୋଇଥିଲା । ଆଲ୍ଲା-ଉଦ୍ଦିନ-ଖିଲିଜୀ ଏବଂ ତାଙ୍କ ପୁତ୍ର ମହତ୍ତ୍ୱପୂର୍ଣ୍ଣ ହିନ୍ଦୁ ଶାସକ ପରିବାରରେ ବିବାହ କରିଥିଲେ ଏବଂ ଏ ପ୍ରକାର ଅନେକ ଶାସକଙ୍କୁ ଦରବାରରେ ସ୍ଥାନ ଦେଇଥିଲେ ଏବଂ ସେମାନଙ୍କୁ ସମ୍ମାନ ମଧ୍ୟ ପ୍ରଦାନ କରୁଥିଲେ । ତୋଗଲକଙ୍କ ଶାସନ କାଳରେ ଅଣ-ମୁସଲମାନ ଭାରତୀୟମାନଙ୍କୁ ଉଚ୍ଚ ଏବଂ ଅତ୍ୟନ୍ତ ଉତ୍ତର ଦାୟୀତ୍ୱ ପୂର୍ଣ୍ଣ ପଦରେ ନିଯୁକ୍ତି ପ୍ରଦାନ କରିଥିଲେ, ଏପରିକି ପ୍ରଦେଶର ଗଭର୍ଣ୍ଣର ହିସାବରେ ମଧ୍ୟ ନିଯୁକ୍ତି ଦେଇଥିଲେ । ମହମ୍ମଦ-ବିନ-ତୋଗଲକ ପ୍ରଶାସନରେ ହିନ୍ଦୁମାନଙ୍କୁ ନିଯୁକ୍ତି ଦେବାର ଯୋଜନା ତିଆରି କରିବାରେ ପ୍ରଥମ ମୁସଲମାନ ଶାସକ ଥିଲେ ।

ଆକବରଙ୍କ ଶାସନର ପ୍ରଥମ ତିନି ଦଶନ୍ଧିରେ ଉଚ୍ଚ ଶ୍ରେଣୀର ରାଜକୀୟ ବ୍ୟକ୍ତିତ୍ୱ ମାନଙ୍କର ଦ୍ରୁତ ଅଭିବୃଦ୍ଧି ହୋଇଥିଲା ଯେହେତୁ ମଧ୍ୟ-ଏସିଆର ସମ୍ଭ୍ରାନ୍ତମାନେ ସାଧାରଣତଃ ତୁର୍କ-ମୋଙ୍ଗଲ ପରମ୍ପରା ଅନୁସାରେ ରାଜକୀୟ କ୍ଷମତାର ଅଂଶୀଦାର ହେଉଥିଲେ । ଆକବର ସେମାନଙ୍କର ଶକ୍ତି ଓ ପ୍ରଭାବକୁ ଲୋପକରି ନିଜ ପରିପାର୍ଶ୍ୱରେ ମୋଗଲ ଶାସନର କେନ୍ଦ୍ରିୟ ରୂପଦେବାକୁ ଇଚ୍ଛା କରିଥିଲେ । ସମ୍ରାଟ ଏକ ନୂତନ ମାନଦଣ୍ଡ ଅନୁସାରେ ନିଜ ସେବାରେ ଯୋଗ ଦେବାପାଇଁ ପ୍ରୋତ୍ସାହିତ କଲେ ଏବଂ ଏହାଦ୍ୱାରା ଇରାନର ଆଭିଜାତ୍ୟ ବର୍ଗର ମୋଗଲ ସମ୍ଭ୍ରାନ୍ତର ଏକ ମହତ୍ତ୍ୱପୂର୍ଣ୍ଣ ବର୍ଗ ଗଠନ ହେଲା । ଭାରତୀୟ ପୃଷ୍ଠଭୂମିରେ ଆକବର ମଧ୍ୟ ବ୍ୟକ୍ତିତ୍ୱର ସନ୍ଧାନରେ ଥିଲେ । ନୂତନ ଭାରତୀୟ ଆଫଗାନୀମାନେ ମୋଗଲମାନଙ୍କର ମୁଖ୍ୟ ବିରୋଧି ହେବା ଯୋଗୁଁ ସ୍ୱାଭାବିକ ଭାବରେ ସମାନଙ୍କୁ ସ୍ପଷ୍ଟ ଭାବରେ ଦୁରେଇ ଦେଇଥିବା ବେଳେ ବରହାର ସୟିଦ୍ (Sayyids Baraha) ବୁଖାରି ସୟିଦ୍ ଏବଂ ଭାରତୀୟ ମୁସଲମାନଙ୍କ ମଧ୍ୟରୁ କାମ୍ଭୁସ୍‌ମାନଙ୍କୁ ଉଚ୍ଚ ସୈନିକ ତଥା ନାଗରିକ ପଦ ଦେବା ପାଇଁ ଅନୁଗ୍ରହ କରାଯାଇଥିଲା । ଏହାଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ବିଷୟ ଥିଲା ହିନ୍ଦୁ ରାଜପୁତମାନଙ୍କୁ ମୋଗଲ ସାମ୍ଭ୍ରାନ୍ତ ଶ୍ରେଣୀରେ ସ୍ଥାନ ପ୍ରଦାନ କରିବା । ଏହା ଭାରତୀୟ-ଇସଲାମିୟ ଇତିହାସରେ ପୁରାପୁରି ନୂତନ ପଦଚିହ୍ନ ନହେଲେ ମଧ୍ୟ



ଟିପ୍ପଣୀ



ମୋଗଲ ସ୍ୱେଚ୍ଛାଚାରିତା ଏବଂ ସ୍ଥାନୀୟ ନିଷ୍ଠୁର ଶାସକମାନଙ୍କ ମଧ୍ୟରେ ସମ୍ପର୍କର ଏକ ଅଗ୍ରଣୀ ମାନ ଭିତ୍ତିକ ଦୃଷ୍ଟାନ୍ତ ।

## ୩୧.୯ କାର୍ଯ୍ୟାଳୟ ଏବଂ ପଦାନୁକ୍ରମିକ ସଂରଚନା Office and Hieraretical structure

ଦିଲ୍ଲୀର ସୁଲତାନୀ ସରକାର ତଥା ମୋଗଲ ସାମ୍ରାଜ୍ୟର ସରକାର ଦାସମାନଙ୍କ ପରି ନଥିଲା । ଏହି ଦୁଇ ସରକାର ସଂଗଠିତ ଅମଲାତାନ୍ତ୍ରୀକ ଥିଲା ଯେଉଁଠାରେ ବିଭାଗ ଏବଂ ଅଫିସରମାନଙ୍କର ନିୟମିତ ଶ୍ରେଣୀ ବିଭାଗ ଥିଲା । ନାଗରିକ ତଥା ସୈନ୍ୟ ବିଭାଗର କୌଣସି କାର୍ଯ୍ୟାଳୟ ବଂଶାନୁଗତ ନଥିଲା । ତେଣୁ ଅଧିକାରୀମାନଙ୍କୁ ରାଜା ନିଜ ଇଚ୍ଛା ଅନୁସାରେ ନିଯୁକ୍ତି, ସ୍ଥାନାନ୍ତରିତ ଏବଂ ବରଖାସ୍ତ କରି ପାରୁଥିଲେ । ସେମାନେ ରାଜାଙ୍କଠାରେ ଉତ୍ତରଦାୟୀ ରହୁଥିଲେ । ସୁଲତାନୀ ଶାସନ ବ୍ୟବସ୍ଥାରେ ଠିକ୍ ସୁଲତାନଙ୍କ ପରେ ସମସ୍ତ ସରକାରୀ କାର୍ଯ୍ୟର ତଦାରଖ କରିବା ପାଇଁ ୱାଜିରଙ୍କ (wazir) କାର୍ଯ୍ୟାଳୟ ଥିଲା । ମୋଗଲମାନେ ତାଙ୍କର ପ୍ରଧାନମନ୍ତ୍ରୀଙ୍କୁ ଭକିଲ (vakil) କହୁଥିଲେ କିନ୍ତୁ ପରବର୍ତ୍ତୀ ସମୟରେ ଏହା ୱାଜିର ବା ଦିୱାନ ସହିତ ସମାନ(Synonymous) ହୋଇଥିଲା । ସୁଲତାନ୍‌ମାନେ ଦିୱାନ-ଇ-ଆରିଜ (Diwan-i-Ariz) (Military Dept) ର ସ୍ଥାପନା କରିଥିଲେ । ଏହାର ମୁଖ୍ୟ ଭାବରେ ଆରିଜ୍-ଇ-ମମାଲିକ (Ariz-i-mamalik) ଅବସ୍ଥାପିତ ହୋଇଥିଲାବେଳେ ମୋଗଲ ଶାସନକାଳରେ ମିର୍-ବକ୍‌ସି (Mir-Bakshi) ସେନା ତଥା ରାଜପ୍ରତିଷ୍ଠାନର ସାଧାରଣ ପ୍ରଶାସନ (General Administration of the Royal establishment) ର ଦାୟୀତ୍ୱ ବହନ କରିଥିଲେ । ସୁଲତାନୀ ଅମଳରେ ଧାର୍ମିକ ବ୍ୟାପାର ଓ ଜନକଲ୍ୟାଣ ବିଭାଗଗୁଡ଼ିକ ଦିୱାନ-ଇ-ରସାଲତ୍ (Diwan-i-rasalat) ଙ୍କ ଦ୍ୱାରା ପରିଚାଳିତ ହେଉଥିଲା ଏବଂ ସର୍ଦ୍ଦ-ଉସ୍-ସୁଦୁର(Sadr-us-sudur)ଏହାର ମୁଖ୍ୟ ଥିଲା । ଅଫିସରମାନେ ରହିଥିବା ପର୍ଯ୍ୟନ୍ତ ମୋଗଲମାନେ ଏଗୁଡିକର ସେହି ନାମକରଣ ଜାରି ରଖିଥିଲେ । ଉଭୟଙ୍କ ଅମଳରେ ମୁଖ୍ୟ କାଜି, ମୁଖ୍ୟ ନ୍ୟାୟାଧୀଶ (Chief Qazi) ଙ୍କ କାର୍ଯ୍ୟାଳୟକୁ ସର୍ଦ୍ଦ (Sadr)ଙ୍କ ସହିତ ମିଶାଇ ଦେଇଥିଲେ । ସୁଲତାନୀ ଶାସନ ସମୟରେ ମୁସ୍‌ରିଫ-ଇ-ମମାଲିକ (Mushrif-i-mamalik) ମୁଖ୍ୟ ହିସାବ ରକ୍ଷକ (Accountant General), ମୁସାଉଫି-ଇ-ମମାଲିକ (Mushaufi-i-mamalik) ମୁଖ୍ୟ ସମୀକ୍ଷଙ୍କ (Auditor General) ଡବିର-ଇ-ଖାଁ (Dabir-i-Khan) ଙ୍କ ଅଧ୍ୟକ୍ଷତାରେ ଦିୱାନ-ଇ-ଇନ୍‌ଶା (Diwan-i-Insha) ରାଜ୍ୟ ପତ୍ରାଚାର ବିଭାଗ (State Correspondence Department) ଏବଂ ବାରିଦ୍-ଇ-ମମାଲିକ (Barid-i-Mamalik) ଗୁପ୍ତଚର ବିଭାଗର ପ୍ରଧାନ (Head of the Intelligence Department) ଗୁଡିକ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ କାର୍ଯ୍ୟାଳୟ ଏବଂ ବିଭାଗ ଥିଲା ।

## ୩୧.୧୦ ପ୍ରାନ୍ତିୟ ପ୍ରଶାସନ Provincial Administration

ସୁଲତାନୀ ଶାସନ ଅମଳରେ ମୁକ୍ତି (Muqtis) ବା ୱାଲି (Walis) ମାନେ ପ୍ରଦେଶ ଦାୟିତ୍ୱରେ ଥିଲେ । ପ୍ରଦେଶର ଆୟ ଏବଂ ବ୍ୟୟକୁ ନିୟନ୍ତ୍ରଣ କରିବା ପାଇଁ ଜଣେ ସାହିବ ଦିୱାନ (Sahib-Diwan) ଥିଲେ ଏବଂ ତାଙ୍କୁ ସାହାର୍ଯ୍ୟ କରିବା ପାଇଁ ମୁସାରିଫ୍ (Musarif) ଏବଂ କାରକୁନ (Karkun) ଙ୍କୁ ନିଯୁକ୍ତି ଦିଆଯାଇଥିଲା । ତ୍ରୟୋଦଶ ଶତାବ୍ଦୀର ଶେଷଭାଗରେ ପ୍ରଶାସନିକ ଅଞ୍ଚଳ ଭାବରେ ସିକ୍କ (Shiqq) ସ୍ଥାପିତ ହେଲା ଯାହାକି ପରବର୍ତ୍ତୀ ସମୟରେ

ସରକାର (Sarkar) ନାମରେ ପରିଚିତ ହେଲା । ନ୍ୟାୟ ପାଇଁ ପ୍ରଦେଶରେ କାଜୀ (Qazi) ଓ ସଦର (Sdr) ଙ୍କ ଅଦାଲତ କାର୍ଯ୍ୟରତ ହୋଇଥିଲା । ମୋଗଲ ସାମ୍ରାଜ୍ୟ ୧୫ଟି ପ୍ରଦେଶରେ ବିଭକ୍ତ ହୋଇଥିଲ । ସେ ଗୁଡିକ ହେଲା ଏଲ୍‌ହାବାଦ, ଆଗ୍ରା, ଅବଧ, ଆଜମୀର, ଅହମଦାବାଦ୍, ବିହାର, ବଙ୍ଗଳା, ଦିଲ୍ଲୀ, କାବୁଲ, ଲାହୋର, ମୁଲତାନ, ମାଲକା, ଖାନ୍ଦେଶ, ବେରାର ଏବଂ ଅହମଦ୍‌ନଗର । କାଶ୍ମୀର ଏବଂ କାନ୍ଦାହାର, କାବୁଲ ପ୍ରଦେଶର ଜିଲ୍ଲା ଥିଲା ଏବଂ ସିନ୍ଧୁ ଅଞ୍ଚଳ ଥାଟ୍ଟା ନାମରେ ପରିଚିତ ଥିଲା ଏବଂ ଏହା ମୁଲତାନର ଏକ ଜିଲ୍ଲା ଥିଲା । ଓଡିଶା ସେତେବେଳେ ବଙ୍ଗଳାର ଏକ ଅଂଶ ବିଶେଷ ଥିଲା । ସମସ୍ତ ପ୍ରଦେଶର ଆକାର ଏବଂ ଆୟ ଏକ ପ୍ରକାରର ହୋଇନଥିଲା । ପ୍ରତି ପ୍ରଦେଶରେ ଜଣେ ଗଭର୍ଣ୍ଣର (Governer) ଜଣେ ଦିୱାନ(ରାଜସ୍ୱ ଏବଂ ବିତ୍ତ ଅଧିକାରୀ) ଜଣେ ବକ୍ସି (ସୈନିକ କମାଣ୍ଡର) ଜଣେସଦର (ଧାର୍ମିକ ପ୍ରଶାସନ), ଜଣେ କାଜୀ (ନ୍ୟାୟାଧୀଶ) ଏବଂ କେନ୍ଦ୍ର ସରକାରଙ୍କୁ ସୁଚନା ଦେବା ପାଇଁ ଏଜେଣ୍ଟ ନିଯୁକ୍ତ ହୋଇଥିଲେ । ବିଭିନ୍ନ କର୍ମଚାରୀମାନଙ୍କ ମଧରେ କ୍ଷମତାର ପୃଥକୀକରଣ (ବିଶେଷଭାବରେ ଗଭର୍ଣ୍ଣର ଏବଂ ଦିୱାନ ମଧରେ) ରାଜ ଶାସନର ଏକ ମହତ୍ୱପୂର୍ଣ୍ଣ ସିଦ୍ଧାନ୍ତ ଥିଲା । ମୋଗଲ ପ୍ରଦେଶଗୁଡିକୁ କେତେକ ଜିଲ୍ଲା (ସରକାର)ରେ ବିଭକ୍ତ କରାଯାଇଥିଲା । ପ୍ରତି ଜିଲ୍ଲାରେ ଜଣେ ଫଉଜଦାର (ସୈନିକ ଅଫିସର ଯାହାର କାର୍ଯ୍ୟ ପ୍ରାୟ କଲେକ୍‌ଟରଙ୍କ ପରି ଥିଲା), ଜଣେ କାଜୀ, ଜଣେ ବିତିକଚି (bitikchi) (ମୁଖ୍ୟ କିରାଣୀ) ଏବଂ ଜଣେ ଖଜାନୀଦାର (କୋଷପାଳ) ନିଯୁକ୍ତ ହୋଇଥିଲେ । ନ୍ୟାୟପ୍ରଦାନ ପାଇଁ ଏକ ଶ୍ରେଣୀବଦ୍ଧ ଅଦାଳତ ଥିଲା । ଏହା ଗ୍ରାମପଞ୍ଚାୟତ ଠାରୁ ଆରମ୍ଭ ହୋଇ ପ୍ରଗଣା, ସରକାର ଏବଂ ପ୍ରାଦେଶିକ ବିଚାରାଳୟ (କାଜୀ, ଅମୀର ଇ ଦାଦ୍, ଏବଂ ମୀର ଆଦଲଙ୍କ ଅଧିନସ୍ତ) ଏବଂ ଶେଷରେ ମୁଖ୍ୟସଦର ବା କାଜୀ ଏବଂ ସର୍ବ ଶେଷରେ ସ୍ୱୟଂ ସମ୍ରାଟଙ୍କ ପାଖରେ ଶେଷ ହୋଇଥିଲା । ସୁଲତାନେଟ ଏବଂ ମୋଗଲ ଦ୍ୱୟଙ୍କ ଶାସନକାଳରେ କୋଟ୍‌ୱାଲ (Kotwal) ସ୍ଥାନୀୟ ସ୍ତରରେ ଆଇନକାନୁନକୁ ପାଳନ କରାଇବା ଦ୍ୱାୟୀତ୍ୱରେ ଅବସ୍ଥାପିତ ହୋଇଥିଲେ ।

## ୩୧.୧୧ ଇକ୍ତା, ଜାଗୀର ଏବଂ ମନ୍‌ସବ୍ Iqta, Jagir and Mansab

ସୁଲତାନୀ ଶାସନ ସମୟରେ ଇକ୍ତା (Iqta) ଏବଂ ମୋଗଲ ସମୟରେ ଜାଗୀରି (Jagir) ମାନ ସ୍ଥାପନ କରାଯାଇଥିଲା । ଏଗୁଡିକରୁ ଇକ୍ତାଦାର ଏବଂ ଜାଗୀରିଦାରମାନେ ନିଜନିଜର ଦରମା ପାଇବା ଆଶାରେ ରାଷ୍ଟ୍ର ଉଦ୍ଦେଶ୍ୟରେ ରାଜସ୍ୱଆଦାୟ କରୁଥିଲେ କିନ୍ତୁ ଏମାନଙ୍କର ନ୍ୟାୟିକ ଅଧିକାର ସମ୍ରାଟଙ୍କ ଖୁସି ଉପରେ ନିର୍ଭର କରୁଥିଲା । ମୁକ୍ତି (Muktis) ବା ଇକ୍ତାର ଅଧିକାରୀମାନେ ନିଜ ନିଜ ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତି ବଜାୟ ରଖିବା ଏବଂ ରାଜସ୍ୱ ଆଦାୟ କରିବା ବ୍ୟତୀତ ଦରକାର ପଡ଼ିଲେ ସୁଲତାନଙ୍କ ଆବଶ୍ୟକତା ଅନୁଯାୟୀ ସୈନିକ ସାହାଯ୍ୟ ଦେବାକୁ ପଡୁଥିଲା । ରାଜସ୍ୱର ଉକ୍ତ ଆବଣ୍ଟନ (assignments) ଗୁଡ଼ିକ ସାଧାରଣତଃ ଆନୁବଂଶିକ ନଥିଲା ଏବଂ ହସ୍ତାନ୍ତରଣୀୟ ଥିଲା । ଠିକ୍ ଏହି ପ୍ରକାର ମନ୍‌ସବ୍ ବ୍ୟବସ୍ଥା ମୋଗଲ ସାମ୍ରାଜ୍ୟର ସାର୍ବଜନିକ ସେବା (Public Services) ର ସଂଗଠନ ଉପରେ ଆଧାରିତ ଥିଲା । ଏହା ଆନୁବଂଶିକ ଅଥବା ପଦାନୁକ୍ରମିକ (Hierarehical) ନଥିଲା । ମନସବ୍‌ର ଆକ୍ଷରିକ ଅର୍ଥ ହେଲା ଉଚ୍ଚପଦ (rank) ଅଥବା ଅବସ୍ଥାନ (position) । ଏହାକୁ ନିର୍ଦ୍ଧାରଣ କରିବା ପାଇଁ ବ୍ୟକ୍ତିଗତ ଯୋଗ୍ୟତା, ସାମାଜିକ ସ୍ଥିତି ବା ଜାତି ଏବଂ ନିଜ ଅଧିନରେ ଥିବା ସୈନ୍ୟ

ସାମନ୍ତ(ସୱାର) ଇତ୍ୟାଦିକୁ ବିଚାରକୁ ନିଆଯାଇଥାଏ । ସାଧାରଣତଃ ମନସବ୍‌ଦାରମାନଙ୍କୁ ଜାଗିରୀ ହିସାବରେ କିଛି ଜମି ଦିଆ ଯାଇଥାଏ, ଯାହାର ଆନୁମାନିକ ରାଜସ୍ୱ ତାଙ୍କର ଜାତି ଏବଂ ସୱାର ଦୁଇଜଣଙ୍କର ଦରମା ସହିତ ପ୍ରାୟ ସମାନ ଥିଲା । ଏହା ସତ୍ତ୍ୱେ ଆଉ କେତେକ ମନସବ୍‌ଦାର ଥିଲେ ଯେଉଁମାନଙ୍କ ଦରମା ନଗଦ ଆକାରରେ ସାମ୍ରାଜ୍ୟର ରାଜକୋଷରୁ ଦିଆ ଯାଉଥିଲା ।

## ୩୧.୧୨ କର ବ୍ୟବସ୍ଥା Taxation

ସୁଲତାନୀ କର-ପ୍ରଣାଳୀରେ ଖାରଜ୍ (ଉତ୍ପାଦିତ ଦ୍ରବ୍ୟର ୧/୩ ଠାରୁ ୧/୬ ପର୍ଯ୍ୟନ୍ତ) ଜିଜିୟା (ଅଣ ମୁସଲମାନ ସୈନ୍ୟବାହିନୀ ସେବା ବ୍ୟତୀତ ସ୍ୱଉପାର୍ଜନ ଯମ ପୁରୁଷଙ୍କଠାରୁ ଆଦାୟ ହେଉଥିବା), ଜାକତ୍ (ଧନୀ ମୁସଲମାନମାନଙ୍କଠାରୁ ହିତକର କାର୍ଯ୍ୟ ପାଇଁ ଆଦାୟ ହେଉଥିବା କର), ଖାମ୍ସ (Khams) ବା ଘାନିନା (Ghaninah) (ଯୁଦ୍ଧରୁ ଲୁଟ କରାଯାଇଥିବା ଅର୍ଥ) ଏବଂ ଅନ୍ୟ ପରିବହନ (Transport) ଓ ନଗର ଶୁଳ୍କ (Octroi) ସହିତ ପ୍ରାକୃତିକ ସମ୍ପଦ ଇତ୍ୟାଦି ଆୟର ମୁଖ୍ୟ ସ୍ରୋତ ଥିଲା । ଚୌଧୁରୀ, ମକ୍କଦମ୍ (Maqqadams) ଏବଂ ଖୁତ୍ (Khuts)ମାନେ ସାଧାରଣତଃ ଗ୍ରାମର ଖଜଣା ଆଦାୟକାରୀ, ସେମାନେ ଅମିଲ (Amils) ସିକ୍‌ଦାର (Sheqdars) ଏବଂ ପ୍ରାଦେଶିକ ମୁକ୍ତି (Muqtis)ମାନଙ୍କ ଅଧିନରେ ରହି କାର୍ଯ୍ୟ କରୁଥିଲେ । ଖାଲିସ୍-ଭୂମି (Khalisa land) ର ରାଜସ୍ୱ କେବଳ ମାତ୍ର ସମ୍ରାଟଙ୍କ ରାଜକୋଷ ପାଇଁ ଉଦ୍ଦିଷ୍ଟ ଥିଲା । ମୋଗଲମାନେ ଉକ୍ତ ବ୍ୟବସ୍ଥାର ଉନ୍ନତି ସାଧନ କରିଥିଲେ (ବିଶେଷକରି ଭୂ-ରାଜସ୍ୱ କ୍ଷେତ୍ରରେ) । ଶେରସାହା ସୁରୀ ଦ୍ୱାରା ପ୍ରଚଳିତ ହୋଇଥିବା ମାପ ପ୍ରଣାଳୀ "ଜବତ" (Zabt)କୁ ଆକବର ପ୍ରଚଳନ କରିଥିଲେ ତଥା ତା'ର ଉନ୍ନତି ବିଧାନ କରିଥିଲେ । ଶେଷରେ ଆଇନ୍-ଇ-ଧାଶାଳା (Ain-i-Dhasala) କୁ ଜମି ବନ୍ଦୋବସ୍ତର ଅନ୍ତିମ ପ୍ରଣାଳୀ ଭାବରେ ଗ୍ରହଣ କରାଯାଇଥିଲେ । ଏଥିରେ କୌଣସି ଏକ ଜମିରୁ ଶେଷ ଦଶ ବର୍ଷର ଉତ୍ପାଦନର ହାରାହାରି ପରିଣାମକୁ ନେଇ ଭୂ-ରାଜସ୍ୱ ନିର୍ଦ୍ଧାରଣ କରାଯାଉଥିଲା ।

ଭୂମି ମାପିବା ପାଇଁ ଏକ ନୂଆ ଗଜ ଗଜେ-ଇଲାହୀ (Gaz-i-illahi) ର ବ୍ୟବହାର ଦ୍ୱାରା ଭୂମି ବନ୍ଦୋବସ୍ତରେ ତଥ୍ୟ ଭିତ୍ତିକ ଜ୍ଞାନ (informity) ହାସଲ କରାଯାଇଥିଲା । ଭୂମିର ଉତ୍ପାଦକତା, ଫସଲର ସ୍ୱରୂପ, ଦର ଏବଂ ଜଳସେଚନକୁ ବିଚାରକୁ ନେଇ ସରକାରଙ୍କୁ ରାଜସ୍ୱ ଦେୟର ନଗଦ ମୂଲ୍ୟ ନିର୍ଦ୍ଧାରଣ କରାଯାଉଥିଲା । ଭୂରାଜସ୍ୱ ପଇଠ କରିବାର ବିକଳ୍ପ ବିଭିନ୍ନ ପ୍ରଣାଳୀ ଜରିଆରେ କାର୍ଯ୍ୟକାରୀ କରାଯାଉଥିଲା । ଭୂମିର ଅଧିକାର ସଦା ସର୍ବଦା ଚାଷୀ ହସ୍ତରେ ନ୍ୟସ୍ତ ହୋଇଥିଲା ।

## ୩୧.୧୩ ସେନା Army

ସୁଲତାନୀ ଏବଂ ମୋଗଲ ରାଷ୍ଟ୍ର ଦ୍ୱୟ ସୈନ୍ୟ ଉପରେ ଆଶ୍ରିତ ଥିଲେ ଯାହାର ମୁଖ୍ୟ ବଳ ଅଶ୍ୱାରୋହୀ ଥିଲା । ସୁଲତାନଙ୍କ ଅଧିନରେ ଆରିଜ୍-ଇ-ମମାଲିକ (Ariz-i-mamalik) ଏବଂ ମୋଗଲ ସମ୍ରାଟଙ୍କ ଅଧୀନରେ ମୀର ବକ୍ସି (Mir-Bakshi) ଦ୍ୱୟ ସୈନ୍ୟବାହିନୀ ଦାୟୀତ୍ୱରେ ଥିଲେ ମଧ୍ୟ ଶାସକ ସ୍ୱୟଂ ସମସ୍ତ ସୈନ୍ୟବାହିନୀ ଉପରେ ନିୟନ୍ତ୍ରଣ ରଖିଥିଲେ । ଏକ ନିୟମିତ ସ୍ଥାୟୀ ସେନା ରଖିବାରେ ବଳବନ୍ ହେଉଛନ୍ତି ପ୍ରଥମ ଶାସକ । ଆଲ୍ଲା-ଉଦ୍ଦିନ-ଖିଲିଜୀ ଉକ୍ତ



ଟିପ୍ପଣୀ

ବ୍ୟବସ୍ଥାକୁ ସୁଦୃଢ଼ କରିଥିଲେ ଏବଂ ସେ ଘୋଡ଼ାକୁ ଦାଗ ଦେବା ପ୍ରଥା ଲାଗୁ କରିଥିଲେ । ସୁଲତାନୀ ଅମଳର ରାଜକୀୟ ଅଶ୍ୱାରୋହିକୁ ହାସାମ-ଇ-କ୍ୱାଲ୍ବ (Hasham-i-Qalb) ଅଥବା ଅଫଓ୍ୱାଜ-ଇ-କ୍ୱାଲ୍ବ (Afwaj-i-Qalb) ପ୍ରଦେଶରେ ଅବସ୍ଥାପିତ ହୋଇଥିବା ଅଶ୍ୱାରୋହୀକୁ ହାସାମ-ଇ-ଅତରାଜ (Hasham-i-Atraj) କୁହାଯାଏ । ଏହି ସେନା ଦଶମିକ ପ୍ରଣାଳୀର ଆଧାରରେ ସଙ୍ଗଠିତ ହୋଇଥିଲେ । ମୋଗଲ ସେନାମାନଙ୍କୁ ଉପର ବର୍ଣ୍ଣିତ ମନସବ୍ ପ୍ରଣାଳୀର ଆଧାରରେ ସଙ୍ଗଠିତ ହୋଇଥିଲେ । ଅହଦୀ (Ahadis) ସେନାମାନେ ସମ୍ରାଟଙ୍କ ପ୍ରତ୍ୟକ୍ଷ ଅଧିନରେ ଥିବା ରାଜକୀୟ ଅଶ୍ୱାରୋହି । ବାବରଙ୍କ ଆଗମନ ପରେ ପରେ ଭାରତରେ ତୋପ ଏବଂ ଗୋଳାବାରୁଦ ବ୍ୟବହାର କ୍ଷୀପ୍ର ବେଗରେ ବଢ଼ି ଯାଇଥିଲା । ଘେରା ବନ୍ଦୀ ଅର୍ଥାତ୍ କୌଣସି ଦୁର୍ଗକୁ ଚାରିଆଡ଼େ ଘେରିଯାଇ ତା ଉପରେ ଆକ୍ରମଣ କରିବା ପ୍ରକ୍ରୀୟା ବ୍ୟତୀତ ଦୁର୍ଗ ଉପରେ ବଡ଼ ବଡ଼ ବନ୍ଧୁକ/କମାଣ ଗୁଡ଼ିକୁ ସ୍ଥାପିତ କରାଯାଇଥିଲା । ବିଶାଳ ସଂଖ୍ୟା ବିଶିଷ୍ଟ ହୋଇଥିଲେ ମଧ ପଦାତିକ ବାହିନୀ (Infantry) ରେ ଉଭୟ ଲଢୁଆ ଏବଂ ବିନା ଲଢୁଆ ଶ୍ରେଣୀର ଲୋକେ ସାମିଲ ହୋଇଥିଲେ । ଲଢୁଆ ଲୋକମାନେ ମୁଖ୍ୟତଃ ବନ୍ଧୁକଧାରୀ ଅଟନ୍ତି ତାଙ୍କୁ ବନ୍ଦୁକଚୀ (Banduqchis) କୁହାଯାଉଥିଲା । ଆକବରଙ୍କ ସମୟ ବେଳକୁ ବନ୍ଧୁକଧାରୀ ସୈନ୍ୟମାନେ ପଦାତିକବାହିନୀ ସହିତ ସାମିଲ ହୋଇଥିବାର ଜଣାଯାଏ । ଦିଲ୍ଲୀର ସୁଲତାନ ତଥା ମୋଗଲମାନେ ଯୁଦ୍ଧ କ୍ଷେତ୍ରରେ ହସ୍ତିର ଉପଯୋଗ କରୁଥିଲେ । ନୌବାହିନୀ ସର୍ବଦା ଭାରତୀୟ ଶାସକମାନଙ୍କର ଏକ ଦୁର୍ବଳତା ହିସାବରେ ପରିଗଣିତ ହେଉଥିଲା ।

## ୩୧.୧୪ ମୁଦ୍ରା ବ୍ୟବସ୍ଥା Currency System

ସୁଲତାନ୍ ଇଲତୁତ୍‌ମିସ୍‌ଙ୍କ ଶାସନରୁ ତା'ପରବର୍ତ୍ତୀ ସମୟ ପର୍ଯ୍ୟନ୍ତ ପ୍ରତୀକ ମୁଦ୍ରା ରୂପା ଟଙ୍କା ଥିଲା ଯାହାର ଓଜନ ଥିଲା ୧୭୫ ଗ୍ରେନ୍ । ମୁଦ୍ରା ପ୍ରଣାଳୀ ଦୁଇ ଧାତୁ ବିଶିଷ୍ଟ ଥିଲା ଏବଂ ତମ୍ବାର ଏକ ସମାନ୍ତରାଳ ମୁଦ୍ରା ପ୍ରଚଳିତ ଥିଲା । ଏହାର ଏକକ (Bsic unit) ଜିତଲ (Jital) ଥିଲା । ଚତୁର୍ଦ୍ଦଶ ଶତାବ୍ଦୀରେ ୪୮ ଅଥବା ୫୦ ଜିତଲ ଏକ ଟଙ୍କା ସହିତ ସମାନ ବୋଲି ଗ୍ରହଣ ଯୋଗ୍ୟ ହୋଇଥିଲା । ସୁଲତାନମାନେ ସୁନା ଓ ରୂପାର ମୁଦ୍ରା ମଧ ପ୍ରଚଳନ କରିଥିଲେ ଏବଂ ସ୍ୱର୍ଣ୍ଣ ମୁଦ୍ରା ମଧ ତିଷ୍ଠି ରହିଥିଲା । ଲୋଧିମାନେ, ରୂପା ମୁଦ୍ରା ପ୍ରଚଳନ କରି ନଥିବା ପରିବର୍ତ୍ତେ ଏକ ଭାରି ୧୪୫ grain ବିଶିଷ୍ଟ ସ୍ୱର୍ଣ୍ଣମୁଦ୍ରା ପ୍ରଚଳନ କରିଥିଲେ । ତାହାକୁ ବାହଲଲି (Bahloli) କୁହାଯାଉଥିଲା । ଶେରଶାହାସୁରି ମଧ ଦ୍ୱିଧାତୁ ମୁଦ୍ରା ପ୍ରଣାଳୀ ସ୍ଥାପନ କରିଥିଲେ । ସେ ରୁପାମୁଦ୍ରା ପ୍ରଚଳନକରିବା ସଙ୍ଗେ ସଙ୍ଗେ ଏକଟଂକା ମୂଲ୍ୟର ତମ୍ବାମୁଦ୍ରା ମଧ ଚଳାଇଥିଲେ । ଆକବରଙ୍କ ପରଠାରୁ ମୋଗଲମାନେ ଏହି ପରମ୍ପରା ଜାରିରଖିଥିଲେ । ତାଙ୍କ ଟଂକାର ଓଜନ ୧୭୮ ଗ୍ରେନ (ଆଓରଙ୍ଗଜେବ ସମହୂରେ ୧୮୦ ଗ୍ରେନ) ଥିଲା ଏବଂ ଏଥିରେ ମିଶ୍ରିତ ଧାତୁର ପରମାଣ ୪ ପ୍ରତିଶତଠାରୁ ଅଧିକ ହୋଇନଥିଲା । ତମ୍ବାରେ ସେମାନେ ୩୨୩ ଗ୍ରେନ ବିଶିଷ୍ଟ ଡେମ୍ସ (Dems) ପ୍ରଚଳନ କରିଥିଲେ ଯାହାକି ପ୍ରକୃତିରେ ଶେରଶାହାଙ୍କ ଟଂକାର ଅଧା ହେଉଥିଲା । ଆକବର ରାଜତ୍ୱର ଶେଷ ବର୍ଷ ବେଳକୁ ଏକଟଂକାର ବିନିମୟ ମୂଲ୍ୟ ୪୦ ଡେମ୍ସ (Dems) ଥିଲା ଏବଂ ଏହା ପରବର୍ତ୍ତୀ ସମୟରେ ଟଂକାର କାଗଜୀ ମୂଲ୍ୟ (Paper value of the rupee) ହୋଇଯାଇଥିଲା । ବାସ୍ତବରେ ସପ୍ତଦଶ ଶତାବ୍ଦୀରେ ଟଂକାର ତମ୍ବାଗତ ମୂଲ୍ୟ କମିଯାଇଥିଲା । ମୋଗଲମାନେ ମଧ ସ୍ୱର୍ଣ୍ଣମୁଦ୍ର ପ୍ରଚଳନ କରିଥିଲେ ଯାହାକୁ ମୋହର



ଟିପ୍ପଣୀ

ବା ଅଶ୍ରଫି (ashrafi) କୁହାଯାଏ କିନ୍ତୁ ଏଗୁଡିକ ବଜାରରେ ସାଧାରଣତ ବ୍ୟବହାର ହେଉନଥିଲା ମୋଗଲମାନଙ୍କ ମୁଦ୍ରାନିର୍ମାଣରେ ଅତ୍ୟଧିକ ଧାତ୍ୱିକ ଶୁଦ୍ଧତା ତଥା ଏକରୁପତା ଦେଖିବାକୁ ମିଳେ। ମୁଦ୍ରା ତିଆରି ଏହି ଅର୍ଥରେ ନିଶୁଳ୍କ ଥିଲା ବୋଲି କୁହାଯାଏ କାରଣ ଯେ କୌଣସି ଲୋକ ସୁନାରୁପା ନେଇ ଟଙ୍କାଶାଳକୁ ଯାଇ ଖୁବ କମ ଶୁଳ୍କରେ ମୁଦ୍ରା ତିଆରି କରି ଆଣି ପାରୁଥିଲେ।

## ପାଠଗତ ପ୍ରଶ୍ନ ୩୧.୩

ବନ୍ଧନୀ ମଧ୍ୟରେ ଥିବା ଠିକ୍ ଶବ୍ଦ ବ୍ୟବହାରକରି ଶୂନ୍ୟସ୍ଥାନ ପୁରଣକର ।

୧. ସମ୍ରାଟ ଏକ ନୁତନ ତତ୍ୱକୁ ନିଜ ସେବାକୁ ଆଣିବାପାଇଁ ପ୍ରୋତ୍ସାହିତ କରିଥିଲେ ଏବଂ ..........ମାନେ ମୋଗଲ ଆଭିଜାତ୍ୟ ବର୍ଗର ଏକ ମହତ୍ୱପୂର୍ଣ୍ଣ ଅଂଶ ହବାପାଇଁ ଆସିଥିଲେ। (ଆଫଗାନୀ, ଇରାନୀ, ତୁର୍କି)

...........................................................................................

୨. ସୁଲତାନୀ ସରକାରଙ୍କ ସମସ୍ତ କାର୍ଯ୍ୟ ଦେଖାଶୁଣା କରିବାପାଇଁ ସୁଲତାନଙ୍କ ଠିକ୍ ତଳେ ....... ଙ୍କ କାର୍ଯ୍ୟାଳୟ ଥିଲା । (ମୁଖ୍ୟ ସଦର, ମୁଖ୍ୟ ନ୍ୟାୟାଧୀଷ, ଓ୍ୱାଜିର)

...........................................................................................

୩. ମୋଗଲ କାଳରେ ........... ରାଜସ୍ୱ ଏକତ୍ର କରିବାପାଇଁ ଏକ ଅଫିସ ରୁପେ ବିକଶିତ ହୋଇଥିଲା ଯାହାକି ଏହି ରାଜ୍ୟରୁ ଆଦାୟ କରାଯାଉଥିଲା । (ମସବ, ମଦର, ଜାଗୀର)

...........................................................................................

୪. ସୁଲତାନୀ ଶାସନ ସମୟରେ ଇଲ୍ ତୁତ୍ ମିସ୍ ଏବଂ ଏହା ପରେ ........ ଗ୍ରେନ ଓଜନର ରୁପା ମୁଦ୍ରା ଏକକ ମୁଦ୍ରା ଥିଲା।(୧୭୫, ୨୦୦, ୨୨୫)

...........................................................................................

---

ମଧ୍ୟକାଳୀନ ରାଷ୍ଟ୍ରର ବିକାଶ ରାଜ୍ୟ ଜୟ ଏବଂ ଏକତ୍ରୀକରଣ ସହିତ ଏକ ପ୍ରକ୍ରୀୟା ଥିଲା। ଶାସନ କଳାରେ ମଧ୍ୟ କିଛି ଏସୀୟ ସଂଗଠନଗୁଡ଼ିକୁ ସ୍ଥାପନ କରାଯାଇଥିବା ସଙ୍ଗେ ସଙ୍ଗେ ପୂର୍ବତନ ପ୍ରଥାର ମଧ୍ୟ ବିଶେଷ ଭାବରେ ପ୍ରତ୍ୟାଖ୍ୟାନ କରାଯାଇ ନଥିଲା। ପ୍ରଶାସନର ସଙ୍ଗଠନ ଏକ ଶାସକ ବର୍ଗ ମଧ୍ୟରେ ଥିବା ସମର୍ଥ କୌଣସି ଏକ ଅଖଣ୍ଡ ଢ଼ାଞ୍ଚା ପରି ମନେ ହେଉ ନଥିଲା। କ୍ଷମତାର ଏକମାତ୍ର ସ୍ରୋତରେ ପ୍ରତ୍ୟେକ ରାଜାଙ୍କୁ ନିଜ ବଂଶର ସ୍ଥାୟୀତ୍ୱ ତଥା ଦୃଢ଼ତାକୁ ସୁନିଶ୍ଚିତ କରିବା ପାଇଁ ବଦଳୁଥିବା ସମୀକରଣ ଏବଂ ହିତାଧିକାରୀମାନଙ୍କ ମଧ୍ୟରେ ସନ୍ତୁଳନ ସ୍ଥାପିତ କରିବାକୁ ପଡୁଥିଲା। କିନ୍ତୁ ଏକ ମିଶ୍ରିତ ସଂସ୍କୃତିର ବିଶ୍ୱାସ ପ୍ରତି ଧ୍ୟାନ ଦିଆଯାଇଥିଲା।

ଟିପ୍ପଣୀ

## ତୁମ୍ଭେ କ'ଣ ଶିଖିଲ

ଗୁପ୍ତ ଯୁଗର ପତନ ପରେ ଭାରତୀୟ ରାଜତନ୍ତ୍ରରେ ବିକେନ୍ଦ୍ରୀକରଣ ଏବଂ ବିଭିନ୍ନ କ୍ଷେତ୍ରୀୟ ରାଷ୍ଟ୍ରର ଆବିର୍ଭାବ ଦେଖା ଦେଲା । ତ୍ରୟୋଦଶ ଶତାବ୍ଦୀରେ ଉତ୍ତର ଭାରତରେ ଏକ ନୂତନ ରାଜବଂଶୀୟ କ୍ଷେତ୍ରର ଉଦୟ ହୋଇଥିଲା । ଦିଲ୍ଲୀ ସୁଲତାନେଟର ଉତ୍ପତ୍ତି ମହମ୍ମଦ ଘୋରୀଙ୍କ ବିଜୟରୁ ହିଁ ହୋଇଥିଲା ଯିଏ ୧୧୫୧ରେ ଗଜନୀକୁ ଧ୍ୱଂସ କରିଥିଲେ । ତାଙ୍କର ସୈନ୍ୟବାହିନୀ ମୁଲତାନ, ସିନ୍ଧି, ପେଶୱା ଏବଂ ଲାହୋରକୁ ଜୟ କରିଥିଲେ । ତା'ପରେ ଇଲତୁତ୍‌ମିସ୍‌ଙ୍କୁ ଉତ୍ତରଭାରତରେ ତୁର୍କ ବିଜୟର ପ୍ରକୃତ ଏକକ କର୍ତ୍ତା ବୋଲି ଗ୍ରହଣ କରାଯାଏ ।

୧୨୪୬ରେ ରାଜନୈତିକ ସ୍ଥିତିରେ ଏକ ପରିବର୍ତ୍ତନ ଆସିଥିଲା ଯେତେବେଳେ ଗ୍ୟାସୁଦ୍ଦିନ ବଲବନ୍ ପ୍ରବଳ ଶକ୍ତିଶାଳୀ ହୋଇଥିଲେ ଏବଂ ପ୍ରଥମେ ସୁଲତାନଙ୍କର ନାଏବ ଏବଂ ପରେ ନିଜେ ସୁଲତାନ (୧୨୬୬-୮୭) ହୋଇ ସେ ସମୟର ମହାନ ରାଜନୈତିକ ବ୍ୟକ୍ତିତ୍ୱ ହୋଇ ପାରିଥିଲେ । ୧୨୯୬ରେ ଜଲ୍ଲାଲଉଦ୍ଦିନ ଖିଲିଜୀଙ୍କୁ ତାଙ୍କର ମହତ୍ୱକାଂକ୍ଷୀ ପୁତୁରା ଏବଂ ଉତ୍ତରାଧିକାରୀ ଆଲ୍ଲାଉଦ୍ଦିନ ଖିଲଜୀ ହତ୍ୟା କରିଥିଲା । ଆଲ୍ଲା-ଉଦ୍ଦିନ-ଖିଲିଜିଙ୍କ ଶାସନ କାଳ (୧୨୨୬-୧୩୧୬)ରେ ସୁଲତାନେଟ ଏକ ସାମ୍ରାଜ୍ୟର ଭୂମିକା ଗ୍ରହଣ କରିଥିଲା । କିନ୍ତୁ ତାଙ୍କ ମୃତ୍ୟୁର ପାଞ୍ଚ ବର୍ଷ ପରେ ଖିଲିଜୀମାନେ ତାଙ୍କ କ୍ଷମତା ହରାଇଥିଲେ ।

ଗ୍ୟାସ ଉଦ୍ଦିନ ତୋଗଲକ ଏବଂ ମହମ୍ମଦ ବିନ୍ ତୋଗଲକଙ୍କ ସମୟରେ ସୁଲତାନେଟ ଶୀର୍ଷ ସୀମାକୁ ପହଞ୍ଚିଥିଲା ଏବଂ ସାରା ଭାରତକୁ ଶାସନ କରିବାକୁ ପ୍ରୟାସ କରିଥିଲେ । ଉକ୍ତ ସମୟରେ ସାମ୍ରାଜ୍ୟର କେନ୍ଦ୍ରିକରଣ ତଥା ବିସ୍ତାରର ଏକ କ୍ରମାଗତ ସମୟ ଥିଲା ।

୧୫୨୬ରେ ମଧ୍ୟ ଏସିଆରୁ ଆସି ବାବର ଭାରତରେ ମୋଗଲ ସାମ୍ରାଜ୍ୟର ପ୍ରତିଷ୍ଠା କରିଥିଲେ । ତାଙ୍କର ଦିଲ୍ଲୀ ଏବଂ ଗାଙ୍ଗେୟ ଉପତ୍ୟକା ଏବଂ ପରେ ପରେ ପଞ୍ଜାବରୁ ବଙ୍ଗଳା ପର୍ଯ୍ୟନ୍ତ ଅଧିକାର ବାବରଙ୍କୁ ପାରସ୍ୟର ପାଦଶାହା ଉପାଧିରେ ଭୂଷିତ କରିବା ପାଇଁ ହକ୍‌ଦାର କରିଥିଲା । ତାଙ୍କ ପୁତ୍ର ହୁମାୟୁନ ଶେରଶାହଙ୍କଠାରୁ ହାରି ଆଫ୍‌ଗାନିସ୍ଥାନ ପଳାଇଥିଲେ । ୧୫୫୫ରେ ଶେରଶାହଙ୍କ ମୃତ୍ୟୁପରେ ହୁମାୟୁନ ଦିଲ୍ଲୀ ଅଧିକାର କରି ଦୁର୍ଘଟଣାରେ ମୃତ୍ୟୁବରଣ କଲେ । ତାଙ୍କର ତେରବର୍ଷିୟ ପୁତ୍ର ଆକବର ସିଂହାସନ ଆରୋହଣ କରିଥିଲେ ଏବଂ ନିଜର ସଂରକ୍ଷକ ବୈରାମ ଖାଁଙ୍କ ନେତୃତ୍ୱରେ ଲାହୋର, ଦିଲ୍ଲୀ, ଆଗ୍ରା, ଜୌନପୁର ଆଦି ଦୁର୍ଗ ଓ ବିଶିଷ୍ଟ ସହରକୁ ଜୟ କରିଥିଲେ । ଆକବର ୧୫୫୬ ରୁ ୧୬୦୫ ପର୍ଯ୍ୟନ୍ତ ଶାସନ କରିଥିଲେ । ତାଙ୍କ ପୁତ୍ର ଜାହାଙ୍ଗୀର(୧୬୦୫-୨୭) ପୌତ୍ର ଶାହାଜାହାନ (୧୬୨୭-୧୬୫୮) ଏବଂ ଅଣନାତି ଆଉରେଙ୍ଗଜେବ (୧୬୫୮-୧୭୦୭) ତାଙ୍କର ଉତ୍ତରାଧିକାରୀ ଥିଲେ । ନିଜର ଚରମ ଅବସ୍ଥାରେ ମୋଗଲ ସାମ୍ରାଜ୍ୟ ଭାରତୀୟ ଇତିହାସରେ ସମ୍ପଦ ଉପରେ ଅଭୁତ ପୂର୍ବ ଅଧିକାର ସାବ୍ୟସ୍ତ କରିଥିଲା ।

ଷୋଡ଼ଶ ତଥା ସପ୍ତଦଶ ଶତାବ୍ଦୀରେ ୟୁରୋପୀୟ ତଥା ଅଣୟୁରୋପୀୟ ବ୍ୟବସାୟୀକ ପ୍ରତିଷ୍ଠାନର ଗଠନ ତଥା ବିସ୍ତାର ହେତୁ ସେମାନେ ବିଦେଶରେ ଚାହିଦାଥିବା ଭାରତୀୟ ଜିନିଷ ପତ୍ର ପାଇବା ପାଇଁ ଏହି ଉପମହାଦୀପକୁ ଆସିଥିଲେ ।

ଏହି ପାଠରେ ତୁମେ ମଧ୍ୟକାଳୀନ ରାଜ୍ୟର ସ୍ୱରୂପ, ରାଜତ୍ୱ, ରାଜଦରବାର ଏବଂ ଆଭିଜାତ୍ୟ ବର୍ଗ ବିଷୟରେ ମଧ୍ୟ ଜାଣିଲ । ଏହା ବ୍ୟତୀତ ତୁମେ ପ୍ରାଦେଶିକ ପ୍ରଶାସନ, କର ଆଦାୟ ପ୍ରକ୍ରୀୟା, ମଧ୍ୟଯୁଗୀୟ ସେନା ତଥା ମୁଦ୍ରା ପ୍ରଣାଳୀ ବିଷୟରେ ମଧ୍ୟ ଜ୍ଞାନ ଲାଭ କଲ ।

## ପାଠାନ୍ତ ପ୍ରଶ୍ନ

୧. ମହମ୍ମଦ ଘୋରୀଙ୍କ ଭୂମିକାକୁ ସଂକ୍ଷେପରେ ବର୍ଣ୍ଣନା କର ।

୨. ବଲବନ୍ ଏବଂ ଖିଲିଜୀଙ୍କ ଯୁଗର ମୁଖ୍ୟ ଉପାଦାନଗୁଡ଼ିକୁ ଉଲ୍ଲେଖ କର ।

୩. ମହମ୍ମଦ ବିନ୍ ତୋଗଲକଙ୍କ ଶାସନ ବେଳେ ସୁଲତାନେଟର ଉତ୍‌ଥାନ ତଥା ପତନର ଆରମ୍ଭକୁ ଚିହ୍ନଟ କର ।

୪. ଷୋଡ଼ଶ ଏବଂ ସପ୍ତାଦଶ ଶତାବ୍ଦୀରେ ମୋଗଲ ଶାସନର ମୂଲ୍ୟାୟନ କର ।

୫. ମଧ୍ୟଯୁଗୀୟ ରାଷ୍ଟ୍ରର ସ୍ୱରୂପକୁ ନିରୀକ୍ଷର କର ।

୬. ରାଜାଙ୍କ ବ୍ୟକ୍ତିତ୍ୱର ଅର୍ଥ କ'ଣ ?

୭. ପ୍ରାଦେଶିକ ଶାସନ ବିଷୟରେ ଏକ ସଂକ୍ଷିପ୍ତ ଟିପ୍ପଣୀ ଲେଖ ।

## ପାଠଗତ ପ୍ରଶ୍ନର ଉତ୍ତର

**୩୧.୧**

୧. ୧୧୮୬

୨. ୧୧୭୫, ୧୧୮୨, ୧୧୮୬

୩. ଉତ୍ତର ଭାରତ

୪. ୧୨୯୦

୫. ୧୨୯୬

**୩୧.୨ ଶୂନ୍ୟସ୍ଥାନ ପୂରଣ କର ।**

୧. ତୈମୁର, ଚେଙ୍ଗିଜ୍ ଖାଁ

୨. ୧୫୫୫

୩. ୧୭୦୭, ସକ୍ଷମ, କେନ୍ଦ୍ରିକୃତ

୪. ମୋଗଲ, ସରିୟତ



ଟିପ୍ପଣୀ

**୩୧.୩ ବନ୍ଧନୀରୁ ଠିକ୍ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର ।**

୧. ଇରାନୀ

୨. ଓ୍ୱାଜୀର

୩. ଜାଗିରୀ

୪. ୧୭୫

**ପାଠାନ୍ତ ପ୍ରଶ୍ନ ପାଇଁ ସଙ୍କେତ**

୧. ଅନୁଚ୍ଛେଦ ୩୧.୨ ଦେଖ

୨. ଅନୁଚ୍ଛେଦ ୩୧.୨ ଦେଖ

୩. ଅନୁଚ୍ଛେଦ ୩୧.୨ ଦେଖ

୪. ଅନୁଚ୍ଛେଦ ୩୧.୩ ଦେଖ

୫. ଅନୁଚ୍ଛେଦ ୩୧.୪ ଦେଖ

୬. ଅନୁଚ୍ଛେଦ ୩୧.୫ ଦେଖ

୭. ଅନୁଚ୍ଛେଦ ୩୧.୧୦ ଦେଖ

ମଡ୍ୟୁଲ-୬କ

ଭାରତରେ ରଷ୍ଟ୍ରଗଠନର ଉତ୍ପତ୍ତି



ଟିପ୍ପଣୀ

# ୩୨

# ଔପନିବେଶିକ ରାଷ୍ଟ୍ର

ନେବା ବ୍ରିଟେନ ଭାରତର ସାର୍ବୋଭୌମତ୍ୱ ଅର୍ଥାତ୍ ଅଖଣ୍ଡ କ୍ଷମତା ନିଜ ହାତକୁ ନେବାଦ୍ୱାରା ସାମ୍ରାଜ୍ୟବାଦୀ ଔପନିବେଶିକ ସମ୍ପର୍କର ସ୍ଥାପନା ହୋଇଥିଲା । ସେତେବେଳେ ସ୍ଥାନୀୟ ଭାରତୀୟ ଶାସକମାନେ ନିଜ ନିଜର କ୍ଷମତା ଉପରେ ନିୟନ୍ତ୍ରଣ ରଖିବା ପାଇଁ ଅସମର୍ଥ ତଥା ନିଜ ନିଜର ଅନଗ୍ରସରତା ପାଇଁ ହିଁ ଭାରତରେ ବ୍ରିଟିଶ ଶାସନର ସ୍ଥାପନା ହୋଇଥିଲା । ଔପନିବେଶିକ ରାଷ୍ଟ୍ରର ରାଜନୈତିକ ଅଧିକାରୀମାନେ ନିଜର ନିୟନ୍ତ୍ରଣରେ ରଖିବା ପାଇଁ ତଥା ଆଇନ୍‌କାନୁନ୍ ପ୍ରୟୋଗ କରିବା ପାଇଁ ବହୁ ଉପକରଣମାନ ଯୋଗାଡ଼ କରିଥିଲେ ଯାହାକି ଔପନିବେଶିକ ନୀତି ପ୍ରଣୟନର ପୂର୍ବ ସର୍ତ୍ତ ଅଟେ । ଔପନିବେଶିକ ଶାସନ କିପରି ବୈଧ ହେଲା ଏବଂ ଔପନିବେଶିକ ରାଷ୍ଟ୍ରର କ୍ଷମତାକୁ ପରାଧିନ ସର୍ବସାଧାରଣ କେଉଁ ଦୃଷ୍ଟିରେ ଦେଖିବାକୁ ଲାଗିଲେ ଇତ୍ୟାଦି ଜାଣିବା ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଅଟେ ।

## ଉଦ୍ଦେଶ୍ୟ

**ଏହା ପଢ଼ିଲା ପରେ ତୁମେ**

- ଔପନିବେଶିକ ରାଷ୍ଟ୍ରର ଅର୍ଥ ଏବଂ ସ୍ୱରୂପ ଜାଣି ପାରିବ
- ଭାରତରେ ଔପନିବେଶିକ ଉଦ୍ଦେଶ୍ୟକୁ ସ୍ମରଣ କରିପାରିବ
- ଔପନିବେଶିକ ନିୟନ୍ତ୍ରଣ ପାଇଁ ସର୍ତ୍ତକୁ ଚିହ୍ନି ପାରିବ
- ଔପନିବେଶିକ ଶାସନର ପ୍ରତୀକ ଏବଂ ପ୍ରଭାବ ମଧ୍ୟ ଖୋଜି ପାଇବ

## ୩୧.୧ ପୃଷ୍ଠଭୂମି

ଅଷ୍ଟାଦଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ମୋଗଲ ସାମ୍ରାଜ୍ୟର ପତନ ଘଟିଥିଲା । ବଙ୍ଗଳା, ହାଇଦ୍ରାବାଦ, ଅବଧ, ପଞ୍ଜାବ ଏବଂ ମହାରାଷ୍ଟ୍ର ଭଳି କେତେକ ଆଞ୍ଚଳିକ ରାଜ୍ୟଗୁଡ଼ିକର ଉତ୍‌ଥାନ ସହିତ ରାଜନୈତିକ ଶୂନ୍ୟତା ପୂରଣ ହୋଇଥିଲା । କିନ୍ତୁ ଉକ୍ତ କ୍ଷେତ୍ରୀୟ ରାଷ୍ଟ୍ରଗୁଡ଼ିକ ରାଜନୈତିକ ସ୍ଥିରତା ପ୍ରଦାନ କରିପାରି ନଥିଲେ ଯାହାର ପରିଣାମ ସ୍ୱରୂପ ବ୍ରିଟିଶ ଇଷ୍ଟ ଇଣ୍ଡିଆ କମ୍ପାନୀକୁ ଭାରତରେ କ୍ଷେତ୍ରୀୟ ସାମ୍ରାଜ୍ୟ ସ୍ଥାପନ କରିବାକୁ ସୁଯୋଗ ମିଳି ଯାଇଥିଲା । ତେଣୁ ଭାରତକୁ ଔପନିବେଶିକ ସଂଗଠୀତ କାର୍ଯ୍ୟପ୍ରଣାଳୀ ମାଧ୍ୟମରେ ଶାସନ କରିବା ପାଇଁ କେତେକ ନିର୍ଦ୍ଦିଷ୍ଟ ସଂସ୍ଥା ତଥା ଆଇନକାନୁନ୍‌ର ଆବଶ୍ୟକତା ପଡ଼ିଲା ।

### (i) ଔପନିବେଶିକ ରାଷ୍ଟ୍ରର ଅର୍ଥ

ଇଂରେଜମାନେ ରାଜ୍ୟ ଜୟ ପୂର୍ବରୁ କ୍ଷେତ୍ରୀୟ ଜନତା ଏବଂ ସାର୍ବୋଭୌମ କ୍ଷମତା ରେ ଥିବା ସମ୍ପର୍କକୁ କେବେବି ଧର୍ମ ଦ୍ୱାରା ସମ୍ପୂର୍ଣ୍ଣ ଭାବରେ ପରିଭାଷିତ କରାଯାଇ ନଥିଲା । ଆର୍ଥିକ ଏବଂ



ଟିପ୍ପଣୀ

ସାମାଜିକ ସମ୍ବନ୍ଧର ଏକ ଖିଅ ଔପନିବେଶିକ ସମନ୍ୱୟ, ସଙ୍କଟ ଏବଂ ପତନ କାଳର ପରବର୍ତ୍ତୀ ସମୟ ପର୍ଯ୍ୟନ୍ତ ଜିବିତ ରହିଥିଲା, ଯାହା ଉପମହାଦେଶକୁ ସ୍ୱାଧୀନତାର ଏକ ଶିଥିଳ ସ୍ତରୀୟ ଆଧାରରେ ବାନ୍ଧି ରଖିଥିଲା । ପରମ ଶକ୍ତିକୁ ଅନେକ ସ୍ତରରେ ରଚନାତ୍ମକ ଢ଼ଙ୍ଗରେ ସମାୟୋଜିତ କରିବାର ଏକ ଦୀର୍ଘ ଇତିହାସ ସତ୍ତ୍ୱେ ସ୍ୱାଧୀନ ଭାରତରେ କ୍ଷମତା ବଣ୍ଟନ ପାଇଁ ହୋଇଥିବା ପୁନଃ-ଆଲୋଚନାରେ ରାଷ୍ଟ୍ରକୁ ଗୋଟିଏ ଡ଼ୋରୀରେ ଯୋଡ଼ିବାର ବିଚାର ଉପରେ ଆଧାରିତ କ୍ଷେତ୍ରୀୟ ସାର୍ବୋଭୌମତ୍ୱର ଏକ କଠୋର ଏବଂ ସ୍ଥୁଳ ସଂକଳ୍ପକୁ ଦେଖାଯାଉଥିଲା । ଔପନିବେଶିକ ରାଷ୍ଟ୍ରର ଅର୍ଥ ହେଲା ଏକ ବିଦେଶୀ ରାଜନୈତିକ ସ୍ଥିତିରେ କୌଣସି ଦେଶର ସାର୍ବଭୌମତ୍ୱ (ଶାସନ ଏବଂ ନିୟନ୍ତ୍ରଣ କରିବା ପାଇଁ ଆଇନ ଅନୁଯାୟୀ ସ୍ୱାଧୀନ କ୍ଷମତା) ଗ୍ରହଣ କରିବା । ଔପନିବେଶିକ ରାଷ୍ଟ୍ରକୁ ଔପନିବେଶିକ ଏବଂ ଉପନିବେଶ (colony) ବିଷୟୁ ଉପରେ ବିଶେଷ ସନ୍ଦର୍ଭରେ ସାର୍ବଭୌମତ୍ୱର ଏକ ସିଦ୍ଧାନ୍ତ ପ୍ରସ୍ତୁତ କରିବାକୁ ପଡ଼ିଥାଏ । ସାଧାରଣତଃ ଏହା ଦୁଇପ୍ରକାରର ହୋଇଥାଏ ।

୧. ଔପନିବେଶିକ ରାଷ୍ଟ୍ରକୁ ବୈଧତା ପ୍ରଦାନ କରିବା ଅର୍ଥାତ୍ ଏକ ବିଦେଶୀ ରାଷ୍ଟ୍ରର ଆଇନ ସଙ୍ଗତ ଉପସ୍ଥିତିକୁ ନ୍ୟାୟ ସଙ୍ଗତ ବୋଲି କହିବା ଯାହାକି ଆପେ ଆପେ ଦ୍ୱିତୀୟ ପ୍ରକ୍ରୀୟ ଆଡ଼କୁ ନେଇଯାଏ ଯଥା:-୨.ଔପନିବେଶିକ ପୂର୍ବ ଦେଶୀ ରାଜନୈତିକ କ୍ଷମତାକୁ ଧ୍ୱଂସ କରି ଅଥବା ତାକୁ ଅବୈଧ ଘୋଷଣା କରି ।

(ii) **ଔପନିବେଶିକ ରାଷ୍ଟ୍ରର ସ୍ୱରୂପ** (Nature of the colonial state)

ଔପନିବେଶିକ ରାଷ୍ଟ୍ର କିଭଳି ହୋଇପାରିବ ଏହି ଯୋଜନା କରି ଇଂରେଜମାନେ ଭାରତରେ ତାଙ୍କର ଶାସିତ ଅଞ୍ଚଳଗୁଡ଼ିକୁ ନିଜ ଚିନ୍ତାଧାରା ଅନୁସାରେ ସମନ୍ୱୟ ପ୍ରକ୍ରିୟା ଫଳରେ କେତେକ ଆଧୁନିକ ବିଶେଷତା ସହିତ ଏକ ଆଧୁନିକ ରାଷ୍ଟ୍ରର ଉଦୟ ହେଲା । ଆଧୁନିକ ରାଷ୍ଟ୍ର ଭଳି ଔପନିବେଶିକ ସରକାରଙ୍କ ପାଖରେ ସୈନ୍ୟବାହିନୀର ଏକାଧିପତ୍ୟ, କର ଆଦାୟ ପାଇଁ ଏକ କେନ୍ଦ୍ରିକୃତ ପ୍ରଶାସନ, ଏକ କେନ୍ଦ୍ରିକୃତ ଆଇନ ପ୍ରଣାଳୀ, ପ୍ରଶିକ୍ଷିତ ପ୍ରଶାସକ ଏବଂ ଅମଲାତନ୍ତ୍ର ଏବଂ ସ୍ୱଷ୍ଟ ନିର୍ଦ୍ଧାରିତ ରାଷ୍ଟ୍ରସୀମା ଆଦି ଥିଲା । ବ୍ରିଟିଶ ଔପନିବେଶିକ ପ୍ରଶାସକମାନଙ୍କର ଲକ୍ଷ୍ୟ ଥିଲା ଆଇନ ଉପରେ ପର୍ଯ୍ୟବେଶିତ ଶାସନ ଏବଂ ନିୟମ ଅନୁସାରେ ଶାସନ ପରିଚାଳନା କରିବା । କିନ୍ତୁ ସବୁଠାରୁ ତଳସ୍ତରରେ ଯେଉଁଠାରେ ନୀତିଗୁଡ଼ିକ କାର୍ଯ୍ୟକାରୀ ହେଉଥିଲା, ସେଠାରେ ଜାତି, କୂଳ, ରକ୍ତ ସମ୍ପର୍କୀୟ ଏବଂ ପୃଷ୍ଠପୋଷକ ଗ୍ରାହକ ସମ୍ବନ୍ଧରେ ସ୍ଥାନୀୟ ସମାଜକୁ ପ୍ରଭାବିତ କରିବା ଇତ୍ୟାଦି ମୁଖ୍ୟ ଭୂମିକା ଗ୍ରହଣିୟ ହୋଇଥିଲା । ୧୯୪୭ରେ ସ୍ୱାଧୀନତା ପ୍ରାପ୍ତି ପରେ ନିଜର ନୂତନ ସରକାର ଗଡ଼ିବା ସମୟରେ ଶକ୍ତି ତଥା ଦୁର୍ବଳତା ଥିବା ଔପନିବେଶିକ ସଂସ୍ଥାଗୁଡ଼ିକ ଉତ୍ତରାଧିକାରୀ ହୋଇଯାଇଥିଲେ ।

(iii) **ଭାରତରେ ଔପନିବେଶିକ ଉଦ୍ଦେଶ୍ୟ** Colonial Objectives in India

ଉନବିଂଶ ଶତାବ୍ଦୀରେ ବ୍ରିଟେନରେ ଏକ ରାଜକୀୟ ବା ଔପନିବେଶିକ ବିଚାରଧାରାର ସୃଷ୍ଟି ହୋଇଥିଲା । ଯାହା ବିଶ୍ୱର ସବୁଠାରୁ ଏକ ଧନୀ ତଥା ପ୍ରଗତିଶୀଳ ରାଷ୍ଟ୍ର ହୋଇଥିବାରୁ ବିଶ୍ୱର ଅବଶିଷ୍ଟାଂଶ ରାଷ୍ଟ୍ରମାନଙ୍କର ସମୃଦ୍ଧି ତଥା ଉନ୍ନତି ନିମିତ୍ତ ଇଂଲଣ୍ଡର କର୍ତ୍ତବ୍ୟ ଥିଲା । ଆଇନ ସଭ୍ୟଜୀବନ ଏବଂଧନ ଆଗମନର ପରିସ୍ଥିତି ସୃଷ୍ଟି କରିଥାଏ । ଭାରତରେ ବ୍ରିଟିଶ ଶାସକମାନଙ୍କର ବିଚାରଧାରା ନିମ୍ନ ପ୍ରକାର ଥିଲା ।



ଟିପ୍ପଣୀ



୧. ଭାରତୀୟମାନେ ନିଜକୁ ଶାସନ କରିବା ପାଇଁ ଯୋଗ୍ୟ ନୁହନ୍ତି ।

୨. ବ୍ରିଟେନର କର୍ତ୍ତବ୍ୟ ଥିଲା ଯେ ସେ ଭାରତୀୟ ଅର୍ଥ ବ୍ୟବସ୍ଥା ଏବଂ ସମାଜ ଉପରେ ହସ୍ତକ୍ଷେପ ଅଥବା ଏହାକୁ ପରିଚାଳନା କରିବା ପାଇଁ ପ୍ରଚେଷ୍ଟା ବ୍ୟତୀତ ନିୟମାନୁସାରେ ଏକ ଉତ୍ତମ ସରକାର ପ୍ରଦାନ କରିବା ।

ଔପନିବେଶିକା ସରକାରଙ୍କର ମୁଖ୍ୟ ଦାୟିତ୍ୱ ଗୁଡିକ ହେଲା :-

(କ) ଭୂ-ରାଜସ୍ୱ ଆଦାୟ କରିବା (ଖ) ଆଇନ ସମ୍ମତ ଶାସନକୁ କାର୍ଯ୍ୟକାରି କରିବା

ଇଷ୍ଟ ଇଣ୍ଡିଆ କମ୍ପାନୀ ଦ୍ୱାରା ଭାରତରେ ପ୍ରଚଳିତ ବିଚାରଧାରାର ଆବଶ୍ୟକତା ଅନୁସାରେ ରାଜସ୍ୱ ବ୍ୟବସ୍ଥାରେ ପାର୍ଥକ୍ୟ ନିମ୍ନମତେ କରାଯାଇଥିଲା । ଯଥା :-

- ଭାରତରେ ଧନ ସମ୍ପଦ କିଭଳି ସୃଷ୍ଟି କରିହେବ;
- କମ୍ପାନୀର ସୁରକ୍ଷାପାଇଁ ଆବଶ୍ୟକ ଅନୁସାରେ; ଏବଂ
- ନୂତନ ଅଞ୍ଚଳ କମ୍ପାନୀ ଅଧିନକୁ ଆସିବା ପରେ ସେଥିରୁ ମିଳିଥିବା ଅନୁଭବ ଉପରେ ପର୍ଯ୍ୟବେଶିତ ଥିଲା ।

ଔପନିବେଶକ ରାଷ୍ଟ୍ର ଦୁଇଟି ମୁଖ୍ୟ ଉଦ୍ଦେଶ୍ୟ ପାଇଁ କାର୍ଯ୍ୟ କରୁଥିଲା ।

୧. ବ୍ରିଟିଶ୍ ରାଜଧାନୀର ଆବଶ୍ୟକତା ଅନୁସାରେ ଭାରତୀୟ ଉପନିବେଶକୁ ସମ୍ପୂର୍ଣ୍ଣଭାବେ ନିଜର ଅଧିନସ୍ଥ କରିବା ।

୨. ଇଂଲଣ୍ଡର ରାଜଧାନୀ ଦ୍ୱାରା ଭାରତୀୟ ଉପନିବେଶର ଆର୍ଥିକ ଶୋଷଣ ଅଥବା ଏହାର ଆର୍ଥିକ ଉଦ୍‌ବୃତ୍ତୀନ୍ତ (Surplus) କୁ ନିଜପାଇଁ ଉପଯୋଗ କରିବା କିନ୍ତୁ ଭାରତରେ ଔପନିବେଶିକ ଦୃଷ୍ଟିକୋଣ ସବୁସମୟରେ ସମାନ ନଥିଲା । ମାତୃଦେଶର ଆବଶ୍ୟକତା ତଥା ବ୍ରିଟେନର ବିଭିନ୍ନ ସାମାଜିକ ବର୍ଗଙ୍କର ସ୍ୱାର୍ଥରକ୍ଷା ପାଇଁ ଉକ୍ତ ଆଭିମୁଖ୍ୟ ପରିବର୍ତ୍ତିତ ହେଉଥିଲା । ଖ୍ରୀ: ୧୮୧୩ ପର୍ଯ୍ୟନ୍ତ ଲମ୍ବିଥିବା ବ୍ରିଟିଶ ଶାସନର ପ୍ରଥମ ପର୍ଯ୍ୟାୟରେ ଏହାର ଦୃଷ୍ଟିକୋଣ ମୁଖ୍ୟତଃ, (୧) ଭାରତରେ ଇଷ୍ଟ ଇଣ୍ଡିଆ କମ୍ପାନୀର ବ୍ୟବସାୟରେ ଏକକ ଅଧିକାର ଏବଂ ଅନ୍ୟାନ୍ୟ ୟୁରୋପୀୟ ପ୍ରତିଯୋଗୀମାନଙ୍କୁ ବାଣିଜ୍ୟରୁ ନିବୃତ୍ତ କରିବା ତଥା (୨) କର ମାଧମରେ ଆର୍ଥିକ ସମ୍ବଳ ଉପରେ ନିୟନ୍ତ୍ରଣ କରିବା ଉପରେ ପର୍ଯ୍ୟବେଶିତ ହୋଇଥିଲା । ଉକ୍ତ ଦୁଇ ଉଦ୍ଦେଶ୍ୟକୁ, ପ୍ରଚଳିତ ସଂସ୍ଥା ଏବଂ ପ୍ରଶାସନିକ ଉପକରଣ ଗୁଡିକୁ ବିଶୃଙ୍ଖଳିତ ନକରି, ସଫଳ କରାଯାଇ ପାରିଥିଲା । ଉକ୍ତ ପରିସ୍ଥିତିରେ ବ୍ରିଟିଶ ଶାସକମାନେ ଗତାନୁଗତିକ ଶାସକ ମାନଙ୍କଠାରୁ ବିଶେଷ ଭାବରେ ଅଲଗା ନଥିଲେ କାରଣ ଉଭୟେ କୃଷିର ଉଦ୍-ବୃତ୍ତାଂନ୍ତକୁ (Surplus) କରଗତ କରିବାକୁ ପ୍ରୟାସ ରଖିଥିଲେ । ଏହି ପରିପ୍ରେକ୍ଷୀରେ ଏକ ପ୍ରକାରର ପ୍ରଶାସନିକ ବ୍ୟବସ୍ଥାର ପ୍ରଚଳନ ତଥା ପୁରାତନ ବ୍ୟବସ୍ଥାକୁ ନବୀକରଣ ପାଇଁ କୌଣସି ପ୍ରଚେଷ୍ଟା କରା ଯାଇନଥିଲା । ଶାସନ ତଥା ନ୍ୟାୟ ବ୍ୟବସ୍ଥାର ମୂଳତତ୍ତ୍ୱରେ ମଧ କୌଣସି ପରିବର୍ତ୍ତନ କରାଯାଇନଥିଲା । ପ୍ରଶାସନ କ୍ଷେତ୍ରରେ ଏକ ମାମୁଲି ପରିବର୍ତ୍ତନ ଅଣାଯାଥିଲା ଏବଂ ଏହା ସୁରୁଖୁରରେ ରାଜସ୍ୱ ଆଦାୟ କରିବା ସହିତ ଜଡିତ ଥିଲା । ଭାରତ ପାଇଁ ଏକ ଆଧୁନିକ ନ୍ୟାୟ ବ୍ୟବସ୍ଥା ତଥା ଏକ ପ୍ରକାରର ପ୍ରଶାସନିକ ବ୍ୟବସ୍ଥାର ଆବଶ୍ୟକତା



ଟିପ୍ପଣୀ

ଉକ୍ତ ପର୍ଯ୍ୟାୟରେ ଜଣାପଡି ନଥିଲା, କାରଣ ଭାରତରେ ଇଂରେଜୀ ଶାନର ପ୍ରଥମ ପର୍ଯ୍ୟାୟରେ ବ୍ରିଟିଶମାନଙ୍କ ଲକ୍ଷ ପୁରଣପାଇଁ ଏହାର ପ୍ରାସଙ୍ଗୀକତା ନଥିଲ ।

୧୮୧୩ ଖ୍ରୀ: ପରେ ଉକ୍ତ ପରିସ୍ଥିତିରେ ଅନେକ ପରିବର୍ତ୍ତନ ଘଟିଥିଲା । ମୁଖ୍ୟତଃ ଶିଳ୍ପ ବିପ୍ଳବ ଯୋଗୁ ବ୍ରିଟିଶ ଅର୍ଥବ୍ୟବସ୍ଥା ତଥା ସମାଜ ଏକ ବିରାଟ ପରିବର୍ତ୍ତନ ମଧରେ ଗତିକରୁଥିଲା । ବର୍ତ୍ତମାନ ବାଣିଜ୍ୟିକ ବ୍ୟାପରିକ ନିଗମ ଗୁଡିକ ଉଦ୍ୟୋଗପତିମାନଙ୍କୁ ସୃଷ୍ଟି କରିଥିଲା ଯେଉଁମାନେ ବ୍ରିଟିଶ୍ ସମାଜର ଏକ ଶକ୍ତଶାଳୀ ତଥା ପ୍ରଭାବଶାଳୀ ଗୋଷ୍ଠୀରେ ପରିଣତ ହୋଇଥିଲେ । ଭାରତୀୟ ବ୍ୟାପର ଉପରେ ଇଷ୍ଟ ଇଣ୍ଡିଆ କମ୍ପାନୀର ଏକକ ଅଧୀକାର ଆସ୍ତେ ଆସ୍ତେ ହ୍ରାସ ପାଇ ଯାଉଥିଲା । ଭାରତରେ ଇଂଲଣ୍ଡର ଆଗ୍ରହ ବର୍ତ୍ତମାନ କମ୍ପାନୀର ଆଗ୍ରହର ପ୍ରତିନିଧିତ୍ୱ କରିବା ପରିବର୍ତ୍ତେ ଔଦ୍ୟୋଗପତି ମାନେ (କ) ନିଜଦ୍ୱାରା ନିର୍ମିତ ଔଦ୍ୟୋଗିକ ବସ୍ତୁଗୁଡିକରେ ବଜାର (ଖ) ନିଜ ଶିଳ୍ପାନୁଷ୍ଠାନ ପାଇଁ ଝୋଟ, କପା ଇତ୍ୟାଦି ଭଳି କଞ୍ଚାମାଲ ତଥା ଖାଦ୍ୟଶସ୍ୟ, ଅଫିମ ଇତ୍ୟାଦିକୁ ବିଦେଶକୁ ରପ୍ତାନୀ କରିବା ପାଇଁ, ଭାରତକୁ ବ୍ୟବହାର କରିବାନିମିତ୍ତ ଇଚ୍ଛାପ୍ରକାଶ କରିଥିଲେ । ଏହି ସମସ୍ତ ଲକ୍ଷ୍ୟ ପୁରଣ ପାଇଁ ଭାରତୀୟ ଅର୍ଥବ୍ୟବସ୍ଥା ତଥା ସମାଜରେ ଅତ୍ୟଧିକ ପ୍ରବେଶ (Greater penetration) ଏବଂ ଭାରତର ବ୍ରିଟେନ ସହ ତଥା ଅନ୍ୟ ଦେଶମାନଙ୍କ ସହିତ ବ୍ୟାପାର ବାଣିଜ୍ୟ ଉପରେ ନିୟନ୍ତ୍ରଣ ରଖିବା ମଧ ଆବଶ୍ୟକ ପଡିଲା । ବର୍ତ୍ତମାନ ଭାରତ ଏକ ନୂତନ ଭୂମିକାରେ ଅବତିର୍ଣ୍ଣ ହେବ ବୋଲି ଆଶାପ୍ରକାଶ କରାଯାଉଥିଲା । ଆଶା କରାଯାଏ ଯେ ଭାରତର ଗତାନୁଗତିକ ପ୍ରଶାସନିକ ସଂସ୍ଥା ସହିତ ଉକ୍ତ ନୂତନ ଭୂମିକାରେ ଅବତିର୍ଣ୍ଣ ହେବା ସମ୍ଭବ ହୋଇନଥିଲା । ତେଣୁ ନୂତନ ଆବଶ୍ୟକତା ଅନୁଯାୟୀ ସେ-ଗୁଡିକୁ ପରିବର୍ତ୍ତନ ତଥା ରୁପାନ୍ତରିତ କରିବା ଆବଶ୍ୟକତା ପଡିଲେ ଏଥିପାଇଁ ଭାରତୀୟ ପ୍ରଶାସନର ରୁପାନ୍ତରକରଣ ପ୍ରକିୟା ଆରମ୍ଭ ହେଲା । ଆଧୁନିକ ଆଇନର ସାହାଯ୍ୟରେ ଆଧୁନିକ ବ୍ୟବସାୟର ବୃଦ୍ଧି ପାଇଁ, ଏକ ବଜାର-ଅର୍ଥବ୍ୟବସ୍ଥାର ସୃଷ୍ଟିପାଇଁ, ମୁକ୍ତ ବାଣିଜ୍ୟିକ ସଂବନ୍ଧ ସ୍ଥାପନ କରିବାପାଇଁ ଏବଂ ବିଭିନ୍ନ ଆର୍ଥିକ-ନେଣ-ଦେଣ (Transaction)କୁ ସୁରୁଖୁରରେ କାର୍ଯ୍ୟକାରୀ କରିବାପାଇଁ ସମ୍ପୂର୍ଣ୍ଣ ଆଇନର ଗଠନ ପ୍ରଣାଳୀକୁ ପରିବର୍ତ୍ତନ କରିବା ଜରୁରୀ ହୋଇପଡିଲା ।

ବ୍ରିଟିଶର ସ୍ୱାର୍ଥ ବିଭିନ୍ନ ପ୍ରକାରର ଥିଲା । ସର୍ବ ପ୍ରଥମେ ଏହାର ଲକ୍ଷ୍ୟ ଥିଲା, ବାଣିଜ୍ୟ ବ୍ୟବସାୟ କ୍ଷେତ୍ରରେ ଏକକ ଅଧିକାର ଲାଭ କରିବା । ପରବର୍ତ୍ତୀ ସମୟରେ ଅନୁଭୁତ ହେଲା ଯେ ଏହା ଦ୍ୱାରା ଭାରତ ବ୍ରିଟିଶ ବସ୍ତୁମାନଙ୍କର ଏକ ବଡ ବଜାର ହେବା ସହିତ କଞ୍ଚାମାଲର ଏକ ଉତ୍ସ ହେବ କିନ୍ତୁ ଭାରତରେ ପୁଞ୍ଜି ନିବେଶ କରିଥିବା ପୁଞ୍ଜିପତି ମାନେ ଅଥବା ଏଠାରେ ବ୍ୟାଙ୍କିଙ୍ଗ ଏବଂ ସିପିଙ୍ଗ (Banking & Shipping) ସେବା ଯୋଗାଣକାରୀମାନେ ନିଜ ନିୟନ୍ତ୍ରଣରେ ରଖିବା ଅଥବା ପ୍ରାଧାନ୍ୟ ବିସ୍ତାରକାରୀ ସୁବିଧା ସୁଯୋଗକୁ ସଫଳ ଭାବେ ଉପଭୋଗ କରିବାରେ ଲାଗିଲେ। ଭାରତ ମଧ ବ୍ରିଟେନର ଉଚ୍ଚ-ମଧ-ବର୍ଗଙ୍କର ଏକ ବୃହତ୍ତ ଅଂଶକୁ ରୁଚିକର ତଥା ଲାଭପ୍ରଦ ରୋଜଗାର ଯୋଗାଇ ଦେଇଥିଲା। ଏମାନଙ୍କ ଦ୍ୱାରା ଘରକୁ ପଠାଯାଉଥିବା ଧନରାଶି ବ୍ରିଟେନର ଆମଦାନୀ ରପ୍ତାନିର ବ୍ୟବଧାନକୁ (Balance of Payment) ସମତୁଲ କରିବା ପାଇଁ ତଥା ଅର୍ଥ ଜମାରଖିବା କ୍ଷମତାକୁ ବୃଦ୍ଧି କରିବାପାଇଁ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ଶେଷରେ ଭାରତର ଭୂଭାଗ, (Logistics) ଏବଂ ସୈନିକ ମାନବ ଶକ୍ତି (Military Manpower) ଉପରେ ନିୟନ୍ତ୍ରଣ ବିଶ୍ୱର କ୍ଷମତା ନିର୍ମାଣ

ଟିପ୍ପଣୀ

(Power Structure)ପାଇଁ ଏକ ମହତ୍ୱପୂର୍ଣ୍ଣ ତତ୍ୱ ଥିଲା । ଇଂରେଜମାନେ ଭାରତର ଆର୍ଥିକ ବିକାଶ ବିରୁଦ୍ଧରେ ନଥିଲେ ଯଦି ଏହା ଦ୍ୱାରା ତାଙ୍କର ବଜାର ବୃଦ୍ଧି ହେଉଥିଲା । ଅନ୍ୟପକ୍ଷରେ ଖୁବ୍ ନିଜର ଆର୍ଥିକହିତ ଏବଂ ରାଜନୈତିକ ସୁରକ୍ଷାରେ ବାଧାସୃଷ୍ଟି କରୁଥିବା କ୍ଷେତ୍ରରେ ସହାୟତା ପ୍ରଦାନ କରିବାପାଇଁ ମନା କରିଥିଲେ । ତେଣୁ ସେମାନେ ଭାରତୀୟ ବସ୍ତ୍ର ଉଦ୍ୟୋଗକୁ ସେ ପର୍ଯ୍ୟନ୍ତ ସୁରକ୍ଷା ପ୍ରଦାନ କରିନଥିଲେ ଯେପର୍ଯ୍ୟନ୍ତ ଏହାର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ମାନ୍‌ଚେଷ୍ଟର (Manchester) ବଦଳରେ ଜାପାନ ହୋଇନଥିଲା । ଏହା ସହିତ ସେମାନେ ବୈଷୟୀକ ଶିକ୍ଷାର ପ୍ରସାର ପାଇଁ କୌଣସି ପଦକ୍ଷେପ ନେଇନଥିଲେ । ସେମାନେ ସମ୍ପତ୍ତିର କେତେକ ବ୍ରିଟିଶ୍ ଅବଧାରଣାକୁ ପ୍ରବର୍ତ୍ତନ କରିଥିଲେ କିନ୍ତୁ ନିଜର କ୍ଷମତାର ବିଲୋପ ହେତୁ ଏହାକୁ ଅନେକ ଆଗକୁ ନେଇପାରି ନଥିଲେ ।

### ୩୨.୧ ପାଠାନ୍ତ ପ୍ରଶ୍ନ ଶୂନ୍ୟସ୍ଥାନ ପୁରଣ କର ।

୧. ...............ଶତାବ୍ଦୀର ପୂର୍ବାହ୍ନରେ ମୋଗଲ ସାମ୍ରାଜ୍ୟର ପତନ ହୋଇଥିଲା ।

୨. ..........ପର୍ଯ୍ୟନ୍ତ ଭାରତରେ ବ୍ରିଟିଶ୍ ଶାସନର ପ୍ରଥମ ପର୍ଯ୍ୟାୟରେ ବ୍ରିଟିଶ୍‌ର ଲକ୍ଷ୍ୟ ମୁଖ୍ୟତଃ ଭାରତ ସହିତ ଇଷ୍ଟ ଇଣ୍ଡିଆ କମ୍ପାନୀର ବ୍ୟାପାରରେ ଏକକ ଅଧିକାର ହାସଲ କରିବା ।

୩. ବ୍ରିଟିଶ୍ ଅର୍ଥବ୍ୟବସ୍ଥା ଏବଂ ସମାଜ ଏକ ବଡ ରୁପାନ୍ତରଣ ଆଡକୁ ଗତିକରୁଥିଲା ଯାହାର ମୁଖ୍ୟ କାରଣ .................ଥିଲା ।

୪. ବ୍ରିଟିଶ୍ ଉଦ୍ୟୋଗପତି ମାନଙ୍କର ଲକ୍ଷ୍ୟ ଥିଲା ଯେ ଭାରତରେ ନିଜର ....................ବସ୍ତୁମାନଙ୍କର ଏକ ବଜାର ଭାବରେ ବ୍ୟବହାର କରିବା ।



ଚିତ୍ର ୩୨.୧ ରାଇଟରର୍ସ ବିଲ୍ଡିଙ୍ଗ୍



ଟିପ୍ପଣୀ

## ୩୨.୨ ବୈଧତାର ରୁପ

ତୁମ୍ଭେ ଜାଣିଅଛ ଯେ ବ୍ରିଟିଶ୍ ଶାସନ ପୂର୍ବରୁ ଭାରତର ସାର୍ବୋଭୌମତ୍ୱ ମୋଗଲ ବଂଶ ହାତରେ ଥିଲା । ଉନବିଂଶ ଶତାବ୍ଦୀର ପ୍ରାରମ୍ଭ ପର୍ଯ୍ୟନ୍ତ ବ୍ରିଟିଶ୍ ମୋଗଲ ବଂଶର ରାଜତ୍ୱର ପ୍ରତୀକ ଉପରେ କୌଣସି ହସ୍ତକ୍ଷେପ କରିନଥିଲା ୧୮୩୫ ପର୍ଯ୍ୟନ୍ତ ପାରସିକ ଭାଷା ରାଜଭାଷା ହୋଇ ରହିଥିଲା ତଥା ମୁଦ୍ରାଉପରେ ମୋଗଲ ସମ୍ରାଟଙ୍କନାମ ଉଲ୍ଲେଖ ହେଉଥିଲା । ୧୮୩୭ ପର୍ଯ୍ୟନ୍ତ ମୋଗଲ ବଂଶ ପାଇଁ ତୋପର ସଲାମି ସୁରକ୍ଷିତ ଥିଲା । ସାର୍ବଭୌମତ୍ୱର ଉକ୍ତ ପ୍ରତିକକୁ ପ୍ରତ୍ୟାହାର କରିବା ବ୍ରିଟିଶ୍ ଇଷ୍ଟ ଇଣ୍ଡିଆ କମ୍ପାନୀର ଏକ ସାଙ୍କେତିକ କାର୍ଯ୍ୟ ଥିଲା ଯାହା ସୁଚିତ କରୁଥିଲା ଯେ ସେମାନେ ଭାରତର ସାର୍ବଭୌମତ୍ୱକୁ ଅଧିକୃତ କରିଛନ୍ତି । ବ୍ରିଟିଶ୍ ମାନଙ୍କର ମହାନଗରୀ ରାଜଧାନୀରେ ପୂର୍ବ ଉପସ୍ଥିତି ତଥା ପରବର୍ତ୍ତୀ ସମୟରେ ପସନ୍ଦ ଯୋଗ୍ୟ ଆନ୍ତର୍ଦେଶୀୟ ନିର୍ଦ୍ଦିଷ୍ଟ ସ୍ଥାନ ଗୁଡ଼ିକରେ ଉପସ୍ଥିତିର ଅର୍ଥହେଲା ଯେଉଁ ସଂସ୍ଥାଗୁଡିକ ସାମ୍ରାଜ୍ୟର ପ୍ରତୀକ ଥିଲା  ସେଗୁଡିକୁ ଏପରି ଗଠନ ହେବା ଉଚିତ୍ ଥିଲା । ଏପରି ଭାବରେ ବମ୍ବେ ଦ୍ୱୀପ ଏବଂ ହୁଗୁଳି ତ୍ରିକୋଣଭୂମିର କେତେକ ଗ୍ରାମ ପରବର୍ତ୍ତୀ ସମୟରେ ବମ୍ବେ ପ୍ରେସିଡ଼େନ୍‌ସିରେ ଏବଂ ଭାରତୀୟ ସାମ୍ରାଜ୍ୟର ବୃହତ୍ତ ରାଜଧାନୀ ହୋଇଗଲା । ମୋଗଲ ସାମ୍ରାଜ୍ୟର ଉନ୍ନତି ଏବଂ ମାର୍ଜିତ କେନ୍ଦ୍ରସ୍ଥାନ ଗୁଡ଼ିକ ପ୍ରାଦେଶୀମାନଙ୍କର ମଧ୍ୟସ୍ଥଳ ହୋଇଥିଲା । କେନ୍ଦ୍ର ଏବଂ ଉପାନ୍ତ ଅଞ୍ଚଳର ଶିଳା ଲିଖନ ଜଣେ ନୂତନ ବାସ୍ତୁ ଶିଳ୍ପୀଙ୍କ ଲିହଣରେ କରାଯାଇଥିଲା । ନୂତନ ସଂସ୍ଥାଗୁଡିକ କ୍ଷମତାକୁ ଚିହ୍ନିତ କରୁଥିଲା । ଅଟ୍ଟାଳିକା ଗୁଡିକ ନୂତନ ସଂସ୍ଥାଗୁଡିକର ସର୍ବାଧିକ ଭୌତିକ କିମ୍ବା ଜୈବିକ, ବସ୍ତୁବଦୀ ଏବଂ ନୂତନ ଅନୁଷ୍ଠାନମାନଙ୍କର ଚିତ୍ତାକଷକ ମହତ୍ୱପୂର୍ଣ୍ଣ ବା ପ୍ରଭାବଶାଳୀ ରୁପ ଥିଲା । ଉନବିଂଶ ଶତାବ୍ଦୀରେ ପ୍ରାଦେଶିକ ସହର ମାନଙ୍କର ଯାହା ଦେଖା ଯାଉନଥିଲା ତାହା ରାଜନଗରୀ ବମ୍ବେରେ ଦେଖିବାକୁ ମିଳୁଥିଲା ।

କମ୍ପାନୀ (ଯେ କି ବ୍ରିଟିଶ୍ ରାଜଶକ୍ତିର ଭୃତ୍ୟ ଏବଂ ନିଜର କାର୍ଯ୍ୟକଳାପକୁ ଏକ ଔପନିବେଶିକ ଅଧିକାର ପତ୍ର (Charter) ର ମାଧ୍ୟମରେ ଚଳାଉଥିଲା) ଭାରତୀୟ ସମ୍ରାଟଙ୍କୁ ନିଜର ଅଧିନସ୍ଥ କରିବାପାଇଁ ଚାହୁଁଥିଲା । ଅଧିନସ୍ଥତାର ଶବ୍ଦାବଳୀରେ ଭାରତରେ ବ୍ରିଟିଶ୍ ଅନୁଭବରୁ ଆସିଥିବା ସର୍ବୋଚ୍ଚତା, ସୁରକ୍ଷା ପ୍ରଦାନ,(Protection), ସହାୟକ ଚୁକ୍ତି (Subsidiary), ପରୋକ୍ଷ ଶାସନ (Indirect rule), ସହଯୋଗ (Collaboration) ଆଦି ଶବ୍ଦ ଗୁଡିକ ସାମିଲ ଥିଲା । ଉନବିଂଶ ଶତାବ୍ଦୀର ପ୍ରାରମ୍ଭ ପର୍ଯ୍ୟନ୍ତ କମ୍ପାନୀ ଏବଂ ବିଭିନ୍ନ ଦେଶୀୟ ରାଜ୍ୟ (Princely State) ମାନଙ୍କ ମଧ୍ୟରେ ପର୍ଯ୍ୟାୟ କ୍ରମେ ହୋଇଥିବା ଚୁକ୍ତିଗୁଡିକ ମାଧ୍ୟମରେ ସୁରକ୍ଷା ବ୍ୟବସ୍ଥା ସ୍ଥାପିତ ହୋଇଥିଲା । ଗଭର୍ଣ୍ଣର ଜେନେରାଲ ଲର୍ଡ-ଭଏଲସଲି ଏକ ବ୍ୟବସ୍ଥା ତିଆରି କରିଥିଲେ ଯାହାକି “ସହାୟକ ଚୁକ୍ତ” ନାମରେ ପରିଚିତ ଥିଲା । ଉକ୍ତ ବ୍ୟବସ୍ଥାରେ ଅତିଶୀଘ୍ର ଯୋଗ ଦେଇଥିବା ରାଜ୍ୟଗୁଡିକ ହେଲା- ହାଇଦରାବାଦ (୧୭୯୮), ମରହଟ୍ଟା ପେଶୱା (୧୮୦୨), ନାଗପୁରର ଭୋନ୍‌ସଲେ ଏବଂ ଗ୍ୱାଲିୟରର ସିନ୍ଧିଆ (୧୮୦୩), ଜୟପୁର(୧୮୦୩), ବରୋଦାର ଗାଇକୱାଡ୍ (୧୮୦୫), ତାଭାଙ୍କୋର (୧୮୦୫) କୋଚୀନ (୧୮୦୭), କୋଟା (୧୮୧୭), ଯୋଧପୁର (୧୮୧୮), ବକାନୀର(୧୮୨୮) । ଉକ୍ତ ବ୍ୟବସ୍ଥାର ସାରମର୍ମ ହେଲା ଇଂରେଜ ଦ୍ୱାରା ସୁରକ୍ଷା ପ୍ରଦାନର ନିଶ୍ଚିତତା ଯାହାପାଇଁ ଦେଶୀୟ ରାଜ୍ୟମାନଙ୍କୁ ନିମ୍ନଲିଖିତ କୌଣସି ଏକ ବା ଏକାଧିକ ଉପାୟରେ ପରିଶୋଧ କରିବାକୁ ପଡୁଥିଲା । ସେଗୁଡ଼ିକ ହେଲା ।

(କ) କମ୍ପାନୀର ଏକ ସେନାଦଳ ରଖିବା ପାଇଁ ନଗଦ ଆକାରରେ ଟଙ୍କା ଦେବା

(ଖ) ରାଜ୍ୟର ଏକ ଅଂଶ କମ୍ପାନୀକୁ ପ୍ରଦାନ କରିବ ।

(ଗ) ରାଜ୍ୟର ଆଂଶିକ ଅଥବା ପୂର୍ଣ୍ଣ ଭାବରେ ସୈନ୍ୟ ଅପସାରଣ (demilitarization) ଅର୍ଥାତ୍ ରାଜ୍ୟ ଦ୍ୱାରା ସୈନ୍ୟବାହିନୀକୁ ତ୍ୟାଗ କରିବା ।

(ଘ) କମ୍ପାନୀର ବିନା ଅନୁମୋଦନରେ ଅନ୍ୟ ରାଜନୈତିକ ଶକ୍ତି ସହିତ ସମ୍ପର୍କ ତଥା ଯୁଦ୍ଧ କରିବା ଉପରେ ପ୍ରତିବନ୍ଧକ

(ଙ) ଉପଦେଶ ଏବଂ ନିର୍ଦ୍ଦେଶ ଦେବା ପାଇଁ ନିଜ ଦରବାରରେ କମ୍ପାନୀର ରାଜ-ପ୍ରତିନିଧିଙ୍କୁ ରଖିବା ପାଇଁ ସ୍ୱୀକୃତି ପ୍ରଦାନ ।

ବଳ ପ୍ରୟୋଗ ଦ୍ୱାରା ଥରେ ରାଜ୍ୟ ଅଧିକାର କଲେ ରାଜ୍ୟର ବ୍ୟବହାରକୁ ସମସ୍ତ ଅଧିବାସୀମାନଙ୍କର ଦୃଷ୍ଟି ଗୋଚରକୁ ଆଣିବା ଅତି ଆବଶ୍ୟକ ଥିଲା । ଔପନିବେଶିକ ରାଷ୍ଟ୍ରର ଦୃଷ୍ଟିଗୋଚର ହେବା ପାଇଁ କରାଯାଇଥିବା ବ୍ୟବହାରମାନଙ୍କ ମଧ୍ୟରେ ୧୮୫୮ରେ ଶେଷ ମୋଗଲ ସମ୍ରାଟ ବାହାଦୁରଶାହା ଜାଫରଙ୍କ ଉପରେ ତାଙ୍କ ନିଜ ରାଜପ୍ରାସାଦରେ କରାଯାଇଥିବା ବିଚାର ଏବଂ ୧୮୭୭ରେ କରାଯାଇଥିବା ଦିଲ୍ଲୀ ଦରବାର ଯେଉଁଥିରେ କି ବ୍ରିଟିଶମାନଙ୍କର ସାର୍ବୋଭୌମତ୍ୱ ପ୍ରତି ଭାରତର ବଶ୍ୟତାକୁ ସର୍ବସାଧାରଣରେ ପ୍ରକାଶ୍ୟ କରିଥିଲେ । ସର୍ବସାଧାରଣଙ୍କ ପାଇଁ ଔପନିବେଶିକ ରାଷ୍ଟ୍ରର ପ୍ରତୀକ ସ୍ୱରୂପ ସାଂସ୍କୃତିକ ରଚନା, ରାଷ୍ଟ୍ରର ଦୂରସ୍ଥ ଏଜେନ୍ସି ଏବଂ ନିତିଦିନିଆ ଅନୁଭବ ଉପରେ ପର୍ଯ୍ୟବେଶିତ ଥିଲା ଯଥା:- ଦାରୋଗା ଏବଂ ପୋଲିସ୍, କଲେକ୍ଟରଙ୍କ କଚେରୀର ପଟେଳ ଅମିନ, ପଟୱାରୀ ଏବଂ କାନୁନ୍‌ଗୋ; ନୂତନ ଅଦାଲତରେ କ୍ଷମତାଶାଳୀ ଲୋକଙ୍କ ସପକ୍ଷରେ ରାୟ ପ୍ରଦାନ, କଳାକୋଟ ପିନ୍ଧା ତଥା ଅଜଣା ଭାଷା (ଇଂରାଜୀ) କହୁଥିବା ଅଜଣା ଲୋକ; ସହରରେ ଔପନିବେଶିକବାଦକୁ ଦୃଷ୍ଟି ଗୋଚର କରିବା ପାଇଁ ତିଆରି କରିଥିବା ବିଶାଳ ଔପନିବେଶିକ ସ୍ମାରକ, ସମୟ ସମୟରେ ଦେଖା ଯାଉଥିବା ସୈନ୍ୟମାନଙ୍କର ସେନା ଛାଉଣୀରୁ ବାହାରି ଫ୍ଲାଗ ମାର୍ଚ୍ଚ (Flag March) ର ଦୃଶ୍ୟ ଏବଂ ଶେଷରେ ଗୋରା ଲୋକମାନଙ୍କ ସମ୍ମୁଖରେ ଦେଶର ଉଚ୍ଚତର ବର୍ଗର ଲୋକଙ୍କର ଆଗକୁ ନଇଁ ପଡ଼ି ନମସ୍କାର କରିବା ଇତ୍ୟାଦିର ଦୃଶ୍ୟ ଭାରତୀୟ ମାନସ ପଟରେ ଔପନିବେଶିକ ଶାସନର ଛାପ ହୋଇ ରହିଥିଲା ।

## ୩୨.୩ ଔପନିବେଶିକ ନିୟନ୍ତ୍ରଣର ଅୟମାରମ୍ଭ

ଔପନିବେଶିକ ନିୟନ୍ତ୍ରଣର ପ୍ରାରମ୍ଭିକ ଚରଣରେ ଦେଶରେ ପ୍ରଚଳିତ ଥିବା ନାଗରିକ ପ୍ରଶାସନ ଚାଲୁ ରହିଥିଲା । ବଙ୍ଗଳାର ବିଜୟ ପୂର୍ବରୁ ଉକ୍ତ ବ୍ୟବସ୍ଥା ସଫଳ ଭାବେ କାର୍ଯ୍ୟ କରୁଥିଲା । କିନ୍ତୁ ଏକ ବୃହତ ସାମ୍ରାଜ୍ୟର ପଦାଧିକାରୀଙ୍କୁ ଦରମା ଦେବା ପାଇଁ ଏହି ସକ୍ଷମ ନଥିଲା । ଏହାର କାରଣ ହେଲା:-(କ)ଲାଭର ଏକ ବୃହତ ଅଂଶ କମ୍ପାନିର ଟ୍ରେଜେରୀ (Treasury) କୁ ନ ଯାଇ ବେସରକାରୀ ହାତକୁ ଚାଲିଯାଉଥିଲା ଏବଂ (ଖ) ଏକ ଅତି ଲାଭ ଯୁକ୍ତ ସ୍ୱଳ୍ପ ମିଆଦ ନୀତି ଅର୍ଥ ବ୍ୟବସ୍ଥାର ଉତ୍ପାଦନ କ୍ଷମତାକୁ କ୍ଷତି କରିବା ସହିତ ଲୋକମାନଙ୍କୁ ବିଦ୍ରୋହ କରିବାକୁ ପ୍ରବର୍ତ୍ତାଇ ଥାଏ ଏବଂ ଉକ୍ତ ଦୁଇଟି ବ୍ୟବସ୍ଥା କମ୍ପାନରୀ ଦୀର୍ଘକାଳୀନ ସ୍ୱାର୍ଥର ବିରୋଧି ଥିଲା । କ୍ଲାଇବ ଏକ ଦ୍ୱୈତ୍ୟ ଶାସନ ପ୍ରଣାଳୀ ଚାଲୁ କରିଥିଲେ । ଯେଉଁଥିରେ କମ୍ପାନୀର କ୍ଷମତା



ଟିପ୍ପଣୀ

ତଥା ଏକ କାଠପୁତଳିକା ନବାବ ରହିଲେ। ଔରେନ ହେଷ୍ଟିଂସ୍, ନବାବଙ୍କୁ ହଠାଇ ଭାରତୀୟ ଅଧିକାରୀମାନଙ୍କୁ ରଖି ନିଜେ ନିଜେ ପ୍ରତ୍ୟକ୍ଷ ଭାବେ ଶାସନ ଭାର ଗ୍ରହଣ କରିଥିଲେ।

## ୩୨.୪ ଔପନିବେଶବାଦର ବିଶ୍ୱାସର ବିଚାରଧାରା

ଇଷ୍ଟ ଇଣ୍ଡିଆ କମ୍ପାନୀର ପ୍ରଶାସନରେ ବେନଥିମବାଦୀ ମୌଳିକତାବାଦର ଏକ ପ୍ରବଳ ପୃଷ୍ଠଭୂମି ଥିଲା। ଭାରତୀୟ ସଂସ୍ଥାଗୁଡ଼ିକ ପ୍ରତି  ଘୋର ଅବମାନନା ପ୍ରକାଶ କରି ଭାରତରେ ଏକ ବୃହତ ଇତିହାସ ରଚନା କରିବା ପରେ ଜେମସ୍ ମିଲ ୧୮୧୯ରେ କମ୍ପାନୀର ଏକ ବରିଷ୍ଠ କର୍ମଚାରୀ ହୋଇଥିଲେ। ୧୮୩୧ ରୁ ୧୮୩୬ ପର୍ଯ୍ୟନ୍ତ ସେ କମ୍ପାନୀର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅର୍ଥାତ୍ ସିଇଓ (CEO) ଥିଲେ ଏବଂ ତାଙ୍କ ପୁତ୍ର ଜେମସ୍ ମିଲ୍ ୧୮୨୩ରୁ ୧୮୫୮ ପର୍ଯ୍ୟନ୍ତ କମ୍ପାନୀ ପାଇଁ କାର୍ଯ୍ୟ କରିଥିଲେ। ମାଲଥୁସ୍ (Malthus) ହେଲିବରୀ (Haileybury)  ଅର୍ଥଶାସ୍ତ୍ରର ପ୍ରଫେସର ଥିଲେ ଏବଂ ସେଠାରେ କମ୍ପାନୀର ଭବିଷ୍ୟତ ଅଧିକାରୀମାନଙ୍କର ପାଠପଢ଼ା ହେଉଥିଲା। ସେ ଗଭୀର ଭାବରେ ଉପଯୋଗିତାବାଦ (Utilitaniantion) ଦ୍ୱାରା ପ୍ରଭାବିତ ହୋଇଥିଲେ। ବେନ୍‌ଥମ୍‌ଙ୍କ ସହିତ ମଧ୍ୟ ଭାରତୀୟ ସଂସ୍ଥାଗୁଡ଼ିକର ସଂସ୍କାର ପାଇଁ ପରାମର୍ଶ କରାଯାଉଥିଲା। ଉପଯୋଗିତାବାଦୀମାନେ ଉକ୍ତ ବିଚାର ଧାରାକୁ (ସିଭିଲ ସର୍ଭିସ୍‌ରେ ପ୍ରତିଯୋଗିତା ମାଧ୍ୟମରେ ପ୍ରବେଶ) ପରୀକ୍ଷା ନିରୀକ୍ଷା କରିବା ପାଇଁ ଜାଣିଶୁଣି ଭାରତକୁ ବ୍ୟବହାର କଲେ କାରଣ ଏହାକୁ ସେମାନେ ଇଂଲଣ୍ଡରେ ଲାଗୁ କରିବା ପାଇଁ ପ୍ରୟାସ କରିଥିଲେ। ଉପଯୋଗିତାବାଦୀମାନେ ମୁକ୍ତ ଅର୍ଥ ବ୍ୟବସ୍ଥା ଯଥା ଲାସେଜ୍ ଫେୟାର ମତବାଦର ଘୋର ସମର୍ଥକ ଥିଲେ ଏବଂ ଆର୍ଥିକ ବିକାଶକୁ ବୃଦ୍ଧି କରିବା ପାଇଁ ରାଷ୍ଟ୍ରର କୌଣସି ପ୍ରକାର ହସ୍ତକ୍ଷେପକୁ ଘୃଣା କରୁଥିଲେ।  ଏଣୁ ଦୁର୍ଭିକ୍ଷ ପରିସ୍ଥିତିର ସମ୍ମୁଖୀନ ହେବା ପାଇଁ ବଜାରର ତାକତ ଉପରେ ଭରସା କରୁଥିଲେ ଏବଂ କୃଷିର ଅଭିବୃଦ୍ଧି ତଥା ଶିଳ୍ପକୁ ସୁରକ୍ଷା ପ୍ରଦାନ ପାଇଁ କିଛି କରି ନଥିଲେ। ଲାସେଜ ଫେୟାର (Laissez faire) ର ଏହି ପରମ୍ପରା ଭାରତୀୟ ସିଭିଲ୍ ସେବାରେ ଖୁଦ୍ ଇଂଲଣ୍ଡଠାରୁ ଅଧିକ ପରିମାଣରେ ଅନ୍ତର୍ନିହିତ ହୋଇ ରହିଥିଲା ଏବଂ ୧୯୨୦ ପର୍ଯ୍ୟନ୍ତ ଏହା ପ୍ରବଳ ଭାବରେ ଜାରି ରହିଥିଲା। ପ୍ରଶାସନ ଦକ୍ଷ ଏବଂ ଦୁର୍ନୀତି ଗ୍ରସ୍ତ ନଥିଲା କିନ୍ତୁ ରାଷ୍ଟ୍ରତନ୍ତ୍ରର କାର୍ଯ୍ୟକାରିତା କେବଳ ସତର୍କ ଦୃଷ୍ଟି ପ୍ରଦାନରେ ସୀମିତ ଥାଇ ସେନା, ନ୍ୟାୟ, ପୁଲିସ ଏବଂ ଜେଲ୍ ବିଭାଗର କିଛି ବିକାଶ ପାଇଁ ଖର୍ଚ୍ଚ କରୁଥିବା ସ୍ଥଳେ କୃଷି ପାଇଁ ତିନି ପ୍ରତିଶତରୁ କମ୍ ଖର୍ଚ୍ଚ କରୁଥିଲେ। ଭାରତକୁ ପାଶ୍ଚାତ୍ ଢ଼ାଞ୍ଚାରେ ଗଢ଼ିବା ପାଇଁ ବ୍ରିଟିଶମାନଙ୍କ ଦ୍ୱାରା କରାଯାଇଥିବା ସର୍ବାଧିକ ଉଲ୍ଲେଖନୀୟ କାର୍ଯ୍ୟ ମଧ୍ୟରୁ ଏକ ଥିଲା ଭାରତରେ ଇଂରେଜୀ ଶିକ୍ଷାର ଏକ ସଂଶୋଧିତ ପାଠ୍ୟକ୍ରମର ପ୍ରଚଳନ। ଶିକ୍ଷା ଉପରେ ମ୍ୟାକୁଲେଙ୍କ ୧୮୩୫ର ବିବରଣୀ ବ୍ରିଟିଶ ଶିକ୍ଷାନୀତି ଉପରେ ନିର୍ଣ୍ଣାୟକ ପ୍ରଭାବ ପକାଇଥିଲା ଯାହାକି ଭାରତୀୟ ସଭ୍ୟତା ପ୍ରତି ପାଶ୍ଚାତ୍ୟ ହେତୁବାଦୀ ଦୃଷ୍ଟିକୋଣର (National approach) ଏକ ବିଶିଷ୍ଟ ଉଦାହରଣ ଥିଲା। ବ୍ରିଟିଶ କ୍ଷମତାକୁ ଆସିବା ପୂର୍ବରୁ ମୋଗଲମାନଙ୍କର ଅଦାଲତର ଭାଷା (Court Language) ପରସ୍ୟିକ (Persian) ଥିଲା ଏବଂ ମୁସଲମାନମାନେ ଉର୍ଦ୍ଦୁଭାଷା ବ୍ୟବହାର କରୁଥିଲେ ଯାହାକି ପାରସ୍ୟିକ, ଆରବୀୟ ଏବଂ ସଂସ୍କୃତର ଏକ ମିଶ୍ର ଭାଷା ଥିଲା। ଉଚ୍ଚ ଶିକ୍ଷା ଅଧିକ ପରିମାଣରେ ଧର୍ମ ଉପରେ ଆଧାରିତ ଥିଲା ଏବଂ ଆରବୀୟ ଏବଂ ସଂସ୍କୃତର ଜ୍ଞାନ ଉପରେ ଅତ୍ୟଧିକ ଜୋର ଦିଆଯାଉଥିଲା। କମ୍ପାନୀ କଲିକତାର ଏକ ମାଦ୍ରାସା (୧୭୧୮) ଏବଂ ବନରସର ଏକ ସଂସ୍କୃତ ମହାବିଦ୍ୟାଳୟକୁ (୧୭୯୨)କିଛି ଆର୍ଥିକ ଅନୁଦାନ ପ୍ରଦାନ

ଟିପ୍ପଣୀ

କରିଥିଲେ । ୧୭୭୪ରୁ ୧୭୮୫ ପର୍ଯ୍ୟନ୍ତ ଗଭର୍ଣ୍ଣର ଜେନେରାଲ ଥିବା ୱାରେନ୍ ହେଷ୍ଟିଙ୍ଗସ୍ ନିଜେ ସଂସ୍କୃତ ଓ ପାରସ୍ୟିକ ଭାଷା ଶିକ୍ଷା ଲାଭ କରିଥିଲେ ଏବଂ କମ୍ପାନୀର ଅନ୍ୟ କେତେକ ଅଧିକାରୀ ମଧ୍ୟ ପ୍ରଚ୍ୟ ବିଦ୍ୟାର ବିଦ୍ୱାନ ଥିଲେ । ସେମାନଙ୍କ ମଧ୍ୟରୁ ଜଣେ ହେଲେ ସାର ଉଇଲିୟମ୍ ଜୋନସ୍ ଯେ କି ଅନେକ ସଂସ୍କୃତ ସାହିତ୍ୟର ଅନୁବାଦ କରିଥିଲେ ଏବଂ ୧୭୮୫ରେ ଏସିୟାଟିକ ସୋସାଇଟି ଅଫ୍ ବେଙ୍ଗଲ (Asistic Society of Bengal)ର ସ୍ଥାପନା କରିଥିଲେ ।

କିନ୍ତୁ ମ୍ୟାକୁଲେ ଏହି ପ୍ରାଚ୍ୟବାଦର ପ୍ରବଳ ବିରୋଧୀ ଥିଲେ । ସେ କହିଥିଲେ, "ମୋର ବିଶ୍ୱାସ ଅଛି ଯେ ବର୍ତ୍ତମାନର ବ୍ୟବସ୍ଥା ସତ୍ୟକୁ ତ୍ୱରାନ୍ୱିତ କରିବା ପରିବର୍ତ୍ତେ ଅବସାନରତ ଭ୍ରାନ୍ତିକୁ ବିଳମ୍ୱିତ କରିବ । ଆମ୍ଭ ବୋର୍ଡ଼ (Board) ସର୍ବସାଧାରଣଙ୍କ ଧନକୁ ବରବାଦ କରିବା ପାଇଁ ଏପରି ବହି ଛାପିଲେ ଆମ୍ଭେ ଅଯୌକ୍ତିକ ଇତିହାସ, ଅସଙ୍ଗତ ତତ୍ୱ ଜ୍ଞାନ ମୂଳକ ଶାସ୍ତ୍ର (Metaphysics), ଯୁକ୍ତି ବିରୁଦ୍ଧ ପଦାର୍ଥ ବିଜ୍ଞାନ ଏବଂ ସଙ୍ଗତ ବ୍ରହ୍ମତତ୍ୱ (Theology)କୁ କୃତ୍ରିମ ପ୍ରୋତ୍ସାହନ ଦେବୁ । ଉକ୍ତ ପୁସ୍ତକ ଗୁଡ଼ିକର ମୂଲ୍ୟ ଛପା ଯାଇଥିବା ସାଦା କାଗଜର ମୂଲ୍ୟଠାରୁ ମଧ୍ୟ ଖୁବ୍ କମ୍ ହେବ । ସଂସ୍କୃତ ବା ଆରବୀ ଉପରେ ମୋର କୌଣସି ଜ୍ଞାନ ନଥିଲେ ମଧ୍ୟ ମୁଁ ସେଗୁଡ଼ିକର ଏକ ସଠିକ୍ ମୂଲ୍ୟାୟନ କରିଅଛି । ଏକଥା କୌଣସି ବ୍ୟକ୍ତି ଅମାନ୍ୟ କରିପାରିବ ନାହିଁ ଯେ ଏକ ଉତ୍ତମ ୟୁରୋପୀୟ ପୁସ୍ତକାଳୟର ଏକ ବହିଥାକ ସମଗ୍ର ଭାରତ ଏବଂ ଆରବର ସମ୍ପୂର୍ଣ୍ଣ ସାହିତ୍ୟଠାରୁ ମଧ୍ୟ ଅଧିକ ମୂଲ୍ୟବାନ । ସଂସ୍କୃତ ଭାଷାରେ ଲେଖା ଯାଇଥିବା ସମସ୍ତ ପୁସ୍ତକରୁ ସଂଗୃହୀତ ହୋଇଥିବା ଐତିହାସିକ ଘଟଣାବଳୀ ଇଂଲଣ୍ଡର ପ୍ରାଥମିକ ବିଦ୍ୟାଳୟ ପାଇଁ ପ୍ରସ୍ତୁତ ସବୁଠାରୁ କମ୍ ମହତ୍ୱପୂର୍ଣ୍ଣ ଏବଂ ସଂକ୍ଷେପରେ ଲିଖିତ ପୁସ୍ତକଠାରୁ ମଧ୍ୟ କମ୍ ମୂଲ୍ୟବାନ ଅଟେ ।"

ଏହି ସବୁ ଚିନ୍ତାଧାର ପାଇଁ ମ୍ୟାକୁଲେ ବିନାଦ୍ୱିଧାରେ ଇଂରେଜୀ ଶିକ୍ଷା ସପକ୍ଷରେ ମତାମତ ଘୋଷଣା କରିଥିଲେ । ପରନ୍ତୁ ଏହା ସର୍ବସାଧାରଣଙ୍କ ପାଇଁ ପ୍ରଯୁର୍ଯ୍ୟ ନଥିଲା । ଆମ୍ଭର ସୀମିତ ସମ୍ବଳରେ ସମସ୍ତଙ୍କୁ ଶିକ୍ଷିତ କରିବା ଅସମ୍ଭବ ଅଟେ । ବର୍ତ୍ତମାନ ଆମ୍ଭେ ଏପରି ଏକ ବର୍ଗର ସୃଷ୍ଟି ପାଇଁ ସମସ୍ତ ପ୍ରଚେଷ୍ଟା କରିବା ଯେଉଁମାନେ କି ଆମ୍ଭ ଏବଂ ଅନ୍ୟ ଲକ୍ଷାଧିକ ଶାସିତମାନଙ୍କ ମଧ୍ୟରେ ବ୍ୟାଖ୍ୟାକାରୀ (Interpreter) ର କାମ କରିପାରିବେ । ଏହି ବର୍ଗର ଲୋକମାନେ ରକ୍ତ ଏବଂ ବର୍ଣ୍ଣରେ ଭାରତୀୟ କିନ୍ତୁ ରୁଚି, ଅଭିମତ (Opinion), ନୈତିକତା (Morale) ଏବଂ ମାନସିକତାରେ ଇଂରେଜ । ଦେଶର ସ୍ଥାନୀୟ ଭାଷାକୁ ମାର୍ଜିତ କରିବା ପାଇଁ ତଥା ପାଶ୍ଚାତରୁ ଆସିଥିବା ବିଜ୍ଞାନର ଶବ୍ଦାବଳୀ ଦ୍ୱାରା ସମୃଦ୍ଧ କରିବା କାମ ଏହି ବର୍ଗଙ୍କ ଉପରେ ନ୍ୟସ୍ତ କରିବା ପାଇଁ ପ୍ରୟାସ କରାଯାଇଥିଲା । ଏହା ବ୍ୟତୀତ ବିଶାଳ ବର୍ଗର ଜନସଂଖ୍ୟାକୁ ଜ୍ଞାନ ପ୍ରଦାନ ପାଇଁ ଉକ୍ତ ବର୍ଗର ଲୋକଙ୍କୁ ଉପଯୁକ୍ତ ଉପକରଣରେ ସମୃଦ୍ଧ କରିବା ପାଇଁ ଚାହିଁ ଥିଲେ ।

### ୩୨.୨ ପାଠଗତ ପ୍ରଶ୍ନ

ସଠିକ୍ ଉତ୍ତରରେ ଠିକ୍ ଚିହ୍ନ ପ୍ରଦାନ କର ।

୧. ............ପର୍ଯ୍ୟନ୍ତ ପାରସୀକମାନେ ମୋଗଲ ବଂଶର ପ୍ରତୀକ ହିସାବରେ ଥିଲେ (୧୮୩୧, ୧୮୩୩, ୧୮୩୫)



ଟିପ୍ପଣୀ

୨. ଯାହା ଧରାଯାଉ ରାଜଧାନୀ ବମ୍ବେରେ ଦେଖା ଯାଉଥିଲା ସଠିକ୍ ତାହା ......... ଶତାବ୍ଦୀ ପର୍ଯ୍ୟନ୍ତ ପ୍ରାଦେଶିକ ନଗରମାନଙ୍କରେ ଦୃଷ୍ଟି ଗୋଚର ହେଉ ନଥିଲା । (୧୭ଶ, ୧୮ଶ, ୧୯ଶ)

୩. ଭାରତର ଏକ ସ୍ମାରକ ଇତିହାସ ଲେଖିବା ପରେ ଜେମସ୍ ମିଲ ............ ଶତାବ୍ଦୀରେ କମ୍ପାନୀର ଏକ ବରିଷ୍ଠ ଅଧିକାରୀ ହୋଇଥିଲେ । (୧୭୧୯, ୧୮୧୯, ୧୯୧୯)

୪. ସାର ଉଇଲିୟମ ଜୋନ୍ସ ଏକ ବିଶାଳ ମାତ୍ରାରେ ସଂସ୍କୃତ ସାହିତ୍ୟର ଅନୁବାଦ କରିଥିଲେ ଏବଂ ................ରେ ଏସିଆଟିକ୍ ସୋସାଇଟି ଅଫ୍ ବେଙ୍ଗଲର ସ୍ଥାପନା କରିଥିଲେ । (୧୭୮୫, ୧୮୩୫, ୧୮୮୫)

## ୩୨.୫ ଔପନିବେଶିକ ଉପକରଣ

୧୭୮୫ ଖ୍ରୀ:ରେ କର୍ଣ୍ଣୱାଲିସ୍ ଭାରତରେ କମ୍ପାନୀ କର୍ମଚାରୀମାନଙ୍କର ଏକ ପେଷାଦାର ଗୋଷ୍ଠୀ ସୃଷ୍ଟି କରିଥିଲେ । ସେମାନେ ଉନ୍ନତମାନର ଦରମା ସହିତ, ନିୟମିତ ପଦୋନ୍ନତି ତଥା ପେନସନ୍ ପାଇବା ସଙ୍ଗେ ସଙ୍ଗେ ଭାରତରେ କୌଣସି ବ୍ୟକ୍ତିଗତ ବ୍ୟବସାୟ ତଥା ଉତ୍ପାଦନ ସମନ୍ଧୀୟ ସୁବିଧା ସୁଯୋଗରୁ ବଞ୍ଚିତ ହୋଇଥିଲେ । ସମସ୍ତ ଉଚ୍ଚସ୍ତରୀୟ ପଦଗୁଡ଼ିକ ବ୍ରିଟିଶମାନଙ୍କ ପାଇଁ ଆରକ୍ଷୀତ ଥିଲା ଏବଂ ଭାରତୀୟମାନେ ଏଥିରୁ ବହିର୍ଭୁତ ହୋଇଥିଲେ । କର୍ଣ୍ଣୱାଲିସ୍ ବ୍ରିଟିଶ ନ୍ୟାୟାଧୀଶଙ୍କୁ ନିଯୁକ୍ତି ପ୍ରଦାନ କରିବା ସଙ୍ଗେ ସଙ୍ଗେ ବଙ୍ଗଳାର ପ୍ରତ୍ୟେକ ଜିଲ୍ଲାରେ ଇଂରାଜୀ ଅଧିକାରୀଙ୍କୁ ରାଜସ୍ୱ କଲେକ୍ଟର ତଥା ମାଜିଷ୍ଟ୍ରେଟ ରୂପେ ଅବସ୍ଥାପିତ କରିଥିଲେ । ୧୮୦୬ ମସିହାଠାରୁ ନିଜର ନବନିଯୁକ୍ତ ଯୁବକମାନଙ୍କୁ ଲଣ୍ଡନ ନିକଟରେ ଥିବା ହେଲିବରୀ- କଲେଜରେ ପ୍ରଶିକ୍ଷଣ ଦିଆ ଯାଉଥିଲା । ନିଯୁକ୍ତି ଏବେ ସୁଦ୍ଧା ଅନୁଗ୍ରହ ମାଧ୍ୟମରେ କରାଯାଉଥିଲା ଏବଂ ୧୮୩୩ ପରେ କମ୍ପାନୀ ନିଜର ମନୋନୀତ ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରତିଯୋଗୀତା ପରୀକ୍ଷା ମାଧ୍ୟମରେ ନିଯୁକ୍ତି କରିବା ଆରମ୍ଭ କରିଥିଲେ । ୧୮୫୩ ପରେ ନିଯୁକ୍ତି ପୁରାପୁରି ଯୋଗ୍ୟତା ଭିତ୍ତିରେ ହେଉଥିଲା ଏବଂ ପରୀକ୍ଷା ଦେବା ପାଇଁ କେବଳ ବ୍ରିଟିଶ ପ୍ରାର୍ଥୀମାନଙ୍କୁ ଅଧିକାର ପ୍ରଦାନ କରାଯାଇଥିଲା । ପରୀକ୍ଷା ପ୍ରଣାଳୀ ଚୀନରେ ପ୍ରଚଳିତ ପ୍ରଣାଳୀ ଦ୍ୱାରା ପ୍ରଭାବିତ ହୋଇଥିଲା । ଯାହାକି ୨୦୦୦ ବର୍ଷ ଧରି ଖୁବ୍ ଭଲ ଭାବରେ ପ୍ରଚଳିତ ଥିଲା ଏବଂ ଶାସ୍ତ୍ରୀୟ ଶିକ୍ଷା ତଥା ସାହିତ୍ୟିକ ସକ୍ଷମତା ଉପରେ ସମାନ ଭାବରେ ଗୁରୁତ୍ୱ ଦେଇଥିଲା । ଭାରତୀୟ ସିଭିଲ ସର୍ଭିସ (Indian Civil Service) ରେ (୧) ଅତ୍ୟଧିକ ବେତନ ମିଳିବା ସହିତ (୨) ରାଜନୈତିକ କ୍ଷମତାର ଅଧିକାରୀ ହୋଇଥିଲେ ଯାହାକି ଇଂଲଣ୍ଡର ଅମଲାତନ୍ତ୍ର କର୍ମଚାରୀମାନେ ପ୍ରାପ୍ତ ହୋଇ ନଥିଲେ ।

୧୮୨୯ରେ ବ୍ରିଟିଶ ଅଧିନରେ ଥିବା ସାରା ଭାରତରେ ଛୋଟ ଛୋଟ ଜିଲ୍ଲା ସ୍ଥାପନ କରି ଉକ୍ତ ବ୍ୟବସ୍ଥାକୁ ଅଧିକ ଶକ୍ତିଶାଳୀ କରାଯାଇଥିଲା । ଏଗୁଡ଼ିକୁ ଜଣେ ଜଣେ ବ୍ରିଟିଶ ଅଧିକାରୀ ପ୍ରଭାବଶାଳୀ ଢ଼ଙ୍ଗରେ ନିୟନ୍ତ୍ରିତ କରି ପାରୁଥିଲେ । ସେ ଅଧିକାରୀ ଜଣକ ରାଜସ୍ୱ କଲେକ୍ଟର, ନ୍ୟାୟାଧୀଶ ତଥା ପୋଲିସ ବିଭାଗର ମୁଖ୍ୟ ହିସାବରେ କାର୍ଯ୍ୟ କରି (ଯାହାକି ମୋଗଲ ଶାସନ ବ୍ୟବସ୍ଥାରେ ଅଲଗା ହୋଇଥିଲା) ନିଜେ ସମ୍ପୂର୍ଣ୍ଣ ଭାବେ ନିରଙ୍କୁଶ କ୍ଷମତାର ପ୍ରୟୋଗ କରି ପାରୁଥିଲେ । ପରବର୍ତ୍ତି କାଳରେ ଉକ୍ତ ବ୍ୟବସ୍ଥା ସମ୍ପୂର୍ଣ୍ଣ ବ୍ରିଟିଶ ସାମ୍ରାଜ୍ୟର ପ୍ରଶାସନିକ ବ୍ୟବସ୍ଥାର

କେନ୍ଦ୍ରସ୍ଥଳ ହୋଇଥିଲା । ନାଗରିକ ସେବା (Civil Service) ଅନ୍ତିମ ଭାବରେ ବ୍ରିଟିଶ ପାର୍ଲାମେଣ୍ଟର ନିୟନ୍ତ୍ରଣରେ ଥିଲା ଏବଂ ଭାରତରେ ବ୍ରିଟିଶ ସମୁଦାୟ (British Community) କଡ଼ାକଡ଼ି ଭାବେ ପାରସ୍ପରିକ ସତର୍କ ଦୃଷ୍ଟିରେ ଥିବାରୁ ପ୍ରଶାସନ ପ୍ରକୃତରେ ଦୁର୍ନିତିଗ୍ରସ୍ତ ହୋଇ ନଥିଲା ।



ଚିତ୍ର ୩୨.୨ ଷ୍ଟିମ୍ ଇଞ୍ଜିନ୍

କମ୍ପାନୀର ସେନାବାହିନୀ ୨୦୦୦୦ରୁ ୩୦୦୦୦ ବ୍ରିଟିଶ ଅଧିକାରୀ ଏବଂ ସୈନିକଙ୍କ ସହିତ ଏକ ବେତନଭୋଗୀ ସ୍ଥାନୀୟ ସେନା ଥିଲା । ମୁଖ୍ୟତଃ ସାରା ଏସିଆରେ ଏହା ସବୁଠାରୁ ଦକ୍ଷ ତଥା ସର୍ବାଧୁନିକ ସେନା ଥିଲା । ୧୮୫୭ ବିଦ୍ରୋହର ପରେ ପରେ ବ୍ରିଟିଶ ସୈନ୍ୟ ଦଳର ଆକାର ସମଗ୍ର ସୈନ୍ୟବାହିନୀର ଏକ ତୃତୀୟାଂଶ କରା ଯାଇଥିଲା । ୧୯୨୦ ଦଶକରେ ଅଳ୍ପ କିଛି ଭାରତୀୟମାନଙ୍କୁ ନିଯୁକ୍ତି ଦେବା ପର୍ଯ୍ୟନ୍ତ ସମସ୍ତ ଅଫିସରମାନେ ବ୍ରିଟିଶ ନାଗରିକ ଥିଲେ । ସାଧାରଣ ଭାବେ ସେନାବାହିନୀର ସଂଖ୍ୟା ପ୍ରାୟ ୨,୦୦,୦୦୦୦ ଥିଲା । ଉକ୍ତ ସେନା ମୋଗଲ ସେନା ତୁଳନାରେ ଅତ୍ୟନ୍ତ କମ୍ ସଂଖ୍ୟକ ଥିଲା ମାତ୍ର ଉତ୍ତମ ପ୍ରଶିକ୍ଷଣ ତଥା ଉପକରଣରେ ସଜ୍ଜିତ ହୋଇଥିଲେ । ଏହା ବ୍ୟତୀତ ରେଳ ବ୍ୟବସ୍ଥା (ଯାହାକି କିୟଦାଂଶରେ ସୈନ୍ୟବାହିନୀ ପାଇଁ ନିର୍ମିତ ହୋଇଥିଲା) ଏହାକୁ ଅତ୍ୟଧିକ ଗତିଶୀଳତା ଅଧିକ ସୁବିଧା (Logistics) ପ୍ରଦାନ କରିବା ସହିତ ଗୁପ୍ତବାର୍ତ୍ତା ପ୍ରଦାନ କରିଥିଲା ।

୧୯୨୦ ଦଶକ ପର୍ଯ୍ୟନ୍ତ ପ୍ରଶାସନର ଉଚ୍ଚ ଶ୍ରେଣୀରେ ସାଧାରଣତଃ ବ୍ରିଟିଶମାନେ ନିୟୋଜିତ ହୋଇଥିଲେ ଯେତେବେଳେ ଇଣ୍ଡିଆନ୍ ସିଭିଲ୍ ସର୍ଭିସ୍ (Indian Civil Service) ପରୀକ୍ଷା ଇଂଲଣ୍ଡରେ ହେବା ସମୟରେ ମଧ୍ୟ ଭାରତରେ ଅନୁଷ୍ଠିତ ହୋଇଥିଲା । ଏହା ବ୍ୟତୀତ ଅନ୍ୟାନ୍ୟ ଅମଲାତାନ୍ତ୍ରିକ ପଦାନୁକ୍ରମର (hierarchy) ଉଚ୍ଚତର ପଦବୀରେ ବ୍ରିଟିଶମାନେ ହିଁ ଥିଲେ । ସେଗୁଡ଼ିକ ହେଲା ରାଜସ୍ୱ, ନ୍ୟାୟ, ପୁଲିସ, ଶିକ୍ଷା, ଚିକିତ୍ସା, ପୂର୍ତ୍ତ ବିଭାଗ (Public work), ଇଞ୍ଜିନିୟରିଂ, ଡ଼ାକ ତଥା ରେଳ ସେବା ସହିତ ପ୍ରାନ୍ତିୟ ସିଭିଲ ସେବା (Provincial Civil Service) । ଏହିପରି ଭାବେ ଭାରତ ବ୍ରିଟିଶ ମଧ୍ୟ ଏବଂ ଉଚ୍ଚତର ବର୍ଗର ଲୋକଙ୍କର ଏକ ବୃହତ ଅଂଶକୁ (ମୁଖ୍ୟତଃ ସ୍କଟଲାଣ୍ଡ ଏବଂ ଆୟାରଲାଣ୍ଡର ବାହ୍ୟ ସଦସ୍ୟଙ୍କ ପାଇଁ) ଅତ୍ୟଧିକ ବେତନ ଥିବା ପେସା (Career) ପ୍ରଦାନ କରିଥିଲା ।

୧୮୨୦ ଦଶକରୁ ୧୮୫୦ ଦଶକ ମଧ୍ୟରେ ବ୍ରିଟିଶମାନେ ଭାରତୀୟ ସାମାଜିକ ସଂସ୍ଥାଗୁଡ଼ିକୁ ବଦଳାଇବା ପାଇଁ ତଥା ଭାରତକୁ ପଶ୍ଚିମୀକରଣ କରିବା ପାଇଁ ପ୍ରବଳ ଲାଳସା ଦେଖାଇଥିଲେ । ଏମାନେ ଶିଶୁହତ୍ୟା ତଥା ମୃତ ସ୍ୱାମୀ ଚିତାଗ୍ନିରେ ଝାସ ଦେଉଥିବା ସତୀଦାହ ପ୍ରଥାକୁ ଉଠାଇ

ଟିପ୍ପଣୀ

ଦେଇଥିଲେ । ସେମାନେ କ୍ରୀତଦାସ ପ୍ରଥା (Slavery) ତଥା ରାଜମାର୍ଗରେ ଲୁଟ୍ ତରାଜ କରୁଥିବା ଠଗମାନଙ୍କୁ ଉତ୍ପାଟନ କରିଥିଲେ । ଏହା ବ୍ୟତୀତ ବିଧବା ବିବାହକୁ ବୈଧତା ପ୍ରଦାନ କରିବା ସଙ୍ଗେ ସଙ୍ଗେ ଧର୍ମ ପରିବର୍ତ୍ତନ କରି ଖ୍ରୀଷ୍ଟିଆନ ହୋଇଥିବା ହିନ୍ଦୁମାନଙ୍କୁ ନିଜ ପୈତୃକ ସମ୍ପତ୍ତିର ଭାଗିଦାର ହେବା ପାଇଁ ଅନୁମତି ପ୍ରଦାନ କରିଥିଲେ । ସେମାନେ ବ୍ରିଟିଶ ଆଇନ ଉପରେ ଆଧାରିତ ଏକ ଦଣ୍ଡ-ସଂହିତା ପ୍ରଚଳନ କରିଥିଲେ (ଏହା ପ୍ରକୃତରେ ୧୮୬୧ରେ ପ୍ରଚଳିତ ହୋଇଥିଲା)ଯାହାକି ସମାନତାର କିଛି ଚିନ୍ତାଧାରା ମନୁଷ୍ୟ ମନରେ ନିବଦ୍ଧ କରିଥିଲା । ଉକ୍ତ ନୂତନ ଆଇନ ଅନୁସାରେ ବ୍ରାହ୍ମଣ ଏବଂ ଶୁଦ୍ର ସମାନ ଅପରାଧ ପାଇଁ ସମାନ ଦଣ୍ଡର ଭାଗୀଦାର ହେଲେ । ଏହି ପ୍ରକାର ଆଇନର ରାଜ ଏବଂ ଆଇନ ଆଗରେ ସମସ୍ତେ ସମାନ ଏବେ ନୂଆ ମାନଦଣ୍ଡ ହୋଇଥିଲା ।

୧୯୫୭ ପର୍ଯ୍ୟନ୍ତ ଏହା ବିଶ୍ୱାସ ଯୋଗ୍ୟ ହୋଇଥିଲା ଯେ ଇଂରେଜମାନେ ଆସ୍ତେ ଆସ୍ତେ ଭାରତୀୟ ପରମ୍ପରାକୁ ନଷ୍ଟ କରି ଦେଶକୁ ପଶ୍ଚିମିକରଣ କରିଦେବେ । କିନ୍ତୁ ପଶ୍ଚିମିକରଣ ପାଇଁ ଅତି ସକ୍ରିୟ ନୀତି ଏବଂ ଦେଶୀୟ ରାଜ୍ୟଗୁଡ଼ିକୁ ଅଧିକାର କରି ବ୍ରିଟିଶ ସାମ୍ରାଜ୍ୟର ବିସ୍ତାର କରିବା ଦ୍ୱାରା ରାଜ୍ୟଗୁଡ଼ିକର କୌଣସି ଉତ୍ତରାଧିକାରୀ ନଥିଲେ । ଏହା ଉଭୟ ହିନ୍ଦୁ ଏବଂ ମୁସଲମାନ ସମ୍ପ୍ରଦାୟକୁ ଉତ୍ତେଜିତ କରି ୧୯୫୭ର ସିପାହୀ ବିଦ୍ରୋହରେ ସାମିଲ କରିଥିଲା । ଯଦିଓ ନିଷ୍ପାପର ଭାରତୀୟ ସୈନିକ ତଥା ନିକଟ ଅତୀତରେ ପରାଜୟ ବରଣ କରିଥିବା ଶିଖ ମାନଙ୍କ ମିଳିତ ଉଦ୍ୟମରେ ଉକ୍ତ ବିଦ୍ରୋହକୁ ବଳପୂର୍ବକ ଦମନ କରାଯାଇଥିଲେ ତଥାପି ଭାରତୀୟ ସଂସ୍ଥା ଓ ସମାଜ ପ୍ରତି ବ୍ରିଟିଶ ନୀତିଗୁଡ଼ିକ ଅତ୍ୟନ୍ତ ସଂସ୍କାର ବିରୋଧୀ ହୋଇଥିଲା । ଏହାପରେ ଭାରତ ବ୍ରିଟିଶ ରାଜତନ୍ତ୍ର ଦ୍ୱାରା ସିଧା ସଳଖ ଭାବରେ ଶାସିତ ହେଲା ତଥା ଇଷ୍ଟ ଇଣ୍ଡିଆ କମ୍ପାନୀକୁ ଭଙ୍ଗ କରାଗଲା । ଭାରତୀୟ ସିଭିଲ୍ ସେବା ଇଷ୍ଟ ଇଣ୍ଡିଆ କମ୍ପାନୀ ତୁଳନାରେ ନୂତନ ବିଚାରଧାରା ସମ୍ପନ୍ନ ଅଳ୍ପ ସଂଖ୍ୟକ ଲୋକଙ୍କୁ ଆକର୍ଷଣ କଲା ଏବଂ ଲଣ୍ଡନଠାରୁ ଏହା ଉପରେ କଡ଼ା ନିୟନ୍ତ୍ରଣ ସ୍ଥାପନ କରାଗଲା ।

ବ୍ରିଟିଶ ଅବଶିଷ୍ଟ ଦେଶୀୟ ରାଜକୁମାରଙ୍କ ସହିତ ଏକ ଚୁକ୍ତି କରି ନୂତନ ଅଞ୍ଚଳ ଅଧିକାର କରିବାରୁ ବିରତ ହୋଇଥିଲେ । ନିଜ ଶାସନର ଶେଷ ପର୍ଯ୍ୟନ୍ତ ପ୍ରାୟ ଭାରତର ଜନ ସଂଖ୍ୟାର ପ୍ରାୟ ଏକ ଚତୁର୍ଥାଂଶ ଅର୍ଦ୍ଧ-ସ୍ୱୟଂଶାସିତ ଦେଶୀୟ ରାଜ୍ୟରେ ରହିଥିଲେ । ଏଗୁଡ଼ିକରେ ବ୍ରିଟିଶ ରେସିଡ଼େଣ୍ଟସ୍ ଥିବା ସତ୍ୱେ ଆଭ୍ୟନ୍ତରୀଣ ନୀତିରେ ପ୍ରାୟ ସ୍ୱାଧୀନ ଥିଲେ ଏହାଦ୍ୱାରା ପାଶ୍ଚାତ୍ୟକରଣ ପ୍ରଚେଷ୍ଟାରେ ଗତିରୋଧ ହୋଇଥିଲା ।

ଏଠାରେ ବିକଶିତ ହୋଇଥିବା ଶିକ୍ଷା ବ୍ୟବସ୍ଥା ବ୍ରିଟିଶ ଶିକ୍ଷା ପ୍ରଣାଳୀର ଫିକା ପ୍ରତିବିମ୍ବ ଥିଲା । ୧୮୫୭ରେ କଲିକତା. ବମ୍ବେ ଏବଂ ମାଡ୍ରାସରେ ତିନୋଟି ବିଶ୍ୱବିଦ୍ୟାଳୟ ସ୍ଥାପିତ ହୋଇଥିଲା । ଏଗୁଡ଼ିକ କେବଳ ପରୀକ୍ଷା ପରିଚାଳନା କରୁଥିଲେ । ଏଣୁ ଏଠାରେ କୌଣସି ପ୍ରକାର ପାଠ ପଢ଼ାଇବା କାର୍ଯ୍ୟକ୍ରମ ନଥିଲା । ଉଚ୍ଚ ଶିକ୍ଷା ଅନୁବନ୍ଧିତ ମହାବିଦ୍ୟାଳୟ ଦ୍ୱାରା ପରିଚାଳିତ ହେଉଥିଲା । ଏଠାରେ ଦୁଇବର୍ଷିଆ ବି.ଏ. ପାଠ୍ୟକ୍ରମ ପ୍ରଦାନ କରାଯାଉଥିଲା ଯେଉଁଥିରେ କି ପାଠ୍ୟକ୍ରମର ମୁଖସ୍ତ ତଥା ପରୀକ୍ଷା ଦେବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଥିଲା । ଅଧାରୁ ପାଠ ପଢ଼ା ଛାଡ଼ି ଦେବା ଛାତ୍ରମାନଙ୍କ ସଂଖ୍ୟା ଅତ୍ୟଧିକ ଥିଲା । ବିଶ୍ଳେଷଣ କ୍ଷମତା ଏବଂ ସ୍ୱାଧୀନଭାବେ ଚିନ୍ତାଧାରାର ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇ ନଥିଲା । ସେମାନେ ଏପରି ସ୍ନାତକମାନଙ୍କୁ ତିଆରି କରୁଥିଲେ ଯେ ସେମାନେ ଇଂରାଜୀରେ ଅର୍ଦ୍ଧପକ୍ୱ ଅବସ୍ଥାରେ ରହି

ପାଶ୍ଚାତ୍ୟକରଣ ଦ୍ୱାରା ଏଭଳି ଅନୁପ୍ରାଣିତ ହୋଇଥିଲେ ଯେ ଏମାନେ ନିଜ ନିଜ ସଂସ୍କୃତିଠାରୁ ଦୂରେଇ ଯାଇଥିଲେ । ୧୯୨୦ ଦଶକ ପର୍ଯ୍ୟନ୍ତ ଭାରତୀୟ ବିଶ୍ୱବିଦ୍ୟାଳୟଗୁଡ଼ିକ ଶିକ୍ଷା ପ୍ରଦାନ କାର୍ଯ୍ୟର ଆରମ୍ଭ କରି ନଥିଲେ ଏବଂ ଏହାପରେ କେବଳ ଏମ୍.ଏ. ବିଦ୍ୟାର୍ଥୀମାନଙ୍କୁ ଶିକ୍ଷା ଦାନର ବ୍ୟବସ୍ଥା କରାଯାଇଥିଲା । ଏହା ବ୍ୟତୀତ ଭାରତୀୟ ଶିକ୍ଷା ମୁଖ୍ୟତ ସ୍ୱାକ୍ଷରତା ପ୍ରଦାନ ପାଇଁ ଉଦ୍ଦିଷ୍ଟ ଥିଲା ଏବଂ ଏଥିରେ ବୈଷୟିକ ପ୍ରଶିକ୍ଷଣର ବ୍ୟବସ୍ଥା ଯେକୌଣସି ୟୁରୋପୀୟ ଦେଶ ତୁଳନାରେ ବହୁତ କମ୍ ଥିଲା । ଉନବିଂଶ ଶତାବ୍ଦୀରେ ନାରୀ ଶିକ୍ଷା ସମ୍ପୂର୍ଣ୍ଣ ଭାବେ ଉପେକ୍ଷିତ ହୋଇ ରହିଥିଲା । ଉଚ୍ଚ ଶିକ୍ଷା ଇଂରାଜୀ ଭାଷା ମାଧ୍ୟମରେ ପ୍ରଦାନ କରା ଯାଉଥିବାରୁ ପାଶ୍ଚାତ ସାହିତ୍ୟକୁ ଆଞ୍ଚଳିକ ଭାଷାରେ ଅନୁବାଦ କରିବା ପାଇଁ କୌଣସି ସରକାରୀ ପ୍ରଚେଷ୍ଟା ହୋଇ ନଥିଲା । ଏଥି ସହିତ ଭାରତୀୟ ଲିପିଗୁଡ଼ିକୁ ସମାନ କରିବା (Standardise) ପାଇଁ ମଧ୍ୟ ପ୍ରଚେଷ୍ଟା ହୋଇ ନଥିଲା । ଉକ୍ତ ଲିପିମାନଙ୍କର ବିବିଧତା ଶିକ୍ଷିତ ଭାରତୀୟମାନଙ୍କ ମଧ୍ୟରେ ବହୁ ଭାଷାବାଦର ଏକ ବଡ଼ ବାଧା ପ୍ରଦାନକାରୀ ସାଜିଥିଲା ।

ପ୍ରାଥମିକ ଶିକ୍ଷାକୁ ସରକାର ନିଜର ଗୁରୁ ଦାୟିତ୍ୱ ହିସାବରେ ଗ୍ରହଣ କରି ନଥିଲେ ଏବଂ ଏହା ମୁଖ୍ୟତଃ ଦୁର୍ବଳ ସ୍ଥାନୀୟ ଅଧିକାରୀଙ୍କ ଆର୍ଥିକ ଅନୁଦାନ ଉପରେ ନିର୍ଭରଶୀଳ ଥିଲା । ଏହା ଫଳରେ ଜନସଂଖ୍ୟାର ଏକ ବୃହତ୍ ଅଂଶ ଶିକ୍ଷା ଲାଭରୁ ବଞ୍ଚିତ ହୋଇଥିଲେ ଏବଂ ୧୯୪୭ରେ ସ୍ୱାଧୀନତା ଲାଭ ବେଳକୁ ଜନସଂଖ୍ୟାର ୮୮ ପ୍ରତିଶତ ଲୋକ ସ୍ୱାକ୍ଷର ନ ଥିଲେ । ୧୯୩୦ ଦଶକରୁ ଏହାର ପ୍ରଗତିର ବେଗ ଦୃଢ଼ ହେବା ସତ୍ତ୍ୱେ ସ୍ୱାଧୀନତା ପାଇବା ବେଳକୁ ଦେଶର ପିଲାମାନଙ୍କ ମଧ୍ୟରୁ ମାତ୍ର ଏକ ପଞ୍ଚମାଂସ ପ୍ରାଥମିକ ଶିକ୍ଷାଲାଭ କରୁଥିଲେ । ସାମାଜିକ ଗତିଶୀଳତାକୁ ପ୍ରୋତ୍ସାହିତ କରିବା ପାଇଁ, ଧାର୍ମିକ ଅନ୍ଧ ବିଶ୍ୱାସକୁ ଦୂର କରିବା ପାଇଁ, ଉତ୍ପାଦନର ବୃଦ୍ଧି ପାଇଁ ତଥା ନାରୀମାନଙ୍କ ସ୍ଥିତିର ଉନ୍ନତି ପାଇଁ ଶିକ୍ଷା ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଏପରି ପ୍ରୟୋଗ କରିବା ପରିବର୍ତ୍ତେ ଏହାକୁ ଏକ କ୍ଷୁଦ୍ର ଆଭିଜାତ୍ୟ ବର୍ଗକୁ ବ୍ରିଟିଶ୍‌କୁ ଏପରି ପ୍ରୟୋଗ କରିବା ପରିବର୍ତ୍ତେ ଏହାକୁ ଏକ କ୍ଷୁଦ୍ର ଆଭିଜାତ୍ୟ ବର୍ଗକୁ ବ୍ରିଟିଶ୍‌କୁ ଅନୁକରଣ କରିବା ପାଇଁ ତଥା ଏକ ଅପେକ୍ଷାକୃତ ବଡ଼ ସଂଖ୍ୟକକୁ ସରକାରୀ କିରାଣୀ ରୂପେ ଅଧିଷ୍ଠିତ କରିବା ପାଇଁ ପ୍ରୟୋଗ କରାଯାଇଥିଲା ।

## ୩୨.୬ ଔପନିବେଶୀକ ରାଷ୍ଟ୍ରରେ ପରିବର୍ତ୍ତନ

ବ୍ରିଟିଶ୍‌ମାନେ ଭାରତୀୟ ସମାଜରେ ଯେଉଁ ମୁଖ୍ୟ ପରିବର୍ତ୍ତନ ଆଣିଥିଲେ ତାହା ଉଚ୍ଚବର୍ଗର ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଥିଲା । ସେମାନେ ଅପବ୍ୟୟକାରୀ ସମ୍ଭ୍ରାନ୍ତ ନେତାମାନଙ୍କୁ ଏକ ବାସ୍ତବ ପ୍ରୟୋଗବିତମାନଙ୍କ ଦ୍ୱାରା ପରିକଳ୍ପିତ ଏକ ଅମଲାତାନ୍ତ୍ରୀକ-ସୈନିକ-ସଂସ୍ଥାପନ ଦ୍ୱାରା ବଦଳାଇ ଦିଆ ଯାଇଥିଲା ଯାହାକି ଆଇନ ଶୃଙ୍ଖଳା ପରିସ୍ଥିତି ବଜାୟ ରଖିବା ପାଇଁ ଅତି ଦକ୍ଷ ଥିଲା । ଉଚ୍ଚ ସରକାରୀ ଦକ୍ଷତା ଦ୍ୱାରା ରାଜକୋଷ ଉପରେ ବୋଝ କମି ଯାଇଥିଲା ଏବଂ ରାଷ୍ଟ୍ରୀୟ ଉତ୍ପାଦନର ଏକ ବୃହତ୍ତ ଅଂଶ ଜମିଦାର, ପୁଞ୍ଜିପତି ଏବଂ ନୂତନ ପ୍ରଫେସନାଲ/ବୃତ୍ତି ଅବଲମ୍ବନକାରୀ ବର୍ଗର ଲୋକଙ୍କ ପାଇଁ ଉପଲବ୍ଧ ହୋଇଥିଲା । ଉକ୍ତ ଉଚ୍ଚବର୍ଗର ଆୟର କିଛି ଅଂଶ ବ୍ରିଟେନକୁ ଯାଉଥିବା ବେଳେ ଅଧିକାଂଶ ଭାରତରେ ଖର୍ଚ୍ଚ ହେଉଥିଲା । କିନ୍ତୁ ଉପଭୋଗ ଶୈଳୀରେ ଏକ ବିଶାଳ ପରିବର୍ତ୍ତନ ଦେଖା ଯାଇଥିଲା ଏବଂ ନୂତନ ଉଚ୍ଚବର୍ଗ ଏବେ ରାଣୀହଂସପୁରି (harem), ପ୍ରାସାଦ ଆଦି ରଖୁ ନଥିଲେ ଅଥବା ଉତ୍କୃଷ୍ଟ ମୁସ୍‌ଲିନ୍ ପୋଷାକ ପରିଧାନ ଏବଂ ସୁସଜ୍ଜିତ ଖଣ୍ଡା ଆଦି ଧାରଣ କରୁନଥିଲେ । ଏହାଦ୍ୱାରା ପରମ୍ପରା ଗତ ହସ୍ତଶିଳ୍ପ କ୍ଷେତ୍ରରେ କିଛି ଦୁଃଖଦାୟକ ପରିସ୍ଥିତି ସୃଷ୍ଟି ହୋଇଥିଲା । ସରକାର ନିଜେ ରେଲୱେ ଏବଂ

ଜଳସେଚନରେ ପୁଞ୍ଜି ନିବେଶ କରିବାରୁ ଉଭୟ କୃଷି ଏବଂ ଉଦ୍ୟୋଗରେ ଉତ୍ପାଦନ ବୃଦ୍ଧି ଘଟିଥିଲା । ଇଂରେଜୀ ସ୍କୁଲ ଏବଂ ଭାଷା ବ୍ୟବହାର କରି ଏକ ଶିକ୍ଷିତ ଗୋଷ୍ଠୀ ନୂତନ ପାଶ୍ଚାତ ଜୀବନ-ଶୈଳୀ ସ୍ଥାପନ କରିଥିଲେ । ଏମାନଙ୍କ ପାଇଁ ସହର ସୀମାବର୍ତ୍ତି ଅଞ୍ଚଳରେ ନିବାସ ସ୍ଥାନ ଏବଂ ନଗରୀ ସୁବିଧା ସୁଯୋଗ ସହିତ ନୂତନ ନଗରମାନ ସ୍ଥାପନ କରାଯାଇଥିଲା । ଓକିଲ, ଡ଼ାକ୍ତର, ଶିକ୍ଷକ, ପତ୍ରିକାର ଏବଂ ବ୍ୟବସାୟୀ ଇତ୍ୟାଦି ନୂତନ ଶିକ୍ଷିତ ବୃତ୍ତିଧାରୀମାନେ ଏମାନଙ୍କର ଜୀବନ ଶୈଳୀକୁ ଅନୁକରଣ କରିବାରେ ଲାଗିଲେ । ଉକ୍ତ ଗୋଷ୍ଠୀ ମଧ୍ୟରେ ପୁରାତନ ଜାତିପ୍ରଥା ଫିକା ପଡିବା ସହିତ ସାମାଜିକ ଗତିଶୀଳତା ବୃଦ୍ଧି ପାଇଥିଲା ।

ଦେଶର ସର୍ବସାଧାରଣଙ୍କ ଜୀବନ ଶୈଳୀ ଉପରେ ଔପନିବେଶିକ ସରକାର ସେପରିଭାବେ ବିଶେଷ କିଛି ପରିବର୍ତ୍ତନର ପ୍ରଭାବ ବିସ୍ତାର କରି ପାରିନଥିଲା । ବ୍ରିଟିଶ ଶିକ୍ଷାର ପ୍ରସାର ଖୁବ୍ ସୀମିତ ଥିଲା । ଗ୍ରାମୀଣ ସମାଜ, ଜାତି ପ୍ରଥା, ଛୁଆଁ ଅଛୁଆଁ ଭାବ, ଯୌଥ ପାରିବାରିକ ବ୍ୟବସ୍ଥା ତଥା କୃଷି ଉତ୍ପାଦନର ପ୍ରକ୍ରୀୟାରେ ସେଭଳି କୌଣସି ପରିବର୍ତ୍ତନ ଦେଖା ଦେଇ ନ ଥିଲା । ତେଣୁ ଆର୍ଥିକ ତଥା ସାମାଜିକ ବିକାଶରେ ଇଂରେଜ ଶାସନ ବିଶେଷ ପ୍ରଭାବ ପକାଇ ପାରି ନ ଥିଲା । ସମ୍ପୂର୍ଣ୍ଣ ଉତ୍ପାଦନ ତଥା ଜନ ସଂଖ୍ୟାରେ ବହୁ ମାତ୍ରାରେ ବୃଦ୍ଧି ଘଟିଥିଲେ ମଧ୍ୟ ବ୍ୟକ୍ତିଗତ ଆୟ (Percapita income) ରେ ଖୁବ୍ କମ୍ ଅଥବା ଅତି ନଗଣ୍ୟ ବୃଦ୍ଧି ଘଟିଥିଲା ।

### ୩୨.୩ ପାଠଗତ ପ୍ରଶ୍ନ

ଶୂନ୍ୟସ୍ଥାନ ପୂରଣ କର ।

୧. ସମସ୍ତ ଉଚ୍ଚ ସ୍ତରୀୟ ପଦଗୁଡ଼ିକ ବ୍ରିଟିଶମାନଙ୍କ ପାଇଁ ଆରକ୍ଷୀତ ଥିଲା ଏବଂ ଭାରତୀୟମାନେ ଏମାନଙ୍କ ଠାରୁ ................ ଥିଲେ ।

୨. ସିଭିଲ୍ ସେବା ଅନ୍ତତଃ ବ୍ରିଟିସ୍ .............. ର ନିୟନ୍ତ୍ରଣର ଅଧିନରେ ଥିଲା ଏବଂ ଭାରତରେ ବ୍ରିଟିସ୍ ସମୁଦାୟ ପରସ୍ପରର କଡ଼ା ନଜରର ଅଧିନରେ ଥିଲେ । ଏଣୁ ପ୍ରଶାସନ ................ ଥିଲା ।

୩. ବ୍ରିଟିସ୍ ସେନା ମୋଗଲ ସେନାଠାରୁ ଅତ୍ୟଧିକ.............. କିନ୍ତୁ ଉତ୍ତମ ପ୍ରଶିକ୍ଷିତ ଏବଂ..............ଥିଲା ।

୪. ...........ସିଧା ଦାୟୀତ୍ୱ ବହନ କଲେ ଏବଂ ଇଷ୍ଟ ଇଣ୍ଡିଆ କମ୍ପାନୀକୁ ................ କରି ଦିଆଗଲା ।

ଭାରତରେ ବ୍ରିଟଶ୍ ସାମ୍ରାଜ୍ୟ ନିଜ ଚେଷ୍ଟାରେ ବିକଶିତ ହୋଇଥିଲା । ଇଂରେଜମାନେ ନୀଚ ବର୍ଗର ଲୋକଙ୍କ ସହିତ ବିବାହ ଅଥବା ଖିଆପିଆ କରୁନଥିଲେ । ରାଜ୍ୟଜୟ ଏବଂ କୁଟନୈତିକ ସମ୍ପର୍କ ବ୍ୟତିତ ନୂତନ ସଂସ୍କାର ବିକାଶ ଜରିଆରେ ରାଷ୍ଟ୍ରକୁ ବଜାୟରଖିଥିଲେ । ଏହା ଦ୍ୱାରା ସାହେବମାନେ ଦେଶୀୟ ଲୋକଙ୍କ ଠାରୁ ଅଲଗା ହୋଇ ରହିଥିଲେ । ଆଂଗ୍ଲୋ-ଭାରତୀୟ କ୍ରିଅଲ (Creole) ବର୍ଗ ଭାରତୀୟ ଅଥବା ସ୍ଥାନୀୟ ବ୍ରିଟିସ୍ ସମାଜ ସହିତ ମିଶି ନପାରି ପରିତ୍ୟକ୍ତ ଅବସ୍ଥାରେ ରହିଥିଲେ । ବ୍ରିଟିଶମାନେ ସେମାନଙ୍କର କ୍ଲବ ଏବଂ ବଙ୍ଗଳା ଗୁଡିକୁ କ୍ୟାଣ୍ଟନମେଣ୍ଟ (Cantoment) ଏବଂ ସିଭିଲ୍ ଲାଇନ୍ (Civil line) କୁହାଯାଉଥିବା ବିଶିଷ୍ଟ ଉପନଗରୀରେ ରଖିଥିଲେ । ମୋଗଲ ପରମ୍ପରା ଅନୁସାରେ ସେମାନେ ସରକାରୀ ଜାକଜମକ, ବୃହତ ପ୍ରାସାଦ ଏବଂ ବିଶାଳ ସଂଖ୍ୟକ ଚାକର ବାକର ରଖୁଥିଲେ । ନିଜର ଶାସ୍ତ୍ରୀୟ ଶିକ୍ଷା ତଥା ବ୍ୟବସାୟ ପ୍ରତି ଘୃଣା ପ୍ରଦର୍ଶନ କରି ଶିକ୍ଷିତ ଗୋଷ୍ଠି ଆଇନ-କାନୁନ ବ୍ୟବସ୍ଥା ସ୍ଥାପନକରି

ବର୍ଗରମାନଙ୍କୁ ସୀମାଠାରୁ ଦୂରରେ ରଖି ଖୁସିରେ କାଳଯାପନ କରୁଥିଲେ । ନିଜକୁ ଲୋକପ୍ରିୟ ପରିବର୍ତ୍ତେ ଉତ୍ତମ ସରକାର ପ୍ରଦାନକାରୀ କହି ଏମାନେ ନିଜର ନ୍ୟାୟ ସଂଗତ ଦର୍ପର ଏକ ଭିନ୍ନ ପ୍ରକାର ବିକାଶ କରିଥିଲେ । ଏମାନଙ୍କ ପାଖରେ ବ୍ରିଟିଶ ଶବ୍ଦ ଏହାର ଭୌଗଳିକ ସମ୍ପର୍କ ହରାଇ ବସିଥିଲା ଏବଂ ଭାରତୀୟ ଉପନିବେଶ ଉପରେ ଶାସନ କରିବା ପାଇଁ ନୈତିକ ଔଚିତ୍ୟର ଉପନାମ ହୋଇଥିଲା ।

**ତୁମ୍ଭେ କ'ଣ ଶିଖିଲ ।**

ଅଷ୍ଟାଦଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ମୋଗଲ ସାମ୍ରାଜ୍ୟର ପତନ ହୋଇଥିଲା । ବ୍ରିଟିଶମାନେ ଇଷ୍ଟ ଇଣ୍ଡିଆ କମ୍ପାନୀ ମାଧ୍ୟମରେ ଭାରତର ଏକ କ୍ଷେତ୍ରୀୟ ସାମ୍ରାଜ୍ୟ ସ୍ଥାପନ କରିବା ପାଇଁ ପ୍ରୟାସ କରିଥିଲେ । ଔପନିବେଶିକ ରାଷ୍ଟ୍ରର ଅର୍ଥ ହେଲା କୌଣସି ଦେଶର ସାର୍ବଭୌମତ୍ୱ ଗ୍ରହଣ କରିବା ବ୍ରିଟିଶ ଭାରତରେ ଔପନିବେଶିକ ଶାସନକୁ ନିଜର ବିଚାରଧାରା ଅନୁସାରେ ସଂଗଠିତ କରିଥିଲେ ଯେ ଔପନିବେଶିକ ରାଷ୍ଟ୍ର କିପରି ହେବା ଉଚିତ୍ । ଏକ ଆଧୁନିକ ରାଷ୍ଟ୍ର ପରି ଔପନିବେଶିକ ସରକାରଙ୍କ ପାଖରେ ସେନାବାହିନୀର ଏକକ ଅଧିକାର, ଏକ କେନ୍ଦ୍ରିୟ ପ୍ରଶାସନ ଏବଂ ସ୍ପଷ୍ଟ ନିର୍ଦ୍ଧାରିତ ସୀମା ରହିବା ଦରକାର ।

ଉନବିଂଶ ଶତାବ୍ଦୀରେ ଏକ ରାଜକୀୟ ବିଚାରଧାରାର ଉଦୟ ହୋଇଥିଲା, ଯାହାଦ୍ୱାରା ବିଶ୍ୱର ସବୁଠାରୁ ଧନୀ ଏବଂ ପ୍ରଗତିଶୀଳ ରାଷ୍ଟ୍ର ଇଂଲଣ୍ଡର କର୍ତ୍ତବ୍ୟ ଥିଲା ଯେ ବିଶ୍ୱର ଅନ୍ୟାନ୍ୟ ରାଷ୍ଟ୍ରମାନଙ୍କର ଉନ୍ନତି ତଥା ପ୍ରଗତି ପାଇଁ ସାହାଯ୍ୟ ପ୍ରଦାନ କରିବା । ଔପନିବେଶିକ ସରକାରଙ୍କର ମୁଖ୍ୟ ଦାୟିତ୍ୱ ହେଲା ଭୂ-ରାଜସ୍ୱ ଆଦାୟ କରିବା ତଥା ଆଇନ ଅନୁଯାୟୀ ପ୍ରଶାସନକୁ କାର୍ଯ୍ୟକାରୀ କରିବ ।

ବଳ ପ୍ରୟୋଗ ଦ୍ୱାରା ଅଧିନସ୍ତ କଲା ପରେ ରାଷ୍ଟ୍ରର ପ୍ରଥାକୁ ସମସ୍ତ ପ୍ରଜାଙ୍କ ଦୃଷ୍ଟିଗୋଚର କରାଇବା ଆବଶ୍ୟକ । ଔପନିବେଶିକ ନିୟନ୍ତ୍ରଣର ପ୍ରାଥମିକ ଚରଣରେ ଦେଶୀୟ ନାଗରୀକ ପ୍ରଶାସନ ମଧ୍ୟ ଚାଲୁ ରହିଥିଲ ।

୧୭୮୫ରେ କର୍ଣ୍ଣୱାଲିସ୍ କମ୍ପାନୀର କର୍ମଚାରୀଙ୍କ ପାଇଁ ଏକ ପେଷାଦାର ଆଇନ (Progres- sional) ର ସ୍ଥାପନ କରିଥିଲେ । ଏହାଦ୍ୱାରା ସମସ୍ତ ଉଚ୍ଚ ପଦଗୁଡ଼ିକ ବ୍ରିଟିଶମାନଙ୍କ ପାଇଁ ଆରକ୍ଷୀତ ଥିଲା ଏବଂ ଭାରତୀୟମାନଙ୍କୁ ବହିଷ୍କାର କରାଯାଇଥିଲା । କମ୍ପାନୀର ସୈନ୍ୟବାହିନୀର ୨୦,୦୦୦ରୁ ୩୦,୦୦୦ ବ୍ରିଟିଶ୍ ଅଧିକାରୀ ଏବଂ ସୈନିକଙ୍କ ସହିତ ଦରମା ପ୍ରାପ୍ତ ଭାରତୀୟ ସେନାମାନେ ମଧ୍ୟ ଅନ୍ତର୍ଭୁକ୍ତ ହୋଇଥିଲା ।

୧୯୨୦ ଦଶକ ପର୍ଯ୍ୟନ୍ତ ପ୍ରଶାସନର ଉଚ୍ଚ ଶ୍ରେଣୀରେ ପ୍ରାୟ ବ୍ରିଟିଶମାନେ ରହିଥିଲେ । କାରଣ ସେ ପର୍ଯ୍ୟନ୍ତ ଭାରତୀୟ ସିଭିଲ୍ ସେବା ପରୀକ୍ଷା ଇଂଲଣ୍ଡରେ ହେବା ସମୟରେ ଭାରତରେ ହେଉ ନଥିଲା । ବ୍ରିଟିଶମାନେ ଭାରତୀୟ ସାମାଜିକ ବ୍ୟବସ୍ଥାକୁ ବଦଳାଇ ଭାରତରେ ପାଶ୍ଚାତକରଣକୁ ଉତ୍ସାହିତ କରିବା ପାଇଁ ପ୍ରବଳ ଲାଳସା ଏବଂ ଚେଷ୍ଟା କରିଥିଲେ । ସେମାନେ ଶିଶୁ ହତ୍ୟା ତଥା ସତୀ ପ୍ରଥାର ଉଚ୍ଛେଦ କରିବା ସହିତ ବିଧବା ବିବାହକୁ ଆଇନ ଅନୁସାରେ ବୈଧତା ପ୍ରଦାନ କରିଥିଲେ । ଏହା ସହିତ ଖ୍ରୀଷ୍ଟ ଧର୍ମରେ ଦିକ୍ଷୀତମାନଙ୍କୁ ନିଜ ପୈତୃକ ସମ୍ପତ୍ତିର ହକ୍‌ଦାର ହେବା ପାଇଁ ଆଇନ୍ ପ୍ରଣୟନ କରିଥିଲେ । ୧୮୫୭ରେ କଲିକତା, ମାଡ୍ରାସ ଏବଂ ବମ୍ବେରେ ତିନୋଟି ବିଶ୍ୱବିଦ୍ୟାଳୟ ଖୋଲିଥିଲେ ।

ଇଂରେଜମାନେ ମୁଖ୍ୟତ କ୍ୟାଣ୍ଟାନମେଣ୍ଟ ଓ ସିଭିଲ୍ ଲାଇନ୍ କହୁଥିବା ବିଶେଷ ଉପନଗରୀରେ ଥିବା ନିଜର କ୍ଲବ ତଥା ବଙ୍ଗଳା ପର୍ଯ୍ୟନ୍ତ ସୀମିତ ଥିଲେ। ଗ୍ରାମୀଣ ସମାଜ, ଜାତିପ୍ରଥା, ଛୁଆଁ ଅଛୁଆଁ ଭାବ, ଯୌଥ ପରିବାର ପ୍ରଥା ତଥା କୃଷି ଉତ୍ପାଦନ ପଦ୍ଧତିରେ ପ୍ରାୟ କୌଣସି ବଡ଼ ପରିବର୍ତ୍ତନ ଦେଖାଯାଇ ନଥିଲା।

## ପାଠାନ୍ତ ପ୍ରଶ୍ନ

୧. ଔପନିବେଶିକ ରାଷ୍ଟ୍ରର ଅର୍ଥ ଏବଂ ସ୍ୱରୂପ ବର୍ଣ୍ଣନା କର।

୨. ଔପନିବେଶିକ ବାଦର ବିଚାରଧାରା କ'ଣ ଥିଲା? ଏବଂ ସିଦ୍ଧାନ୍ତକାର କିଏ ଥିଲେ?

୩. ଔପନିବେଶିକ ଉପକରଣ ଉପରେ ମତଦାନ କର।

୪. ଔପନିବେଶିକ ଶାସନ ଅଧିନରେ ହୋଇଥିବା ପରିବର୍ତ୍ତନଗୁଡ଼ିକ ଉଲ୍ଲେଖ କର।

**୩୨.୧ ପାଠଗତ ପ୍ରଶ୍ନର ଉତ୍ତର**

୧. ଅଷ୍ଟାଦଶ

୨. ୧୮୧୩

୩. ଔଦ୍ୟୋଗିକ

୪. ନିର୍ମିତ

**୩୨.୨**

୧. ୧୮୩୫

୨. ୧୯

୩. ୧୮୧୯

୪. ୧୭୮୫

**୩୨.୩**

୧. ବହିଷ୍କୃତ

୨. ସଂସଦ, ସଙ୍କୋଟ

୩. ଛୋଟ ଉପକରଣ

୪. ରାଜକୀୟ, ଭଙ୍ଗ

**ପାଠାନ୍ତ ପ୍ରଶ୍ନ ପାଇଁ ସଙ୍କେତ**

୧. ଅନୁଚ୍ଛେଦ ୩୨.୧ ଦେଖ

୨. ଅନୁଚ୍ଛେଦ ୩୨.୪ ଦେଖ

୩. ଅନୁଚ୍ଛେଦ ୩୨.୫ ଦେଖ

୪. ଅନୁଚ୍ଛେଦ ୩୨.୬ ଦେଖ

ଟିପ୍ପଣୀ

# ୨୯

# ସମସାମୟିକ ସାଂସ୍କୃତିକ ସ୍ଥିତି

ଧରାଯାଉ ଦିନେ ସକାଳେ ଉଠିଲା ବେଳକୁ ତୁମ୍ଭେ ନିଜକୁ ଏକ ଅଜଣା ଦେଶରେ ପାଇଲ ଯେଉଁଠାରେ ଲୋକଙ୍କ ଭାଷା ତୁମ୍ଭେ ବୁଝି ପାରୁନଥିବ ତଥା ସେମାନେ ଅଲଗା ପ୍ରକାର ପୋଷାକ ପିନ୍ଧିଛନ୍ତି ଏବଂ ସେମାନଙ୍କର ଖାଦ୍ୟ ସହିତ ତୁମ୍ଭେ ଅଭ୍ୟସ୍ତ ନୁହଁ। ସେମାନଙ୍କର ଆଚାର ବ୍ୟବହାର ନ ଶିଖିବା ପର୍ଯ୍ୟନ୍ତ ତୁମ୍ଭକୁ ସେଠାରେ ବଞ୍ଚି ରହିବା ଅସମ୍ଭବ ବୋଲି ମନେହେବ। ଉକ୍ତ ଜୀବନ ଶୈଳୀ ସହିତ ଅନ୍ୟ ବହୁତ କିଛି ଜିନିଷ ଆମ୍ଭର ସଂସ୍କୃତିକୁ ଜନ୍ମ ଦେଇଥାଏ।

ତୁମ୍ଭେ ଦେଖ ଆମ୍ଭେ ସମସ୍ତେ ବିଭିନ୍ନ ସଂସ୍କୃତିରେ ଜନ୍ମ ନେଇ ଅଛୁଁ। ଏହା ଆମ୍ଭର ସ୍ଥାନ, ଧର୍ମ, ଜାତି ବା ଶ୍ରେଣୀ ଅନୁସାରେ ପରିବର୍ତ୍ତିତ ହୁଏ। ବୟସ ବୃଦ୍ଧି ହେବା ସଙ୍ଗେ ସଙ୍ଗେ ଆମ୍ଭେ ସମସ୍ତେ ସ୍ୱତଃ ପ୍ରବୃତ ଭାବରେ ପ୍ରାୟ ଅନେକ ସାଂସ୍କୃତିକ ପ୍ରଥାକୁ ଗ୍ରହଣ କରିନେଇଥାଉ। ଏଗୁଡିକରୁ ଅନେକ ଆମ୍ଭେ ଆମ୍ଭ ପୂର୍ବଜମାନଙ୍କଠାରୁ ଏବଂ ଆଉ କିଛି ଶତାବ୍ଦି, ଶତାବ୍ଦୀ ଯୁଗଠାରୁ ଗ୍ରହଣ କରିଅଛୁ। ଅନ୍ୟ କେତେକ ସହସ୍ରାବ୍ଦୀ ପୁରୁଣା ପରମ୍ପରା ଅଟେ। ଏଥିସହିତ ସାଂସ୍କୃତିକ ପ୍ରଥାଗୁଡିକ ମଧ୍ୟ ବଦଳି ଯାଉଅଛି। ଏହି ପାଠ୍ୟକ୍ରମରେ ଆମ୍ଭେ ସଂସ୍କୃତି ସହିତ ନିଜର ସମ୍ପର୍କକୁ ଖୋଜି ବାହାର କରିବା।

**ଉଦ୍ଦେଶ୍ୟ**

ଏହା ଅଧ୍ୟୟନ କରିବା ପରେ ତୁମେ:-

- ସଂସ୍କୃତିକୁ ପରିଭାଷିକ କରିପାରିବ।
- ସଂସ୍କୃତି କି ଆକାର ନିଏ ଏହାର ବିଶ୍ଳେଷଣ କରିପାରିବ।
- ସାଂସ୍କୃତିକ ପ୍ରକ୍ରୀୟା ବୁଝାଇ ପାରିବ।
- ବିଶ୍ୱକରଣର ବିଶ୍ଳେଷଣ କରିପାରିବ।

## ୨୯.୧ ସଂସ୍କୃତିର ଅର୍ଥ ଆମେ କ'ଣ ବୁଝୁ

**ସାଂସ୍କୃତିକ ଅଭିବ୍ୟକ୍ତିର ପ୍ରକାର:-** ଆମ୍ଭେ ଯେତେବେଳେ ରେଡିଓ, ଟିଭି ଅଥବା ମଂଚ ଉପରେ କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମ ଶୁଣୁ ଅଥବା ଦେଖୁ ସେଥିରେ ସାଧାରଣତଃ ସଙ୍ଗୀତ, ଗୀତ ବା ନୃତ୍ୟ ଅନ୍ତର୍ଭୁକ୍ତ ହୋଇଥାଏ। ଏଗୁଡିକ ମଧ୍ୟରୁ ପ୍ରତ୍ୟେକ ସାଂସ୍କୃତିକ ଅଭିବ୍ୟକ୍ତିର ଏକ ରୂପ ଅଟେ। ଏହିପରି ପ୍ରତ୍ୟେକ ରୂପ ଏକ ବାର୍ତ୍ତା ପ୍ରଦାନ କରିଥାଏ। ଉଦାହରଣ ସ୍ୱରୂପ

ଧ୍ୟାନମଗ୍ନ ଥିବା ଏକ ବୁଦ୍ଧଙ୍କର ମୂର୍ତ୍ତୀ (ଚିତ୍ର ୨୯.୧) ନିଶବ୍ଦ ତଥା ଶାନ୍ତିର ଭାବନା ମନରେ ସୃଷ୍ଟି କରିଥାଏ ।



ଚିତ୍ର୨୯.୧ ବୁଦ୍ଧ



୨୯.୨ କୁତବମିନାର

ଜଣେ ବ୍ୟକ୍ତି ଗୀତ/ଲୋକ କଥା ଶିକ୍ଷା ଏବଂ ମନୋରଞ୍ଜନ ପ୍ରଦାନ କରିପାରେ ସେହିପରି କୁତବମିନାର ଭଳି (୨୯.୨) ବିଶାଳ ଅଟ୍ଟାଳିକା ଆମ ମନରେ ବିସ୍ମୟ ସୃଷ୍ଟି କରିପାରେ । ଅନ୍ୟ ଶବ୍ଦରେ କହିବାକୁ ଗଲେ ସଂସ୍କୃତି ଦ୍ୱାରା ବିଭିନ୍ନ ପ୍ରକାର ଚିନ୍ତାଧାରା (idea)କୁ ସମ୍ପ୍ରେଷିତ କରିବାପାଇଁ ବ୍ୟବହାର କରାଯାଇଥାଏ । ପାଠ୍ୟକ୍ରମ ୩୧ରେ ଏହାର ଅନ୍ୟାନ୍ୟ ଉଦାହରଣ ଆମ୍ଭେ ଦେଖିପାରିବା ।

ଭାରତରେ ଆମ୍ଭେ ସଂସ୍କୃତିର ଏକ ବିଶାଳ ପ୍ରକାର ଭେଦ ଦେଖିବାକୁ ପାଉଁ । ଏମାନଙ୍କ ମଧ୍ୟରୁ କେତେକ ମୂର୍ତ୍ତୀକଳା, ଚିତ୍ରକଳା, ବାସ୍ତୁଶିଳ୍ପ, ସାହିତ୍ୟ ଏବଂ ସଙ୍ଗୀତ ଅଟେ । ଏଗୁଡିକରୁ ପ୍ରତ୍ୟେକ ବିଭିନ୍ନ ଶ୍ରେଣୀରେ ବିଭାଜିତ । ଉଦାହରଣ ସ୍ୱରୂପ ଆମ୍ଭେ ସଂଗୀତ ବିଷୟରେ ବିଚାର କଲେ ଏହାର ବିଭିନ୍ନ ପ୍ରକାର ଆମ୍ଭ ମାନସପଟରେ ଉଦ୍ରେକ ହୁଏ ଯଥା:-ଲୋକଗୀତ, ସିନେମାଗୀତ, ଭଜନ, କୱାଲୀ ଇତ୍ୟାଦି ଯାହାକି ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ତଥା ଏକ ବିଶେଷ ସମୟରେ ଗାନ କରାଯାଉଥିଲା । ତୁମ୍ଭେ ଜାଣିଥିବ ଯେ କେତେକ ସିନେମା ସଙ୍ଗୀତଗୁଡିକ ଭଜନ ଅଥବା ଲୋକ ଗୀତର ସ୍ୱର ଉପରେ ପର୍ଯ୍ୟବେଶିତ ଅଟେ । ତୁମ୍ଭେ କେଉଁ ଉପାୟରେ ଚିନ୍ତା କର ଯେ ଏକ ସିନେମାର ଭଜନ ଜଣେ ଭକ୍ତଙ୍କ ଦ୍ୱାରା ମନ୍ଦିରରେ ଗାଉଥିବା ଭଜନଠାରୁ ଅଲଗା ?

## ୨୯.୨ ଲୋକପ୍ରିୟ ଅଥବା ଲୋକ ସଂସ୍କୃତି

ସାଧାରଣ ଲୋକମାନେ ଏକ ସମୃଦ୍ଧ ସାଂସ୍କୃତିକ ପରମ୍ପରାର ବିକାଶ କରିଥିଲେ ଯାହାକୁ ଲୋକପ୍ରିୟ କୁହାଯାଏ ଏବଂ ଏହି ଶବ୍ଦର ଅର୍ଥ ହେଲା ଲୋକଙ୍କର । ଲୋକମାନେ ନୃତ୍ୟ, ସଙ୍ଗୀତ ଏବଂ ଗପସପ ମାଧ୍ୟମରେ ନିଜକୁ ପରିପ୍ରକାଶ କରନ୍ତି ତଥା ସାଂସ୍କୃତିକ ମୂଲ୍ୟର ଭାବ ପ୍ରକାଶ କରନ୍ତି । ଏ ସବୁ ଦ୍ୱାରା ଲୋକ ସଂସ୍କୃତିର ଆବିର୍ଭାବ ହୁଏ ।

ନିଜର ସୀମିତ ଭୌତିକ ସଂସାଧନ ହେତୁ ସାଧାରଣ ଲୋକ ଭବ୍ୟ ସ୍ମାରକ (Grand Monuments) ତିଆରି କରି ପାରିବେ ନାହିଁ ପରନ୍ତୁ ସେ ଛୋଟ ଛୋଟ ଅସଂଖ୍ୟ ବସ୍ତୁ ତିଆରି

ଟିପ୍ପଣୀ


କରି ଏହାର ବ୍ୟବହାର କରିପାରିବେ ଯାହାକି ଅତ୍ୟନ୍ତ ମନୋରମ ହୋଇଥାଏ । ଏଗୁଡିକରୁ କିଛି ନିତିଦିନିଆ କାମରେ ବ୍ୟବହାର ହେବାସ୍ଥଳେ ଅନ୍ୟଗୁଡିକ କୌଣସି ବିଶେଷ ଦିନରେ ବ୍ୟବହାର ପାଇଁ ସାଇତା ହୋଇ ରହିଥାଏ । ଦୁର୍ଭାଗ୍ୟବଶତଃ ଏହାକୁ ତିଆରିରେ ଲାଗୁଥିବା ଅଧିକାଂଶ ବସ୍ତୁଗୁଡିକ କ୍ଷୟଶୀଳ ଯଥା:-ବେତ, ଲୁଗା, କାଠ, ପତ୍ର ଓ ମାଟି । ଏଗୁଡିକ ବେଶିଦିନ ପର୍ଯ୍ୟନ୍ତ ରହି ନଥାଏ । ଏଣୁ ଆମେ ପ୍ରାଚୀନ କାଳର ଜନସାଧାରଣଙ୍କ ସଂସ୍କୃତି ବିଷୟରେ ବହୁତ କମ୍ ଜାଣିବାକୁ ପାଇଥାଉଁ ।



ଚିତ୍ର ୨୯.୩ କୈଳାଶ ନାଥ ମନ୍ଦିର

## ୨୯.୩ ଶାସ୍ତ୍ରୀୟ ସଂସ୍କୃତି

ଭାରତ ନାଟ୍ୟମ୍ ଭଳି ନୃତ୍ୟକୁ ଶାସ୍ତ୍ରୀୟ ନୃତ୍ୟ ହିସାବରେ ମାନ୍ୟତା ଦିଆଯାଇଛି । ଏହାର ଅର୍ଥ ହେଲା ଯେ ଅନ୍ୟମାନଙ୍କ ମଧ୍ୟରେ ଏହା ଏକ କଳାତ୍ମକ ଅଭିବ୍ୟକ୍ତିର ଉତ୍କୃଷ୍ଟ ରୂପ । ଏହିପର ଭାବରେ କାଳିଦାସଙ୍କୁ ଶାସ୍ତ୍ରୀୟ ସଂସ୍କୃତ ସାହିତ୍ୟର କବି ଭାବରେ ଉଦାହରଣ ଦିଆଯାଏ । ଚୋଳ ରାଜାମାନଙ୍କ ଦ୍ୱାରା ନିର୍ମିତ କରାଯାଇଥିବା ମନ୍ଦିରଗୁଡିକୁ ଶାସ୍ତ୍ରୀୟ ମନ୍ଦିର-ବାସ୍ତୁକଳାର ଉଦାହରଣ ବୋଲି ଗଣନା କରାଯାଏ । ଏହିପରି ଭାବରେ ତାଜମହଲ (ଚିତ୍ର ୨୯.୪)କୁ ମୋଗଲ ବାସ୍ତୁକଳାର ଉଦାହରଣ ବୋଲି ଧରାଯାଏ ।



ଚିତ୍ର ୨୯.୪ ତାଜମହଲ





ଆମ୍ଭର ଉପରୋକ୍ତ ମହାନ କାର୍ଯ୍ୟପାଇଁ ଗର୍ବ କରିବା ଉଚିତ୍। କିନ୍ତୁ ଆମ୍ଭକୁ ମନେରଖିବା ଉଚିତ୍ ଯେଉଁ ସମୟରେ କାଳିଦାସ (ଚତୁର୍ଥ ଶତାବ୍ଦୀ)ଲେଖୁଥିଲେ ସେ ସମୟରେ ଉତ୍ତର ତଥା ମଧ୍ୟଭାରତରେ ଅଧିକାଂଶ ଲୋକ ପ୍ରାକୃତ ଭାଷା (ଯେଉଁ ଭାଷାରୁ ଆଧୁନିକ ଭାରତୀୟ ଭାଷାର ବିକାଶ ହୋଇଅଛି)ର ବିଭିନ୍ନ ରୂପକୁ ବ୍ୟବହାର କରୁଥିଲେ। ତେଣୁ ଲୋକମାନେ କାଳିଦାସଙ୍କ ନାଟକର ପ୍ରାକୃତ ଅଂଶ (Prakrit portion) ବୁଝୁଥିବା ବେଳେ ଏହାର ସଂସ୍କୃତ ଶ୍ଳୋକଗୁଡ଼ିକୁ ବୁଝିବା ପାଇଁ ସମର୍ଥ ହୋଇ ନଥିଲେ। ଏବେ ବର୍ଣ୍ଣନା କରାଯାଇଥିବା ଉତ୍କୃଷ୍ଟ ସ୍ମାରକଗୁଡ଼ିକରେ ସର୍ବ ସାଧାରଣଙ୍କ ପାଇଁ ପ୍ରବେଶ କରିବା ସହଜ ସାଧ୍ୟ ନଥିଲା। କାରଣ ଏଗୁଡ଼ିକରେ ପ୍ରବେଶ ପାଇଁ ଧର୍ମ ଏବଂ ଜାତିର ଆଧାରକୁ ଗୁରୁତ୍ୱ ଦିଆଯାଉଥିଲା।

ଏହି ପ୍ରକାର ଶାସ୍ତ୍ରୀୟ ସଂସ୍କୃତିର ପ୍ରବୃତ୍ତି ଅତ୍ୟଧିକ ବିକଶିତ ହେବା ସହିତ ତା'ର ବୈଶିଷ୍ଟ୍ୟତା ଥିଲା। ପ୍ରାୟ ବିଗତ ଦୁଇ ଶତାବ୍ଦୀ ହେଲା ଅଧିକାଂଶ ସଂସ୍କୃତ ଗ୍ରନ୍ଥଗୁଡ଼ିକୁ ଆଞ୍ଚଳିକ ଭାଷାରେ ଅନୁବାଦ କରାଯାଇଅଛି ଏବଂ ସ୍ମାରକଗୁଡ଼ିକ ସର୍ବ ସାଧାରଣଙ୍କ ପାଇଁ ଉନ୍ମୁକ୍ତ ହୋଇଅଛି।

ଶତାବ୍ଦି ଧରି ଲୋକ ଏବଂ ଶାସ୍ତ୍ରୀୟ ସଂସ୍କୃତି ଏକତ୍ର ରହି ଆସିଛନ୍ତି ଏବଂ ପରସ୍ପର ସହିତ ଯୋଗସୂତ୍ର ରଖି ଆସିଛନ୍ତି। ସେମାନେ ପରସ୍ପରର ଚିନ୍ତାଧାରା ଦ୍ୱାରା ଅନୁପ୍ରାଣିତ ହୋଇ ତାହାକୁ ଗ୍ରହଣ କରିଛନ୍ତି।

## ମାନବ ବିଜ୍ଞାନୀମାନେ ସଂସ୍କୃତିକୁ କିପରି ପରିଭାଷିତ କରନ୍ତି

ମାନବ ବିଜ୍ଞାନର ଆକ୍ଷରିକ ଅର୍ଥ ହେଲା ମାନବ ସମ୍ପର୍କରେ ଅଧ୍ୟୟନ କରିବା। ସାଂସ୍କୃତିକ ଏବଂ ସାମାଜିକ ମାନବ ବିଜ୍ଞାନୀମାନେ ରୀତିନୀତି, ବିଶ୍ୱାସ, ସାମାଜିକ ପ୍ରଥା ସହିତ ବର୍ତ୍ତମାନର ସମାଜକୁ ଅଧ୍ୟୟନ କରନ୍ତି। ତେଣୁ ମାନବ ବିଜ୍ଞାନୀମାନେ ଯେତେବେଳେ ସଂସ୍କୃତି ବିଷୟରେ ଲେଖନ୍ତି ସେଥିରେ ଏହିଗୁଡ଼ିକ ମଧ୍ୟରୁ କେତେକ ଅଥବା ସମସ୍ତ ବିଷୟକୁ ଅନ୍ତର୍ଭୁକ୍ତ କରିଥାଆନ୍ତି।

## ପ୍ରତ୍ନତତ୍ତ୍ୱବିତ୍ ଏବଂ ସଂସ୍କୃତି

ଆମ୍ଭ ପରି ଯେଉଁମାନେ ଖାଆନ୍ତି ଏବଂ ପିନ୍ଧନ୍ତି ସେମାନଙ୍କ ସହିତ ଆମ୍ଭର କିଛି ସମାନତା ଥାଏ କିନ୍ତୁ ତା'ଠାରୁ ଭିନ୍ନ ପ୍ରକାର ଖାଦ୍ୟ ଖାଉଥିବା ଏବଂ ପିନ୍ଧୁଥିବା ଲୋକମାନେ ଆମ୍ଭଠାରୁ ଅଲଗା ସଂସ୍କୃତିର ଲୋକବୋଲି ବୁଝିଥାଉଁ। ସଂସ୍କୃତିର ଏହି ପରିଭାଷା ପ୍ରତ୍ନତତ୍ତ୍ୱବିତ୍‌ମାନଙ୍କ ଦ୍ୱାରା ଦିଆଯାଇଥିବା ପରିଭାଷା ସହିତ ବହୁତ ସାମଞ୍ଜସ୍ୟ ଅଛି। ପ୍ରତ୍ନତତ୍ତ୍ୱବିତ୍‌ମାନେ ଗୃହ, ଉପକରଣ, ବ୍ୟବହୃତ ପାତ୍ର ଓ ମୂର୍ତ୍ତି ଆଦିକୁ ଅଧ୍ୟୟନ କରି ଅତୀତରେ କିଭଳି ଲୋକମାନେ ରହୁଥିଲେ ତାହାକୁ ପରିଭାଷିତ କରିବା ପାଇଁ ଚେଷ୍ଟା କରନ୍ତି। ଏହିସବୁ ବସ୍ତୁଗୁଡ଼ିକୁ ଦେଖି ହୁଏ ଏବଂ ସ୍ପର୍ଶ କରି ହୁଏ ଏବଂ ଏଗୁଡ଼ିକ କମ୍ ବେଶୀ ସ୍ଥାୟୀ ଅଟନ୍ତି ଏବଂ ସେଗୁଡ଼ିକ ଆମ୍ଭର ଭୌତିକ ଜୀବନର ଏକ ଅଂଶ ଅଟେ। ଆମ ଭୌତିକ ସଂସ୍କୃତିର ଉତ୍ପତ୍ତିର କେତେକ ଦିଗ ବିଷୟରେ ତୁମ୍ଭେ ଅଧିକ କିଛି ଆଗ ପାଠ୍ୟକ୍ରମରେ (୩୦)ପଢ଼ିବ।

ଟିପ୍ପଣୀ

ଲୁଗାପଟା ଏବଂ ଖାଦ୍ୟ ମଧ୍ୟ ଆମ୍ଭର ଭୌତିକ ସଂସ୍କୃତିର ଏକ ଅଙ୍ଗ ଥିବା ବେଳେ ଏହା ଖୁବ୍ ଶୀଘ୍ର କ୍ଷୟ ହୋଇଥାଏ । ଯାହାଫଳରେ ପ୍ରତ୍ନତତ୍ତ୍ୱବିତମାନେ ପୂର୍ବ କାଳରେ ବ୍ୟବହାର ହେଉଥିବା ଖାଦ୍ୟ ଏବଂ ଲୁଗାପଟାର କିଛି ଅବଶେଷ ପାଇଛନ୍ତି କିନ୍ତୁ ତାହା ଅନ୍ୟାନ୍ୟ ଜିନିଷ ଯଥା ବାସନକୁସନ, ଯନ୍ତ୍ରପାତି ତଥା ଅସ୍ତ୍ରଶସ୍ତ୍ର ତୁଳନାରେ ଅତି ନଗନ୍ୟ ଅଟେ ।

ଆମ୍ଭେ ତାପରେ ଦେଖିବା ଯେ ସଂସ୍କୃତି ବିଭିନ୍ନ ପ୍ରକାରରେ ପରିଭାଷିତ କରାଯାଇଥାଏ ।

(କ) ସାଂସ୍କୃତିକ ଅଭିବ୍ୟକ୍ତି ରୂପରେ (ଯଥା:-ଗୀତ, ସଙ୍ଗୀତ, ନୃତ୍ୟ, ଚିତ୍ରକଳା, ସ୍ଥାପତ୍ୟ, ବାସ୍ତୁକଳା ଇତ୍ୟାଦି)

(ଖ) ସାମାଜିକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ବା ବ୍ୟବହାର କରାଯାଉଥିବା ଯେ କୌଣସି ସାଂସ୍କୃତିକ ଧାରା (ଯଥା:-ଲୋକପ୍ରିୟ/ ଲୋକ, ଶାସ୍ତ୍ରୀୟ/ଆଭିଜାତ୍ୟ)

(ଗ) ବ୍ୟାପକ ଭାବରେ କହିବାକୁ ଗଲେ ସାମାଜିକ, ଧାର୍ମିକ ଏବଂ ଭୌତିକ ଜୀବନର ବିଭିନ୍ନ ଦିଗ ଗୁଡିକ ।

ତୁମ୍ଭେ ଦେଖିଲଣି ଯେ ଉକ୍ତ ପରିଭାଷାଗୁଡିକ କିପରି ପରସ୍ପର ଉପରେ ଜଡିତ ? ଉକ୍ତ ଚିତ୍ରରେ ଥିବା ଗୃହ ଉପରେ ଦୃଷ୍ଟି ନିକ୍ଷେପ କର (ଚିତ୍ର ୨୯.୫) ଏହାର ଆକୃତି ଅନୁସାରେ ଆମ୍ଭେ ଏହାକୁ ଏକ ବାସ୍ତୁ କଳାର (ମୂର୍ତ୍ତିକଳା ବା ସଙ୍ଗୀତର ବିପକ୍ଷରେ) ଉଦାହରଣ ବୋଲି ଏହାକୁ ବର୍ଗିକୃତ କରାଯାଏ । ଏଥି ସହିତ ଏହା ମଧ୍ୟ ଏକ ଲୋକ ବା ଲୋକପ୍ରିୟ ସଂସ୍କୃତିର ଉଦାହରଣ ଅଟେ କାରଣ ଏହା ସେହି ଲୋକମାନଙ୍କର ଭୌତିକ ସଂସ୍କୃତିର ଏକ ଅଙ୍ଗ ଯେଉଁମାନେ ଏହାକୁ ତିଆରି କରି ସେଥିରେ ରହୁଥିଲେ । ଅନ୍ୟ ଉଦାହରଣ: ଅଜନ୍ତାର ଚିତ୍ରକୁ ଶାସ୍ତ୍ରୀୟ ଧାର୍ମିକ ଚିତ୍ର ରୂପେ ବର୍ଗୀକୃତ କରାଯାଇପାରେ । ଅଲଗା ପାଠ୍ୟରେ ତୁମ୍ଭେ ପଢିବ ଯେ ସାଂସ୍କୃତିକ ରୂପକୁ କିପରି ପ୍ରସ୍ତୁତ କରାଯାଏ ।



ଚିତ୍ର ୨୯.୫ ଏକ ଗୃହ



ଟିପ୍ପଣୀ

### ପାଠଗତ ପ୍ରଶ୍ନ ୨୯.୧

୧. ନିମ୍ନଲିଖିତଗୁଡିକୁ ଯୋଡ ।

| | |
|---|---|
| (କ) ନୃତ୍ୟ | ସଂସ୍କୃତ କବିତା |
| (ଖ) ତାଜମହଲ | ସାଂସ୍କୃତିକ ଅଭିବ୍ୟକ୍ତିର ରୂପ |
| (ଗ) କାଳିଦାସ | ମୋଗଲ ବାସ୍ତୁକଳା |
| (ଘ) ମନଃବିଜ୍ଞାନ | ଭୌତିକ ସାଂସ୍କୃତି |
| (ଙ) ପ୍ରତ୍ନତତ୍ତ୍ୱବିତ୍ | ସାମାଜିକ ରୀତିନୀତି |

**୨. ସତ୍ୟ ଅଥବା ମିଥ୍ୟା ପ୍ରତିପାଦନ କର ।**

(କ) ସିନେମା ସଙ୍ଗୀତ କେବେହେଲେ ଲୋକଗୀତ ଉପରେ ଆଧାରିତ ହୋଇପାରିବ ନାହିଁ ।

(ଖ) ଗଳ୍ପ କହିବା ଲୋକ ସଙ୍ଗୀତରେ ଏକ ଅଙ୍ଗ ।

(ଗ) କ୍ରୀୟା ପଦ୍ଧତି (rituals) ଆମ ସଂସ୍କୃତିର ଅଙ୍ଗ ନୁହେଁ ।

(ଘ) ଗୃହ, ଲୁଗାପଟା ଓ ଖାଦ୍ୟ ଆମ ଭୌତିକ ସଂସ୍କୃତିର ଅଙ୍ଗ ଅଟେ ।

(ଙ) ଲୋକ ସଂସ୍କୃତି ଓ ଶାସ୍ତ୍ରୀୟ ସଂସ୍କୃତି ପରସ୍ପରକୁ ପ୍ରଭାବିତ କରନ୍ତି ନାହିଁ ।

## ୨୯.୪ ସଂସ୍କୃତି କିପରି ଆକାର ନିଏ (How culture is shapped)

ଆମ୍ଭ ସାଂସ୍କୃତିକ ଅଭିବ୍ୟକ୍ତିର ଦୃଶ୍ୟମାନ ଆକାର ସାଧାରଣତଃ ଧର୍ମ ସହିତ ଜଡିତ । ବାସ୍ତୁକଳାରେ ସାଞ୍ଚି ସ୍ତୁପ (ମଧ୍ୟ ପ୍ରଦେଶ) ପୂର୍ବ ବର୍ଣ୍ଣିତ ଦକ୍ଷିଣ ଭାରତୀୟ ମନ୍ଦିରଗୁଡିକ ଏବଂ ଦିଲୱାର (ରାଜସ୍ଥାନରେ)ରେ ଥିବା ମନ୍ଦିରଗୁଡିକ ସହିତ ଦିଲ୍ଲୀର ଜୁମା ମସ୍‌ଜିଦ୍ (ଚିତ୍ର ଦେଖ)ଗୁଡିକ ଧାର୍ମିକ ପ୍ରୟୋଜନ ନିମନ୍ତ ସୁନ୍ଦର ସୌଧମାନଙ୍କର ଏକ ବିଶାଳ ଉଦାହରଣ ଅଟେ ।

ଧର୍ମ ଯୁଗ ଯୁଗ ଧରି ଆମ୍ଭର କେତେକ ସର୍ବୋତ୍ତମ କବିତା ତଥା ସଙ୍ଗୀତକୁ ପ୍ରୋତ୍ସାହିତ କରି ଆସିଅଛି । ଏଥିରେ ବୈଦିକ ମନ୍ତ୍ରଚାରଣ, ବୌଦ୍ଧ ଭିକ୍ଷୁ ଏବଂ ଭିକ୍ଷୁଣୀଙ୍କର ରଚନାଗୁଡ଼ିକ ଏବଂ ସର୍ବାଧିକ ପରିଚିତ ଭକ୍ତିବାଦ ଓ ସୁଫିବାଦର ସନ୍ଥଙ୍କ ଦ୍ୱାରା ରଚିତ ସାହିତ୍ୟ ଆଦି ଅନ୍ତର୍ଭୁକ୍ତ ।

ତାମିଲନାଡୁର ବୈଷ୍ଣବ ଓ ଶୈବ-ଭକ୍ତି ସାହିତ୍ୟର ଏକ ସମୃଦ୍ଧ ପରମ୍ପରା ରହିଥିଲା । ଏଥିରେ ଅନ୍ଦଳ ନାମକ ମହିଳାଙ୍କ ରଚନା ମଧ୍ୟ ସ୍ଥାନ ପାଇଥିଲା । ଚଉଦଶହ ଶତାବ୍ଦୀର ଲାଇ ଦେଉ୍ ନାମକ ମହିଳା ସନ୍ଥ ହେଉଛନ୍ତି ପ୍ରାଚୀନତମ କାଶ୍ମୀରର ଜଣେ ସୁପ୍ରସିଦ୍ଧ କବି ।

ଆଜିକାଲି ମୀରାବାଈ, ଗୁରୁ ନାନକ ଏବଂ କବୀର ଭଳି ମଧ୍ୟ କାଳୀନ ସନ୍ଥ କବିମାନେ ନିଜ ନିଜ ଧର୍ମୀୟଙ୍କ ବ୍ୟତୀତ ସାରା ଭାରତରେ ସମ୍ମାନ ପାଉ ଅଛନ୍ତି । ସର୍ବସାଧାରଣ ଲୋକଙ୍କ ଭାଷା କହୁଥିବା କେତେକ ସନ୍ଥମାନେ ନୀଚ ବର୍ଗର ଅଟନ୍ତି । ସେମାନଙ୍କ ରଚନାଗୁଡିକ ଯାହାକି ଆମ୍ଭ

ଲୋକ ସଂସ୍କୃତିର ଏକ ଅଙ୍ଗ ଅଟେ, ଶତାବ୍ଦି ଧରି ମୌଖିକ ରୂପେ ଆମ୍ଭ ପାଖକୁ ସମ୍ପ୍ରେଷିତ ହୋଇ ଆସିଅଛି ।




ଚିତ୍ର ୨୯.୬ ସାଞ୍ଚି ସ୍ତୁପ



ଚିତ୍ର ୨୯.୭ ଦିଲୱାରା ମନ୍ଦିର

ଆମ୍ଭର ଧର୍ମ ବିଶ୍ୱାସ ମଧ୍ୟ ଆମ୍ଭର ଦୈନନ୍ଦିନ ଜୀବନକୁ ପ୍ରଭାବିତ କରୁଅଛି । ବେଳେବେଳେ ବୈବାହିକ ବିଧିବିଧାନ, ଆମ୍ଭେ ଖାଉଥିବା ଖାଦ୍ୟ, ପିନ୍ଧୁଥିବା ଲୁଗାପଟା ଗୁଡ଼ିକ ଧାର୍ମିକ ନିୟମ ଦ୍ୱାରା ପରିଚାଳିତ । ପ୍ରାୟ ଅନେକ ସମୟରେ ଆମର ଖାଇବା ପିଇବା, ପୋଷାକ ପରିଚ୍ଛଦ ପିନ୍ଧିବା ଅଥବା ଆମର ବୈବାହିକ ବିଧିବିଧାନ ଧର୍ମ ବ୍ୟତୀତ ଆଞ୍ଚଳିକ ପ୍ରଭାବ ଦ୍ୱାରା ଭିନ୍ନ ହୋଇଥାଏ । ଉଦାହରଣ ସ୍ୱରୂପ ପଞ୍ଜାବରେ ଥିବା ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟାନ ଓ ଶିଖ ମହିଳାମାନେ ସାଧାରଣତଃ ସେଲୁଓ୍ୱାର କାମିଜ ପିନ୍ଧୁଥିବା ବେଳେ ତାମିଲନାଡୁରେ ସେମାନେ ସମସ୍ତେ ସାଧାରଣତଃ ଶାଢ଼ୀ ପରିଧାନ କରନ୍ତି । ଆମ୍ଭର ସାଂସ୍କୃତିକ ପ୍ରଥାଗୁଡ଼ିକୁ ଆମ୍ଭର ଧାର୍ମିକ ବିଶ୍ୱାସ ଅନେକାଂଶରେ ରୂପାୟିତ କରୁଥିଲେ ମଧ୍ୟ ତାହା କେବଳ ମାତ୍ର ପ୍ରଭାବକାରୀ ଭାବେ ପରିଗଣିତ ହୁଏ ନାହିଁ ।



ଚିତ୍ର ୨୯.୮ ଜାମା ମସ୍‌ଜିଦ୍

## ୨୯.୫ ଆମ ସାମାଜିକ ଓ ଆର୍ଥିକ ସ୍ଥିତି


ଆମର ଅନେକ ସାଂସ୍କୃତିକ ପ୍ରଥାଗୁଡ଼ିକ ଆମର ସାମାଜିକ ଏବଂ ଆର୍ଥିକ ସ୍ଥିତି ଦ୍ୱାରା ପ୍ରଭାବିତ ହୋଇଥାଆନ୍ତି । ଉଦାହରଣ ସ୍ୱରୂପ ଆମର ସାମାଜିକ ସ୍ଥିତି ଆମର ପିନ୍ଧୁଥିବା ପୋଷାକକୁ ପ୍ରଭାବିତ କରିପାରୁଛି । ତୁମ୍ଭେ ଦେଖିଥିବ ଯେ ବିବାହିତ, ଅବିବାହିତ ଏବଂ ବିଧବା ମହିଳାମାନେ ଅଲଗା ଅଲଗା ପ୍ରକାରର ପୋଷାକ ପିନ୍ଧନ୍ତି ।

ବେଳେବେଳେ ଆମର ସାଂସ୍କୃତିକ ପ୍ରଥାଗୁଡ଼ିକ ଆମର ସାମାଜିକ ତଥା ଆର୍ଥିକ ଉଭୟ ସ୍ଥିତି ଦ୍ୱାରା ପ୍ରଭାବିତ ହୋଇଥାଆନ୍ତି । ଏଥିରେ ଆମର ସଙ୍ଗୀତ ସମ୍ବନ୍ଧରେ ରୁଚି ଓ ପସନ୍ଦ ଭଳି ଇଚ୍ଛା










ଚିତ୍ର ୨୯.୯ ଯୋଧପୁର ଦୁର୍ଗ



ଚିତ୍ର ୨୯.୧୦ ଜୟପୁର ଦୁର୍ଗ

ରହିଥାଏ ଯେପରି ଆମର ଲୋକଗୀତ ପସନ୍ଦ ନା ସିନେମା ଗୀତ, ଶାସ୍ତ୍ରୀୟ ସଙ୍ଗୀତ ପସନ୍ଦ ନା ପଶ୍ଚିମି ପପ୍ ସଙ୍ଗୀତ । ଯେତେବେଳେ ଆମେ ରେଡ଼ିଓରୁ ଶୁଣି ଶୀଘ୍ର ହିନ୍ଦୀ ସିନେମା ଗୀତ ଶିଖିପାରିବା ସେତେବେଳେ ଆମକୁ ଶାସ୍ତ୍ରୀୟ ସଙ୍ଗୀତ ଶିକ୍ଷା କରିବା ବହୁତ କଷ୍ଟ ସାଧ୍ୟ ଏବଂ ବ୍ୟୟ ବହୁଳ ହୋଇଥାଏ । ଏହା ଅଧିକ ସମୟସାପେକ୍ଷ ଏବଂ ଆମପରି ବହୁତ ଲୋକଙ୍କୁ ଏହା ପାଇଁ ଏତେ ସମୟ ଦେବା ସମ୍ଭବ ହୋଇ ନଥାଏ ।

ଆମ ଦ୍ୱାରା ତିଆରି ଏବଂ ବ୍ୟବହାର କରାଯାଉଥିବା ବସ୍ତୁଗୁଡିକ ମଧ୍ୟ ଆମର ଆର୍ଥିକ ସ୍ଥିତି ଦ୍ୱାରା ସୀମିତ ହୋଇଥାଏ । ଇଚ୍ଛା କଲେ ମଧ୍ୟ ଆମମାନଙ୍କ ମଧ୍ୟରୁ କେହି ଏକ ତାଜମହଲ ତିଆରି କରିପାରିବ ନାହିଁ । ଏହା କେବଳ ଏକ ବୃହତ୍ତ ଏବଂ ସମୃଦ୍ଧ ସାମ୍ରାଜ୍ୟର ଶାସକ ଶାହାଜାହାନଙ୍କ ପାଇଁ ସମ୍ଭବ ହୋଇଥିଲା ।

> ଶାହାଜାହାନ ତାଜମହଲର ନିର୍ମାଣ ନିଜ ପତ୍ନୀ ମମତାଜ ମହଲଙ୍କ ସ୍ମୃତି ଉଦ୍ଦେଶ୍ୟରେ ୧୬୩୨ ମସିହାରେ ଆରମ୍ଭ କରିଥିଲେ । ଏହାର ନିର୍ମାଣ ପାଇଁ ପୁରା ବାଇଶ ବର୍ଷ ଲାଗିଥିଲା ଏବଂ ନିର୍ମାଣର ପ୍ରାରମ୍ଭରେ ବାଇଶ ହଜାର ଶ୍ରମିକ ପ୍ରତିଦିନ କାମ କରୁଥିଲେ । ଉକ୍ତ ନିର୍ମାଣରେ ଚାରିକୋଟି ଟଙ୍କା ଖର୍ଚ୍ଚ ହୋଇଥିଲା । ଯାହାକି ସେହି ସମୟ ପାଇଁ ଏକ ବିଶାଳ ଅଙ୍କ ହୋଇଥିଲା ।

ବାସ୍ତବରେ ଆମେ ଦେଖୁଥିବା ସୁନ୍ଦର ଦୁର୍ଗ, ରାଜପ୍ରାସାଦ ଏବଂ ଧାର୍ମିକ ସ୍ମାରକ ଗୁଡ଼ିକ (ଚିତ୍ରରେ ଦେଖ ଯୋଧପୁର/ଜୟପୁର)ସମ୍ରାଟମାନଙ୍କ ଦ୍ୱାରା ତିଆରି କରାଯାଇଥିଲା । ରାଜକୀୟ ବାସସ୍ଥାନ ତଥା ପୂଜାସ୍ଥଳୀ ରୂପେ ବ୍ୟବହାର ହେବା ସହିତ ଏହା ତିଆରି କରିଥିବା ବ୍ୟକ୍ତିମାନଙ୍କର କ୍ଷମତା ଓ ଗୌରବର ମଧ୍ୟ ପରିପ୍ରକାଶ କରୁଥିଲା । ଏଥି ସହିତ ଯଦିଓ ଭୌତିକ ସଂସାଧନର ମହତ୍ତ୍ୱ ରହିଛି ତଥାପି ଏହା ସର୍ବଦା ନିର୍ଣ୍ଣୟକ ହୋଇ ନଥିଲା । ମୀରା ବାଈ ନିଜର ଆଧ୍ୟାତ୍ମିକ ଲକ୍ଷକୁ ପୂରଣ କରିବା ପାଇଁ ଚିତ୍ତୋରର ଆଭିଜାତ୍ୟ ଭରା ରାଜପ୍ରାସାଦ ତଥା ଧନ ସମ୍ପଦ ପରିହାର କରି ଗୃହ ଶୂନ୍ୟ ଏବଂ ସ୍ୱାଧୀନ ଜୀବନ ଯାପନ ଆରମ୍ଭ କରିଥିଲେ । ଆଜି ଆମ୍ଭେ ତାଙ୍କର ସ୍ୱାମୀଙ୍କ ପରିବର୍ତ୍ତେ ତାଙ୍କର ଗୀତ ଗୁଡ଼ିକୁ ମନେପକାଉଛୁ ।

## ୨୯.୨ ପାଠଗତ ପ୍ରଶ୍ନ

ଶୂନ୍ୟସ୍ଥାନ ପୂରଣ କର ।

୧. ..............ର ସ୍ତୁପ ଧାର୍ମିକ ବାସ୍ତୁକଳାର ଉଦାହରଣ ଅଟେ ।

୨. ବୈଦିକ ମନ୍ତ୍ର ଉଚ୍ଚାରଣ ............... ସଙ୍ଗୀତର ଏକ ରୂପ ଅଟେ ।

୩. ...............ତାମିଲନାଡୁର ପ୍ରସିଦ୍ଧ ମହିଳା ସନ୍ଥ ।

୪. ................ସୁପ୍ରସିଦ୍ଧ କାଶ୍ମିରୀ କବିମାନଙ୍କ ମଧ୍ୟରୁ ଏକ ଅଟନ୍ତି ।

୫. ଭକ୍ତି ଏବଂ ସୁଫି ସନ୍ଥମାନେ .................ଭାଷାରେ କବିତା ଲେଖିଥିଲେ ।

୬. ......................ସୁପ୍ରସିଦ୍ଧ କାଶ୍ମିରୀ କବିତା ମଧ୍ୟରୁ ଏକ ଅଟେ ।

୭. ଆମ୍ଭର ପୋଷାକ __________ ଅପେକ୍ଷା__________ ଅନୁସାରେ ଭିନ୍ନ ହୁଏ ।

୮. ଦୁର୍ଗ ଏବଂ ମହଲ__________ ଦ୍ୱାରା ତିଆରି ହୋଇଥିଲା ।

ଟିପ୍ପଣୀ

## ୨୯.୬ ସାଂସ୍କୃତିକ ପାରସ୍ପରିକ କ୍ରିୟା

ଆମ ସଂସ୍କୃତି ଅନେକ ସମୟରେ ପାରସ୍ପରିକ କ୍ରୀୟା ଦ୍ୱାରା ସୃଷ୍ଟି ହୋଇଥାଏ । ଏହା ସେତେବେଳେ ସମ୍ଭବ ହୋଇଥାଏ ଯେତେବେଳେ ବିଭିନ୍ନ ସାଂସ୍କୃତିକ ପରମ୍ପରାର ଲୋକମାନେ ପରସ୍ପରର ସମ୍ପର୍କରେ ଆସନ୍ତି । ଉକ୍ତ ସମ୍ପର୍କ ସୌଦାଗର ଅଥବା ବଣିକମାନଙ୍କର ଅଭିଯାନ ଅଥବା ଜଳଯାତ୍ରାର ଜରିଆରେ ସ୍ଥାପିତ ହୋଇଥାଏ ଅଥବା ସେତେବେଳେ ହୋଇଥାଏ ଯେତେବେଳେ ଆକ୍ରମଣକାରୀ କୌଣସି ଦେଶ ଉପରେ ହସ୍ତକ୍ଷେପ କରିଥାଆନ୍ତି । ଏହା ମଧ୍ୟ ଘଟିଥାଏ ଯେତେବେଳେ ଯାତ୍ରୀ ବା ତୀର୍ଥଯାତ୍ରୀ ସୁଦୂର ଦେଶକୁ ଯାତ୍ରା କରିଥାଆନ୍ତି ଅଥବା ଯେବେ କୁଶଳୀ କାରୀଗର ଏବଂ ପୁରୁଷ ଓ ସ୍ତ୍ରୀ ଶ୍ରମିକମାନେ ରୋଜଗାର ପାଇବା ଆଶାରେ ଏକ ଜାଗାରୁ ଅନ୍ୟ ଜାଗାକୁ ଯାତ୍ରା କରିଥାଆନ୍ତି ।

ଉକ୍ତ ପାରସ୍ପରିକ କ୍ରୀୟାରେ ଜଡ଼ିତ ଲୋକମାନେ ବଭିନ୍ନ ଲୋକମାନଙ୍କର ବିଭିନ୍ନ ପ୍ରଥାଗୁଡ଼ିକୁ ଶିଖନ୍ତି ଏବଂ ନିଜର ଚିନ୍ତାଧାରା ତଥା ପ୍ରଥାଗୁଡ଼ିକୁ ନୂତନ ସ୍ଥାନକୁ ନେଇ ଯାଇ ଥାଆନ୍ତି । ଉକ୍ତ ପ୍ରକ୍ରିୟାରେ ଯୋଗ ଦେଉଥିବା ସମସ୍ତ ଲୋକଙ୍କର ସାଂସ୍କୃତିକ ପ୍ରଥାମାନଙ୍କରେ ପରିବର୍ତ୍ତନ ଦୃଷ୍ଟିଗୋଚର ହେଉଥାଏ ।

ଚାଲ ଖାଇବାର ଉଦାହରଣ ବିଚାର କରିବା । ତୁମେ ଜାଣିଅଛ ଯେ ଆଳୁ ଏବଂ ବିଲାତି ପରି ପରିବା ପ୍ରାୟ ପାଞ୍ଚ ଶହ ବର୍ଷ ପୂର୍ବେ ପର୍ତ୍ତୁଗୀଜ ବଣିକ ତଥା ସୈନିକମାନଙ୍କ ଦ୍ୱାରା ଭାରତକୁ ଅଣାଯାଇଥିଲା ? ଏବଂ ଚୀନ୍‌ରୁ ଆସିଥିଲା ? ଚାଉଳ ଏବଂ ଡ଼ାଲି ଭଳି ଖାଦ୍ୟ ପଦାର୍ଥ ଯାହାର ଆମେ ଉପଯୋଗ କରୁ ତଥା ସୋରିଷ ଓ ରାଶୀ (ଖସା, ତୀଳ)ଭଳି ତୈଳବୀଜ ପ୍ରାୟ ପାଞ୍ଚ ହଜାର ବର୍ଷ ପୂର୍ବରୁ ଭାରତରେ ଉତ୍ପାଦିତ ହେଉଅଛି ।

ତୁମେ ଯଦି ଆଜିର ଆମ ଖାଦ୍ୟ ଉପରେ ନଜର ଦେବ ଦେଖିପାରିବ ଯେ ଏହା ପାରମ୍ପରିକ ଉପଲବ୍ଧ ଖାଦ୍ୟ ଏବଂ ବର୍ତ୍ତମାନ ସହିତ ଯୋଡ଼ି ହୋଇଥିବା ଖାଦ୍ୟ ପଦାର୍ଥର ଏକ ମିଶ୍ରଣ ଅଟେ । ଏଥି ସହିତ ବିଶ୍ୱର ଅନ୍ୟ ଅଞ୍ଚଳ ଯଥା ଯୁକ୍ତରାଷ୍ଟ୍ର ଆମେରିକା ଏବଂ ଗ୍ରେଟ ବ୍ରିଟେନରେ ରହୁଥିବା ଲୋକମାନଙ୍କ ମଧ୍ୟରେ ଭାରତୀୟ ଭୋଜନ ପାଇଁ ରୁଚି ବିକଶିତ ହୋଇଅଛି । ବିଶେଷ କରି ତରକାରୀ ଏବଂ କବାବ ପାଇଁ । ପରବର୍ତ୍ତୀ ପାଠ୍ୟକ୍ରମରେ ତୁମେ ସାଂସ୍କୃତିକ ପାରସ୍ପରିକ କ୍ରିୟା ଏବଂ ଏହାର ପ୍ରଭାବ ଉପରେ ଉଦାହରଣମାନ ଦେଖିପାରିବ ।

## ୨୯.୩ ପାଠଗତ ପ୍ରଶ୍ନ ସଠିକ୍ ବା ଭୁଲ ଚିହ୍ନ ଲଗାଅ

୧. ସୌଦାଗରମାନେ ନୂତନ ଦେଶକୁ ଯାତ୍ରା କଲେ ସାଂସ୍କୃତିକ ପାରସ୍ପରିକ କ୍ରିୟା ଘଟିଥାଏ ।

୨. ଆକ୍ରମଣ ଦ୍ୱାରା ସାଂସ୍କୃତିକ ପାରସ୍ପରିକ କ୍ରିୟା ହୋଇ ନଥାଏ ।


୩. ଘ’ ମଧ୍ୟ ଆମେରିକାରେ ଚାଷ କରାଯାଏ ।

୪. ସୋରିଷ ଏବଂ ରାଶି ତେଲ ଭାରତକୁ ପର୍ତ୍ତୁଗିଜମାନଙ୍କ ଦ୍ୱାରା ଅଣା ଯାଇଥିଲା ।

୫. ତରକାରୀ ଗ୍ରେଟ ବ୍ରିଟେନରେ ଲୋକପ୍ରିୟ ହୋଇଅଛି ।

## ୨୯.୭ ବିଶ୍ୱ ବ୍ୟାପ୍ତିକରଣ

ସମଗ୍ର ବିଶ୍ୱକୁ ଏକ ଆର୍ଥିକ ଏବଂ ସାଂସ୍କୃତିକ ତନ୍ତ୍ରର (Network) ଅଧିନସ୍ଥ କରିବା ପ୍ରକ୍ରୀୟାକୁ ବିଶ୍ୱ ବ୍ୟାପ୍ତି କୁହାଯାଏ ।




ଚିତ୍ର ୨୯.୧୧ ଭାରତର ବିମାନପଥ

## ୨୯.୮ ବିଶ୍ୱ ବ୍ୟାପ୍ତ ଗାଁ କ’ଣ ?

ତୁମେ ବିଶ୍ୱବ୍ୟାପ୍ତ ଗାଁ ର ଅଭିବ୍ୟକ୍ତ ଶୁଣିଥିବ । ପ୍ରଥମ ସ୍ତରରେ ଏହା ବିରୋଧାଭାସି ଲାଗିପାରେ । କୌଣସି ଜିନିଷ ଏକ ସଙ୍ଗେ ବିଶ୍ୱ ବ୍ୟାପ୍ତି ଏବଂ ଗ୍ରାମ ଏକ ସଙ୍ଗରେ କିପରି ହୋଇ ପାରିବ ?

ବିଶ୍ୱବ୍ୟାପ୍ତ ଗ୍ରାମର ଶବ୍ଦାବଳୀ ପ୍ରଥମେ ମେକ୍ ଲୁହାନ (Me-Luhan) ନାମକ ଜଣେ ବିଦ୍ୱାନ ବ୍ୟବହାର କରିଥିଲେ । ସେ ଅନୁଭବ କରିଥିଲେ ଯେ ଟେଲିଭିଜନର ବର୍ଦ୍ଧିତ ବ୍ୟବହାର ସହିତ ସଂପ୍ରେଷଣ (Communication) ମଧ୍ୟ ନାଟକୀୟ ଭାବେ ପରିବର୍ତ୍ତିତ ହେବ । ଏହାର ଅର୍ଥ



ଟିପ୍ପଣୀ



ହେଲା ଯେ ଲୋକମାନେ ହଜାରେ ମାଇଲ ଦୂରକୁ ସଙ୍ଗେ ସଙ୍ଗେ ସମ୍ବାଦ ପଠାଇବାରେ ସକ୍ଷମ ହେବେ । ଏହା ଫଳରେ ପ୍ରାକୃତିକ ଦୂରତା (Physical distance) ବର୍ତ୍ତମାନ ସଂପ୍ରେଷଣକୁ ବନ୍ଦ କରିବା, ବାଧା ଦେବା ଅଥବା ଧିମା ଗତି ପ୍ରଦାନ କରିବାକୁ ସମ୍ଭବ ହେବ ନାହିଁ ।

ବିଗତ କିଛି ଦଶନ୍ଧି ଧରି ତଥା ବିଶେଷ କରି ପିଛିଲା ଦଶ ବର୍ଷ ମଧ୍ୟରେ ଉପଗ୍ରହ ଏବଂ ଅନ୍ୟ ସଶକ୍ତ ପ୍ରଦ୍ୟୋଗିକିୟ ଉପକରଣର ବ୍ୟବହାର ଦ୍ୱାରା ବ୍ୟାପକ ଭାବେ ବ୍ୟବହୃତ ଟି.ଭି. ନେଟୱାର୍କର ଉପଯୋଗ ଏହି ବିଶ୍ୱାସକୁ ପ୍ରତିପାଦନ କରେ ଯେ ମେକ୍ ଲୁହାନଙ୍କ (MC-Luhan) ଭବିଷ୍ୟତବାଣୀ ସତ୍ୟ ହୋଇଅଛି । ଭାରତରେ ଆମେ ବସି ନେଲସନ୍ ମଣ୍ଡେଲା ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତି ପଦଗ୍ରହଣ କରିବା ଅଥବା ସାରଜାର କ୍ରିକେଟ ମ୍ୟାଚ୍ ଦେଖି ପାରୁଅଛୁ । କିନ୍ତୁ ଏହା ପରେ ଆମ୍ଭେ ପଚାରି ପାରିବା ଯେ ଲୋକମାନଙ୍କ ମଧ୍ୟରେ ପାର୍ଥକ୍ୟ କେବଳ ଭୌତିକ ପାର୍ଥକ୍ୟ ଅଟେ କି ?

ଗ୍ରାମରେ ଏକ ସଙ୍ଗରେ ରହୁଥିବା ଅଧିକାଂଶ ଲୋକ ଚାଷୀ ଅଟନ୍ତି । ତେଣୁ ସେଠାରେ ରହୁଥିବା ଧନୀ-ଜମିଦାର, ଛୋଟ ଚାଷୀ, ଭାଗ ଚାଷୀ, କାରିଗର ବର୍ଗ ଏବଂ ଭୂମିହୀନ କୃଷି ମୁଲିଆମାନଙ୍କ ମଧ୍ୟରେ ସ୍ୱାଭାବିକ ଅନ୍ତର ରହିଅଛି । ଅନ୍ୟ ଶବ୍ଦରେ କହିବାକୁ ଗଲେ ଭୌତିକ ରୂପରେ ଜଣେ ଲୋକ ଅନ୍ୟ ଲୋକଙ୍କର ଅତି ନିକଟତର ହେଲେ ମଧ୍ୟ ସାମାଜିକ ଏବଂ ଆର୍ଥିକ ଦୃଷ୍ଟିରୁ ଅଲଗା ହୋଇ ଥାଆନ୍ତି । ଜମିଦାରମାନେ ଅଧିକ କ୍ଷମତାଶାଳୀ ହୋଇଥିବାରୁ ସେମାନେ ଗ୍ରାମର ସାମାଜିକ, ଆର୍ଥିକ ଓ ସାଂସ୍କୃତିକ ପରସ୍ପର କ୍ରୀୟାରେ ନିଜର ପ୍ରଭାବ ବିସ୍ତାର କରୁଥିଲେ । ଏଣୁ ସଂପ୍ରେଷଣ ସିଧା ସଳଖ ତଥା ସାମ୍ନା-ସାମ୍ନୀ ହେଲେ ମଧ୍ୟ ଏହି ତଥ୍ୟରେ ପ୍ରଭାବିତ ହେଲୁ ଯେ ଏଥିରେ ଭାଗ ନେଉଥିବା ଲୋକମାନଙ୍କ ସାମାଜିକ ସ୍ତର ସମାନ ହୋଇ ନଥିଲା ।

ବିଶ୍ୱ ଗ୍ରାମରେ ସମସ୍ୟା ଆହୁରି ବଢି ଯାଇଥିଲା । ଏଠାରେ ସମ୍ପ୍ରେଷଣ ସହରରେ ରହୁଥିବା ଲୋକଙ୍କ ଦ୍ୱାରା ପ୍ରଭାବିତ ହୋଇଥାଏ । ତୁମ୍ଭେ ହାରାହାରି ଭାବେ ଦେଖିଥିବ ଯେ ସହରରେ ବାସ କରୁଥିବା ଲୋକମାନେ ଗ୍ରାମବାସୀମାନଙ୍କ ତୁଳନାରେ ଅଧିକ ଧନଶାଳୀ ତଥା ପ୍ରଭାବଶାଳୀ ହୁଅନ୍ତି । ଆମ୍ଭେ ଏକ ପାଦ ଅଗ୍ରସର ହୋଇ ଭାରତ ଭଳି ବିକାଶଶୀଳ ଦେଶର ସହର ଏବଂ ବିକଶିତ ଆମେରିକା ଦେଶର ସହରଗୁଡ଼ିକ ମଧ୍ୟରେ ଥିବା ପ୍ରଭେଦକୁ ଦେଖି ପାରିବା । ଆମେରିକାର ସହରରେ ରହୁଥିବା ଲୋକମାନଙ୍କଠାରୁ ଅଧିକ ଧନଶାଳୀ ଏବଂ ବିକଶିତ ଦେଶର ସହରରେ ରହୁଥିବା ଶକ୍ତିଶାଳୀ ଲୋକମାନେ ପ୍ରାୟତଃ ଟି.ଭି. କାର୍ଯ୍ୟକ୍ରମର ନିର୍ମାଣ ତଥା ପ୍ରସାରଣ କରିଥାଆନ୍ତି । ଯାହାକୁ କି ଆମ୍ଭେ ପ୍ରାପ୍ତ କରିଥାଉଁ ।

ବିଶ୍ୱ ଗ୍ରାମରେ ଏହା ହୋଇଥିଲା ଯେ ଦୂରତାକୁ ଜୟ କରାଯାଇଥିଲା ବେଳେ ସଂପ୍ରେଷଣ ଏକ ତରଫା ପ୍ରକ୍ରୀୟାରେ ପରିଣତ ହୋଇଥିଲା । ଟି.ଭି. ପ୍ରଯୋଜକଙ୍କ ଦ୍ୱାରା ପ୍ରସ୍ତୁତ କରାଯାଉଥିବା ସମସ୍ତ କାର୍ଯ୍ୟକ୍ରମକୁ ଆମ୍ଭେ ଦେଖି ଏବଂ ଶୁଣି ପାରିବା ବେଳେ କୌଣସି ବାସ୍ତବିକ କଥୋପକଥନ ହୋଇ ପାରୁ ନଥିଲା । ଏଥିପାଇଁ ଗାଁରେ ରହି ସାମ୍ନା-ସାମ୍ନି ବସି କଥାବାର୍ତ୍ତା କରିବା ପରିବର୍ତ୍ତେ ଯେଉଁଠି ଆମେ ଚର୍ଚ୍ଚା କରିବା, ହସ୍ତକ୍ଷେପ କରିପାରିବା, ଝଗଡ଼ା କରିପାରିବା



ଟିପ୍ପଣୀ

ସହିତ ମନାଇ ପାରିବା, ବିପରିତରେ ଆମେ କେବଳ ଟି.ଭି.ରେ ଆସୁଥିବା ସବୁକୁ ପାଉଛେ ଏବଂ ଅନୁକରଣ କରି ହେଉଛି । ଯାହା ଆମକୁ ଦେଖାଇ ଦିଆ ଯାଉଛି ତା'ଉପରେ କୌଣସି ପ୍ରଶ୍ନ କରିବା ଅଥବା ପ୍ରତିବାଦ କରିବା ଅତ୍ୟନ୍ତ କଠିନ ଥିଲା ।

## ୨୯.୯ ବିଜ୍ଞାପନ ଏବଂ ଉପଭୋକ୍ତାବାଦ

ଉକ୍ତ କାର୍ଯ୍ୟକ୍ରମର ବିଚାର କର ଯାହାକି ଆମେ ରେଡ଼ିଓରୁ ଶୁଣୁଛେ ତଥା ଟି.ଭି.ରୁ ଦେଖୁଛେ ଯଥା:-ସମ୍ବାଦ, ସିନେମା, ଆଲୋଚନା ଏବଂ ବିଜ୍ଞାନ, ସଙ୍ଗୀତ, ଇତିହାସ ଓ ଖେଳ ଉପରେ କାର୍ଯ୍ୟକ୍ରମ ଇତ୍ୟାଦି ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମର ଅସୀମ ଭଣ୍ଡାର । ଆମର ଯାହା ପସନ୍ଦ ତାହା ଦେଖିଲେ କୌଣସି କିଛି ଯାଏ ଆସେ ନାହିଁ କିନ୍ତୁ ଏଥି ସହିତ ଆମ୍ଭେ ଶହେ ନଦେଖିଲେ ମଧ ଏକ ଡ଼ଜନ ବିଜ୍ଞାପନ ଦେଖି ଥାଉଁ । ଏହା କ'ଣ ପାଇଁ ହେଉଛି??? ଏହାର କାରଣ ହେଲା ବିଜ୍ଞାପନ ଦାତା ଅଥବା ପ୍ରଯୋଜକ ଉକ୍ତ କାର୍ଯ୍ୟକ୍ରମ ପାଇଁ ଅର୍ଥ ଦେଇ ଥାଆନ୍ତି ଯାହାକୁ ଆମେ ଦେଖୁ । ସେମାନେ ସାଧାରଣତଃ ଅତି ଯତ୍ନର ସହିତ ଲୋକପ୍ରିୟ କାର୍ଯ୍ୟକ୍ରମକୁ ବାଛିବା ପାଇଁ ଧ୍ୟାନ ଦେଇ ଥାଆନ୍ତି କାରଣ ଏହା ଏକ ବିଶାଳ ଦର୍ଶକ ବର୍ଗଙ୍କ ପାଖରେ ପହଞ୍ଚି ପାରିବ । ତେଣୁ ଏମାନେ ଲକ୍ଷାଧିକ ଲୋକଙ୍କ ପାଖରେ ନିଜର ଉତ୍ପାଦନକୁ ବିଜ୍ଞାପିତ କରିପାରୁଛନ୍ତି ।

ବିଜ୍ଞାପନ ଦାତାମାନେ ଆଶା କରନ୍ତି ଯେ ନିଜ ମନପସନ୍ଦର ଟି.ଭି. ପୋଗ୍ରାମ ଦେଖିବା ସମୟରେ ଆମ୍ଭେ ଏମାନଙ୍କର ଉତ୍ପାଦଗୁଡ଼ିକୁ ପ୍ରଦର୍ଶନ କରିବା ଏବଂ ସେମାନେ ଏଗୁଡ଼ିକୁ କିଣିବା ପାଇଁ ଲାଳାୟିତ ହେବେ । ଅନ୍ୟ ଭାଷାରେ କହିଲେ ସେମାନେ ତାଙ୍କର ବ୍ରାଣ୍ଡ (Brand)ଉତ୍ପାଦକୁ କିଣିବାକୁ ଆମ୍ଭମାନଙ୍କୁ ପ୍ରବର୍ତ୍ତାଇବେ । ସେଗୁଡ଼ିକ ଯାହା ହେଲେ ମଧ କିଛି ଫରକ୍ ପଡ଼େ ନାହିଁ । ଯଥା:-ସାବୁନ୍, କ୍ରିମ୍, କାର, ଗୃହପୋକରଣ ଇତ୍ୟାଦିର ଅନନ୍ତ ସୁଚୀ । ସଙ୍ଗେ ସଙ୍ଗେ ଦରକାର ନଥିବା ଜିନିଷ ଏବଂ ଆମର ଅତି ଆବଶ୍ୟକ ହୋଇ ନଥିବା ଜିନିଷ ଏବଂ ବେଳେବେଳେ ନିଜର ଆର୍ଥିକ କ୍ଷମତାର ବର୍ହିଭୁତ ଜିନିଷ କିଣିବାର ପ୍ରବୃତ୍ତିକୁ ଉପଭୋକ୍ତାବାଦ ରୂପେ (consumerism) ଜଣାଯାଏ ।

ଏଣୁ ଦୂରତା ନାଟକୀୟ ଭାବେ ସଙ୍କୁଚିତ ହୋଇ ଯାଇଥିବା ବେଳେ ନୂତନ ଜ୍ଞାନ କୌଶଳ ବୃହତ ଉତ୍ପାଦନକାରୀ ତଥା ବହୁରାଷ୍ଟ୍ରୀୟ କମ୍ପାନୀମାନଙ୍କର ହିତସାଧନ ପାଇଁ ବ୍ୟବହୃତ ହେଉଅଛି । ସେମାନେ ଉପଭୋକ୍ତାମାନଙ୍କର ଏକ ବିଶାଳ ଜନସଂଖ୍ୟା ସୃଷ୍ଟି କରନ୍ତି ଯେଉଁମାନେ ନିଜର ଆୟକୁ ବିଭିନ୍ନ ଜିନିଷ କିଣିବାରେ ଖର୍ଚ୍ଚ କରିବା ସହିତ ଧାର କରି ନିଜ ମନମୁତାବକ ଜିନିଷ କିଣିବା ପାଇଁ ପ୍ରବର୍ତ୍ତାଇ ଥିଲେ ।

ବର୍ତ୍ତମାନ ଏହା କାର୍ଯ୍ୟକାରୀ ହେବାରୁ ବିଶ୍ୱବ୍ୟାପ୍ତି ସାମାନ୍ୟତ ସବୁଠାରୁ ବଡ଼ ଉଦ୍ୟୋଗପତିମାନଙ୍କର ସ୍ୱାର୍ଥକୁ ଅନ୍ୟ ସମସ୍ତଙ୍କ ଅପେକ୍ଷା ଅଧିକ ପୂରଣ କରୁଅଛି । ବିଶ୍ୱବ୍ୟାପ୍ତିକୁ ପ୍ରକୃତରେ ହିତକାରୀ କରିବା ପାଇଁ ସାଂସ୍କୃତିକ ବିବିଧତାକୁ ସମ୍ମାନ ଦେଇ ପରସ୍ପର ମଧ୍ୟରେ ଏକ ବୁଝାମଣାର ବିକାଶ ହେବା ଦରକାର ଏବଂ ଏଥି ସହିତ ବିଶ୍ୱର ସମ୍ବଳକୁ ଅଳ୍ପ କେତେକଙ୍କ ହାତରେ କେନ୍ଦ୍ରିଭୂତ ହୋଇ ରଖିବା ପରିବର୍ତ୍ତେ ଏହାର ସୁଷମ ବଣ୍ଟନ ହେବା ଆବଶ୍ୟକ ।

ଆମକୁ ଏହା ମଧ୍ୟ ମନେରଖିବାକୁ ହେବ ଯେ ବିଶ୍ୱବ୍ୟାପ୍ତିର ସମ୍ଭାବିତ ଲାଭକୁ ଉପେକ୍ଷା କରାଯାଇନପାରେ । ଟିଭି କାର୍ଯ୍ୟକ୍ରମ ଜରିଆରେ ବିଦେଶୀ ବସ୍ତୁ କିଣିବା ପାଇଁ ପ୍ରବର୍ତ୍ତାଇବା ସହିତ ଆମ୍ଭକୁ ବିଦେଶୀ ସଂସ୍କୃତି ବିଷୟରେ ମଧ୍ୟ ଶିକ୍ଷା ଦାନ କରିଥାଏ । ଆମକୁ ନିର୍ଣ୍ଣୟ କରିବାକୁ ପଡିବ ଯେ କେଉଁ ଜିନିଷକୁ ସ୍ୱୀକାର କରିବା ଦରକାର ଏବଂ କାହାକୁ ଅସ୍ୱୀକାର କରିବା ଦରକାର । ବିଶ୍ୱବ୍ୟାପ୍ତି ଏପରି ଏକ ବ୍ୟବସ୍ଥା ଯେ ତାହା ସହିତ ଏବେ ଆମେ ଜୀବନ କଟାଉଛୁ । ଆମ୍ଭେ ବୁଝିବା ଦରକାର ଯେ ଏହା ସହିତ ମଧ୍ୟ ନିଜର ସ୍ୱତନ୍ତ୍ରତାକୁ ନେଇ ବଞ୍ଚିବା ଦରକାର ।

## ୨୯.୪ ପାଠଗତ ପ୍ରଶ୍ନ

ଶୂନସ୍ଥାନ ପୂରଣ କର

୧. ବିଶ୍ୱବ୍ୟାପ୍ତି ................. ଏବଂ ସାଂସ୍କୃତିକ ସଂପ୍ରେଷଣ କ୍ଷେତ୍ରରେ ନିଜର ଆଧିପତ୍ୟ ବିସ୍ତାର କରୁଅଛି ।

୨. ................ଶବ୍ଦ ମେକ-ଲୁହାନଙ୍କ ଦ୍ୱାରା ସୃଷ୍ଟି କରାଯାଇଥିଲା ।

୩. ବିଜ୍ଞାପନଦାତା ଟିଭି କାର୍ଯ୍ୟକ୍ରମକୁ .................. କରନ୍ତି ।

୪. ବିଶ୍ୱର ସଂପ୍ରେଷଣ ଉପରେ ...... ଦେଶମାନେ ନିଜର ପ୍ରାଧାନ୍ୟ ବଜାଇ ରଖିଛନ୍ତି ।

---

## ତୁମେ କଣ ଶିଖିଲ

ସଂସ୍କୃତି ମାନବର ଏକ ଅଭିନ୍ନ ଅଙ୍ଗ ଅଟେ । ସଂସ୍କୃତିର ପରିପ୍ରକାଶ ପାଇଁ ଅନେକ ସ୍ୱରୂପ ଅଛି । ଜନସାଧାରଣଙ୍କ ଦ୍ୱାରା କିମ୍ବା ତାଙ୍କ ପାଇଁ ତିଆରି କରାଯାଇଥିବା ସ୍ୱରୂପକୁ ଲୋକ ସଂସ୍କୃତି କୁହାଯାଏ ଅନ୍ୟଥା ଅଧିକ ଅନନ୍ୟ ସ୍ୱରୂପକୁ ଶାସ୍ତ୍ରୀୟ ସଂସ୍କୃତି କୁହାଯାଏ । ସଂସ୍କୃତିରେ ଆମର ସାମାଜିକ ରୀତି ନୀତି , ଲୁଗାପଟା, ଭୋଜନ ଆଦି ଜିନିଷ ରହିଥାଏ ଯାହାକୁ ଆମେ ଦୈନନ୍ଦିକ ଜୀବନର ବ୍ୟବହାର କରୁଁ । ଆମ୍ଭର ସାଂସ୍କୃତିକ ପ୍ରଥାଗୁଡ଼ିକ ଆମର ଧର୍ମବିଶ୍ୱାସ ଏବଂ ଆମର ସାମାଜିକ ଓ ଆର୍ଥିକସ୍ଥିତି ଦ୍ୱାରା ପ୍ରଭାବିତ ହୋଇଥାଏ । ଏହା ଲୋକମାନଙ୍କ ମଧ୍ୟରେ ହେଉଥିବା ପରସ୍ପର କ୍ରିୟା ଦ୍ୱାରା ଆକାର ଗ୍ରହଣ କରିଥାଏ । ଆଜିର ସ୍ଥିତିରେ ବିଶ୍ୱବ୍ୟାପ୍ତିର ପରସ୍ପର କ୍ରିୟାର ଏକ ବିଶିଷ୍ଟ ସ୍ୱରୂପ ପ୍ରସ୍ତୁତ କରୁଅଛି । ଏହା ଏକ ମିଶ୍ରିତ ଆଶୀର୍ବାଦ ଅଟେ । ଏହା ଅଧିକାଂଶ ସମୟରେ ଉପଭୋକ୍ତାବାଦ ଆଡ଼କୁ ଗତି କରିଥାଏ । ଏହାକୁ ନିଜର ଉତ୍ପାଦଗୁଡିକର ବିଜ୍ଞାପନ ଦେଉଥିବା ଉତ୍ପାଦନକାରୀ ମାନଙ୍କଦ୍ୱାରା ପ୍ରୋତ୍ସାହିତ କରାଯାଏ । ଏଥି ସହିତ ବିଶ୍ୱବ୍ୟାପ୍ତି ଏକ ଲାଭପ୍ରଦ ଶକ୍ତି ଏହା ଆମକୁ ଦୂର ଦୂରାନ୍ତ ସହିତ ସମ୍ପର୍କ ରଖିବାରେ ସାହାଯ୍ୟ ପ୍ରଦାନ କରେ ଏବଂ ବିଚାର ଏବଂ ସୂଚନାର ଆଦାନ ପ୍ରଦାନ କରିବାରେ ସୁବିଧା ଯୋଗାଇଥାଏ ।



ଟିପ୍ପଣୀ

## ପାଠାନ୍ତ ପ୍ରଶ୍ନ

୧. ପାଠରେ ବର୍ଣ୍ଣିତ ସାଂସ୍କୃତିକ ଅଭିବ୍ୟକ୍ତିର ସମସ୍ତ ସ୍ୱରୂପର ସୂଚନା ପ୍ରଦାନ କର । ଏମାନଙ୍କ ମଧ୍ୟରୁ ତୁମେ ଶୁଣିଥିବା ଏବଂ ଦେଖିଥିବା ପଦାର୍ଥ ଗୁଡ଼ିକରେ ଠିକ୍ ଚିହ୍ନ ପ୍ରଦାନ କର । ଏଥି ସହିତ ତୁମେ କେବେ ଏବଂ କେଉଁଠାରେ ଦେଖିଛ ବା ଶୁଣିଛ ଉଲ୍ଲେଖ କର । (ଯଥା:-ତୁମର ପ୍ରିୟ ଗୀତ ବା ଚିତ୍ରକଳା)

୨. କେଉଁ କେଉଁ ଉପାୟରେ ଆମର ସାମାଜିକ ତଥା ଆର୍ଥିକ ସ୍ଥିତି ଆମ ସଂସ୍କୃତିକୁ ପ୍ରଭାବିତ କରେ ବର୍ଣ୍ଣନା କର । କ'ଣ ତୁମେ ଚିନ୍ତା କରୁଅଛ କି ଏଗୁଡ଼ିକ ମହତ୍ୱ ପୂର୍ଣ୍ଣ? କାରଣ ପ୍ରତିପାଦନ କର ।

୩. ନିଜେ ଯାଇଥିବା ଏକ ସ୍ଥାନ ବିଷୟରେ ଚିନ୍ତା କର ଏହା କ'ଣ ତୁମ (କ) ଜିଲ୍ଲାରେ ଥିଲା (ଖ) ରାଜ୍ୟରେ ଥିଲା (ଗ) ଦେଶରେ ଥିଲା? ଉକ୍ତ ସ୍ଥାନର ଲୋକଙ୍କ ସଂସ୍କୃତି ଯାହାକି ନିଜଠାରୁ ଅଲଗା ବା ନିଜ ସହିତ ସମାନ ତା'ର ବର୍ଣ୍ଣନା କର ।

୪. ବୈଶିକ ଗ୍ରାମରେ ସଂପ୍ରେଷଣର ସ୍ୱରୂପ ବର୍ଣ୍ଣନା କର । ଏକ ସାଧାରଣ ଗାଁର ସଂପ୍ରେଷଣର ତୁଳନାରେ ଏଠାରେ କି ପ୍ରକାର ଭିନ୍ନତା ପରିଲକ୍ଷିତ ହୁଏ ତାହା ପ୍ରତିପାଦନ କର ।

୫. କୌଣସି ଦୈନିକ ଖବରକାଗଜ ଅଥବା ମେଗାଜିନରୁ ୫ ଖଣ୍ଡ ବିଜ୍ଞାପନ କାଟି ଚିଟାଇ ଦିଅ । ବିଜ୍ଞାପିତ ଉତ୍ପାଦର ବର୍ଣ୍ଣନା କର । ଏହା କେଉଁଠାରେ ତିଆରି ହେଉଛି? ଏହା କେଉଁଠାରେ ଉପଲବ୍ଧ ହେଉଛି ଏବଂ ଏହାର ଦାମ୍ କେତେ? ବିଜ୍ଞାପନ ଦାତା କି ପ୍ରକାର ନିଜର ଜିନିଷକୁ କିଣିବା ପାଇଁ ପ୍ରେରଣା ଦେଉଅଛି ତାହା ଉଲ୍ଲେଖ କର ।

### ୨୯.୧ ପାଠଗତ ପ୍ରଶ୍ନର ଉତ୍ତର

୧. (କ) ସାଂସ୍କୃତିକ ଅଭିବ୍ୟକ୍ତିର ସ୍ୱରୂପ
(ଖ) ମୋଗଲ ବାସ୍ତୁକଳା
(ଗ) ସଂସ୍କୃତ କାବ୍ୟ
(ଘ) ସାମାଜିକ ରୀତିନୀତି
(ଙ) ଭୌତିକ ସଂସ୍କୃତି

୨. (୧) ଭୁଲ
(୨) ଠିକ୍
(୩) ଭୁଲ
(୪) ଠିକ୍
(୫) ଭୁଲ



ଟିପ୍ପଣୀ



୨୯.୨

(୧) ଠିକ୍

(୨) ଧାର୍ମିକ

(୩) ଆଗ୍ରାଲ

(୪) ଲାଇଟେଟ୍

(୫) ଜନସାଧାରଣ

(୬) ମୌଖିକ

(୭) ଧର୍ମ

(୮) ଶାସକ

୨୯.୩

(୧) ଠିକ୍

(୨) ଭୁଲ

(୩) ଭୁଲ

(୪) ଭୁଲ

(୫) ଠିକ୍

୨୯.୪

(୧) ଅର୍ଥ ବ୍ୟବସ୍ଥା

(୨) ବିଶ୍ୱ ଗ୍ରାମ

(୩) ସ୍ପନସର (Sponser)

(୪) ବିକଶିତ

## ଶବ୍ଦାବଳୀ

ମାନବ ବିଜ୍ଞାନ – ଏହାର ଶବ୍ଦାର୍ଥ ହେଲା ମାନବର ବିଜ୍ଞାନ । ଏଥିରେ ଭୌତିକ ଓ ସାମାଜିକ ଦୁଇ ଦୃଷ୍ଟିକୋଣରୁ ମାନବକୁ ଅଧ୍ୟୟନ କରାଯାଏ ।

ପ୍ରତ୍ନତତ୍ତ୍ୱବିତ୍ – ଅତୀତ ସମାଜର ଭୌତିକ ଅବଶେଷର ବିଶ୍ଳେଷଣ କରି ଏହାକୁ ବୁଝାଇବା ପାଇଁ ଯେ ଆମକୁ ସାହାଯ୍ୟ କରିବା ବିଜ୍ଞାନୀ ।

ଶାସ୍ତ୍ରୀୟ – ଠିକ୍ ଅନୁପାତରେ ତିଆରି ହୋଇଥିବା ଜିନିଷ । କିଛି ଉତ୍କୃଷ୍ଟ ସାମଗ୍ରୀ ଯାହାକୁ ଉଲ୍ଲେଖ କରାଯାଇଥାଏ ।

ଉପଭୋକ୍ତାବାଦ - ନିଜର ଦରକାରଠାରୁ ଅଧିକ ଜିନିଷ ଓ ସେବା ଆଶା କରିବା ଏବଂ ବେଳେବେଳେ ନିଜର ସାମର୍ଥ୍ୟର ବାହାରେ ଥିବା ଜିନିଷ ରଖିବାର ପ୍ରବୃତ୍ତି ।

ଭୌତିକ ସଂସ୍କୃତି - ଦୈନନ୍ଦିନ ଜୀବନରେ ବ୍ୟବହାର କରୁଥିବା ଜିନିଷ ଯାହାକୁ ଆମେ ଦେଖିପାରିବା ଏବଂ ଛୁଇଁ ପାରିବା ।

ଲୋକପ୍ରିୟ - ଲୋକମାନଙ୍କର ସହିତ ଜଡ଼ିତ । ଯାହାକି ଲୋକମାନଙ୍କ ଦ୍ୱାରା ଅନୁମୋଦିତ ଅଥବା ଲୋକଙ୍କର ପସନ୍ଦଯୋଗ୍ୟ ଜିନିଷ ।

ବୈଦିକ ମନ୍ତ୍ରଉଚ୍ଚାରଣ (Chants):- ଚାରୋଟି ବେଦ ଅଛି ସେଥିରେ ମନ୍ତ୍ର ଅଛି ଯାହାକୁ କି ପର୍ବପର୍ବାଣୀ ଅଥବା ଯାଗ ଯଜ୍ଞ ସମୟରେ ଉଚ୍ଚାରଣ କରାଯାଏ ।



ଟିପ୍ପଣୀ

# ୩୦

# ସାଂସ୍କୃତିକ ଉତ୍ପାଦନ

ପାତ୍ର ଓ ତାଉଆ ଚିତ୍ର, ତନ୍ତ ବୁଣା ଲୁଗା, ସାହିତ୍ୟ ଓ ଖାଦ୍ୟ ସହିତ ଅନ୍ୟାନ୍ୟ ଜିନିଷଗୁଡ଼ିକ ମିଳିତ ହୋଇ ଆମ ସଂସ୍କୃତିର ଅଙ୍ଗ ହୋଇଛି । ଉକ୍ତ ପାଠ୍ୟ କ୍ରମରେ ଆମେ ଦେଖିବା କିପରି ଏଗୁଡ଼ିକ ଉତ୍ପାଦନ କରାଯାଏ, କିଏ ଉତ୍ପାଦନ କରେ ଏବଂ କିଏ ଏହାର ଉପଯୋଗ କରେ ।


**ଉଦ୍ଦେଶ୍ୟ ଏହା ପଢ଼ିବା ପରେ ତୁମ୍ଭେ ଜାଣିପାରିବ:-**

- ଚିତ୍ର ବନାଇବା ପାଇଁ କେଉଁ କୌଶଳ ବ୍ୟବହାର କରାଯାଇଥାଏ ଏବଂ ଏହା କାହାପାଇଁ ତିଆରି କରାଯାଇଥିଲା ।
- ଭାରତରେ ନିର୍ମିତ ବିଭିନ୍ନ ପ୍ରକାର ବସ୍ତ୍ର ଏବଂ ପୋଷାକ କିପରି ଥିଲା ।
- ମହାକାବ୍ୟ ଠାରୁ ଆରମ୍ଭ କରି ଲୋକ ସଙ୍ଗୀତ ପର୍ଯ୍ୟନ୍ତ ସମୃଦ୍ଧ ଏବଂ ବିଭିନ୍ନତା ପୂର୍ଣ୍ଣ ସାହିତ୍ୟ ।
- ଖାଦ୍ୟ ଉତ୍ପାଦନର ସ୍ୱରୂପ ଏବଂ ଭାରତର ବିଭିନ୍ନ ଭାଗରେ ଖାଦ୍ୟ ପଦାର୍ଥର ବ୍ୟାପକ ବିଭିନ୍ନତା ।

## ୩୦.୧ ଚିତ୍ରକଳା, କଳାକାର ଏବଂ ପୃଷ୍ଠପୋଷକ Paintings, Painters & Patrons

ଉକ୍ତ ବିଭାଗରେ ଆମେ ଆମର କଳାକାର ଏବଂ ଏମାନଙ୍କର କଳା ବିଷୟରେ ବୁଝିବା ସହିତ ଜାଣିବା ଯେ ସେମାନେ କ'ଣ ଚିତ୍ର କରନ୍ତି, କେଉଁଥିରେ କରନ୍ତି ଏବଂ କାହା ପାଇଁ କରନ୍ତି ?

ଅତୀତରେ କଳା ଏବଂ ହସ୍ତକର୍ମ ଦୈନନ୍ଦିନ ଜୀବନର ଏକ ଅଙ୍ଗ ଥିଲା ଏବଂ ଦରକାରୀ ଥିଲା ତାହା ସୁନ୍ଦର ଥିଲା । ଆମ ପୂର୍ବଜମାନେ ବ୍ୟବହାର କରୁଥିବା ପାତ୍ର ଏବଂ ତାଉଆ, ପିନ୍ଧୁଥିବା ଲୁଗାପଟା ଏବଂ ବସବାସ କରୁଥିବା ଗୃହ ଗୁଡ଼ିକରେ ବିଭିନ୍ନ ପ୍ରକାରର ନକ୍ସା ତିଆରି ହୋଇଥିଲା ।



(ଚିତ୍ର ୩୧-୧)





ସବୁଠାରୁ ଉତ୍କୃଷ୍ଟ ନକ୍‌ସାଗୁଡ଼ିକ ସ୍ତ୍ରୀଲୋକ ମାନଙ୍କ ଦ୍ୱାରା ନିଜ ଘରର ପ୍ରବେଶପଥରେ ଚାଉଳ ଗୁଣ୍ଡ, ହଳଦୀ ଏବଂ କୁଙ୍କୁମ ଚୂର୍ଣ୍ଣରେ ତିଆରି କରୁଥିଲେ । ମଧୁବନୀ ଚିତ୍ରକଳା ଏହିପରି ବିହାରର ଏକ ଗ୍ରାମୀଣ ପରମ୍ପରାରୁ ବିକଶିତ ହୋଇଥିଲା । ଯେଉଁଥିରେ ଜନ୍ମାଷ୍ଟମୀ ପର୍ବରେ (କୃଷ୍ଣଙ୍କ ଜନ୍ମଦିନ) ଏବଂ ଅନ୍ୟାନ୍ୟ ପର୍ବପର୍ବାଣୀରେ କାନ୍ଥ, କାଗଜ ଏବଂ ଅନ୍ୟ ଜିନିଷ ଉପରେ କୃଷ୍ଣଙ୍କ ଜୀବନର ଦୃଶ୍ୟମାନ ଅଙ୍କନ କରାଯାଉଥିଲା । କଳାର ଏହି ଦୃଷ୍ଟାନ୍ତରେ ଧାର୍ମିକ ଉଦ୍ଦେଶ୍ୟ ରହିଥିବା ସହିତ ଏହାକୁ ପବିତ୍ର ବୋଲି ବିଚାର କରାଯାଉଥିଲା ।

ଆମେ ପାଇଥିବା ପ୍ରାଚୀନତମ କଳା ହେଲା ଗୁମ୍ଫା-କଳା ଯାହାକି ଶୀକାର କରୁଥିବା ଏବଂ ଖାଦ୍ୟ-ସଂଗ୍ରାହକ ଜନଜାତିମାନଙ୍କ ଦ୍ୱାରା ଅଙ୍କା ଯାଇଥିଲା । ଏ ଗୁଡ଼ିକରୁ ସବୁଠାରୁ ପ୍ରସିଦ୍ଧ କଳା ଉତ୍ତର ପ୍ରଦେଶର ମିର୍ଜାପୁର ଏବଂ ବନ୍ଦ୍ରା ମଧ୍ୟପ୍ରଦେଶର ଭୋପାଳ ନିକଟ ଭୀମ ବେଟକା ଏବଂ ରାୟଗଡ଼ ନିକଟ ସିଙ୍ଗନପୁର, କର୍ଣ୍ଣାଟକର ବିନ୍ଧ୍ୟ ପର୍ବତମାଳାର ମହାଦେବ ପାହାଡ଼ ଏବଂ ବରେଲିର ଗୁମ୍ଫାମାନଙ୍କରେ ଏବଂ ପାହାଡ଼ିଆ ଆଶ୍ରୟସ୍ଥଳରେ ଦେଖିବାକୁ ମିଳେ । ଉକ୍ତ ଚିତ୍ରଗୁଡ଼ିକ ସାଧାରଣତଃ ଶୀକାରର ଦୃଶ୍ୟ ହୋଇଥାଏ ଯାହାଦ୍ୱାରା ଆମେ ସେହି ଅଞ୍ଚଳର ବୃକ୍ଷଲତା ତଥା ପଶୁ ଜୀବନ ତଥା ପ୍ରାରମ୍ଭିକ ପୁରୁଷ ସ୍ତ୍ରୀମାନଙ୍କର ଦ୍ୱାରା ବ୍ୟବହାର କରାଯାଉଥିବା ଉପକରଣ ବିଷୟରେ ମଧ୍ୟ ଜାଣିପାରୁ । ଏଗୁଡ଼ିକ ଧନୁ ଓ ତୀର ଏବଂ କୁରାଢ଼ୀ ଭଳି ସରଳ ଉପକରଣ ଥିଲା । ଉକ୍ତ ଚିତ୍ରକଳାଗୁଡ଼ିକୁ କାହିଁକି କରାଯାଉଥିଲା ତା'ବିଷୟରେ ଆମେ ସଠିକ୍ ଭାବେ ଜାଣି ପାରୁନାହୁଁ । ସମ୍ଭବତଃ ଏଗୁଡ଼ିକର କୌଣସି ଯାଦୁବିଦ୍ୟାର ମହତ୍ୱ ଥିଲା ଅଥବା ଏଗୁଡ଼ିକ ଶୀକାରରେ ସଫଳତା ପାଇଁ ପ୍ରଯୁଯ୍ୟ ଥିଲା ।

ପୁରାତନ ଯୁଗର ସ୍ତ୍ରୀ ଓ ପୁରୁଷମାନେ ନିଜର ଆବଶ୍ୟକତା ପାଇଁ ଚିତ୍ର ଅଙ୍କନ କରୁଥିବା ବେଳେ ପରବର୍ତ୍ତୀ ସମୟରେ ସାଧାରଣତଃ ରାଜକୀୟ ପୃଷ୍ଠପୋଷକତାରେ ଚିତ୍ରକଳାର ସୃଷ୍ଟି ହୋଇଥିଲା । ଏହାର ଅର୍ଥ ହେଲା ରାଜାମାନେ ଚିତ୍ର ପାଇଁ ଖର୍ଚ୍ଚ କରୁଥିଲେ ଅଥବା ବେଳେ ବେଳେ କଳାକୃତି ପାଇଁ କଳାକାରର ଭରଣପୋଷଣ କରୁଥିଲେ ।

ଏଗୁଡ଼ିକ ମଧ୍ୟରୁ ପ୍ରାଚୀନତମ କଳା ମଧ୍ୟପ୍ରଦେଶର ବାଘ ଗୁମ୍ଫା ତଥା ମହାରାଷ୍ଟ୍ରର ଅଜନ୍ତା ଏବଂ ଏଲୋରା ଗୁମ୍ଫାରେ ଦେଖାଯାଏ । ଅଜନ୍ତା ଗୁମ୍ଫାର ବିଷୟ ବସ୍ତୁ ବୁଦ୍ଧଙ୍କ ଜୀବନ ଉପରେ ଆଧାରିତ ଥିଲା । ବିଶେଷ କରି ଜାତକ ଗଳ୍ପରେ ବର୍ଣ୍ଣନା କରାଯାଇଥିବା ଗୌତମ ବୁଦ୍ଧଙ୍କର ଅନେକ ଜୀବନର ଆଧାରିତ ଥିଲା । ବୌଦ୍ଧ ଧର୍ମ ବିଷୟରେ ତୁମେ ପାଠ୍ୟକ୍ରମ ୩୧ରେ ଅଧିକ କଥା ପଢ଼ିବ । ଏଗୁଡ଼ିକ ମଧ୍ୟରୁ କେତେକ ଦୃଶ୍ୟ ନିତିଦିନିଆ ଜୀବନର ଅଟେ ଯେପରିକି ଅଜନ୍ତା ଗୁମ୍ଫାରେ ନିଜର ଶୃଙ୍ଗାରରେ ଲିପ୍ତ ରାଜକୁମାରୀର ପ୍ରସିଦ୍ଧ ଚିତ୍ର । ଅଜନ୍ତା ଏବଂ ଏଲୋରାର କଳାଗୁଡ଼ିକୁ ଗୁପ୍ତ ଏବଂ ଭାକାଟକ ଶାସକମାନେ ପୃଷ୍ଠପୋଷକତା ପ୍ରଦାନ କରିଥିଲେ । ସେମାନେ ମୋଟାମୋଟି ଭାବେ ଚତୁର୍ଥରୁ ଷଷ୍ଠ ଶତାବ୍ଦୀ ମଧ୍ୟରେ ଶାସନ କରୁଥିଲେ । ଏହି ଚିତ୍ରଗୁଡ଼ିକ ନିଜର ଅମ୍ଳାନ (Unfading)ରଙ୍ଗ ଦୃଷ୍ଟିରୁ ଉଲ୍ଲେଖନୀୟ ଅଟେ । ଏହା ବିଶ୍ୱାସ କରାଯାଏ ଯେ ଷଷ୍ଠରୁ ଦଶମ ଶତାବ୍ଦୀ ମଧ୍ୟରେ ଶାସନ କରୁଥିବା ପଲ୍ଲବ ବଂଶର ରାଜାମାନଙ୍କ ସମୟରେ ମହାବାଳୀପୁରମ୍‌ର ଗୁମ୍ଫାରେ କରାଯାଇଥିବା କଳାଗୁଡ଼ିକ ଅଜନ୍ତା ଏବଂ ଏଲୋରା ଚିତ୍ର କଳାରେ ବ୍ୟବହୃତ ହୋଇଥିବା କଳା କୌଶଳର ବ୍ୟବହାର କରାଯାଇଥିଲା ।



ଟିପ୍ପଣୀ



> ମହାବଳୀପୁରମ୍ (ଚେନାଇ ନିକଟ)ରେ ପାହାଡ଼ କାଟି କରାଯାଇଥିବା ମନ୍ଦିର ମାମ୍ଲନି ନରସିଂହା ପଲବନ୍ଙ୍କ ସମୟର ଅଟେ । ସେ ୭ମ ଶତାବ୍ଦୀରେ ଶାସନ କରୁଥିଲେ । ଏହି ଗୁମ୍ଫା ଗୁଡ଼ିକର ଆଭ୍ୟନ୍ତରୀଣ ଭାଗରେ ଏବଂ ପାହାଡ଼ଗୁଡ଼ିକରେ ସମ୍ମୁଖ ଭାଗରେ ମହାଭାରତର ଅତି ସୁନ୍ଦର ଦୃଶ୍ୟଗୁଡ଼ିକ ଚିତ୍ରିତ ତଥା ଖୋଦିତ କରାଯାଇଥିଲା ।

ଚିତ୍ରକଳା ଏକ କଳାତ୍ମକ ବସ୍ତୁ ହିସାବରେ ବିକାଶ ରାଜ ଦରବାର ତଥା ସହର ଏବଂ ନଗରଗୁଡ଼ିକରେ ହୋଇଥିଲା । ଏହି ପରମ୍ପରା ଅନୁସାରେ ଆମେ ମୋଗଲ କାଳର କ୍ଷୁଧାକୃତି ଚିତ୍ର (miniature painting)ର ଗଣନା କରି ପାରିବା । ମୋଗଲ ଚିତ୍ରକଳା (୧୬ଶରୁ ୧୮ଶ ଶତାବ୍ଦୀ ମଧ୍ୟରେ କରାଯାଇଥିବା)ମୁଖ୍ୟତଃ ସଫବିଦ୍(Safavid)ବା ଇରାନୀ ଓ ହିନ୍ଦୁସ୍ଥାନୀ ପରମ୍ପରାର ଏକ ସୁନ୍ଦର ମିଶ୍ରିତ କଳା ଅଟେ । ମୋଗଲ ଏବଂ ରାଜପୁତ କଳାକାରମାନେ ପରସ୍ପରର ଅଲଗା ଥିଲେ ମଧ୍ୟ ପରସ୍ପରକୁ ପ୍ରଭାବିତ କରିଥିଲେ । ପୁସ୍ତକ ବନ୍ଧା (Book-binding) ଏବଂ ପାଣ୍ଡୁଲିପି ଚିତ୍ରଣ ଆଦି କଳା ସହିତ ସଂଶ୍ଳିଷ୍ଟ ଥିଲେ ଏହାର ବିକାଶ ଏହି ସମୟରେ ହୋଇଥିଲା । ଅତ୍ୟଧିକ ଚିତ୍ରିତ ବାଦଶାହାନାମା ପାଣ୍ଡୁଲିପିର ଚିତ୍ରଣର କଳାରେ ପାରଙ୍ଗମ କୁଶଳୀ ଫାରସୀ କାରିଗରମାନଙ୍କର କାରିଗରୀର ଉଚ୍ଚା ଉଦାହରଣ ରହିଛି । ଅନ୍ୟ ପ୍ରସିଦ୍ଧ ସଚିତ୍ର ପାଣ୍ଡୁଲିପିମାନଙ୍କ ମଧ୍ୟରେ ଆକବରନାମା ଅନ୍ୟତମ । ଉକ୍ତ ଦୁଇଟି କୀର୍ତ୍ତିମାନ ରାଜାଙ୍କର "ଜୀବନ ଚରିତ" ଅଟେ ।

ଅନ୍ୟ ଏକ ଉଦାହରଣ ହେଲା ସଚିତ୍ର ଜୈନ ପାଣ୍ଡୁଲିପିଗୁଡ଼ିକ । ଏଗୁଡ଼ିକର ଉତ୍ପତ୍ତି ଷଷ୍ଠ ଶତାବ୍ଦୀ ଠାରୁ ଆରମ୍ଭ ହୋଇଥିଲା । ଜୈନମାନେ ନିଜର ପ୍ରାଚୀନ ଜ୍ଞାନକୁ ଲିପିବଦ୍ଧ କରି ସୁରକ୍ଷିତ ରଖିବା ପାଇଁ ସ୍ଥିର କରିଥିଲେ । କେତେକ କ୍ଷେତ୍ରରେ ସୌଦାଗରମାନେ ପାଣ୍ଡୁଲିପି ତିଆରି ପାଇଁ କଳାକାରମାନଙ୍କୁ ନିୟୋଜିତ କରୁଥିଲେ । ଉକ୍ତ ପାଣ୍ଡୁଲିପିଗୁଡ଼ିକ କ୍ଷୁଦ୍ରାକୃତି ଚିତ୍ର ଦ୍ୱାରା ଅତି ସୁନ୍ଦର ଭାବରେ ଚିତ୍ରିତ କରାଯାଇଥିଲା । ଏହା ମଧ୍ୟ ବିଶ୍ୱାସ କରାଯାଏ ଯେ ପ୍ରଥମ ତୀର୍ଥାଙ୍କର ରାସଭଦେବ ନିଜେ ଜଣେ କୁଶଳ ଚିତ୍ରକର ଥିଲେ । ପ୍ରାଥମିକ ସଚିତ୍ର ଜୈନ ପାଣ୍ଡୁଲିପି ହିସାବରେ "ଅଷ୍ଟସହସିକା ପ୍ରଜ୍ଞା ପରମିତା" ଅନ୍ତର୍ଗତ । ଜୈନ ଧର୍ମ ଏବଂ ଦର୍ଶନ ଉପରେ ସବୁଠାରୁ ପ୍ରସିଦ୍ଧ କ୍ଷୁଦ୍ରାକୃତି ଚିତ୍ରର ଚିତ୍ରକଳା ହେଲା "ତ୍ରୀଲୋକ୍ୟ ଦୀପିକା" ।

ପ୍ରାରମ୍ଭିକ ଚିତ୍ରକଳାଗୁଡ଼ିକ ଅବକାଶ ସମୟରେ ତିଆରି କରାଯାଉଥିବା କଳାକୃତୀ ଥିଲା । ଅନ୍ୟ ପକ୍ଷରେ କେତେକ ଆଧୁନିକ କଳାକୃତିଗୁଡ଼ିକ ତତ୍କାଳୀନ ଆବଶ୍ୟକତା ପାଇଁ ଅତି ଶୀଘ୍ର ତିଆରି କରାଯାଇଥିଲା । ଉଦାହରଣ ସ୍ୱରୂପ ହୋଡ଼ିଂସ୍ (Hoardings) ଏବଂ ପ୍ରଚାର ପତ୍ର (Posters) ଏବଂ ବିଜ୍ଞାପନ-ସିନେମାଗୁଡ଼ିକ ଜନତାଙ୍କ ଧ୍ୟାନ ଆକର୍ଷଣ କରିବା ପାଇଁ ତିଆରି କରାଯାଇଥିଲା ଏବଂ ପ୍ରତି ସପ୍ତାହରେ ବଦଳା ଯାଉଥିଲା । ପ୍ରାରମ୍ଭିକ ଚିତ୍ରକଳାର ବୀପରିତରେ ଉକ୍ତ ହୋଡ଼ିଂଗୁଡ଼ିକର ଜୀବନ କ୍ଷଣସ୍ଥାୟୀ ଥିଲା କାରଣ ଏହାକୁ ବାରମ୍ୱାର ବଦଳା ଯାଉଥିଲା ।

## ୩୦.୨ ପାଠଗତ ପ୍ରଶ୍ନ

**୧. ଠିକ୍ ବା ଭୁଲ୍‌ର ଚିହ୍ନ ପ୍ରଦାନ କର ।**

କ. ମଧୁବନ ଚିତ୍ରକଳା କର୍ମକାଣ୍ଡ ଓ ଧାର୍ମିକ ପରମ୍ପରା ରୂପରେ ଆରମ୍ଭ ହୋଇଥିଲା ।





ଖ. ଗୁମ୍ଫା ଚିତ୍ରକଳାକୁ ରାଜକୀୟ ସଂରକ୍ଷଣ ମିଳିଥିଲା ।

ଗ. ମୋଗଲ ପ୍ରତିକୃତିରେ ଗ୍ରାମୀଣ ପରମ୍ପରାର ଗଠନ ।

ଘ. ଆକବର ନାମା ଓ ପାଦଶାହାନାମା ରାଜାମାନଙ୍କର ଜୀବନ ଚରିତ?

୨. କେତେକ ସ୍ଥାନର ନାମ ଲେଖ ଯେଉଁଠାରେ ପ୍ରାରମ୍ଭିକ ଗୁମ୍ଫା-ଚିତ୍ରକଳା ଦେଖାଯାଏ ।

..............................................................................

## ୩୦.୨ ଭାରତୀୟ ବସ୍ତ୍ର ଏବଂ ପୋଷାକ

ଭୌଗଳିକ ଏବଂ ଜଳବାୟୁ ପରିସ୍ଥିତି ଭାରତୀୟ ଲୋକମାନଙ୍କର ପୋଷାକକୁ ଅନେକ ଭାବରେ ପ୍ରଭାବିତ କରିଅଛି । ଉତ୍ତର ଭାରତରେ ପଶମ ଏକ ସୂତା ବସ୍ତ୍ର ପିନ୍ଧୁଥିବାବେଳେ ଦକ୍ଷିଣ ଭାରତର ଉଷ୍ଣ ଜଳବାୟୁରେ ଲୋକମାନେ କେବଳ ସୁତା ବସ୍ତ୍ର ପିନ୍ଧନ୍ତି । ଉଷ୍ମ ଅଞ୍ଚଳରେ ପୁରୁଷମାନେ ଦେହରେ ପକାଇବା ପାଇଁ ଏକ ଲୁଗା (ଗାମୁଛା) ଓ ପ୍ରାୟ ଦେଢ଼ଗଜ ବିଶିଷ୍ଟ ଏକ ନିମ୍ନ ଶରୀରେ ପିନ୍ଧିବା ପାଇଁ ଲୁଗା(ଲୁଙ୍ଗୀ) ବ୍ୟବହାର କରିଥାଆନ୍ତି । ଉତ୍ତର ଭାରତରେ ପୁରୁଷମାନେ ସିଲେଇ କରାଯାଇଥିବା ସାର୍ଟ ବା କୁର୍ତ୍ତା ଏବଂ ପାଇଜାମା ପରିଧାନ କରନ୍ତି । ସ୍ତ୍ରୀଲୋକମାନେ ୬ ଗଜ ବିଶିଷ୍ଟ ସିଲାଇ ହୋଇ ନଥିବା କପଡ଼ା ଯାହାକୁ ଶାଢ଼ୀ କୁହାଯାଏ ଏବଂ ପୁରୁଷଙ୍କ ଭଳି ସିଲାଇ ହୋଇଥିବା କୁର୍ତା-ସାଲୱାର ପିନ୍ଧୁଥିଲେ । ଶାଢ଼ୀ ପିନ୍ଧିବା ବିଭିନ୍ନ ଅଞ୍ଚଳର ସାଂସ୍କୃତିକ ପରମ୍ପରାଗୁଡ଼ିକ ଉପରେ ନିର୍ଭର କରୁଥିଲା । ଉଦାହରଣ ସ୍ୱରୂପ ମହାରାଷ୍ଟ୍ର ତଥା ତାମିଲନାଡୁର ସ୍ତ୍ରୀମାନେ ନଅ ଗଜ ବିଶିଷ୍ଟ ଶାଢ଼ୀ ପିନ୍ଧନ୍ତି ଯାହାକି ଦୁଇଗୋଡ଼ ମଧ୍ୟରେ ବିଭାଜିତ ହୋଇଥାଏ । ସେହିପରି କେରଳର ସ୍ତ୍ରୀଲୋକମାନେ ଗୋଇଠି ପର୍ଯ୍ୟନ୍ତ ଲମ୍ବିଥିବା ଚାରି ବା ପାଞ୍ଚ ଗଜର ଶାଢ଼ୀ ପିନ୍ଧି ଥାଆନ୍ତି ।

> ଏକଥା ବିଶ୍ୱାସ କରାଯାଏ ଯେ ପ୍ରାରମ୍ଭିକ ଭାରତରେ ପିନ୍ଧାଯାଉଥିବା ଲୁଗା ସିଲାଇ ହେଉ ନଥିଲା । ଏହା କହିବା କଷ୍ଟ ସାଧ୍ୟ ଯେ ଭାରତୀୟମାନେ ସିଲାଇ ହେବା ଲୁଗା କେବେ ପିନ୍ଧିବା ଆରମ୍ଭ କଲେ । ପ୍ରାରମ୍ଭିକ ଖ୍ରୀଷ୍ଟିୟ ଶତାବ୍ଦୀର ଚିତ୍ରକଳା ଓ ମୂର୍ତ୍ତିଗୁଡ଼ିକରେ କୁଶାଣ ପ୍ରହରୀ ଏବଂ ସୈନିକମାନେ ପୁରା ପେଣ୍ଟ ଏବଂ ଜାକେଟ ପିନ୍ଧିବାର ଦେଖା ଯାଇଥାଏ । ଅମରାବତୀ (ଆନ୍ଧ୍ର ପ୍ରଦେଶ) ଅଥବା ବୃହଦୀଶ୍ୱରମ୍ (ତାମିଲନାଡୁ)ର ପ୍ରାଚୀନ ମୂର୍ତ୍ତିଗୁଡ଼ିକରେ କେବଳ ସେବାୟତ ଏବଂ ନର୍ତ୍ତକୀମାନଙ୍କୁ ସିଲେଇ କରାଯାଇଥିବା ଲୁଗାରେ ଚିତ୍ରିତ କରାଯାଇଅଛି କିନ୍ତୁ ରାଜା ଅଥବା ଦେବତାମାନେ ନୁହେଁ ।

ମଥୁରା ସଂଗ୍ରହାଳୟରୁ ଯାଇଥିବା ଜାତୀୟ ସଂଗ୍ରହାଳୟରେ ଥିବା ମୁଣ୍ଡବିହୀନ କୋଟ ପିନ୍ଧା ମୂର୍ତ୍ତି ଦେଖିବାକୁ ମିଳେ । ଭାରତରେ କାର୍ପାସର ଉତ୍ପାଦନ ପ୍ରାଗ୍ ଐତିହାସିକ ଯୁଗରୁ ହୋଇ ଆସୁଅଛି । ହରପ୍ପା ସଭ୍ୟତାର ସବୁଠାରୁ ବିଶାଳ ସହର ମହେଞ୍ଜୋଦାରୋରେ କାର୍ପାସ ବସ୍ତ୍ରର ବ୍ୟବହାରର ସୁନିଶ୍ଚିତ ପ୍ରମାଣ ମିଳେ । ପ୍ରତ୍ନତତ୍ୱବିତ୍‌ମାନଙ୍କ ଦ୍ୱାରା ତକଲି (ସୂତା କଟା ଯନ୍ତ୍ର) ଆବିଷ୍କାର ହୋଇଅଛି । ଅଥର୍ବ ବେଦ ଭଳି ପ୍ରାଗ୍ ସାହିତ୍ୟରେ ସର୍ବ ପୁରାତନ ଲୁଗାବୁଣା ତନ୍ତ ବିଷୟରେ

ଉଲ୍ଲେଖ ହୋଇଥିବା ଦେଖିବାକୁ ମିଳେ। ସୂତା କାଟିବା କାମରେ ସାଧାରଣତଃ ବିଧବା ଏବଂ ଅବିବାହିତ ମହିଳାମାନେ ନିୟୋଜିତ ହୋଇଥିଲେ।

ଭାରତରେ ବୁଣା ଯାଉଥିବା ଲୁଗା ସଂସ୍କୃତିକୁ ପ୍ରତିଫଳନ କରେ। ଏଥି ସହିତ ଜଡ଼ିତ ସମସ୍ତ ଜିନିଷ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଯଥା:-ପସନ୍ଦଯୋଗ୍ୟ ରଙ୍ଗ, ଏଥିରେ ବୁଣାଯାଇଥିବା ନକ୍ସା ଓ ରୂପ (Design) ଏବଂ ଯେଉଁ ଅବସରରେ ଏହା ପିନ୍ଧା ଯାଏ। ଲାଲ ଉର୍ବରତାର ସୂଚକ ଅଟେ ତେଣୁ ସାଧାରଣତଃ ନବ ବଧୂମାନେ ନିଜର ବିବାହ ସମୟରେ ପିନ୍ଧୁଥିଲେ। ଗେରୁଆ ଏବଂ ଧଳା ଶୁଦ୍ଧତା ତଥା ତ୍ୟାଗର ସୂଚନା ଦେଇଥାଏ ତେଣୁ ସାଧାରଣତଃ ଆଧାତ୍ମିକ ମାର୍ଗର ବ୍ୟକ୍ତିମାନେ ତଥା ବିଧବାମାନେ ଏ ପ୍ରକାର ବସ୍ତ୍ର ପିନ୍ଧୁଥିଲେ। କଳା ରଙ୍ଗକୁ ଅଶୁଭ ବୋଲି ଧରା ଯାଉଥିଲେ ମଧ୍ୟ ଦକ୍ଷିଣ ଭାରତର ଗର୍ଭବତୀ ମହିଳାମାନେ ଏପରିବସ୍ତ୍ର ପରିଧାନ କରୁଥିଲେ। ବିଶ୍ୱାସ କରାଯାଏ ଯେ ସାଧାରଣତଃ ଅଶୁଭ ଦୃଷ୍ଟିରୁ ନିଜକୁ ବଞ୍ଚାଇବା ପାଇଁ ଏପରି ପିନ୍ଧୁଥିଲେ। ନୀଳ(ଇଣ୍ଡିଗୋ) ଏବଂ ମେଡାର (Madder) ଭଳି ବନସ୍ପତି ରଙ୍ଗରେ ପରମ୍ପରାଗତ ରଙ୍ଗାଇବା କାର୍ଯ୍ୟ କରାଯାଉଥିଲା। ଯଦିଓ ବର୍ତ୍ତମାନ ଅଧିକାଂଶ ରଞ୍ଜକ (Dyers) ମାନେ ଶସ୍ତା ରାସାୟନିକ ରଙ୍ଗରେ ରଙ୍ଗ କରିବା କାମ ଆରମ୍ଭ କରିଛନ୍ତି।

ବସ୍ତ୍ରର ପ୍ରାଗ୍-ଆକୃତିଗୁଡ଼ିକ ଜ୍ୟାମିତିକ ହୋଇଥିଲା। ବିଭିନ୍ନ ଅଞ୍ଚଳରୁ ପ୍ରାପ୍ତ ବସ୍ତ୍ର ଉପରେ ବିଭିନ୍ନ ପ୍ରକାରର ଗଛପତ୍ର ତଥା ପଶୁପକ୍ଷୀଙ୍କର ଚିତ୍ରଗୁଡ଼ିକ ଆମ୍ଭକୁ ଜଣାଇ ଦେଉଅଛି ଯେ ସେମାନେ କେଉଁକେଉଁ ଜିନିଷ ପ୍ରତି ପରିଚିତ ଥିଲେ ଏବଂ କାହାକୁ ମହତ୍ୱପୂର୍ଣ୍ଣ ବୋଲି ପରିଗଣିତ କରୁଥିଲେ। ପଦ୍ମଫୁଲ ଓ ଆମ୍ବ ଆକୃତିର ବସ୍ତ୍ରକୁ ଭାରତରେ ବହୁ ଭାଗରେ ଲୋକପ୍ରିୟ ଥିଲା। ଭାରତ ଏକ ସମୃଦ୍ଧ ଏବଂ ବିଭିନ୍ନ ପ୍ରକାରର ବସ୍ତ୍ରର ଉତ୍ପାଦନ କରୁଥିଲା। ବନାରସର ଜରିଦିଆ ରେଶମ ଶାଢ଼ୀ ଯାହାକୁ ଜାମଦାନୀ ଏବଂ ଜାମେବର କୁହାଯାଏ, କାଞ୍ଚିପୁରମ୍‌ର ସ୍ୱର୍ଣ୍ଣ କିନାର ଯୁକ୍ତ ରେଶମ ଶାଢ଼ୀ, ଆସାମ, ବଙ୍ଗଳା ତଥା କର୍ଣ୍ଣାଟକର ଟସର ଓ ରେଶମର ସୁପ୍ରସିଦ୍ଧ ବିଭିନ୍ନ ପ୍ରକାରର ଶାଢ଼ୀ, କାର୍ପାସ ବସ୍ତ୍ରଗୁଡ଼ିକୁ ସାଧାରଣ ସମାନ୍ତରାଳ ତନ୍ତ ଦ୍ୱାରା ବୁଣାଯାଉଥିବା ବେଳେ ଜରିକାମ ଥିବା ରେଶମ ବସ୍ତ୍ର ପାଇଁ ଅଧିକା ପେଡ଼େଲ ଥିବା ଜଟିଳ ତନ୍ତର ଆବଶ୍ୟକତା ପଡୁଥିଲା। ରେଶମ ବସ୍ତ୍ର ସୂତା ଲୁଗାଠାରୁ ଅଧିକ ଦାମିକା ଥିଲା ଏବଂ କମ୍ ସଂଖ୍ୟକ ଲୋକ ଏଗୁଡ଼ିକୁ କିଣି ପାରୁଥିଲେ।

ବିଭିନ୍ନ ପ୍ରକାର ବସ୍ତ୍ର ପାଇଁ ଭିନ୍ନ ଭିନ୍ନ ଉତ୍ପାଦନ-କୌଶଳର ଆବଶ୍ୟକତା ପଡ଼ିଥାଏ। ଟାଇ ଏଣ୍ଡ ଡ଼ାଇ (Tie & Dye) ନାମକ ବସ୍ତ୍ର ଯାହାକୁ ବିଭିନ୍ନ ସାଂସ୍କୃତିକ ପରମ୍ପରାରେ ବାନ୍ଧିନୀ(ରାଜସ୍ଥାନ, ଗୁଜୁରାଟ), ଏକଟ(ଓଡ଼ିଶା) ଅଥବା ଚୁଙ୍ଗଡ଼ି(ତାମିଲନାଡୁ) ଆଦି କୁହାଯାଏ। ଏହାକୁ ଏକ ପ୍ରକ୍ରିୟା ଦ୍ୱାରା ତିଆରି କରାଯାଏ ଯେଉଁଥିରେ ଲୁଗା ଏବଂ ବେଳେ ବେଳେ ବୁଣା ଯାଉଥିବା ସୂତାକୁ ବାନ୍ଧି ରଙ୍ଗ କରାଯାଏ।

କଲମକାରୀ ବସ୍ତ୍ର ଆନ୍ଧ୍ରର ଏକ ଜୀବିତ ପରମ୍ପରାର ଏକ ଅଙ୍ଗ ଅଟେ। "କଲମକାରୀ" ଶବ୍ଦର ଅର୍ଥ ହେଲା କଲମରେ କରାଯାଉଥିବା କାର୍ଯ୍ୟ। ଉକ୍ତ ଚିତ୍ରକରମାନଙ୍କୁ ଦାକ୍ଷିଣାତ୍ୟର ସୁଲତାନମାନେ(୧୪ଶରୁ ୧୭ଶ ଶତାବ୍ଦୀ ପର୍ଯ୍ୟନ୍ତ)ଏବଂ ସମ୍ଭ୍ରାନ୍ତ ବର୍ଗମାନଙ୍କ ଦ୍ୱାରା ପୃଷ୍ଟପୋଷକତା



ଟିପ୍ପଣୀ

ପ୍ରଦାନ କରାଯାଉଥିଲା । ଏଗୁଡ଼ିକରେ ଚିତ୍ରିତ ବିଷୟବସ୍ତୁଗୁଡ଼ିକ ହିନ୍ଦୁ ଏବଂ ମୁସଲମାନ ବିଷୟରେ ଏକ ମିଶ୍ରଣ ହୋଇଥିଲା । କୌତୁହଳର ବିଷୟ ଯେ ଆଜିକାଲି ବିକ୍ରୀ ହେଉଥିବା "କଲମକାରୀ" ମେସିନ୍ ଦ୍ୱାରା ତିଆରି ହେଉଥିବା ବେଳେ ସେଥିରେ ଚିତ୍ର ଫଳକ (Block) ଦ୍ୱାରା ଛାପାକାମ (Print) କରାଯାଉଅଛି । ବାସ୍ତବରେ ଆଜିକାଲି ଉତ୍ପାଦନ କରାଯାଉଥିବା ଅଧିକାଂଶ ଲୁଗା ବିଦ୍ୟୁତ ଚାଳିତ ତନ୍ତ ଦ୍ୱାରା କରାଯାଉଅଛି ।

### ୩୦.୧ ପାଠଗତ ପ୍ରଶ୍ନ

୧. ବାନ୍ଧଣୀ କୌଶଳ କହିଲେ କ'ଣ ବୁଝ ? କେଉଁଠାରେ ଏହାର ଉତ୍ପାଦନ ହୁଏ ?

.......................................................................................

୨. କଲମକାରୀ ଶବ୍ଦର ଅର୍ଥ ବ୍ୟାଖ୍ୟା କର ।

.......................................................................................

୩. ଠିକ୍ ବା ଭୁଲ ପ୍ରତିପାଦନ କର ।

(କ) ସୂତା ଲୁଗା ଉଷ୍ମ ଜଳବାୟୁରେ ପିନ୍ଧାଯାଏ ।

(ଖ) ରେଶମ ଲୁଗା ସୂତା ଲୁଗା ଅପେକ୍ଷା ଶସ୍ତା ଅଟେ ।

(ଗ) ବାନ୍ଧିକି ରଙ୍ଗ କରିବା ଲୁଗାକୁ ଜାମଦାନୀ କୁହାଯାଏ ।

(ଘ) ନୀଳ (Indigo) ଏବଂ (Modder) ବନସ୍ପତି ରଙ୍ଗ ଅଟେ ।

## ୩୦.୩ ସାହିତ୍ୟ

ବର୍ତ୍ତମାନ ଆମେ ଆମର ସମୃଦ୍ଧ ଏବଂ ବିଭିଦତା ପୂର୍ଣ୍ଣ ସାହିତ୍ୟ ଉପରେ ନଜର ପକାଇବା ଯାହାକି ମହାକାବ୍ୟଠାରୁ ଲୋକଗୀତ ଏବଂ ଶାସ୍ତ୍ରୀୟ ଠାରୁ ଲୋକ ପ୍ରିୟ ସାହିତ୍ୟ ପର୍ଯ୍ୟନ୍ତ ସମସ୍ତ ରୂପରେ ଉପଲବ୍ଧ ଅଟେ ।

ଭାରତ ଏପରି ଏକ ଦେଶ ଯେଉଁଠାରେ ଅନେକ ଭାଷା କୁହାଯାଏ । ଏଠାରେ ପ୍ରାୟ ୩୨୫ ଭାଷା ଏବଂ ଉପଭାଷାରେ ଭାବ ପ୍ରଦାନ କରାଯାଏ । ଉଦାହରଣ ପାଇଁ, ହିନ୍ଦି ଉତ୍ତର ପ୍ରଦେଶର ମୁଖ୍ୟ ଭାଷା ଅଟେ ଏବଂ ଏଠାକାର ଲୋକେ ୮୫ଟି ଉପଭାଷା ବା ବୋଲିରେ କଥାବାର୍ତ୍ତା କରନ୍ତି ଯାହାକି ହିନ୍ଦିର ଆଞ୍ଚଳିକ ସ୍ୱରୂପ ଅଟେ ।

ବିଷୟବସ୍ତୁ ଦୃଷ୍ଟିରୁ ଆମ୍ଭର ସାହିତ୍ୟ ଧାର୍ମିକ ତଥା ଅଣଧାର୍ମିକ ଉପରେ ଆଧାରିତ । ଲୋକଙ୍କର ଜୀବନଠାରୁ ଆରମ୍ଭ କରି ରାଜ ଦରବାର ବିଷୟବସ୍ତୁ ପର୍ଯ୍ୟନ୍ତ ଲମ୍ୱିଥିଲା । ସଂସ୍କୃତରେ ଲେଖା ଯାଇଥିବା ବେଦ ଆମ ଧାର୍ମିକ ସାହିତ୍ୟରେ ଅଙ୍ଗ ହୋଇଥିବା ବେଳେ ଶୁଦ୍ରକଙ୍କର "ମୃଚ୍ଛାକଟୀକା", ଯାହାର ଶବ୍ଦିକ ଅର୍ଥ ହେଲା ମାଟିର ଖେଳନାର ଗଳ୍ପ, ସାଂସାରିକ ବିଷୟବସ୍ତୁ ଉପରେ ଆଧାରିତ । ରାମାୟଣ ଏବଂ ମହାଭାରତ ଭଳି ମହାକାବ୍ୟର ପୁନଃ-କଥନରେ ଏକ ବ୍ୟାପକ



ଟିପ୍ପଣୀ



ଆଞ୍ଚଳିକ ତାରତମ୍ୟ ବିଶେଷ ଭାବେ ରହିଅଛି । ସମସ୍ତଙ୍କୁ ଜଣାଅଛି ଯେ ବାଲ୍ମୀକି ଲେଖିଥିବା ରାମାୟଣକୁ ସଂସ୍କୃତରେ "ଆଦି କାବ୍ୟ" ନାମରେ ପରିଚିତ । ତୁଳସୀ ଦାସ ରାମାୟଣକୁ ହିନ୍ଦି ଭାଷାରେ ଲେଖିଥିଲେ ଏହା "ରାମ ଚରିତ ମାନସ" ନାମରେ ଲୋକ ପ୍ରିୟ ହୋଇଅଛି । ଚୋଳ ଶାସକଙ୍କ ରାଜ କବି କମ୍ବନ (Kamban) ତାମିଲ ଭାଷାରେ ରାମାୟଣ ରଚନା କରିଥିଲେ । ସେହିପରି ରାମାୟଣର ତେଲ୍‌ଗୁ ଭାଷାରେ ଲୋକପ୍ରିୟ ସଂକଳନ କୃଷକ ମହିଳା ମୋଲ୍ଲାଙ୍କ ଦ୍ୱାରା କରାଯାଇଥିଲା ।

ଏହା ଏକ କୌତୁକ ପୂର୍ଣ୍ଣ ବିଷୟ ଯେ ଲେଖକଙ୍କର ସାମାଜିକ ସ୍ଥିତି ତାଙ୍କର ରଚନାଗୁଡ଼ିକୁ ପ୍ରଭାବିତ କରିଥାଏ । ଉଦାହରଣ ସ୍ୱରୂପ କମ୍ବନ ସମ୍ଭ୍ରାନ୍ତ ଶାସକ ବର୍ଗଙ୍କର ଭାଷା ଏବଂ କଳ୍ପନାର (imagery) ବ୍ୟବହାର କରିଥିବା ସମୟରେ ମୌଲ୍ଲା ଚାଷୀ ମହିଳା ପରି ଲେଖୁଥିଲେ ଏବଂ ସୂର୍ଯ୍ୟାସ୍ତର ବର୍ଣ୍ଣନା କରିବାକୁ ଯାଇ ବର୍ଣ୍ଣନା କରିଛନ୍ତି ଯେ ସୂର୍ଯ୍ୟ ଆକାଶରୁ ତଳକୁ ଚାଲିଗଲେ ଯେପରି କୌଣସି ଶ୍ରମିକ ଦିନସାରା ପରିଶ୍ରମ କଲାପରେ ଯେପରି କ୍ଲାନ୍ତ ଅନୁଭବ କରନ୍ତି ।

ବର୍ତ୍ତମାନ ଆମେ ବିଶ୍ୱାସ ଯୋଗ୍ୟ ବେଦ ବ୍ୟାସଙ୍କ ଦ୍ୱାରା ରଚିତ ସଂସ୍କୃତ ମହାଭାରତର ଆଞ୍ଚଳିକ ତଥା ଲୌକିକ ପରିବର୍ତ୍ତନକୁ ପରିଲକ୍ଷିତ କରିବା । ମହାଭାରତର ଏକ ତେଲ୍‌ଗୁ ଅନୁବାଦରେ ଲେଖା ଯାଇଅଛି ଯେ ଯୁଧିଷ୍ଠିରଙ୍କ ନେତୃତ୍ୱରେ ପାଣ୍ଡବମାନେ ଦୁର୍ଯ୍ୟୋଧନଙ୍କ ସହିତ ପଶା ଖେଳରେ ନିଜର ସମ୍ପତ୍ତି ଏବଂ ସ୍ୱାଧୀନତା ହରାଇବା ପରେ ଦ୍ରୌପଦୀ ନିଜେ ପଶା ଖେଳରେ ଯୋଗଦାନ କରିବା ପାଇଁ ନିଜର ଅଧିକାର ସାବ୍ୟସ୍ତ କରିଥିଲେ । ନିଜର ବିରୋଧିମାନଙ୍କୁ ତାଚ୍ଛଲ୍ୟ ପ୍ରଦାନ କରିବା ପାଇଁ ସେ ନିଜ ପାଦରେ ପଶା କାଠି ପକାଇ ନିଜ ସ୍ୱାମୀମାନେ ହରାଇଥିବା ସମସ୍ତ ଜିନିଷକୁ ଜିତିବା ଆରମ୍ଭ କରିଥିଲେ । ଦକ୍ଷିଣ ଭାରତର ଅନେକ ଭାଗରେ ଦ୍ରୌପଦରଙ୍କୁ ଦେବୀ ରୂପେ ପୂଜା କରାଯାଉଅଛି ।

ମହାଭାରତରେ ଏକ ତାମିଲ ଅନୁବାଦରେ ଏକ ପାଣ୍ଡ୍ୟବଂଶର ରାଣୀ ଆଲିରାଣୀ (Alirani)ଙ୍କ ବିଷୟରେ ବର୍ଣ୍ଣନା କରାଯାଇଅଛି ଯେ ସେ ପୁରୁଷମାନଙ୍କୁ ଘୃଣା କରୁଥିଲେ ଏବଂ କେବଳ ସ୍ତ୍ରୀମାନଙ୍କ ସହାୟତାରେ ରାଜ୍ୟ ଶାସନ କରୁଥିଲେ । ଆହୁରି ମଧ୍ୟ ବର୍ଣ୍ଣିତ ହୋଇଅଛି ଯେ ସେ ଯୁଦ୍ଧରେ ଅର୍ଜ୍ଜୁନଙ୍କୁ ହରାଇଦେବା ପରେ ତାଙ୍କୁ ବିବାହ କରିଥିଲେ । ହିମାଳୟ ଅଞ୍ଚଳର ମହାଭାରତର ବର୍ଣ୍ଣନାରେ ଭୀମଙ୍କୁ ପ୍ରାଧାନ୍ୟତା ଦିଆଯାଇଥାଏ । ଭୀମ ଏବଂ ତାଙ୍କର ଆଦିବାସୀ ସମ୍ପ୍ରଦାୟର ପତ୍ନୀ ହିଡ଼ିମ୍ବାଙ୍କୁ ହିମାଚଳ ପ୍ରଦେଶର ମାଣ୍ଡି ଅଞ୍ଚଳରେ ମୁଖ୍ୟ ଦେବତା ଅଟନ୍ତି । ଦ୍ରୌପଦୀଙ୍କ ଦ୍ୱାରା ପାଞ୍ଚଭାଇଙ୍କୁ ବିବାହକରିବା ମହାଭାରତର ପରମ୍ପରା ଅନୁସାରେ ବହୁପତି ଗ୍ରହଣ ପ୍ରଥା ଏବେ ବି ପ୍ରଚଳିତ । ଛତିଶଗଡ଼ରେ ମହାଭାରତରେ ଅନୁବାଦକୁ "ପାଣ୍ଡାଭାନି" କୁହାଯାଏ । ଏଠାରେ ମଧ୍ୟ ଭୀମଙ୍କୁ ଅଧିକ ଆଧିପତ୍ୟ ଦିଆଯାଇଅଛି । ଏହାର ଉତ୍ତର-ପୂର୍ବ ଅଞ୍ଚଳର ଅନେକ ଆଦିବାସୀ ଗୋଷ୍ଠୀମାନେ ସିଧାସଳଖ ଭାବେ ଭୀମ ଏବଂ ହିଡ଼ିମ୍ବାଙ୍କ ବଂଶଧର ବୋଲି ସାବ୍ୟସ୍ତ କରନ୍ତି । ଉଦାହରଣ ସ୍ୱରୂପ ଜିମାପୁରର ଦାରଂଗକଚାରୀମାନେ ନିଜକୁ ଭୀମ-ନୀ-ଫା ବୋଲି ବର୍ଣ୍ଣନା କରନ୍ତି ଯାହାର ଅର୍ଥ ହେଲା ଭୀମଙ୍କ ସନ୍ତାନ ।



ଟିପ୍ପଣୀ

ଯଦିଓ ମହାଭାରତର ଅନେକ ଘଟଣା ତଥା ଚରିତ୍ରଗୁଡ଼ିକ ଉତ୍ତର ଭାରତ ସହିତ ଜଡ଼ିତ ଥିଲ । ମଧ୍ୟ ମହାଭାରତରେ ଏକ ସୁଦୃଢ଼ ପରମ୍ପରା ସାରା ଭାରତରେ ବିସ୍ତାର ଲାଭ କରିଅଛି । ବିଭିନ୍ନ ସମ୍ପ୍ରଦାୟ ଏହାକୁ ନିଜ ନିଜ ଢ଼ଙ୍ଗରେ ବୁଝୁଛନ୍ତି ଏବଂ ଏହାକୁ ବିଭିନ୍ନ ଆଞ୍ଚଳିକ କାହାଣୀଗୁଡ଼ିକ ସହିତ ଜଡ଼ିତ କରି ଏହାକୁ ସମ୍ପ୍ରେଷିତ କରୁଅଛନ୍ତି । ଏହି ପ୍ରକାର ମହାଭାରତ ଲୋକଙ୍କର ବିଭିନ୍ନ ସଂସ୍କୃତିଗୁଡ଼ିକୁ ପ୍ରତିବିମ୍ବିତ କରୁଅଛି । ସେଗୁଡ଼ିକରେ ଶାସ୍ତ୍ରୀୟ ବର୍ଣ୍ଣନା ଠାରୁ ଆରମ୍ଭ କରି ଲୋକଗାଥା ପର୍ଯ୍ୟନ୍ତ ସବୁ କିଛି ଦେଖିବାକୁ ମିଳିଥାଏ ।

### ୩୦.୨ ପାଠଗତ ପ୍ରଶ୍ନ

୧. ବେଦ କେଉଁ ପ୍ରକାର ସାହିତ୍ୟର ପ୍ରନିନିଧିତ୍ୱ କରେ ?

.......................................................................................

୨. ଭାରତର କେଉଁ କ୍ଷେତ୍ରରେ ଭୀମ ଏବଂ ହିଡ଼ିମ୍ବାର ପୂଜା କରାଯାଏ ?

.......................................................................................

୩. ରାମାୟଣକୁ ହିନ୍ଦିଭାଷାରେ କିଏ ରଚନା କରିଥିଲେ ଏବଂ ଏହା କେଉଁ ନାମରେ ଜଣାଯାଏ ?

.......................................................................................

## ୩୦.୪ ଖାଦ୍ୟ ସଂସ୍କୃତି

ଏବେ ଆମେ ନିଜର ଖାଦ୍ୟାଭ୍ୟାସ ଉପରେ ଦୃଷ୍ଟି ନିକ୍ଷେପ କରିବା । ଆମେ ଦେଖିପାରିବା ଯେ ଏକ ଜାଗାରୁ ଅନ୍ୟ ଜାଗା ମଧ୍ୟରେ ଥିବା ଅନ୍ତର ତଥା ସମୟ ସହିତ ପରସ୍ପର କ୍ରୀୟା ଦ୍ୱାରା ବଦଳି ଯାଇଥାଏ ।

ବିଭିନ୍ନ ଅଞ୍ଚଳରେ ଉତ୍ପନ୍ନ ହେଉଥିବା ଫସଲର ସ୍ୱରୂପ,ବିଭିନ୍ନ ସମ୍ପ୍ରଦାୟର ଲୋକଙ୍କ ସାଂସ୍କୃତିକ ପ୍ରଥା ଏବଂ ଉପଭୋକ୍ତା ବର୍ଗ/ସମ୍ପ୍ରଦାୟ ଏବଂ ଆର୍ଥିକ ଓ ସାମାଜିକ ସ୍ଥିତି ଅନୁସାରେ ଭାରତୀୟମାନଙ୍କର ଖାଇବା ଅଭ୍ୟାସରେ ଅନ୍ତର ଦେଖାଯାଇଥାଏ । ସିନ୍ଧୁ ଗଙ୍ଗା ଅଞ୍ଚଳର ମୁଖ୍ୟ ଖାଦ୍ୟ ଗହମ ହୋଇଥିବା ବେଳେ ଦକ୍ଷିଣ ଭାରତର ମୁଖ୍ୟ ଖାଦ୍ୟ ଚାଉଳ ହୋଇଥାଏ । ଏହାର କାରଣ ହେଲା ଯେ ବିନ୍ଧ୍ୟ ପର୍ବତମାଳାର ଦକ୍ଷିଣରେ ଥିବା ଅଞ୍ଚଳରେ ଖୁବ୍ କମ୍ ଗହମ ଉତ୍ପାଦନ ହୁଏ ।

ଖାଦ୍ୟ ପଦାର୍ଥର ପ୍ରତ୍ନତାତ୍ତ୍ୱିକ ପ୍ରମାଣରୁ ଆମେ ଆମର ପୂର୍ବଜମାନେ ଖାଉଥିବା ଖାଦ୍ୟ ସାମଗ୍ରୀର କିଛି ପ୍ରମାଣ ମିଳିଛି । ବେଲୁଚି ସ୍ଥାନର ମେହେରଗଡ (Mehrgarh) ଭଳି ନିବାସ ସ୍ଥାନ ଯେଉଁଠାରେ ଲୋକମାନେ ବସବାସ କରୁଥିଲେ ସେଠାରେ ଗହମର ପ୍ରମାଣ ମିଳୁଅଛି । ସେହିପରି କର୍ଣ୍ଣାଟକର ବ୍ରହ୍ମଗିରୀ ଏବଂ ଇଲ୍ଲୁର, ଆନ୍ଧ୍ର ପ୍ରଦେଶର ପିକଲିହଲ ଏବଂ ତାମିଲନାଡୁର ପେୟମ୍ପଲ୍ଲୀ ଭଳି ଦକ୍ଷିଣାଞ୍ଚଳରେ ବିଶେଷ ଭାବରେ ଚାଉଳ, ରାଶୀ ଏବଂ କୁଲୁଥ

(Horsegram) ର ପ୍ରମାଣ ମିଳେ। ପିକଲିହଲ୍‌ରୁ ମିଳିଥିବା ପ୍ରମାଣ ପ୍ରକାଶ କରେ ଯେ ଏଠାରେ ଲୋକେ ପଶୁପାଳକ ଥିଲେ ଯେଉଁମାନେ କି ଗାଇ, ବଳଦ, ମେଣ୍ଢା ଏବଂ ଛେଳି ପାଳନ କରୁଥିଲେ।

ପାଣି ତଥା ଖାଦ୍ୟ ଶସ୍ୟକୁ ସାଇତି ରଖିବା ତଥା ରୋଷେଇବାସ କରିବା ପାଇଁ ପାତ୍ରଗୁଡ଼ିକୁ ବ୍ୟବହାର କରାଯାଉଥିଲା। ଭାରତୀୟ ପ୍ରତ୍ନତତ୍ତ୍ୱବିତ୍‌ମାନେ ପ୍ରାଚୀନ ସଂସ୍କୃତିକୁ ସେମାନଙ୍କ ଦ୍ୱାରା ତିଆରି କରାଯାଇଥିବା ଯଥା:-ଚିତ୍ରିତ ଧୂସର ପାତ୍ର (Painted-Grey) କଳା ପଲିସ୍ କରାଯାଇଥିବା (Black Polished Pottenes) ପାତ୍ର ଆଦିର ଆଧାର ଉପରେ ଶ୍ରେଣୀ ଭୁକ୍ତ କରି ଅଛନ୍ତି। ତାମିଲନାଡୁର ଅଡ଼ିଚନ୍‌ଲୁର (Adichanallur) ଭଳି କଂସା ଯୁଗର ପ୍ରତ୍ନତାତ୍ତ୍ୱିକସ୍ଥଳରୁ କଂସା ଏବଂ ସୁନା ତିଆରି ପାତ୍ର ମଧ୍ୟ ମିଳିଅଛି। ସ୍ପଷ୍ଟ ଭାବରେ କହିବାକୁ ଗଲେ ଏଗୁଡ଼ିକର ବ୍ୟବହାର ଧନୀ ଲୋକମାନେ କରୁଥିଲେ।

ବିଭିନ୍ନ କ୍ଷେତ୍ରରେ ନିଜ ନିଜର ଅଲଗା ରନ୍ଧନ କୌଶଳ ଥାଏ। ଦାକ୍ଷିଣାତ୍ୟର ଆନ୍ଧ୍ର, କର୍ଣ୍ଣାଟକ, କେରଳ ଏବଂ ତାମିଲନାଡୁର ସଂସ୍କୃତି ଚାଉଳ ଉପରେ ଆଧାରିତ। ଦକ୍ଷିଣ ଭାରତୀୟଙ୍କ ଦ୍ୱାରା ପ୍ରସ୍ତୁତ ଇଡ଼ଲି, ଦୋଷା ଏବଂ ଉପମା ଆଦି ଏବେ ଉତ୍ତର ଭାରତରେ ଲୋକପ୍ରିୟ ହୋଇଅଛି। ଉତ୍ତର ଭାରତରେ ଏଗୁଡ଼ିକର ସହଜ ଲଭ୍ୟ/ସହଜ ପ୍ରାପ୍ୟ ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ହେଉଥିବା ପରସ୍ପର କ୍ରୀୟାର ପ୍ରମାଣ ଅଟେ। କେରଳ, ପଶ୍ଚିମବଙ୍ଗ ପରି ଉପକୂଳବର୍ତ୍ତି ସଂସ୍କୃତି ନିଜର ମାଛ ରନ୍ଧନ ପ୍ରକ୍ରୀୟା ପାଇଁ ପରିଚିତ। ମୋଗଲମାନଙ୍କ ଆଗମନ ସହିତ ତନ୍ଦୁରୀ ଚିକେନ (Tandoori Chicken) ଶିଖ କବାବ (Seekh Kababs) ଭଳି ମୋଗଲାଇ ଖାଦ୍ୟ ପଦାର୍ଥ ଏବଂ ତରଭୁଜ ଭଳି ଫଳ ଆମ ଭାରତୀୟ ରନ୍ଧନ ଶୈଳୀର ଅଙ୍ଗ ହୋଇଗଲା। ଅୱ୍‌ଧୀ ରୋଷେଇ ଶୈଳୀ (ପୂର୍ବ ଉତ୍ତର ପ୍ରଦେଶର ଏକ ଅଞ୍ଚଳ (Awadh) ଆଜିକାଲି ମୋଗଲାଇ ନବାବୀ ସଂସ୍କୃତିକୁ ପ୍ରତିବିମ୍ବିତ କରୁଅଛି। ଷୋଡ଼ଶ ଶତାବ୍ଦୀର ୟୁରୋପୀୟ ବିଶେଷ କରି ପର୍ତ୍ତୁଗାଲୀୟମାନେ ଭାରତୀୟ ଭୋଜନରେ ଆଳୁ, ବିଲାତି ଏବଂ କଞ୍ଚାଲଙ୍କାର ସମାବେଶ କରିଥିଲେ ଯାହାକି ଏବେ ଆମ ରନ୍ଧନ ପ୍ରକ୍ରୀୟାର ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇଅଛି। ଏହି ସମୟରେ ମଧ୍ୟ ଫ୍ରେଞ୍ଚବିନ (French Bean) ମଧ୍ୟ ଭାରତୀୟ ରନ୍ଧନର ଏକ ଅଂଶ ହୋଇଅଛି। ଏହି ପ୍ରକାର ସାଂସ୍କୃତିକ ପରସ୍ପର କ୍ରୀୟା ଆମର ଖାଇବା ଇଚ୍ଛାକୁ ବଦଳାଇ ଦେଉଅଛି।

ଏକ ପରିବାରର ସାଧାରଣ ଭୋଜନରେ ଭାତ ବା ରୋଟି, ଡ଼ାଲି ଏବଂ ତରକାରୀ ରହିଥାଏ। ଘରର ଦୈନିକ ଭୋଜନ ସାଧାରଣତଃ ସ୍ତ୍ରୀମାନଙ୍କ ଦ୍ୱାରା ରନ୍ଧା ଯାଉଥିବା ବେଳେ ବିଶାଳ ସ୍ତରରେ ଉକ୍ତ କାର୍ଯ୍ୟ ପ୍ରାୟ ପୁରୁଷମାନଙ୍କ ଉପରେ ନ୍ୟସ୍ତ ଥାଏ। ଭାରତରେ ଅନେକ ଗରିବ ଲୋକ କେବଳ ଦଳିୟା ଖାଇବା ପାଇଁ ସକ୍ଷମ ହୁଅନ୍ତି। ଧନୀ ଲୋକମାନେ ବିଭିନ୍ନ ପ୍ରକାରର ଖାଦ୍ୟ ଖାଇପାରନ୍ତି ଯେଉଁଥିରେ କି ନିରାମିଷ ଏବଂ ଆମିଷ ଉଭୟ ପ୍ରକାରର ଖାଦ୍ୟର ସଂଯୋଗ ହୋଇଥାଏ। ଆମିଷ ଭୋଜନ ନିରାମିଷ ଭୋଜନଠାରୁ ଅତ୍ୟଧିକ ବ୍ୟୟବହୁଳ ହୋଇଥାଏ। ବିବାହ ଭଳି ବିଶେଷ ଅନୁଷ୍ଠାନମାନଙ୍କରେ ସମସ୍ତ ସମ୍ପ୍ରଦାୟର ଲୋକମାନେ ବିଭିନ୍ନ ପ୍ରକାରର ଖାଦ୍ୟ ପଦାର୍ଥ ସହିତ ପ୍ରୀତିଭୋଜନର ବ୍ୟବସ୍ଥା କରନ୍ତି ଯେଉଁଥିରେ କି ବିଭିନ୍ନ ଅଞ୍ଚଳର ଅଲଗା ମହକ ରହିଥାଏ।

## ୩୦.୩ ପାଠଗତ ପ୍ରଶ୍ନ

୧. ଭାରତର ମୁଖ୍ୟ ଫସଲ କ'ଣ? ଏହା କି ପ୍ରକାର ଆମ ଖାଦ୍ୟ ଅଭ୍ୟାସକୁ ପ୍ରଭାବିତ କରେ ?

........................................................................................

୨. କେତେକ ଦକ୍ଷିଣ ଭାରତୀୟ ଲୋକପ୍ରିୟ ଭୋଜନର ନାମ ଲେଖ ।

........................................................................................

୩. ନିମ୍ନଲିଖିତ ଗୁଡ଼ିକର ମିଳନ କର ।

| | |
|---|---|
| ରୋଟି | କେରଳ |
| ଉପମା | ପର୍ତ୍ତୁଗାଲ |
| ସୀଖ କବାବ | ତାମିଲନାଡୁ |
| ଲଙ୍କା | ଉତ୍ତର ଭାରତ |
| ମାଛ | ମୋଗଲାଇ |

## ତୁମେ କ'ଣ ଶିଖିଲ

ଆମେ ସାଂସ୍କୃତିକ ଉପାଦାନର ଆକାର ଏବଂ ଆଞ୍ଚଳିକ ଭିନ୍ନତାର ସହିତ ଆମର ଖାଦ୍ୟପଦାର୍ଥ, ଲୁଗାପଟାର ସାଂସ୍କୃତିକ ପରସ୍ପର କ୍ରୀୟାର ସ୍ୱରୂପ ବିଷୟରେ ଆଲୋକପାତ କଲା । ଆମେ ଦେଖିଲୁ ଯେ ଆମର ପୂର୍ବଜମାନେ ବିଭିନ୍ନ ମୃଣ୍ମୟ ପାତ୍ର ତିଆରି କରିଥିଲେ । ସେଗୁଡ଼ିକ ଉପଯୋଗୀ ହେବା ସହିତ ସୁନ୍ଦର ମଧ୍ୟ ହୋଇଥିଲା । କିନ୍ତୁ ପରବର୍ତ୍ତୀ କାଳରେ ଚିତ୍ର ଭଳି କଳାକୃତିଗୁଡ଼ିକ ରାଜକୀୟ ପୃଷ୍ଠପୋଷକତାରୁ ଆରମ୍ଭ ହୋଇଥିଲା ।

ଆମେ ମଧ୍ୟ ଦେଖିଲୁ ଯେ ଲୋକମାନେ ଜଳବାୟୁର ଆବଶ୍ୟକତା ତଥା ଆଞ୍ଚଳିକ ରୀତିନୀତି ଦ୍ୱାରା ପ୍ରଭାବିତ ହୋଇ ନିଜ ନିଜର ପୋଷାକ ପିନ୍ଧନ୍ତି । ଆମେ ମଧ୍ୟ ଲୁଗାର ପ୍ରକାର, ଅଙ୍କନ ଶୈଳୀ ସହିତ କେତେକ ବିଶେଷ ପ୍ରକାରର ଯଥା କଲମକାରୀ, ଚୁଙ୍ଗୁଡ଼ି ଆଦି ବସ୍ତ୍ର ବିଷୟରେ ଜାଣି ପାରିଲୁ । ସାହିତ୍ୟ ବିଭାଗରେ ଆମେ ଅନୁଭବ କଲୁ ଯେ ଭାରତୀୟ ଭାଷାର ବିଭିନ୍ନତା ଆମ ସାହିତ୍ୟର ସମୃଦ୍ଧିରେ ଯୋଗଦାନ କରିଅଛି । ଏଠାରେ ଆମେ ମହାଭାରତରେ କିଛି ଆଞ୍ଚଳିକ ଏବଂ ଲୋକମାନଙ୍କର ପ୍ରଭାବ ମଧ୍ୟ ଜାଣିଲେ । ଶେଷରେ ଆମେ ଭାରତର ବିଭିନ୍ନ ଅଞ୍ଚଳର ଖାଦ୍ୟ ପଦାର୍ଥର ଅଭ୍ୟାସ ଏବଂ ଏହାର ସାଂସ୍କୃତି ପରସ୍ପର କ୍ରୀୟା ଦ୍ୱାରା ଦେଖା ଯାଇଥିବା ପରିବର୍ତ୍ତନର ମଧ୍ୟ ଅଧ୍ୟୟନ କଲେ ।

ଟିପ୍ପଣୀ

## ପାଠାନ୍ତ ପ୍ରଶ୍ନ

୧. ଅଜନ୍ତା ଏବଂ ଏଲୋରା କଳା ବିଷୟରେ ତୁମେ କ'ଣ ଜାଣିଅଛ ?

୨. ଆଜିର ସିନେମା, ହୋଡ଼ିଂ, ସଚିତ୍ର ପାଣ୍ଡୁଲିପି ଗୁଡ଼ିକରେ ଦେଖାଯାଉଥିବା ଚିତ୍ରକଳା କପରି ରୂପରେ ଭିନ୍ନ ଅଟେ ?

୩. ପରମ୍ପରାଗତ ଭାରତୀୟ ବସ୍ତ୍ରରେ ରଙ୍ଗର ମହତ୍ତ୍ୱ ବର୍ଣ୍ଣନା କର ।

୪. ମହାଭାରତ ମହାକାବ୍ୟର କିଛି ଆଞ୍ଚଳିକ ପରିବର୍ତ୍ତନ ସଂକ୍ଷେପରେ ବର୍ଣ୍ଣନା କର ।

୫. ଭାରତର ଆଞ୍ଚଳିକ ରୋଷେଇ ଶୈଳୀର ସ୍ୱରୂପ ଏବଂ ବିବିଧତା ବର୍ଣ୍ଣନା କର ।

## ପାଠଗତ ପ୍ରଶ୍ନର ଉତ୍ତର

### ଚିତ୍ରକଳା

୧. (କ) ଠିକ୍ (ଖ) ଭୁଲ (ଗ) ଭୁଲ (ଘ) ଠିକ୍

୨. ପ୍ରାରମ୍ଭିକ ଗୁମ୍ଫାଚିତ୍ର ଉତ୍ତର ପ୍ରଦେଶର ମିର୍ଜାପୁର ଓ ବାନ୍ଦା, ମଧ୍ୟପ୍ରଦେଶର ଭୀମବେଟକା ଓ ସିଂଗନପୁର, ବିନ୍ଧ୍ୟାଞ୍ଚଳ ପର୍ବତମାଳାର ମହାଦେବ ପାହାଡ଼ ଏବଂ କର୍ଣ୍ଣାଟକର ବେଲ୍ଲାରୀ ଠାରେ ଦେଖା ଯାଇଥାଏ ।

### ବସ୍ତ୍ର ଏବଂ ପୋଷାକ

୧. ବନ୍ଧନୀ ପ୍ରକ୍ରୀୟାରେ ସୂତା ଏବଂ କେବେ କେବେ ଲୁଗାକୁ ବାନ୍ଧି କରି ରଙ୍ଗାଯାଏ । ବାନ୍ଧଣୀ ଗୁଜୁରାଟ ଓ ରାଜସ୍ଥାନ, ଓଡ଼ିଶାର ଇକଟ ଏବଂ ତାମିଲନାଡୁରେ ଚୁଙ୍ଗଡ଼ୀ ନାମରେ ତିଆରି କରାଯାଏ ।

୨. କଲମକାରୀର ଆକ୍ଷରିକ ଅର୍ଥ ହେଲା କଲମ ଦ୍ୱାରା କାମ କରିବା ।

୩. (କ) ଠିକ୍ (ଖ) ଭୁଲ (ଗ) ଭୁଲ (ଘ) ଠିକ୍

   ୧. ସଂସ୍କୃତରେ ଲେଖା ଯାଇଥିବା ବେଦ ଆମ ଧାର୍ମିକ ସାହିତ୍ୟର ଏକ ଅଙ୍ଗ ଅଟେ ।

   ୨. ଭୀମ ଏବଂ ହିଡ଼ିମ୍ବା ହିମାଚଳ ପ୍ରଦେଶର ମଣ୍ଡୀ ଏବଂ କିନ୍ନୋର ଅଞ୍ଚଳରେ ପୂଜା କରାଯାଏ ।

୩. ରାମାୟଣର ହିନ୍ଦି ରୂପାନ୍ତର ତୁଳସୀଦାସ କରିଥିଲେ ଯାହାକି ରାମଚରିତ ମାନସ ନାମରେ ପରିଚିତ ।

### ଖାଦ୍ୟ ସଂସ୍କୃତି

୧. ଭାରତର ମୁଖ୍ୟ ଫସଲ ଚାଉଳ ଓ ଗହମ ଅଟେ । ଚାଉଳ ଦକ୍ଷିଣ ଭାରତର ମୁଖ୍ୟ ଫସଲ ତେଣୁ ଦକ୍ଷିଣ ଭାରତୀୟମାନେ ଚାଉଳ ଭୋଜୀ ଅଟନ୍ତି । ଉତ୍ତର ଭାରତରେ ପ୍ରଚୁର ପରିମାଣରେ ଗହମ ଉତ୍ପାଦନ ହେଉଥିବାରୁ ତାଙ୍କର ପ୍ରଧାନ ଖାଦ୍ୟ ଗହମ ଅଟେ ।



ଟିପ୍ପଣୀ

୨. ଇଡ଼ଲି, ଦୋଷା, ଉପମା ଆଦି ଲୋକପ୍ରିୟ ଦକ୍ଷିଣ ଭାରତୀୟ ଖାଦ୍ୟ ଅଟେ ।

୩. **ପରସ୍ପର ସହିତ ସଂଯୋଗ କର ।**

| | |
|---|---|
| ରୋଟ | ଉତ୍ତର ଭାରତୀୟ |
| ଉପମା | ତାମିଲନାଡୁ |
| ସୀଖ କବାବ | ମୋଗଲାଇ |
| ଲଙ୍କା | ପର୍ତ୍ତୁଗାଲ |
| ମାଛ | କେରଳ |

**ପାଠାନ୍ତ ପ୍ରଶ୍ନର ସଙ୍କେତ**

୧. ଅନୁଚ୍ଛେଦ ୩୦.୧ ଦେଖ

୨. ଅନୁଚ୍ଛେଦ ୩୦.୧ ଦେଖ

୩. ଅନୁଚ୍ଛେଦ ୩୦.୨ ଦେଖ

୪. ଅନୁଚ୍ଛେଦ ୩୦.୩ ଦେଖ

୫. ଅନୁଚ୍ଛେଦ ୩୦.୫ ଦେଖ

**ଶବ୍ଦାବଳୀ**

ଜରୀ - ବୁଣିବାର ଏକ ଶୈଳୀ ଯେଉଁଥିରେ ରେଶମ ଲୁଗାରେ ସୁନାର ସୂତା ଲଗାଯାଏ ।

ପାକ୍ ପ୍ରଣାଳୀ - ରନ୍ଧନ ଶୈଳୀ

କୁଳୀନ - ଆଭିଜାତ୍ୟ ବଂଶର ଲୋକ,ବିଶେଷ ଶ୍ରେଣୀର ଲୋକ

ପୋଡ଼ା ଯାଇଥିବା ମାଟି - ପୋଡ଼ା ଯାଇଥିବା ମାଟି ନିର୍ମିତ ପାତ୍ର

ନୀଳ-(Indigo) - ଏକ ଗଛରୁ ମିଳୁଥିବା ନୀଳ ରଙ୍ଗ

ମଜିଠା (Madden) - ମଜିଠା ନାମକ ଏକ ଏତାର ମୂଳରୁ ଲାଲରଙ୍ଗ ବାହାର କରାଯାଏ ।

ଲଘୁ ଚିତ୍ର (Mintature) - ଏକ ଅତି ଛୋଟ ଜାଗାର ଚିତ୍ର ।

ବହୁ ପତି ପ୍ରଥା - ଯେଉଁ ବିବାହରେ ଏକ ସ୍ତ୍ରୀର ଏକାଧିକ ସ୍ୱାମୀ ଥାଆନ୍ତି ।

ସଫବିଦ (Safwid) - ଇରାନର ଫକୀର ସଫି ଦ୍ୱାରା ଆରମ୍ଭ ହୋଇଥିବା ରାଜ ବଂଶ । ଉକ୍ତ ଶବ୍ଦ ଭାରତୀୟ କଳା ତଥା ବାସ୍ତୁକଳା ଉପରେ ପାରସୀକ ପ୍ରଭାବକୁ ସୁଚିତ କରେ ।

# ୩୧

# ସାଂସ୍କୃତିକ ସଂପ୍ରେଷଣ

ତୁମେ ଛୋଟ ଥିବା ବେଳେ ତମର ଜେଜେବାପା ଓ ଜେଜେମା ତୁମକୁ ରାଜା ରାଣୀମାନଙ୍କର ଯାଦୁଘଟଣା ବିଷୟରେ, ପଶୁପକ୍ଷୀ ଏବଂ ବହୁ ପୂର୍ବର ଅନ୍ୟାନ୍ୟ ଗଳ୍ପ ନିଶ୍ଚୟ ଶୁଣାଇ ଥିବେ । ଏଗୁଡିକରୁ ଅନେକ କାହାଣୀ ରାମାୟଣ ବା ବାଇବେଲ ଭଳି ମହାକାବ୍ୟରୁ ଅଥବା ପଞ୍ଚତନ୍ତ୍ର ବା ଆରବୀଆନ୍ ନାଇଟ୍ସ ଭଳି ଗଳ୍ପମାଳାରୁ ଉଦ୍ଧୃତ ହୋଇଥାଏ । ଉକ୍ତ ଗଳ୍ପଗୁଡିକ ମାଧ୍ୟମରେ ଆମେ ସମସ୍ତେ ଆମ ସାଂସ୍କୃତିକ ପରମ୍ପରାର ଅନେକ ଆକୃତିକୁ ସାମିଲ କରିଦେଇଥାଉ । ସଂସ୍କୃତିକୁ ବିଭିନ୍ନ ଉପାୟରେ ସଂପ୍ରେଷଣ କରାଯାଇଥାଏ ଯଥା:- ମୌଖିକ, ଓ ଲିଖିତ ରୁପରେ, ସଂଗୀତ ମାଧ୍ୟମରେ ଅଥବା ଆଜିକାଲିର ସିନେମା ଏବଂ ଟେଲିଭିଜନ ମାଧ୍ୟମରେ ମଧ୍ୟ ।

**ଉଦ୍ଦେଶ୍ୟ ଉକ୍ତ ପାଠରେ ଅଧ୍ୟୟନ ପରେ ତୁମେ:-**

- ଭାଷଣ, ଲେଖକ, ଏବଂ ମୁଦ୍ରଣ ସାଂସ୍କୃତିକ ସଂପ୍ରେଷଣରେ କି ପ୍ରକାର ସାହାର୍ଯ୍ୟ କରେ ଏହା ବିଷୟରେ ସମୀକ୍ଷା କରିପାରିବ ।
- ସାଂସ୍କୃତିକ ସଂପ୍ରେଷଣର କି ପଦ୍ଧତିକୁ ସୁଚିବଦ୍ଧ କରିପାରିବ ।
- ବିଭିନ୍ନ ବିଚାରକୁ ସଂପ୍ରେଷିତ କରିବାପାଇଁ ସଂଗୀତର ଉପଯୋଗ ଏବଂ
- ବୌଦ୍ଧ ଧର୍ମର ପ୍ରଚାର ପାଇଁ ବିଭିନ୍ନ ସାଂସ୍କୃତିକ ପଦ୍ଧତିର କି ପ୍ରକାର ବ୍ୟବହାର କରାଯାଏ ।

## ୩୧.୧ ସଂସ୍କୃତିକୁ କିବରି ସଂପ୍ରେଷିତ କରାଯାଏ
## How Culture is Communicated

ତୁମେ ଭାଷା ବ୍ୟତୀତ ପୃଥିବୀକୁ କଳ୍ପନା କରିପାରିବ କି ? ଭାଷା ମାନବ ସମାଜର ମୌଳିକ ବିଶେଷତ୍ୱ । ଏହା କେବଳ ଲୋକମାନେ ପରସ୍ପରକୁ ବୁଝିବାର ଏକ ଉପାୟ ନୁହେଁ ବରଂ ସାଂସ୍କୃତିକ ବିଚାରଧାରାର ସଂପ୍ରେଷଣର ମାଧ୍ୟମ ମଧ୍ୟ ହୋଇଥାଏ । ଗୋଟାଏ ଏକତ୍ର ବ୍ୟବହାର୍ଯ୍ୟ ଭାଷା ଲୋକମାନଙ୍କୁ ଏକତାର ସୁତ୍ରରେ ବାନ୍ଧିଥିଲେ ମଧ୍ୟ ସେମାନଙ୍କ ମଧ୍ୟରେ ଥିବା ପାର୍ଥକ୍ୟକୁ ମଧ୍ୟ ପରିପ୍ରକାଶ କରିଥାଏ । ଉଦାହରଣ ସ୍ୱରୂପ ପଞ୍ଜାବର ଲୋକମାନେ ସେମାନଙ୍କର କଥିତ ପଞ୍ଜାବୀ ଭାଷା କାରଣରୁ ଏକତ୍ରୀତ ହୋଇଛନ୍ତି କିନ୍ତୁ ଏହା ମଧ୍ୟ ସେହି ଲୋକମାନଙ୍କୁ ଅଲଗାକରି ରଖେ ଯାହାର ମାତୃଭାଷା ପଞ୍ଜାବୀ ନୁହେଁ । ତୁମେ ଜାଣିଅଛ କି ପଞ୍ଜାବୀ ମଧ୍ୟ ପାକିସ୍ଥାନର ଦୁଇଟି ସଂଖ୍ୟାଧିକ ଲୋକଙ୍କ ଦ୍ୱାରା ବ୍ୟବହୃତ ଭାଷା ମଧ୍ୟରୁ ଏକ ଅଟେ ?



ଟିପ୍ପଣୀ

> ଉକ୍ତ ଉପମହାଦେଶରେ ବିଭିନ୍ନ ଦେଶର ଲୋକମାନଙ୍କ ଦ୍ୱାରା ବ୍ୟବହୃତ ଅନ୍ୟ ଏକ ଭାଷା ହେଲା ବଙ୍ଗଳା ଭାଷା ।

ଭାଷା ଏବଂ ସଂସ୍କୃତିର ପ୍ରସାର ଭୌଗଳିକ ପରିସ୍ଥିତି ଦ୍ୱାରା ପ୍ରଭାବିତ ହୋଇଥାଏ । ଆଖ ପାଖରେ ବସବାସ କରୁଥିବା ଲୋକମାନେ ସାଧାରଣତଃ ସମାନ ଅଥବା ସେହି ପ୍ରକାରର ଭାଷାରେ କଥାବର୍ତ୍ତା କରନ୍ତି । ଯେଉଁମାନେ ହଜାର ହଜାର ମାଇଲ ଦୂରରେ ବସବାସ କରନ୍ତି ସେମାନଙ୍କର ମାତୃଭାଷା ଅତ୍ୟନ୍ତ ଅଲଗା ହୋଇଥାଏ । ଏହାର କାରଣ ହେଲା ଯେ ପରିବହନର ଆଧୁନିକ ସାଧନ ବିକଶିତ ହେବା ପୂର୍ବେ ଦୂର ଦୂରାନ୍ତ ଅଞ୍ଚଳ ମଧ୍ୟରେ ସଂପ୍ରେଷଣ କଠିନ ଥିଲା । ସଂସ୍କୃତି ସାଧାରଣତଃ ନିର୍ଜନ ସ୍ଥାନରେ ବିକଶିତ ହୋଇଥାଏ ଏବଂ ସ୍ୱତନ୍ତ୍ରତାର ପରିସ୍ଫୁଟରେ ଅନ୍ତ ହୋଇଥାଏ । ଘନ ଜଙ୍ଗଲ ତଥା ପାହାଡ଼ିଆ ଅଞ୍ଚଳ ଗୁଡ଼ିକରେ ଏବେ ବି ସଂପ୍ରେଷଣ ବହୁତ ଅସମ୍ଭବ ହୋଇଅଛି । ପାହାଡ଼ର ଗୋଟାଏ ପଟରେ ରହୁଥିବା ଜନଜାତିର ଲୋକେ ତା'ର ଅଳ୍ପ କିଛି କିଲୋମିଟର ଦୂରରେ ପାହାଡ଼ର ଅନ୍ୟ ପଟରେ ଥିବା ଲୋକଙ୍କ ବିଷୟରେ ହୁଏତ ପଡ଼ା ମଧ୍ୟ ଜଣା ନଥିବ । ଏଥିପାଇଁ ସେମାନେ କହୁଥିବା ଭାଷା ଅନେକ ଭିନ୍ନ ହୋଇଥାଏ ।

କିନ୍ତୁ ଉତ୍ତର ପ୍ରଦେଶ ଏବଂ ବିହାର ଭଳି ଅଞ୍ଚଳରେ ଯେଉଁଠାରେ ବିସ୍ତୀର୍ଣ୍ଣ ସ୍ଥଳ ଭାଗ ଗୁଡ଼ିକ ନଦୀମାନଙ୍କ ଦ୍ୱାରା ସଂଯୋଗିତ ହୋଇଅଛି ସେଠାରେ ଲୋକମାନେ ପ୍ରାଚୀନ କାଳରେ ମଧ୍ୟ ସୁରୁଖୁରୁରେ ଯିବା ଆସିବା କରି ପାରୁଥିଲେ । ସେଥିପାଇଁ ସେମାନଙ୍କ ପରସ୍ପର ସମ୍ପର୍କ ଦ୍ୱାରା ସେ ଅଞ୍ଚଳରେ ପ୍ରାୟ ଏକ ପ୍ରକାର ଭାଷା ଏବଂ ରୀତି ନୀତି ବିକଶିତ ହୋଇଥିଲା ।

ଏପରିକି ଯେଉଁଠାରେ ଏକ ବିସ୍ତୀର୍ଣ୍ଣ ଅଞ୍ଚଳରେ ହିନ୍ଦି ବା ତାମିଲ ଭଳି ଏକ ଭାଷା ବ୍ୟବହାର କରାଯାଏ ସେଠାରେ ମଧ୍ୟ ଏକ ଜିଲ୍ଲାରୁ ଅନ୍ୟ ଜିଲ୍ଲାରେ ଉକ୍ତ ଭାଷାର ଭିନ୍ନ ରୂପ ଦେଖିବାକୁ ମିଳେ । ଏଗୁଡ଼ିକ ମଧ୍ୟରୁ କୌଣସି ଗୋଟାଏରେ ମଧ୍ୟ ଏତେ ଅଧିକ ପ୍ରଭେଦ ନଥାଏ ଯାହାକୁ କି ଏକ ଅଲଗା ଭାଷା କହି ହେବ ତେଣୁ ଏଗୁଡ଼ିକ ଉକ୍ତ ଭାଷାର ଉପଭାଷା (dialect)କୁହାଯାଏ ।

କଥିତ ଭାଷା ସଂପ୍ରେଷଣର ସବୁଠାରୁ ମହତ୍ୱପୂର୍ଣ୍ଣ ଉପାୟ ବୋଲି ପୂର୍ବରୁ ପରିଗଣିତ ହେଉଥିଲା ଏବଂ ଏବେ ମଧ୍ୟ ହେଉଅଛି । କିନ୍ତୁ ଲିଖନ ପ୍ରଣାଳୀର ଉଦ୍‌ଭାବନ ସଂପ୍ରସାରଣର ବ୍ୟାପକତାରେ ବୃଦ୍ଧି ଘଟାଇଅଛି । ବାର୍ତ୍ତା ଏବେ ଦୂର ଦୂରାନ୍ତକୁ ପଠାଯାଇ ପାରୁଛି ଏବଂ ଏହାକୁ ଅନେକ ଦିନ ପର୍ଯ୍ୟନ୍ତ ସୁରକ୍ଷିତ କରି ରଖାଯାଇ ପାରୁଅଛି ।

ପ୍ରାୟ ୪୦୦୦ ବର୍ଷ ପୂର୍ବରୁ ଭାରତୀୟମାନଙ୍କୁ ଲିଖନ ପ୍ରକ୍ରିୟା ଜଣାଥିଲା । ଏହା ହରପ୍ପାର ଲିପି ଅଟେ ଯାହାକୁ ଏ ପର୍ଯ୍ୟନ୍ତ ପଢ଼ାଯାଇ ପାରି ନାହିଁ । ଖ୍ରୀ:ପୂ:୧୮୦୦ର ପାଖାପାଖି ସମୟରେ ହରପ୍ପା ସଭ୍ୟତାର ପତନ ସହିତ ଉକ୍ତ ଲିପି ମଧ୍ୟ ଅନ୍ତ ହୋଇଥିଲା । ପୁଣି ପ୍ରାୟ ଖ୍ରୀ:ପୂ: ତୃତୀୟ ଶତାବ୍ଦୀ ବେଳକୁ ଲିଖନ ପ୍ରଣାଳୀର ଆବିର୍ଭାବ ହୋଇଥିଲା । ବ୍ରାହ୍ମୀ ନାମକ ଉକ୍ତ ଲିପିକୁ ସମସ୍ତ ଆଧୁନିକ ଭାରତୀୟ ଲିପିମାନଙ୍କର ଜନନୀ ବୋଲି ସ୍ୱୀକାର କରାଯାଏ ।

ପ୍ରାରମ୍ଭରେ ଶାସକ ତଥା ବିତ୍ତଶାଳୀ ଲୋକମାନେ ମହତ୍ୱପୂର୍ଣ୍ଣ ପ୍ରାମାଣ୍ୟ ଦଲିଲଗୁଡ଼ିକୁ ସାଧାରଣତଃ ପାହାଡ଼, ପଥର ତଥା ତାମ୍ର ଫଳକରେ ଖୋଦିତ କରୁଥିଲେ । ଲେଖିବା ପାଇଁ ଲୁଗା, ଚମଡ଼ା, ଗଛର ଛାଲି ଯାହାକୁ ଭୂଜପତ୍ର କୁହାଯାଏ ତଥା ତାଳପତ୍ର କୁହାଯାଉଥିବା ତାଳ ଗଛର ପତ୍ରକୁ ବ୍ୟବହାର କରାଯାଉଥିଲା ।







ପ୍ରାରମ୍ଭିକ ସମୟରେ ତୁମ୍ଭର ବିଚାରରେ କି ପ୍ରକାର ପୁସ୍ତକ ପ୍ରଚଳିତ ଥିଲା। ସେତେବେଳେ ଧାର୍ମିକ ପୁସ୍ତକଗୁଡ଼ିକ ଥିଲା ଯାହାକି ପୁରୋହିତ ମାନଙ୍କ ଦ୍ୱାରା ବ୍ୟବହୃତ ହେଉଥିଲା। ଶାସ୍ତ୍ର କୁହାଯାଉଥିବା ଆଇନକାନୁନ ଉପରେ ପର୍ଯ୍ୟବେଶିତ ପୁସ୍ତକଗୁଡ଼ିକ ରାଜା ତଥା ମନ୍ତ୍ରୀମାନଙ୍କ ବ୍ୟବହାର ପାଇଁ ଲେଖା ଯାଇଥିଲା। ବିତ୍ତଶାଳୀ ଲୋକଙ୍କ ମନୋରଞ୍ଜନ ପାଇଁ ନାଟକ ଏବଂ କାବ୍ୟର ରଚନା କରାଯାଇଥିଲା। ଏଥିରୁ ସ୍ପଷ୍ଟ ଜଣାଯାଏ ଯେ ଅଧିକାଂଶ ବହିଗୁଡ଼ିକ କେବଳ ଅଳ୍ପ ସଂଖ୍ୟକ ସୁବିଧାବାଦୀ ଗୋଷ୍ଠୀର ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଥିଲା।

ଯାହାହେଉ ଏଗୁଡ଼ିକ ସହିତ ମଧ୍ୟ ମହାଭାରତ (ଯାହା ବିଷୟରେ ପାଠ-୩୦ରେ ତୁମ୍ଭେ ପଢ଼ିଅଛ) ଭଳି ମହାକାବ୍ୟ, ଜାତକ ଓ ହିତୋପଦେଶ ଭଳି ଲୋକପ୍ରିୟ ଗପଗୁଡ଼ିକର ସଙ୍କଳନ ଏବଂ ବହୁସଂଖ୍ୟକ ପୁରାଣ ବର୍ଣ୍ଣିତ ପୌରାଣିକ ଗଳ୍ପ ଇତ୍ୟାଦି ସାମିଲ ଥିଲା। ସେଗୁଡ଼ିକୁ କଥା-ବାଚକ (storey tellers) ଭାଟ ବା ସ୍ତୁତି ପାଠକ (bard) ଏବଂ ସ୍ଥାନୀୟ ମନ୍ଦିରର ପୁରୋହିତମାନଙ୍କ ଦ୍ୱାରା ମୌଖିକ ରୂପେ ସଂପ୍ରେଷିତ କରାଯାଉଥିଲା। କାହାଣୀ ଶୁଣାଇବା ବେଳେ ସମୟର ଗତି ସହିତ ଏଗୁଡ଼ିକରେ ଅନେକ ପରିବର୍ତ୍ତନ ପରିଲକ୍ଷିତ ହୋଇଥିଲା। ଏଥିପାଇଁ ଆଜିକାଲି ଆମର ଲୋକପ୍ରିୟ ଉପାଖ୍ୟାନଗୁଡ଼ିକର ଅନେକ ପ୍ରକରଣ ଦେଖିବାକୁ ମିଳେ। ଯଦିଓ ଅଳ୍ପ ସଂଖ୍ୟକ ଲୋକ ଲେଖାପଢ଼ାରେ ପାରଙ୍ଗମ ତଥାପି ପୁସ୍ତକଗୁଡ଼ିକ ଅନେକ ଲୋକଙ୍କ ଜୀବନକୁ ସ୍ପର୍ଶ କରୁଅଛି।

ପ୍ରତି ପୁସ୍ତକର ପ୍ରତିଲିପିକୁ ହାତରେ ପ୍ରସ୍ତୁତ କରିବାକୁ ପଡୁଥିଲା। ଉକ୍ତ ହସ୍ତ ଲିଖିତ ପୁସ୍ତକକୁ ପାଣ୍ଡୁଲିପି କୁହାଯାଏ। ମଧ୍ୟ ଯୁଗରେ ପାଣ୍ଡୁଲିପି ଲିଖନ ଏକ ବିଶିଷ୍ଟ କଳାର ଆଖ୍ୟା ପାଇଥିଲା। ଲିପିକାରମାନେ ସୁନ୍ଦର ହସ୍ତାକ୍ଷରର ପ୍ରୟୋଗ କରୁଥିଲେ ଯାହାକୁ ହସ୍ତାକ୍ଷର (Coligraphy) କୁହାଯାଉଥିଲା। ଏହାର ପୃଷ୍ଠାଗୁଡ଼ିକୁ ସୁନ୍ଦର ଚିତ୍ରରେ ସଜା ଯାଉଥିଲା। ପାଣ୍ଡୁଲିପିର ପ୍ରତିଲିପି ପ୍ରସ୍ତୁତ କରିବା ଏକ କଷ୍ଟସାଧ୍ୟ ପ୍ରକ୍ରିୟା। ଏଣୁ ବହୁତ କମ୍ ପ୍ରତିଲିପି ତିଆରି କରାଯାଇଥିଲା।

ଷୋଡ଼ଶ ଶତାବ୍ଦୀରେ ମୁଦ୍ରଣର ଆରମ୍ଭ ହୋଇଥିଲା। ବର୍ତ୍ତମାନ କମ୍ ସମୟରେ ଏବଂ କମ୍ ଖର୍ଚ୍ଚରେ ବହୁତ ସଂଖ୍ୟାରେ ତିଆରି କରାଯାଇପାରିଲା। ବହୁ କମ୍ ସଂଖ୍ୟକ ଲୋକ ସ୍ୱାକ୍ଷର ଥିବାରୁ ଏହାର ତତ୍କାଳିକ ପ୍ରଭାବ ମଧ୍ୟ ସୀମିତ ଥିଲା। ଉନବିଂଶ ଶତାବ୍ଦୀରେ ଏକ ବ୍ୟାପକ ନାଟକୀୟ ପରିବର୍ତ୍ତନ ଦେଖା ଦେଇଥିଲା ଯେତେବେଳେ ଜାତୀୟତାବାଦୀ ଏବଂ ସମାଜ ସଂସ୍କାରକମାନେ ଛାପାଖାନା ଏବଂ ମୁଦ୍ରଣ-ପ୍ରୋଦ୍ୟୋଗର ଭରପୂର ବ୍ୟବହାର କରିଥିଲେ।

ଭାରତରେ ପ୍ରଥମ ସମ୍ବାଦପତ୍ର ୧୭୬୦ ଶତାବ୍ଦୀରେ ଇଷ୍ଟ ଇଣ୍ଡିଆ କମ୍ପାନୀର ଜଣେ ଅଧିକାରୀଙ୍କ ଦ୍ୱାରା ଇଂରାଜୀରେ ପ୍ରକାଶିତ ହୋଇଥିଲା। ଏହା ପରେ ଅନେକ ଲୋକ ଏହି କାମରେ ନିୟୋଜିତ ହୋଇ ବହୁସଂଖ୍ୟକ ସମ୍ବାଦ ପତ୍ର ବାହାରିଥିଲା। ଉକ୍ତ ସମ୍ବାଦ ପତ୍ରଗୁଡ଼ିକ ଭାରତରେ ଥିବା ଇଂରେଜମାନଙ୍କ ପାଇଁ ୟୁରୋପ ବିଷୟରେ ସମ୍ବାଦ ପରିବେଶଣ କରୁଥିଲେ।

ଉନବିଂଶ ଶତାବ୍ଦୀର ପ୍ରାରମ୍ଭରେ ଅନେକ ସମ୍ବାଦ ପତ୍ର ବିଭିନ୍ନ ମାତୃଭାଷାରେ ପ୍ରକାଶିତ ହେବା ଆରମ୍ଭ ହୋଇଥିଲା। ଜାତୀୟ ହିତ ପାଇଁ ଏଗୁଡ଼ିକ ଜାତୀୟତାବାଦିମାନଙ୍କ ଦ୍ୱାରା ପ୍ରକାଶିତ କରାଯାଉଥିଲା। ସମାଚାର ଏବଂ ମତାମତ କେବଳ ଶିକ୍ଷିତ ଗୋଷ୍ଠୀ ପାଇଁ ନୁହେଁ ବରଂ ତାଙ୍କ ମାଧ୍ୟମରେ ଅନ୍ୟାନ୍ୟ ଅନେକ ଲୋକଙ୍କ ପାଖକୁ ପହଞ୍ଚା ଯାଉଥିଲା। ଅନେକ ଚିନ୍ତାଶୀଳ ଲୋକଙ୍କ ଦୃଷ୍ଟିଗୋଚରରେ ଏହା ଆସିଥିଲା ଯେ ପର୍ଯ୍ୟନ୍ତ ଆମ ସମାଜରୁ ପରମ୍ପରାଗତ



ଟିପ୍ପଣୀ

କୁସଂସ୍କାରଗୁଡ଼ିକୁ ଲୋପ କରା ନ ଯାଇଛି ସେ ପର୍ଯ୍ୟନ୍ତ ଆମେ ଭାରତ ଉପରୁ ବ୍ରିଟିଶ ଅଧିକାରକୁ ପରିସମାପ୍ତି କରିପାରିବା ନାହିଁ। ଉକ୍ତ ସଂସ୍କାରକମାନେ ଜନମତ ସୃଷ୍ଟି କରିବା ପାଇଁ ସିଧା ସଳଖ ଭାବେ କେବଳ ଅଭିଯାନ ଚଳାଇ ନଥିଲେ ବରଂ ଛପାଖାନାର ବ୍ୟବହାର ମଧ୍ୟ କରିଥିଲେ। ବଙ୍ଗଳାର ରାଜା ରାମମୋହନ ରାୟ ଏଭଳି ଏକ ସଂସ୍କାରକ ଥିଲେ।

୧୮୨୧ରେ ରାଜା ରାମମୋହନ ରାୟ ବଙ୍ଗଳା ଭାଷାରେ "ସମାଚାର କୌମୁଦି" ନାମକ ଏକ ସମ୍ବାଦପତ୍ର ଏବଂ ୧୮୨୨ରେ ପାରସୀକ ଭାଷାରେ "ମିରଟ୍‌-ଉଲ୍‌-ଆଖବର" ତଥା ଇଂରାଜୀରେ "ବ୍ରାହ୍ମନିକାଲ ମେଗାଜୀନ"ର ପ୍ରକାଶନ ଆରମ୍ଭ କରିଥିଲେ। ଉକ୍ତ ସମାଚାର ପତ୍ର ମାଧ୍ୟମରେ ସେ ସ୍ତ୍ରୀ-ଶିକ୍ଷା ଏବଂ ବିଧବା-ବିବାହର ସପକ୍ଷରେ ପ୍ରଚାର କରିବା ସହିତ ସତୀଦାହ ପ୍ରଥା ତଥା ଜାତିପ୍ରଥା ଭଳି କୁସଂସ୍କାର ବିରୁଦ୍ଧରେ ରଣ ହୁଙ୍କାର ଦେଇଥିଲେ। ତାଙ୍କ ଦୃଷ୍ଟିରେ ଥିବା ଏକ ଆଦର୍ଶ ସମାଜର କଳ୍ପନାକୁ ରେଖାଙ୍କିତ କରିବା ପାଇଁ ସେ ଅନେକ ପ୍ରଚାର ପତ୍ରର ମୁଦ୍ରଣ କରିଥିଲେ। ଏଗୁଡ଼ିକ ବିଶ୍ୱର ପ୍ରମୁଖ ଧର୍ମଗୁଡ଼ିକର ସର୍ବୋତ୍ତମ ଶିକ୍ଷା ଉପରେ ଆଧାରିତ ହୋଇଥିଲା। ସେ ବ୍ରହ୍ମ ସମାଜ ନାମକ ଏକ ସମ୍ପ୍ରଦାୟର ସୃଷ୍ଟି କରିଥିଲେ ଯେଉଁଥିରେ କି ବଙ୍ଗଳାର ଅନେକ ଶିକ୍ଷିତ ଏବଂ ପ୍ରଗତିଶୀଳ ଲୋକମାନେ ଯୋଗଦାନ କରିଥିଲେ। ଛାପାଖାନାର ଉପଲବ୍ଧ ହେତୁ ରାମମୋହନଙ୍କ ଚିନ୍ତାଧାରା ଏକ ବିଶାଳ ଜନସମୁଦ୍ର ପାଖରେ ପହଞ୍ଚି ପାରିଥିଲା। ଛପାଖାନାର ପ୍ରଭାବଶାଳୀ ଶକ୍ତି ଉପରେ ତୁମେ ଉକ୍ତ ଘଟଣାରୁ ଅନୁମାନ କରିପାରିବ ଯେ ସେ ସମୟରେ ସମାଜ ସଂସ୍କାରରେ ତାଙ୍କର ଚିନ୍ତାଧାରାକୁ ବିରୋଧ କରିବା ପାଇଁ ୧୮୨୨ ଖ୍ରୀ:ରେ ଏକ ପ୍ରତିଦ୍ୱନ୍ଦୀ ଖବର କାଗଜ "ଚନ୍ଦ୍ରିକା"ନାମରେ ପ୍ରକାଶିତ ହୋଇଥିଲା।

ଏହି ପ୍ରକାର ଆମ୍ଭେ ଦେଖିଲୁଁ ଯେ ସମ୍ବାଦ ପତ୍ର ଓ ପତ୍ରିକାଗୁଡ଼ିକ କେବଳ ପୃଥିବୀରେ ଘଟି ଯାଉଥିବା ଘଟଣାଗୁଡ଼ିକ ବିଷୟରେ ସୂଚନା ଦେବା ବ୍ୟତୀତ ଆମ ଚିନ୍ତାଧାରାକୁ ମଧ୍ୟ ବିକଶିତ କରିଥାଏ। ଚିନ୍ତାଧାରା ଏବଂ ମତାମତର ଆଦାନ ପ୍ରଦାନ ମୁଖ୍ୟତଃ ବହୁ ପ୍ରାଚୀନ କାଳରୁ ହୋଇ ଆସୁଅଛି। ଭାବର ଆଦାନ ପ୍ରଦାନର ଆଧୁନିକ ପଦ୍ଧତିରେ ଏହା ସ୍ପଷ୍ଟ ଭାବରେ ବିଦ୍ୟମାନ ଯେ ଚିନ୍ତାଧାରାର ସଂପ୍ରେଷଣ ଏକ ତରଫା ପ୍ରକ୍ରିୟା। ଯେତେବେଳେ ଜଣେ ସମ୍ବାଦପତ୍ରର ମାଲିକ ନିଜ ପାଠକମାନଙ୍କ ବିଚାର ଧାରାକୁ ପ୍ରଭାବିତ କରିପାରିବା ସ୍ଥଳେ ସେହି ପାଠକମାନେ ନିଜ ନିଜର ବିଚାରଧାରାକୁ ସେଭଳି ପ୍ରଭାବିତ କରି ପାରୁ ନାହାନ୍ତି। ଏଠାରେ ତୁମେ ବିଶ୍ୱବ୍ୟାପ୍ତି ସହିତ ଏହାର ସମାନତା ଦେଖି ପାରୁଛ ତ ଯାହା ବିଷୟରେ ତୁମେ ପାଠ ସଂଖ୍ୟା ୨୯ରେ ପଢ଼ିଅଛ।

## ୩୧.୧ ପାଠଗତ ପ୍ରଶ୍ନ

୧. କେଉଁ ଲିପିଠାରୁ ଅଧିକାଂଶ ଆଧୁନିକ ଭାରତୀୟ ଲିପିର ସୃଷ୍ଟି ହୋଇଅଛି?

.................................................................................................

୨. ପ୍ରାରମ୍ଭିକ ସମୟରେ ଲେଖା ଯାଇଥିବା ଦୁଇ ପ୍ରକାର ପୁସ୍ତକର ନାମ ଉଲ୍ଲେଖ କର।

.................................................................................................

୩. ପାଣ୍ଡୁଲିପିର ଉତ୍ପାଦନ କାହିଁକି ବ୍ୟୟବହୁଳ ଅଟେ ?

.................................................................................................

୪. ଠିକ୍ ବା ଭୁଲ ଚିହ୍ନିତ କର ।

(କ) ଭାଷା ସଂପ୍ରେଷଣର ସାଧନ ନୁହେଁ ।

(ଖ) ହିତପୋଦେଶ ଗଳ୍ପମାନଙ୍କର ଏକ ସମାହାର ଅଟେ ।

(ଗ) ରାମମୋହନ ହେଉଛନ୍ତି ୧୯ ଶତାବ୍ଦୀର ଏକମାତ୍ର ସଂସ୍କାରକ ଯିଏ ଛାପାଖାନାର ଉପଯୋଗ କରିଥିଲେ

(ଘ) ଲେଖା ଅନେକ ଦୂରକୁ ସଂପ୍ରେଷଣ କରିବା ପାଇଁ ସମ୍ଭବ କରିଅଛି ।

## ୩୧.୨ ସଂସ୍କୃତିର ବାହକ ହିସାବରେ ସଙ୍ଗୀତ Music as a vehicle of culture

ସଂସ୍କୃତିର ପ୍ରାରମ୍ଭିକ ଅଭିବ୍ୟକ୍ତିରେ ସଂଗୀତ ଏବଂ ନୃତ୍ୟ ଅନ୍ତର୍ଭୁକ୍ତ । ଗୀତ ଓ ସଂଗୀତ ସହିତ ତାଳ ଦେବାପାଇଁ ପ୍ରାରମ୍ଭିକ ମନୁଷ୍ୟମାନେ ତାଳିବଜାଉ ଥିଲେ ଅଥବା ତାଳ ମିଳାଇବା ପାଇଁ ବାଡି ସାହାଯ୍ୟରେ ଭୂମିକୁ ପିଟୁଥିଲେ । କାଳକ୍ରମେ ଅନେକ ପ୍ରକାର ଢୋଲ ଏବଂ ବାଦ୍ୟଯନ୍ତ୍ର ବ୍ୟବହାରରେ ଲାଗିଲା । ଗୁଜୁରାଟର ଗରବା, କେରଳର କଥାକଳୀ, ଏବଂ ପଞ୍ଜାବର ଗିଦ୍‌ଦା ଓ ଭାଙ୍ଗଡା ଆଦି ଲୋକନୃତ୍ୟର ଉଦାହରଣ ଅଟେ । ଏହି ନୃତ୍ୟକୁ ପର୍ବପର୍ବାଣୀ ପାଳନକରିବା ସମୟରେ, ବିଭିନ୍ନ ଉତ୍ସବ ତଥା ସମାରୋହର ଆୟୋଜନ ସମୟରେ ଏବଂ ବିଭିନ୍ନ ପ୍ରକାରର ଆବେଗ / ଭାବକୁ ପରିପ୍ରକାଶ କରିବାପାଇଁ ତଥା ସମୟ ସମୟରେ ବିରୁଦ୍ଧାଭାସ ପ୍ରକାଶର ଏକ ମାଧ୍ୟମ ହିସାବରେ ମଧ୍ୟ ଉପଯୋଗ କରାଯାଏ ।

ଲୋକ ଗୀତରେ ବସନ୍ତ, ବର୍ଷାର ଆଗମନ, ଅଥବା କ୍ଷେତରେ ଶସ୍ୟ ପାଚିବା ଉତ୍ସବ ଆଦି ପାଳନ କରାଯାଏ, ଯେଉଁଗୁଡ଼ିକ ବି ଆମ କୃଷି ଋତୁ ଚକ୍ର ଉପରେ କେନ୍ଦ୍ରିଭୂତ । ରାଜମିସ୍ତ୍ରୀ ଏବଂ କୁମ୍ଭାରମାନଙ୍କର ମଧ୍ୟ ଗୀତ ରହିଅଛି । ନିର୍ମାଣ କାର୍ଯ୍ୟରେ ଲିପ୍ତ ଶ୍ରମିକମାନେ କୌଣସି ଭାରୀ ବସ୍ତୁ ଦଳ ହୋଇ ଉଠାଇବା ସମୟରେ ଗୀତ ଗାଉଥିବାର ତମେ ଦେଖିଥିବ । ଏ ଗୀତଗୁଡ଼ିକ ସେମାନଙ୍କର କାମ ସମ୍ବନ୍ଧୀୟ ହୋଇଥାଏ ।

ସ୍ତ୍ରୀମାନଙ୍କ ଦ୍ୱାରା ତଥା ନାରୀ ବିଷୟରେ ଅନେକ ଗୀତ ଦେଖିବାକୁ ମିଳେ । ଏହା ସାଧାରଣତଃ ପ୍ରେମିକର ଅନୁପସ୍ଥିତରେ ପ୍ରେମିକାର ବିରହ ବେଦନା, ଝିଅ ବିବାହ ପରେ ଶ୍ୱଶୁର ଘରକୁ ଯିବା ସମୟରେ ଦୁଃଖ ତଥା ଶାଶୁ ବୋହୂ ମଧ୍ୟରେ ଝଗଡ଼ା ଉପରେ ଆଧାରିତ ହୋଇଥାଏ ।

ଲୋକ ସଙ୍ଗୀତ ସ୍ୱଭାବତଃ ସହଭାଗିତା ଉପରେ ପର୍ଯ୍ୟବେଶିତ । ଏହା ଲୋକମାନଙ୍କର ଅନୁଭୂତି ସହିତ ବିକଶିତ ହୋଇଥାଏ । ତେଣୁ ଲୋକକଳା ବିଷୟରେ ଏହା କୁହାଯାଏ ଯେ ଏହାର ଉପଯୋଗ ଏହାର ଜନ୍ମଦାତାମାନଙ୍କ ଦ୍ୱାରା କରାଯାଇଥାଏ ।

ତୁମେ ଶାସ୍ତ୍ରୀୟ ସଂସ୍କୃତି ବିଷୟରେ ପାଠ ସଂଖ୍ୟା ୨୯ରେ ପଢ଼ିଛ । ଶାସ୍ତ୍ରୀୟ ସଙ୍ଗୀତ, ସଙ୍ଗୀତର ଏକ ଅତି ବିକସିତ ରୂପ ଅଟେ କାରଣ ଏହା ନିର୍ଦ୍ଦିଷ୍ଟ ନିୟମ ଉପରେ ପର୍ଯ୍ୟବେଶିତ ହୋଇଅଛି । ଏହାକୁ ସଙ୍ଗୀତର ବ୍ୟାକରଣ କୁହାଯାଏ । ଏହାକୁ ଗାଇବା ତଥା ବଜାଇବା (ବାଦ୍ୟ ଯନ୍ତ୍ରକୁ) ପାଇଁ ଲମ୍ବା ସମୟ ପର୍ଯ୍ୟନ୍ତ ସଘନ ପ୍ରଶିକ୍ଷଣର ଆବଶ୍ୟକତା ଥାଏ । କିନ୍ତୁ ଏହାକୁ ଶୁଣି ଯେ କୌଣସି ଲୋକ ଖୁବ୍ ଆନନ୍ଦିତ ହୋଇଥାଆନ୍ତି । ବାସ୍ତବରେ ସିନେମା ଏବଂ ଲୋକଗୀତଗୁଡ଼ିକର



ଟିପ୍ପଣୀ

ଅନେକ ସ୍ୱର ମାଧୁର୍ଯ୍ୟ ଶାସ୍ତ୍ରୀୟ ରାଗ ଅଥବା ଏହାର ସରଳୀକୃତ ରୂପ ଉପରେ ପର୍ଯ୍ୟବେଶିତ ।ଶତାବ୍ଦୀ ଧରି ଶାସ୍ତ୍ରୀୟ ତଥା ଲୋକ ସଙ୍ଗୀତ ଦ୍ୱୟ ମଧ୍ୟରେ ସଂଯୁକ୍ତ ହୋଇ କାର୍ଯ୍ୟକରିବା ଦ୍ୱାରା ପରସ୍ପର ପରସ୍ପରକୁ ସମୃଦ୍ଧ କରିପାରିଥିଲା । ଏହା ଦ୍ୱାରା ସମୟ ସମୟରେ ଏମାନଙ୍କ ମଧ୍ୟରେ ଏକ ବିଭାଜନ ରେଖାପାତ କରିବା ଅସମ୍ଭବ ହୋଇ ପଡ଼ିଥିଲା ।

ଶାସ୍ତ୍ରୀୟ ସଙ୍ଗୀତକୁ ପ୍ରଥମେ ରାଜାମାନେ ପୃଷ୍ଠପୋଷକତା ପ୍ରଦାନ କରୁଥିଲେ । କିମ୍ବଦନ୍ତୀ ପୁରୁଷ ସଙ୍ଗୀତକାର ତାନ୍‌ସେନ୍ ମୋଗଲ ସମ୍ରାଟ ଆକବରଙ୍କ ନବରତ୍ନ ମଧ୍ୟରୁ ଅନ୍ୟତମ ଥିଲେ । ଆଜିକାଲି ବ୍ୟବସାୟିକ ପରିବାର ଏବଂ ରାଷ୍ଟ୍ରୀୟ ତଥା ଅନ୍ତଃରାଷ୍ଟ୍ରୀୟ ସାଂସ୍କୃତିକ ସଂଗଠନ ଶାସ୍ତ୍ରୀୟ ସଙ୍ଗୀତକୁ ପୃଷ୍ଠପୋଷକ ପ୍ରଦାନ କରୁ ଅଛନ୍ତି ।

ଉକ୍ତ ଦୁଇ ପ୍ରକାର ସଙ୍ଗୀତ ସହିତ ଜଡ଼ିତ ସଙ୍ଗୀତ ଧର୍ମ ଉଦ୍ଦେଶ୍ୟରେ ବ୍ୟବହୃତ ହୁଏ । ବାସ୍ତବରେ ଅନେକ ଲୋକ ଏବଂ ଶାସ୍ତ୍ରୀୟ ଗୀତ ଧାର୍ମିକ ବିଷୟବସ୍ତୁ ଉପରେ ଆଧାରିତ ହୋଇଅଛି ।

ଭାରତରେ ଧାର୍ମିକ ସଙ୍ଗୀତର ସର୍ବ ପ୍ରଥମ ଉଦାହରଣ ସାମବେଦରେ ଦେଖିବାକୁ ମିଳେ । ଉକ୍ତ ୩୦୦୦ ବର୍ଷ ପୁରୁଣା ଗ୍ରନ୍ଥରେ ବଳୀ ଦେବା ସମୟରେ ସଙ୍ଗୀତ ସହିତ ତାଳ ଦେଇ ବୈଦିକ ସ୍ତୋତ୍ରକୁ ଆବୃତ୍ତି କରିବା ପ୍ରଥା ବେଦର ଅନ୍ତର୍ଭୁକ୍ତ ।

ମଧ୍ୟକାଳରୁ ଭକ୍ତି ତଥା ସୁଫି ସନ୍ଥମାନଙ୍କ ଲିଖିତ କବିତା ଗୁଡ଼ିକ ତାଙ୍କର ଅନୁଗାମୀ ତଥା ଉପାସକମାନଙ୍କ ଦ୍ୱାରା ଗାନ କରାଯାଉଥିଲା । ଉକ୍ତ ଗୀତଗୁଡ଼ିକ ଆଜିକାଲି ଭଜନ ଏବଂ କଓ୍ୱାଲି ହିସାବରେ ଆମର ଅତି ଜଣାଶୁଣା ଅଟେ । ଉକ୍ତ ଗୀତିକବିତାଗୁଡ଼ିକରେ ନିଜ ଈଶ୍ୱର ପ୍ରତି ଭକ୍ତି ତଥା ପ୍ରେମ ବ୍ୟକ୍ତ ହୋଇଥାଏ । ସମୟ ସମୟରେ ତା ମାଧ୍ୟମରେ ସାଂସାରିକ ସମସ୍ୟାରୁ ମୁକ୍ତି ପାଇବା ପାଇଁ ଐଶ୍ୱରିକ ସହାୟତା ପାଇଁ କାମନା କରାଯାଉଥିଲା । କଓ୍ୱାଲି ଏବଂ ଭଜନଗୁଡ଼ିକର ମୂଳ ଶାସ୍ତ୍ରୀୟ ଆଧାର ଏବଂ ଲୋକପ୍ରିୟ ଲେକଗୀତି ଉପରେ ପର୍ଯ୍ୟବେଶିତ ।

ଭଜନଗୁଡ଼ିକ ବେଳେବେଳ ସାଧାରଣ ମାନବମାନଙ୍କର ଅନୁଭୂତି ସମ୍ବନ୍ଧରେ ହୋଇଥାଏ । ଉଦାହରଣ ସ୍ୱରୂପ କବୀରଙ୍କ ଦୋହାଗୁଡ଼ିକ ଅଧିକାଂଶ ସ୍ଥାନରେ ତାଙ୍କର ଅନୁବଂଶୀୟ ବୁଣାକାର ପେସାକୁ ସୂଚନା ଦେଇଥାଏ । କଓ୍ୱାଲିଗୁଡ଼ିକ ମୁଖ୍ୟତ ଦରଘା ଅର୍ଥାତ୍ ସମ୍ମାନିତ ସୁଫିସନ୍ତମାନଙ୍କର ପୀଠସ୍ଥଳୀ ସହିତ ଜଡ଼ିତ ଥାଏ ।

ଗୁରୁଦ୍ୱାରଗୁଡ଼ିକରେ ଶିଖ୍ ମାନଙ୍କର ପବିତ୍ର ଗ୍ରନ୍ଥ "ଗ୍ରନ୍ଥସାହେବ"କୁ ସଙ୍ଗୀତ ରୂପରେ ଗାନ କରାଯାଏ । ଗ୍ରନ୍ଥ ସାହେବ ଦଶଜଣ ଶିଖ୍ ଗୁରୁଙ୍କ ସହିତ ଅନେକ ଭକ୍ତି ଏବଂ ସୁଫୀ ସନ୍ଥମାନଙ୍କର ମୁଖନିସୃତ ବାଣୀର ସଙ୍କଳନ ଅଟେ ।

ଗ୍ରନ୍ଥ ସାହେବକୁ ଗାନ କରୁଥିବା ବ୍ୟକ୍ତିକୁ ଧାର୍ମିକ ପ୍ରଶିକ୍ଷଣ ସହିତ ଶାସ୍ତ୍ରୀୟ ସଙ୍ଗୀତ ଉପରେ ମଧ୍ୟ ପ୍ରଶିକ୍ଷଣ ଦିଆଯାଏ । ଏଥିପାଇଁ ତାଙ୍କୁ "ରାଗୀ" କୁହାଯାଏ ।

ସଙ୍ଗୀତରେ ଏକ ଅପେକ୍ଷାକୃତ ନୂଆ ରୂପ ହେଲା ସିନେମା ସଙ୍ଗୀତ । ପ୍ରାରମ୍ଭରୁ ସିନେମା ସଙ୍ଗୀତ ଶାସ୍ତ୍ରୀୟ ତଥା ଲୋକ ସଙ୍ଗୀତ ଉପରେ ଆଧାରିତ ହୋଇଥିଲା । କିନ୍ତୁ ସିନେମା ସଙ୍ଗୀତ ନିଜର କିଛି ନୂତନତ୍ୱ ମଧ୍ୟ ବିକାଶ କରିଥିଲା । କେତେକ ପୁରୁଣା ଏବଂ ଲୋକପ୍ରିୟ ଗୀତଗୁଡ଼ିକ ଭାରତୀୟ ତଥା ପାଶ୍ଚାତ୍ୟ ଶାସ୍ତ୍ରୀୟ ସଙ୍ଗୀତର ସୁରମାଧୁରୀ ଉପରେ ପର୍ଯ୍ୟବେଶିତ ଥିଲା । କିନ୍ତୁ







ସିନେମା ସଙ୍ଗୀତ ମଧ୍ୟ ନିଜର କିଛି ନୂତନତ୍ୱ ମଧ୍ୟ ବିକାଶ କରିଥିଲା । ଏଥିରେ ଭାରତୀୟ ବାଦ୍ୟ ଯନ୍ତ୍ର ବ୍ୟତୀତ ପାଶ୍ଚାତ୍ୟ ଶାସ୍ତ୍ରୀୟ ସଙ୍ଗୀତ ସହିତ ଜଡ଼ିତ ସମବେତ ଗାନା, ବାଜଣା (orchestra) ର ମଧ୍ୟ ଉପଯୋଗ କରିଥିଲେ । ଆଜିକାଲି ପ୍ରତି ମୁହୂର୍ତ୍ତରେ ନୂଆ ପ୍ରକାରର ମିଶ୍ରିତ ସଙ୍ଗୀତ (fusion music) ର ବିକାଶ ହେଉଅଛି ।

"ଛାୟା" ଚଳଚିତ୍ରର ଲୋକପ୍ରିୟ ଗୀତ "ଇତନା ନା ମୁଝସେ ତୁ ପ୍ୟାର ବନ୍ଧା"ଅଷ୍ଟାଦଶ ଶତାବ୍ଦୀର ଅଷ୍ଟ୍ରିଆର ସଙ୍ଗୀତଜ୍ଞ ମୋଜାଟ (Mozart) ଙ୍କ ଏକତାନତା (Symphony) ଉପରେ ଆଧାରିତ । "ମୋଗଲ ଇ ଆଜମ୍"ର ପ୍ରାୟ ସମସ୍ତ ଗୀତ ଶାସ୍ତ୍ରୀୟ ହିନ୍ଦୁସ୍ଥାନୀ ସଙ୍ଗୀତ ଉପରେ ଆଧାରିତ । ଉଦାହରଣ ସ୍ୱରୂପ "ମହବତକି ଝୁଟି କାହାନୀ"ଗୀତ ଦରବାରୀ କନଡ଼ ରାଗ ଉପରେ ପର୍ଯ୍ୟବେଶିତ ।

ସିନେମା ସଙ୍ଗୀତଗୁଡ଼ିକ କେବଳ ମାତ୍ର ସିନେମାର ଏକ ବିଷୟବସ୍ତୁ ଉପରେ ଆଧାରିତ ନହୋଇ ବରଂ ପ୍ରୋଦ୍ୟୋଗିକୀୟ ଚିନ୍ତାଧାରା ଉପରେ ମଧ୍ୟ ନିର୍ଭର କରେ । ବିଂଶ ଶତାବ୍ଦୀର ପ୍ରାରମ୍ଭରେ ପ୍ରାରମ୍ଭିକ ରେକଡ଼ିଂ (recording) କେବଳ ୩.୫ ମିନିଟ ଚାଲୁଥିଲା । ପ୍ରୋଦ୍ୟୋଗିକୀୟ ଉନ୍ନତି ସହିତ ଏବେ ରେକଡ଼ିଂ ଏକ ସଙ୍ଗରେ ଘଣ୍ଟାଏ ଧରି ମଧ୍ୟ ସମ୍ଭବ ହୋଇଅଛି । କିନ୍ତୁ ସିନେମା ସଙ୍ଗୀତ ଗୁଡ଼ିକ ତାଙ୍କର ପାରମ୍ପରିକ ପଦ୍ଧତି (format) କୁ ରଖି ଅଛନ୍ତି । ପରବର୍ତ୍ତୀ ସମୟରେ ତୁମେ ରେଡ଼ିଓରୁ ଯେବେ ଗୀତ ଶୁଣିବ ସେତେବେଳେ ତୁମେ ଏହାର ସମୟ ଉପରେ ଜ୍ଞାନ ହାସଲ କରିପାରିବ ।

ସଂସ୍କୃତିର ସମସ୍ତ ଅଭିବ୍ୟକ୍ତି ଭଳି ସଙ୍ଗୀତ ମଧ୍ୟ ବିଚାର ଉପରେ ଆଧାରିତ । ବଙ୍ଗଳାର ବଉଳ ମାନେ ପରମ୍ପରାଗତ ଭାବେ ନିଜର ଗୀତ ମାଧ୍ୟମରେ ବିଶ୍ୱ-ବନ୍ଧୁତ୍ୱ ଏବଂ ନିସ୍ୱାର୍ଥତାର ସନ୍ଦେଶ ପ୍ରଚାର କରିଥାଆନ୍ତି ।

ଭକ୍ତି-ସଙ୍ଗୀତଗୁଡ଼ିକ ଭକ୍ତର ଭାବ ପ୍ରବଣତାକୁ ପ୍ରକାଶ କରିବା ସଙ୍ଗେ ସଙ୍ଗେ ଅନ୍ୟ ଲୋକଙ୍କୁ ମଧ୍ୟ ନିଜ ଗୋଷ୍ଠୀ ପ୍ରତି ଆକୃଷ୍ଟ କରନ୍ତି । ଆଜି ବିଶ୍ୱବ୍ୟାପ୍ତ ଗ୍ରାମରେ, ଯାହା ବିଷୟରେ ତୁମେ ପାଠ ସଂଖ୍ୟା ୨୯ରେ ପଢ଼ିଛ, ସଙ୍ଗୀତ ଏକ ମହତ୍ୱପୂର୍ଣ୍ଣ ସେତୁବନ୍ଧ ରୂପେ କାମ କରୁଅଛି । ନୂତନ ସ୍ୱରୂପକୁ ଆପଣାର କରିବା ସମୟରେ ସର୍ବଦା ମନେରଖିବା ଉଚିତ୍ ଯେ ନିଜର ସଙ୍ଗୀତର ସମୃଦ୍ଧ ପରମ୍ପରାକୁ ଯେପରି ହଜାଇ ଦିଆ ନଯାଏ ।

## ୩୧.୨ ପାଠଗତ ପ୍ରଶ୍ନ

୧. ଲୋକଗୀତ ଏବଂ ନୃତ୍ୟରେ କାହାର ଉତ୍ସବ ପାଳନ କରାଯାଏ ?

.............................................................................................

୨. ଶୂନ୍ୟସ୍ଥାନ ପୂରଣ କର:-

(କ) ________ ପାଇଁ ପ୍ରଗାଢ଼ ପ୍ରଶିକ୍ଷଣର ଆବଶ୍ୟକ ।

(ଖ) ଭକ୍ତି ଏବଂ ସୁଫୀ ସନ୍ଥମାନଙ୍କ ରଚନାରେ ________ ଏବଂ________ କୁହାଯାଇଥାଏ ।

(ଗ) ବଙ୍ଗଳାର ବାଉଲ________ ଏବଂ________ ର ଗୀତ ଗାଇଥାଆନ୍ତି ।



ଟିପ୍ପଣୀ

୩. ଠିକ୍ ଏବଂ ଭୁଲ ଚିହ୍ନ ପ୍ରଦାନ କର ।

୧. ଲୋକ ନୃତ୍ୟ କେବଳ ମଞ୍ଚରେ କରିବା ପାଇଁ ହୋଇଅଛି ।

୨. ଶାସ୍ତ୍ରୀୟ ଏବଂ ଲୋକ-ସଙ୍ଗୀତ ପରସ୍ପର ସହିତ ସହ ପ୍ରକ୍ରୀୟା କରନ୍ତି ନାହିଁ ।

୩. ସିନେମା ସଙ୍ଗୀତ ସମୟ ସମୟରେ ଶାସ୍ତ୍ରୀୟ ତାଳ ଉପରେ ଆଧାରିତ ହୋଇଥାଏ ।

ଭାରତ ଏବଂ ବାହାର ଦୁନିଆ ମଧ୍ୟରେ ସମ୍ପର୍କ ଖ୍ରୀ:ପୂ: ଦ୍ୱିତୀୟ ଶତାବ୍ଦୀ ଏବଂ ଖ୍ରୀଷ୍ଟାବ୍ଦ ଦ୍ୱିତୀୟ ଶତାବ୍ଦୀ ମଧ୍ୟରେ ଗଢ଼ି ଉଠିଥିଲା । ରାଜନୈତିକ ତଥା ବାଣିଜ୍ୟ ସମ୍ବନ୍ଧୀୟ ପାରସ୍ପରିକ ସମ୍ପର୍କ ଦ୍ୱାରା ବିଚାରଧାରାର ଆଦାନ-ପ୍ରଦାନ ହେବା ସହିତ ସାମାଜିକ ଏବଂ ସାଂସ୍କୃତିକ ବିକାଶ ବ୍ୟାପକ ହୋଇଥିଲା । ବୌଦ୍ଧ ଧର୍ମ ନୂତନ ପରିସ୍ଥିତିର ଅନୁକୂଳ ଥିବାରୁ ଏହାକୁ ଭାରତୀୟ ଗ୍ରୀକ୍ (Indo-Greek) ତଥା ମଧ୍ୟ-ଏସିଆର ଲୋକମାନେ ଆପଣାଇ ଥିଲେ । ଧର୍ମ ପ୍ରଚାରକ ସନ୍ୟାସୀମାନେ ବ୍ୟବସାୟୀମାନଙ୍କ ସହିତ ଯାତ୍ରା କରି ମଧ୍ୟ ଏସିଆର ଦୂର ଦୂରାନ୍ତରେ ବୌଦ୍ଧ ବିହାର ସ୍ଥାପିତ କରିଥିଲେ । ସେଠାରୁ ବୌଦ୍ଧ ଧର୍ମ ଚୀନ ପର୍ଯ୍ୟନ୍ତ ବ୍ୟାପି ଯାଇଥିଲା ।

ଗ୍ରୀକ୍‌ମାନଙ୍କ ସହିତ ପରସ୍ପର କ୍ରୀୟା ଦ୍ୱାରା ମୂର୍ତ୍ତୀକଳାର ବିକାଶର ମାର୍ଗ ପ୍ରଶସ୍ତ ହୋଇଥିଲା । ପ୍ରାରମ୍ଭରେ ବୁଦ୍ଧଙ୍କୁ ସ୍ତୁପର ପ୍ରବେଶ ଦ୍ୱାରରେ ପ୍ରତିକାତ୍ମକ ରୂପରେ ଏକ ଚକ୍ର, ପଦ୍ମଫୁଲ ଏବଂ ଅଶ୍ୱସ୍ତ ବୃକ୍ଷ ଆଦି ଖୋଦିତ କରା ଯାଉଥିଲା । କିନ୍ତୁ ଏହାପରେ ଗ୍ରୀକ୍‌ମାନଙ୍କ ଦେବତା ଆପୋଲ ଭଳି ମାନବ ରୂପରେ ବୁଦ୍ଧଙ୍କୁ ତିଆରି କରିବା ଆରମ୍ଭ ହୋଇଥିଲା ।

ଏହା ସହିତ ସମାନ୍ତରାଳ ଭାବେ ଏକ ଜଟିଳ ପୁରାଣର ବିକାଶ ହୋଇଥିଲା । ପୁନଃ ଜନ୍ମ ଏବଂ ପୁନଃ ଅବତାର ଧାରଣର ଲୋକପ୍ରିୟ ବିଶ୍ୱାସ ଦ୍ୱାରା ବୁଦ୍ଧଙ୍କର ପିଛଲା ଶତାଧିକ ଜୀବନ ଉପରେ ଲୋକଙ୍କର ବିଶ୍ୱାସ ଦୃଢ଼ିଭୂତ ହୋଇଥିଲା ।

ବୁଦ୍ଧଙ୍କର ଉକ୍ତ ପୂର୍ବ ଜନ୍ମଗୁଡ଼ିକୁ ବୋଧିସ୍ତବ କୁହାଗଲା । ବୋଧିସ୍ତବଙ୍କ କଳ୍ପନା ପରଦୁଃଖ କାତର, ନିଜ ସହିତ ରହୁଥିବା ପ୍ରାଣୀଙ୍କର କଲ୍ୟାଣକାରୀ ଦୟାଳୁ ବ୍ୟକ୍ତିଙ୍କ ରୂପରେ କରାଗଲା । ଉପାସକମାନେ ନିଜ ନିଜର ସମସ୍ୟାଗୁଡ଼ିକରୁ ରକ୍ଷା ପାଇବା ପାଇଁ ତାଙ୍କୁ ପ୍ରାର୍ଥନା କଲେ ଏବଂ ସାଂସାରିକ ଯନ୍ତ୍ରଣାକୁ ଲାଘବ କରିବା ପାଇଁ ତାଙ୍କ ସାହାଯ୍ୟ ଲୋଡ଼ିଲେ ।

## ୩୧.୩ ସାଂସ୍କୃତିକ ସ୍ୱରୂପ ଏବଂ ବୌଦ୍ଧ ଧର୍ମର ପ୍ରସାର
## Cultural Forms and spread of Buddhism

ତୁମେ ଜାଣିଛ ଯେ ଧର୍ମ ହେଉଛି ଆମ ସାଂସ୍କୃତିକ ପରମ୍ପରାର ଏକ ବିଶେଷତ୍ୱ । ସଂସ୍କୃତିର ମାଧ୍ୟମରେ ଧାର୍ମିକ ବିଚାର ସ୍ୱତଃପ୍ରବୃତ ଭାବରେ ସଂପ୍ରେଷିତ ହୋଇଥାଏ । ବର୍ତ୍ତମାନ ଆମେ ବୌଦ୍ଧ ଧର୍ମର ଉଦାହରଣ ନେବା ।

ବୁଦ୍ଧ ଷଷ୍ଠ ଶତାବ୍ଦୀରେ ବସବାସ କରୁଥିଲେ । ସେ ପ୍ରଚାର କରିଥିଲେ ଯେ ସଂସାର ଦୁଃଖପୂର୍ଣ୍ଣ ଏବଂ ଏଠାରୁ ମୁକ୍ତି ପାଇବା ପାଇଁ ଜଣକୁ କାମନାଶୂନ୍ୟ ହେବାକୁ ପଡ଼ିବ । ସେ ତାଙ୍କ ଅନୁଗାମୀମାନଙ୍କୁ ଏକ ସରଳ ଏବଂ ସଦାଚାରପୂର୍ଣ୍ଣ ଜୀବନ କାଟିବାକୁ କହିଥିଲେ ଏବଂ ମଝିମ ମାର୍ଗ, ଯାହାକି ବିଳାସପୂର୍ଣ୍ଣ ଏବଂ ପରମ ସଂଯମର ମଧ୍ୟବର୍ତ୍ତୀ, ଅନୁସରଣ କରିବାକୁ କହିଥିଲେ । ସର୍ବସାଧାରଣଙ୍କ ବୋଧଗମ୍ୟ ହେଉ ନଥିବା ସଂସ୍କୃତ ଭାଷା ଯାହାକି ବ୍ରାହ୍ମଣମାନେ ବ୍ୟବହାର

କରୁଥିଲେ ତା ବଦଳରେ ବୁଦ୍ଧଦେବ ପ୍ରାକ୍ରିତ ଭଳି ସର୍ବସାଧାରଣଙ୍କ ଭାଷାରେ ତାଙ୍କ ବାଣୀ ପ୍ରକାଶ କରୁଥିବାରୁ ଲୋକମାନେ ଅତିଶୀଘ୍ର ତାକୁ ଗ୍ରହଣ କରିଥିଲେ ।

ବୌଦ୍ଧ ଧର୍ମାବଲମ୍ବୀମାନେ ଅନେକ ଧାର୍ମିକ ତଥା ସାଂସ୍କୃତିକ ପ୍ରଥାକୁ ମଧ୍ୟ ଗ୍ରହଣ କରି ଅନୁସରଣ କଲେ । ଉଦାହରଣ ସ୍ୱରୂପ ବୃକ୍ଷଦେବଙ୍କୁ ଉପାସନା ଏକ ଲୋକପ୍ରିୟ ପ୍ରଥା ଥିଲା । ସେମାନେ କହିଥିଲେ ବୃକ୍ଷର ପୂଜା ବୁଦ୍ଧଗୟା ସ୍ଥିତ ବୋଧି ବୃକ୍ଷର ପୂଜା ସମାନ ଅଟେ । ବୌଦ୍ଧ ପରମ୍ପରା ଅନୁସାରେ ବୁଦ୍ଧ ଉକ୍ତ ବୃକ୍ଷ ତଳେ ବସି ତପସ୍ୟା କରିଥିଲେ ଏବଂ ଜ୍ଞାନ ମଧ୍ୟ ପ୍ରାପ୍ତ ହୋଇଥିଲେ ।

ମୃତକଙ୍କ ଅବଶୋଷକୁ ରଖି ତା'ଉପରେ ସ୍ମାରକ ରୂପରେ ପଥରର ଏକ ଗୋଲାକାର ଆକୃତିର (ଯାହାକୁ ବୌଦ୍ଧ ଧର୍ମରେ ସ୍ତୁପ କୁହାଯାଏ) ସ୍ତୁପ ତିଆରି କରିବା ଅନ୍ୟ ଏକ ଲୋକପ୍ରିୟ ପ୍ରଥା ଥିଲା । ମୃତକଙ୍କର ପରିବାରବର୍ଗ ତଥା ବନ୍ଧୁମାନେ ଏହାକୁ ପୂଜା କରୁଥିଲେ । ବୁଦ୍ଧଙ୍କର ଅନୁଗାମୀମାନେ ଏହି ପ୍ରଥାକୁ ଆପଣାଇ ନେଇଥିଲେ ଏବଂ ସ୍ତୁପ ସ୍ଥାପନ କରିଥିଲେ । ଏହା ମଧ୍ୟରେ ବୁଦ୍ଧଙ୍କର ସ୍ମୃତି ଚିହ୍ନ ରଖୁଥିଲେ । ଯଥା ତାଙ୍କର ଦାନ୍ତ ତଥା ଏମିତି କିଛି ଜିନିଷ ଯାହାକି ବୁଦ୍ଧଙ୍କ ଜୀବନ ସହିତ ଜଡ଼ିତ ଥିଲା ଅଥବା ସେ ବ୍ୟବହାର କରୁଥିଲେ ।



୩୧.୧ ବୁଦ୍ଧ

ବୌଦ୍ଧ ଧର୍ମର ବିସ୍ତାର ଦ୍ୱାରା ବୌଦ୍ଧ ଧର୍ମାବଲମ୍ବୀମାନେ ଉପମହାଦେଶର ଉତ୍ତର ପଶ୍ଚିମରେ ଅବସ୍ଥାପିତ ହୋଇଥିବା ଭାରତୀୟ-ଗ୍ରୀକ୍ (Indo-Greek) ମାନଙ୍କ ସଂସ୍ପର୍ଶରେ ଆସିଥିଲେ । ନିଜର ଦେବତାମାନଙ୍କୁ ମାନବ ରୂପରେ ପ୍ରସ୍ତୁତ କରିବା ଗ୍ରୀକ୍‌ମାନଙ୍କର ଏକ ପୁରାତନ ପରମ୍ପରା ଥିଲା । ବୌଦ୍ଧମାନେ ଏହି ପରମ୍ପରାକୁ ମଧ୍ୟ ନିଜର କରି ନେଇଥିଲେ ଏବଂ ବୁଦ୍ଧଙ୍କୁ ଏହି ରୂପରେ ପ୍ରସ୍ତୁତ କରିବାକୁ ଆରମ୍ଭ କରିଥିଲେ ।



ଟିପ୍ପଣୀ

> ବିଡ଼ାଳ-କୁକ୍କୁଟ ଜାତକ (ବିରାଡ଼ି ଓ କୁକୁଡ଼ାର ଜାତକ କଥା)ଏକ ଛୋଟ ଜାତକ ଗଳ୍ପ ଯାହା ନିମ୍ନରେ ଉଲ୍ଲେଖ ହେଲା:-
>
> ବିରାଡ଼ି କୁକୁଡ଼ାକୁ କୁହେ ଯେ ସେ ତାକୁ ବିବାହ କରିବାକୁ ଚାହୁଁଅଛି । ଏହାର ଉଦ୍ଦେଶ୍ୟ ଥିଲା ଯେ କୁକୁଡ଼ା ଗଛ ତଳକୁ ଆସିଲେ ବିରାଡ଼ି ତାକୁ ଖାଇବ । କିନ୍ତୁ କୁକୁଡ଼ା ଅତ୍ୟନ୍ତ ଚାଲାକ୍ ଥିଲା ଏବଂ ବିବାହ କରିବା ପାଇଁ ମନା କରି ଦେଇଥିଲା । ବୌଦ୍ଧ ପ୍ରଚାରକମାନେ କହୁଥିଲେ ଯେ ନିଜର ପୂର୍ବ ଜନ୍ମରେ ବୁଦ୍ଧ ଉକ୍ତ ବୁଦ୍ଧିମାନ କୁକୁଡ଼ା ଥିଲେ । ଉକ୍ତ କଥାର ଜୀବନ୍ତ ପ୍ରତିମୂର୍ତ୍ତି ମଧ୍ୟ ଭାରତର ଭରହୁତରେ ଦେଖାଯାଏ ।

ବୌଦ୍ଧମାନେ ମଧ୍ୟ ଏହିପରି ଶତ ଶତ ଲୋକ କଥାକୁ ଗ୍ରହଣ କରି ନେଇଥିଲେ । ବୌଦ୍ଧ ପରମ୍ପରାରେ ସେଗୁଡ଼ିକୁ ଜାତକ ଅଥବା ବୁଦ୍ଧଙ୍କର ପୂର୍ବଜନ୍ମ କଥା ନାମରେ ଜଣାଯାଏ । ଏଗୁଡ଼ିକୁ ବୁଦ୍ଧଙ୍କ ପୂର୍ବଜନ୍ମ ତଥା ତାଙ୍କ ଜୀବନର କାହାଣୀ ବୋଲି ବିବେଚନା କରାଯାଏ । ଏଗୁଡ଼ିକ ମଧ୍ୟରୁ ଅନେକକୁ ମୂର୍ତ୍ତି ସ୍ୱରୂପରେ ଚିତ୍ରଣ କରାଯାଇଅଛି ।

ଜାତକ ଗଳ୍ପଗୁଡ଼ିକୁ ଅଜନ୍ତା ଗୁମ୍ଫାର ପାଚେରୀରେ ଏବଂ ସାଞ୍ଚି ସ୍ତୁପ(ମଧ୍ୟ ପ୍ରଦେଶ)କୁ ପରିବେଷ୍ଟିତ କରିଥିବା ରେଲିଂ (railing) ଉପରେ ମଧ୍ୟ ଚିତ୍ରିତ କରାଯାଇଅଛି ।ଉକ୍ତ ସ୍ଥାନକୁ ବୁଲିଆସି ଏହି ଚିତ୍ରକୁ ଦେଖୁଥିବା ପୁରୁଷ ଓ ସ୍ତ୍ରୀମାନେ ନିଜେ ଜାଣିଥିବା ଗପକୁ ମନେ ପକାଇବେ । ଏଥି ସହିତ ସେମାନେ ଉକ୍ତ ଗପ ମାଧ୍ୟମରେ ବୌଦ୍ଧ ଧର୍ମ ବିଷୟରେ ଶିକ୍ଷା ଗ୍ରହଣ କରିବେ ।

ନିଜର ବାର୍ତ୍ତା ପ୍ରଚାର କରିବା ପାଇଁ ବିଭିନ୍ନ ସାଂସ୍କୃତିକ ସାଧନଗୁଡ଼ିକୁ ଉପଯୋଗ କରୁଥିବା ବୌଦ୍ଧ ଶିକ୍ଷକମାନେ ଏକୁଟିଆ ନଥିଲେ । ଯଦି ଆମେ ଖ୍ରୀଷ୍ଟିଆନ, ହିନ୍ଦୁ, ଇସଲାମ୍ ଏବଂ ଜୈନ ଧର୍ମ ସହିତ ନିଜର ପ୍ରମୁଖ ଧାର୍ମିକ ପରମ୍ପରାଗୁଡ଼ିକ ଉପରେ ଦୃଷ୍ଟି ନିକ୍ଷେପ କଲେ ଆମ୍ଭେ ଦେଖିବା ଯେ ଏମାନଙ୍କର ଦୀର୍ଘକାଳୀନ ସଫଳତା ସେମାନଙ୍କ ଦ୍ୱାରା ବ୍ୟବହୃତ ସନ୍ଦେଶ, ସଂପ୍ରେଷଣର ବିଭିନ୍ନ ଉପାୟ ଉପରେ ନିର୍ଭର କରୁଥିଲା । ଏଗୁଡ଼ିକ ହେଲା ଚିତ୍ରକଳା, ସଙ୍ଗୀତ, ଗଳ୍ପ-କଥନ ଏବଂ ଉପାସନା ଗୃହ ନିର୍ମାଣ କରିବା ପାଇଁ ପ୍ରଯୁକ୍ତ ବାସ୍ତୁକଳାର ବିଭିନ୍ନ ଶୈଳୀଗୁଡ଼ିକ ।

ପ୍ରାଚୀନ ଏବଂ ଲୋକପ୍ରିୟ ମାତୃ ପୂଜା ଉପରେ କେନ୍ଦ୍ରୀଭୂତ ହୋଇଥିବା ଉତ୍ପାଦିକା ଶକ୍ତିର ଉପାସନା (fertility cult) କୁ ବୌଦ୍ଧମାନେ ନିଜର କ୍ରମବର୍ଦ୍ଧିତ ଧାର୍ମିକ ପୁରାଣରେ ମଧ୍ୟ ସାମିଲ କରି ଦେଇଥିଲେ । ପ୍ରତ୍ୟେକ ବୋଧିସତ୍ୱ ଏକ ଦେବୀଙ୍କ ସହିତ ଜଡ଼ିତ ଥିଲେ ଯିଏ ତାରା ନାମରେ ଜଣାଶୁଣା ଥିଲେ ।

ବୋଧିସତ୍ୱ ଉକ୍ତ ଦେବୀମାନଙ୍କ ମଧ୍ୟରେ କାର୍ଯ୍ୟକରୁଥିବାର ବିଶ୍ୱାସ କରାଯାଉଥିଲା । ପୁରୁଷ ଏବଂ ସ୍ତ୍ରୀ ଶକ୍ତିର ଉକ୍ତ ମିଳନ ଅନେକ ଉତ୍ପାଦିକା ଶକ୍ତିର ଉପାସନା କରୁଥିବା ସମ୍ପ୍ରଦାୟର (fertility cult) ମୁଖ୍ୟ ବିଶେଷତ୍ୱ ଥିଲା । ଲୋକ ବିଶ୍ୱାସ ଏବଂ ସାଂସ୍କୃତିକ ଉପାଦାନ ବା ଉଦ୍ଦେଶ୍ୟ ବସ୍ତୁ (Motif) କୁ ଗ୍ରହଣ କରି ତାହାକୁ ଉପଯୋଗ କରିବା ହେତୁ ବୌଦ୍ଧ ଧର୍ମକୁ ଗ୍ରହଣୀୟ କରିଥିଲା ।

ଟିପ୍ପଣୀ

ଉକ୍ତ ଗତିବିଧିଗୁଡ଼ିକ ଯେଉଁଠାରେ ବୌଦ୍ଧ ଧର୍ମର ଲୋକପ୍ରିୟତା ବଢ଼ାଇଥିଲା ସେଠାରେ ବୁଦ୍ଧଙ୍କର ମୂଳ, ସରଳ ବାଣୀଗୁଡ଼ିକୁ ପ୍ରାୟ ଭୁଲି ଯାଇଥିଲେ । ବୁଦ୍ଧ ଦୃଢ଼ତାର ସହିତ ଚମତ୍କାରୀତା ପ୍ରଦର୍ଶନ କରିବା ପାଇଁ ବିରୋଧ କରିବା ସହିତ ତାଙ୍କୁ ପୂଜା କରିବାର ପ୍ରୟାସକୁ ମଧ୍ୟ ବିରୋଧ କରିଥିଲା । ଏହା ସତ୍ତ୍ୱେ ତାଙ୍କୁ ଦେବତ୍ୱର ଆଖ୍ୟା ଦିଆ ଯାଇଥିଲା ଏବଂ ବୋଧିସତ୍ୱ ଦ୍ୱାରା କରାଯାଇଥିବା ଚମତ୍କାରୀ କାହାଣୀଗୁଡ଼ିକ ବିଶ୍ୱାସର ଆଧାର ହୋଇଥିଲା ।

ବୌଦ୍ଧ ଧର୍ମ ଆସ୍ତେ ଆସ୍ତେ ନିଜ ଜନ୍ମ ସ୍ଥାନରୁ ଲୁପ୍ତ ହୋଇଥିଲା । ଏହା କେବଳ ନିଜର ମୂଳ ଓ ସରଳ ଧର୍ମବାଣୀଗୁଡ଼ିକ ନିର୍ବାପିତ ହେବା ସହିତ ନୁହେଁ ବରଂ ସମ୍ରାଟ ତଥା ବ୍ୟବସାୟୀମାନେ ବୌଦ୍ଧ ଧର୍ମକୁ ପୃଷ୍ଠପୋଷକତା ପ୍ରଦାନ କରିବାରୁ ବୌଦ୍ଧ ବିହାରଗୁଡ଼ିକ ଧନଶାଳୀ ହୋଇଥିଲେ ଏବଂ ଏଥିପାଇଁ ବୌଦ୍ଧ ଭିକ୍ଷୁ ବା ସନ୍ନ୍ୟାସୀମାନେ ସାଧାରଣ ଜନତାଙ୍କ ସହିତ ରଖିଥିବା ସମ୍ପର୍କର ମଧ୍ୟ ଛିନ୍ନ ହୋଇ ଏହାକୁ ପତନାଭିମୁଖି କରିଥିଲେ । ଏହା ବ୍ୟତୀତ ନୂତନ ବୌଦ୍ଧ ଗ୍ରନ୍ଥଗୁଡ଼ିକ ସଂସ୍କୃତ ଭାଷାରେ ଲେଖା ହେବାରୁ ସର୍ବ ସାଧାରଣଙ୍କର ବୋଧଗମ୍ୟ ହୋଇ ନଥିଲା ।

## ୩୧.୩ ପାଠଗତ ପ୍ରଶ୍ନ

୧. ବୁଦ୍ଧ କେଉଁ ଭାଷାରେ ଉପଦେଶ ଦେଉଥିଲେ ?

..................................................................................................

୨. କାହା ସମ୍ପର୍କରେ ମାନବ ରୂପରେ ବୁଦ୍ଧଙ୍କର ମୂର୍ତ୍ତି ପ୍ରସ୍ତୁତିର ଆରମ୍ଭ ହୋଇଥିଲା ?

..................................................................................................

୩. ଜାତକ ଗଳ୍ପଗୁଡ଼ିକ କ'ଣ ?

..................................................................................................

୪. ଶୂନ୍ୟସ୍ଥାନ ପୂରଣ କର ।

୧. ସ୍ତୁପର ନକ୍‌ସାରେ ବୁଦ୍ଧ ________ ଆଦି ରୂପରେ ପ୍ରତିକାତ୍ମକ ରୂପେ ପ୍ରସ୍ତୁତ କରାଯାଉଥିଲା ।

୨. ତାରା ________ ସହିତ ଯୋଡ଼ି ହୋଇଥିବା ସ୍ତ୍ରୀ ଦେବତା ଥିଲେ ।

୩. ________ଗୁଡ଼ିକ ଗୋଲାକାର ବିଶିଷ୍ଟ ପଥରଗଦା ଯେଉଁଠାରେ ବୁଦ୍ଧଙ୍କର ତଥା ମହତ୍ୱପୂର୍ଣ୍ଣ ବୌଦ୍ଧ ସନ୍ୟାସୀଙ୍କ ସ୍ମୃତି ଚିହ୍ନ ରହିଥାଏ ।

## ତୁମେ କ'ଣ ଶିଖିଲ

ଭାଷା ସାଂସ୍କୃତିକ ବିଚାରର ବାହାକ ଅଟେ । ସଂସ୍କୃତିର ପ୍ରସାର ଜଳବାୟୁ, ଭାଷାର ଉଚ୍ଚାରିତ ତଥା ଲିଖିତ ରୂପ, ଶିଳାଲିପି, ଚିତ୍ରକଳା, ସମାଚାର ପତ୍ର ତଥା ପତ୍ରିକା ଭଳି ପ୍ରଭାବ ପକାଉଥିବା ଘଟଣା ଉପରେ ପ୍ରଭାବିତ ହୋଇଥାଏ ।



ଟିପ୍ପଣୀ

ଭାଷା ସହିତ ସଙ୍ଗୀତ ଏବଂ ନୃତ୍ୟ ମଧ୍ୟ ସଂସ୍କୃତିର ଅଭିବ୍ୟକ୍ତ । ସଙ୍ଗୀତରେ ସାର୍ବଜନିକ ରୁଚି ଥାଏ । ଏହାର ଲୋକ-ଗୀତ କଥା ଶାସ୍ତ୍ରୀୟ ସଙ୍ଗୀତ ଭଳି ଦୁଇଟି ରୂପରେ ସଂସ୍କୃତିକୁ ସମୃଦ୍ଧ କରିଥାଏ । କାରଣ ହେଲା ଏହା ମଧ୍ୟ ବିଚାରଧାରାକୁ ବହନ କରିଥାଏ ।

## ପାଠଗତ ପ୍ରଶ୍ନ

୧. ସଂସ୍କୃତିର ସଂପ୍ରେଷଣ ପାଇଁ କ'ଣ କ'ଣ ସାଧନ ଅଛି ?

୨. ସଂସ୍କୃତିର ସଂପ୍ରେଷଣରେ ଭାଷଣ ଲିଖନ ଓ ମୁଦ୍ରଣର ମହତ୍ତ୍ୱକୁ ମୂଲ୍ୟାୟନ କର ?

୩. ବିଭିନ୍ନ ବିଚାରକୁ ସଂପ୍ରେଷିତ କରିବା ପାଇଁ ସଙ୍ଗୀତଜ୍ଞଙ୍କର କ'ଣ ମହତ୍ୱ ଅଛି ?

୪. ସଂସ୍କୃତିର ବିଭିନ୍ନ ସ୍ୱରୂପ ବୌଦ୍ଧ ଧର୍ମର ପ୍ରସାର ପାଇଁ କି ପ୍ରକାର ସହାୟତା କରିଥିଲା ?

## ପାଠଗତ ପ୍ରଶ୍ନର ଉତ୍ତର

**୩୧.୧**

(୧) ବ୍ରାହ୍ମୀ (୨) ଧାର୍ମିକ ଗ୍ରନ୍ଥ ଏବଂ ଶାସ୍ତ୍ର (୩)ଏଗୁଡ଼ିକ ହାତରେ ଲେଖା ଯାଉଥିଲା

(୪) (କ) ଭୁଲ (ଖ) ଠିକ୍ (ଗ) ଭୁଲ (ଘ) ଠିକ୍

**୩୧.୨**

୧. ପ୍ରକୃତିର ପରିବର୍ତ୍ତନର ଘଟଣାଗୁଡ଼ିକ ଓ ଜୀବନର ସୁଖ ଦୁଃଖ ।

୨. (କ) ଶାସ୍ତ୍ରୀୟ ସଙ୍ଗୀତ (ଖ) ଭଜନ ଓ କୱାଲି (ଗ) ବିଶ୍ୱ-ଭ୍ରାତୃତ୍ୱ ଓ ନିସ୍ୱାର୍ଥପରତା

**୩୧.୩**

(୧) ପ୍ରାକୃତ (୨) ଗ୍ରୀକ୍ (୩) ବୁଦ୍ଧଙ୍କର ପୂର୍ବ ଜନ୍ମ କଥାଗୁଡ଼ିକ

୪. (କ) ଚକ୍ର, ପଦ୍ମଫୁଲ ଏବଂ ଅଶ୍ୱସ୍ତ ବୃକ୍ଷ

(ଖ) ବୋଧିସତ୍ୱ (ଗ) ସ୍ତୁପ